୬୨ତମ ବର୍ଷ | ୨୪ ନଭେମ୍ବର ୨୦୧୯ | ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

The 24th November is called the day of Victory in remembrance of a very important spiritual event which took place in 1926.

(CWM 13, p. 106) – The Mother

୧୯୨୬ରେ ସଂଘଟିତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଘଟଣାର ସ୍ମୃତିରେ ନଭେମ୍ବର ୨୪ ବିଜୟ ଦିବସ ଭାବରେ ଅଭିହିତ ।

— ଶ୍ରୀମା



୬୨ତମ ବର୍ଷ ୨୪ ନଭେମ୍ବର ୨୦୧୯ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ବର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୯]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ଦିବ୍ୟ ଶରୀର | ... | ଶ୍ରୀଅରବିନ୍ଦ | ୯ |
| ଦିବ୍ୟ ଶରୀରରେ ଦିବ୍ୟ ଜୀବନ | ... | ଶ୍ରୀମା | ୧୦ |
| ସଚେତ ଯଜ୍ଞ | ... | ଶ୍ରୀଅରବିନ୍ଦ | ୧୩ |
| ଦୈହିକ ମନ ଓ ଦିବ୍ୟ ଶାନ୍ତି | ... | ଶ୍ରୀମା | ୧୪ |
| ଶରୀରର ସାଧନା | ... | ଶ୍ରୀମା | ୧୫ |
| ଦୃଢ଼ ସଂକଳ୍ପ | ... | ଶ୍ରୀମା | ୧୭ |
| କ୍ରୀଡ଼ା-କସରତ ଓ ସାଧନା (ସାଧକଙ୍କୁ ପତ୍ର) | ... | ଶ୍ରୀଅରବିନ୍ଦ | ୧୯ |
| ଶାରୀରିକ ଶିକ୍ଷାର ଚେତନାଗତ ମୂଲ୍ୟ | ... | ଶ୍ରୀମା | ୨୧ |
| ଯୋଗ ଓ ଦିବ୍ୟ ଯୋଜନାରେ ତାହାର ଭୂମିକା | ... | ଶ୍ରୀଅରବିନ୍ଦ | ୨୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୨୪ |
| ୧୯୨୬ ମସିହା ନଭେମ୍ବର ମାସ ୨୪ ତାରିଖ | ... | ଶ୍ରୀ ନୀରଦବରଣ | ୨୭ |
| ଅଶ୍ୱିନୌ, ଆନନ୍ଦର ଦେବ (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୫, ଋଷି : ବାମଦେବ) | ... | ଶ୍ରୀଅରବିନ୍ଦ | ୩୦ |
| ହିନ୍ଦୁର ବ୍ରତ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୩୪ |
| ନୂତନ ଯୁଗ ପ୍ରବର୍ତ୍ତନ | ... | ଶ୍ରୀ ପ୍ରପତ୍ତି | ୩୭ |
| "ସବୁ ଭଲ ତ ?" | ... | ଶ୍ରୀ ମନୋଜ ଦାସ | ୪୦ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୧୨) | ... | ... | ୪୫ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୨) | ... | ... | ୪୮ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଘଟଣାର ପୂର୍ବଜ୍ଞାନ ଓ ହସ୍ତକ୍ଷେପ | ... | ଶ୍ରୀମା | ୫୩ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ପରମଙ୍କ ସହ ଦେହର ମିଳନ | ... | ଶ୍ରୀ ବିଶ୍ୱମ୍ବର ସାମନ୍ତ | ୫୭ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

It is not a theory but a constant experience and very tangible when it comes that there is above us, above the consciousness in the physical body, a great supporting extension as it were of peace, light, power, joy – that we can beome aware of it and bring it down into the physical consciousness and that, at first for a time, afterwards more frequently and for a longer time, in the end for good, can remain and change the whole basis of our daily consciousness.

– Sri Aurobindo

ଏହା ଏକ ତତ୍ତ୍ୱ ନୁହେଁ, କିନ୍ତୁ ଏକ ନିରନ୍ତର ଅନୁଭୂତି ଏବଂ ଯେତେବେଳେ ଏହା ଆସେ, ଅତ୍ୟନ୍ତ ବୋଧଗମ୍ୟ ରୂପେ ଆମେ ଅନୁଭବ କରୁ ଯେ ଆମର ଊର୍ଦ୍ଧ୍ୱରେ, ଶରୀରସ୍ଥ ଚେତନାର ଊର୍ଦ୍ଧ୍ୱରେ, ତାହାକୁ ଆଶ୍ରୟ ଦେଇ ଧରି ରଖିଥିବା ଶାନ୍ତି, ଆଲୋକ, ଶକ୍ତି ଓ ଆନନ୍ଦର ଏକ ପ୍ରସାର ରହିଛି । ଏହା ସମ୍ପର୍କରେ ଆମେ ସଚେତ ହୋଇପାରୁ, ଆମ ଶରୀର ଚେତନା ଭିତରକୁ ଏହାକୁ ଓହ୍ଲାଇ ଆଣିପାରୁ ଏବଂ ଏହା ପ୍ରଥମେ କିଛି ସମୟ ପାଇଁ, ପରେ ଅଧିକ ପୁନଃ ପୁନଃ ଭାବରେ ଦୀର୍ଘକାଳ ପାଇଁ ଓ ଶେଷରେ ସ୍ଥାୟୀ ଭାବରେ ରହିପାରେ ଓ ଆମର ଦୈନନ୍ଦିନ ଚେତନାର ସମଗ୍ର ଭିତ୍ତିଟିକୁ ପୂରା ପରିବର୍ତ୍ତିତ କରି ଦେଇ ପାରେ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

We stand in the Presence of Him who has sacrificed his physical life in order to help more fully his work of transformation.

He is always with us, aware of what we are doing, of all our thoughts, of all our feelings and all our actions.

(CWM, Vol. 13, p. 8 )

– The Mother

(18. 01. 1951)

ଯିଏ ତାଙ୍କର ରୂପାନ୍ତର କାର୍ଯ୍ୟକୁ ଅଧିକ ପୂର୍ଣ୍ଣ ରୂପେ ସହାୟତା ପ୍ରଦାନ ନିମନ୍ତେ ନିଜର ଭୌତିକ ଶରୀରକୁ ବଳି ଦେଇଛନ୍ତି ତାଙ୍କରି (ଶ୍ରୀଅରବିନ୍ଦଙ୍କ) ଉପସ୍ଥିତି ମଧ୍ୟରେ ଆମେ ଆଜି ଦଣ୍ଡାୟମାନ ।

ଆମେ କ'ଣ କରୁଛୁ, ଆମର ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ କର୍ମ ସମ୍ବନ୍ଧେ ସଚେତନ ରହି ସେ ଆମ ସହ ଅହରହ ବିଦ୍ୟମାନ ରହିଛନ୍ତି ।

– ଶ୍ରୀମା

(୧୮. ୦୧. ୧୯୫୧)



# ଦିବ୍ୟ ଶରୀର

## ଶ୍ରୀଅରବିନ୍ଦ

ଆମେ ଯେଉଁ ଲକ୍ଷ୍ୟ ଗ୍ରହଣ କରିଛୁ ତାହାର ସୂତ୍ର ହେଲା ଦିବ୍ୟ ଶରୀରରେ ଦିବ୍ୟ ଜୀବନ । କିନ୍ତୁ ଏହି ଦିବ୍ୟ ଶରୀରର ସ୍ୱରୂପ କ'ଣ ? ଏହାର ସ୍ୱଭାବ, ଗଠନ, ଏହାର କ୍ରିୟାର ବିଧିବିଧାନ କ'ଣ ହେବ, ଏହାର କେଉଁ ପୂର୍ଣ୍ଣତା ଫଳରେ ବର୍ତ୍ତମାନ ଆମେ ଆବଦ୍ଧ ଥିବା ସୀମିତ ଓ ଅପୂର୍ଣ୍ଣ ଶରୀରଠାରୁ ଏହାକୁ ପୃଥକ୍ ବୋଲି ବିଚାର କରାଯିବ ? ଏହାର ଜୀବନ ପୃଥିବୀପୃଷ୍ଠରେ ଓ ଭୌତିକ ଭୂମି ଉପରେ ଅବସ୍ଥାନ କରୁଥିଲେ ମଧ୍ୟ କେଉଁ ଅବସ୍ଥା ବା କେଉଁ କ୍ରିୟା ଯୋଗୁଁ ଏହାକୁ ଦିବ୍ୟ ଜୀବନ ବୋଲି କୁହାଯିବ ?

ଯଦି ଏହା ଏକ ବିବର୍ତ୍ତନର ପରିଣତି ହୁଏ – ଆମେ ଏହାକୁ ସେହି ଭାବରେହିଁ ଗ୍ରହଣ କରିଛୁ ଅର୍ଥାତ୍ ଆମର ମାନବିକ ଅଜ୍ଞତା ଓ ଅପୂର୍ଣ୍ଣତା ଭିତରୁ ଆତ୍ମା ଓ ପ୍ରକୃତିର ମହତ୍ତର ସତ୍ୟ ଦିଗରେ ଏକ ବିବର୍ତ୍ତନ ବୋଲି ଗ୍ରହଣ କରିଛୁ – ତା'ହେଲେ କେଉଁ ପଦ୍ଧତି ଓ ସ୍ତରସବୁର ଭିତର ଦେଇ ପ୍ରକାଶ ଓ ଅଭିବ୍ୟକ୍ତି ଦିଗରେ ଏହାର ଅଭିବୃଦ୍ଧି ହେବ ବା ଦ୍ରୁତ ଭାବରେ ଏହା ପ୍ରକାଶର ସ୍ତରରେ ପହଞ୍ଚି ଯିବ ? ପୃଥିବୀ ଉପରେ ବିବର୍ତ୍ତନର ଗତି ଅତ୍ୟନ୍ତ ବିଳମ୍ବ ଓ ମନ୍ଥର ହୋଇଛି – ବର୍ତ୍ତମାନ ଯଦି ଏକ ରୂପାନ୍ତର, ଏକ କ୍ରମବିକାଶଶୀଳ ଅଥବା ଦ୍ରୁତ ପରିବର୍ତ୍ତନ ଆଣିବାକୁ ହୁଏ, ତେବେ କେଉଁ ପଦ୍ଧତିର ପ୍ରୟୋଗ ଓ ହସ୍ତକ୍ଷେପ ଆବଶ୍ୟକ ହେବ ?

ଏହା ଅବଶ୍ୟ ଠିକ୍ ଯେ କେବଳ ଏକ ବିବର୍ତ୍ତନର ପରିଣାମ ଫଳରେହିଁ ଆମେ ରୂପାନ୍ତରର ଏହି ସମ୍ଭାବନା ସ୍ତରରେ ପହଞ୍ଚିଛୁ । ଯେପରି ପ୍ରକୃତିର ବିବର୍ତ୍ତନ ଜଡ଼ର ସ୍ତର ପାର ହୋଇ ଜୀବନକୁ ପ୍ରକାଶ କରିଛି, ପୁଣି ଜୀବନର ସ୍ତର ପାର ହୋଇ ମନକୁ ପ୍ରକାଶ କରିଛି, ସେହିପରି ସେ ମଧ୍ୟ ମନର ସ୍ତରକୁ ଅତିକ୍ରମ କରିଯିବ ଏବଂ ଆମ ଅସ୍ତିତ୍ୱର ଏପରି ଏକ ଚେତନା ଓ ଶକ୍ତିକୁ ପ୍ରକାଶ କରିବ ଯାହା ଆମର ବର୍ତ୍ତମାନ ମାନସିକ ଅସ୍ତିତ୍ୱର ସୀମା ଓ ଅପୂର୍ଣ୍ଣତାରୁ ସମ୍ପୂର୍ଣ୍ଣ ମୁକ୍ତ, ଆତ୍ମାର ଶକ୍ତି ଓ ପୂର୍ଣ୍ଣତାକୁ ପ୍ରକାଶ କରିବା ପାଇଁ ସମର୍ଥ – ଏକ ଅତିମାନସ ସତ୍ୟ ଚେତନା । ଏ କ୍ଷେତ୍ରରେ ବିବର୍ତ୍ତନର ନିୟମ ବା ପଦ୍ଧତି ଏକ ବିଳମ୍ବିତ ମନ୍ଥର ଗତିରେ ଚାଲିବାର କୌଣସି କାରଣ ନାହିଁ, ଏହା କେବଳ ଊଣା-ଅଧିକେ ସେପରି ଚାଲିପାରେ ଯେପର୍ଯ୍ୟନ୍ତ ମାନସିକ ଅଜ୍ଞତା ଲାଗି ରହି ଆମର ଆରୋହଣକୁ ବାଧା ଦେଉଥିବ, କିନ୍ତୁ ଥରେ ଆମେ ସତ୍ୟ-ଚେତନା ଭିତରକୁ ଉଠିଗଲେ ଏହାର ଆଧ୍ୟାତ୍ମିକ ସତ୍ୟସମ୍ପନ୍ନ ଶକ୍ତି ସବୁକିଛିକୁ ନିର୍ଦ୍ଧାରିତ କରିବ । ସେହି ସତ୍ୟ ଭିତରେ ଆମେ ମୁକ୍ତିଲାଭ କରିବୁ ଏବଂ ତାହାହିଁ ଆମ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରିବ ।

ଆଲୋକ, ଆନନ୍ଦ, ସୌନ୍ଦର୍ଯ୍ୟ ଏବଂ ସମସ୍ତ ସତ୍ତାର ଏକ ସ୍ୱତଃସ୍ଫୂର୍ତ୍ତ ଅଭ୍ରାନ୍ତ କ୍ରିୟା ଓ ଆଚରଣ ହେଉଛି ଅତିମାନସ ସତ୍ୟ-ଚେତନାର ଏକ ସହଜାତ ଗୁଣ ଏବଂ ଏଗୁଡ଼ିକ ସେମାନଙ୍କର ସ୍ୱଭାବସୁଲଭ ଗୁଣ ଓ ଧର୍ମ ଅନୁଯାୟୀ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରିବେ 'ଏହି ପୃଥିବୀ ଉପରେ ସତ୍ୟ ଚେତନମୟ' ଆତ୍ମାର ଅଭିବ୍ୟକ୍ତି ରୂପେ । ପୃଥିବୀର ଅଜ୍ଞାନ-ଅନ୍ଧକାର ଏହି ଅତିମାନସ ସତ୍ୟ-ଚେତନାକୁ ପ୍ରତିହତ କରିପାରିବ ନାହିଁ କାରଣ ଏହା ନିଜର ବିଜୟ ପାଇଁ ପୃଥିବୀ ଉପରକୁ ଯଥେଷ୍ଟ ପରିମାଣରେ ସର୍ବଶକ୍ତିମାନ୍ ସାମର୍ଥ୍ୟ ଓ ସର୍ବଜ୍ଞାନମୟ ଜ୍ୟୋତି ଉତାରି ଆଣିପାରେ । ଏହାର ଜ୍ୟୋତି ଓ ଶକ୍ତିର ପୂର୍ଣ୍ଣତା ଆଡ଼କୁ ସମସ୍ତେ ନିଜକୁ ଉନ୍ମୀଳିତ କରି ନ ପାରନ୍ତି, କିନ୍ତୁ ଯାହାକିଛି ଏହା ପ୍ରତି ନିଜକୁ ଯେତିକି ପରିମାଣରେ ଉନ୍ମୁକ୍ତ କରିବ ତାହା ସେତିକି ପରିମାଣରେ ରୂପାନ୍ତରିତ ହେବା ସୁନିଶ୍ଚିତ । ରୂପାନ୍ତରର ତାହାହିଁ ହେବ ନିୟମ । ... ...

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୧ - ୩୨) ❖

# ଦିବ୍ୟ ଶରୀରରେ ଦିବ୍ୟ ଜୀବନ

**ଶ୍ରୀମା**

ଆଜି ସଂଧ୍ୟାରେ ମୁଁ ତୁମକୁ ଏହି କ୍ରମ ପ୍ରଗତିଶୀଳ ରୂପାନ୍ତର ବିଷୟରେ କହିବାକୁ ଯାଉଛି ।... ମୋତେ ଅନେକ ସମୟରେ ଏହି ପ୍ରଶ୍ନଟି ପଚରା ଯାଇଥାଏ ଯେ ''ଶରୀର ସଂପର୍କରେ ଆମର ସମସ୍ତ ଆଚରଣ ଏହି ଜ୍ଞାନ ଉପରେ ପ୍ରତିଷ୍ଠିତ ହେବା ଉଚିତ ଯେ ଏହି ଶରୀର ହେଉଛି ବିଶ୍ୱର ପରମ ସତ୍ୟର ଓ ଆମ ସତ୍ତାର ସତ୍ୟର ଏକ ପରିଣତି ଓ ଯନ୍ତ୍ର ମାତ୍ର – ଏହି ତତ୍ତ୍ୱର ଆଦର୍ଶକୁ ଗ୍ରହଣ କରି ନେବା ପରେ ଏବଂ ଏହି ଶିକ୍ଷା ଦେବା ପରେ ଏବଂ ଏହି ସତ୍ୟର ଉପଲବ୍ଧିକୁ ସାଧନାର ଲକ୍ଷ୍ୟ ରୂପେ ନିର୍ଦ୍ଦେଶ କରିବା ପରେ ଆମେ କାହିଁକି ଆମର ଏହି ଆଶ୍ରମ ସଂଗଠନରେ ଡାକ୍ତର, ଡାକ୍ତରଖାନା ଓ ଅନ୍ୟ ସବୁଠି ଗୃହୀତ ହୋଇଥିବା ଆଧୁନିକ ଶରୀରଚର୍ଚ୍ଚାର ପଦ୍ଧତି ଉପରେ ପ୍ରତିଷ୍ଠିତ ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମକୁ ସ୍ଥାନ ଦେଇଛୁ ?'' ଏବଂ ତୁମେ ଯେତେବେଳେ ବଣଭୋଜି ଆଦି ପାଇଁ ବାହାର, ମୁଁ କାହିଁକି ତୁମକୁ ଯେଉଁଠୁ ସେଉଠୁ ପାଣି ପିଇବା ପାଇଁ ବାରଣ କରେ ଏବଂ ସଙ୍ଗରେ ଫିଲ୍‌ଟର୍ ପାଣି ନେବା ପାଇଁ କହିଥାଏ ? ତୁମେ ଖାଉଥିବା ଫଳ ରୋଗ-ବୀଜାଣୁ ମୁକ୍ତ କରି ନେବା ଇତ୍ୟାଦି କଥା କାହିଁକି କୁହେ ?

ଏସବୁଗୁଡ଼ିକ ପରସ୍ପର ବିରୋଧୀ ବୋଲି ମନେ ହୁଅନ୍ତି, କିନ୍ତୁ ଆଜି ସଂଧ୍ୟାରେ ତୁମକୁ ଏ ବିଷୟରେ କିଛି ବୁଝାଇ ବ୍ୟାଖ୍ୟା କରିବାକୁ ଚାହେଁ, ଆଶା କରୁଛି ଯାହା ଫଳରେ ତୁମ ଭିତରୁ ଏହାର ସେହି ପରସ୍ପର ବିରୋଧୀ ଭାବଟି ଦୂର ହୋଇଯିବ । ପ୍ରକୃତରେ ମୁଁ ତୁମକୁ ଆଗରୁ ଅନେକ ଥର କହିଛି ଯେ, ଆପାତ ଦୃଷ୍ଟିରେ ଯେତେବେଳେ ଦୁଇଟି ଧାରଣା ବା ତତ୍ତ୍ୱ ପରସ୍ପରର ବିରୋଧୀ ବୋଲି ମନେ ହୁଅନ୍ତି, ସେତେବେଳେ ତୁମ ଚିନ୍ତାରେ ଆଉ ଟିକେ ଉଚ୍ଚତର ସ୍ଥାନକୁ ଉଠିଯାଇ ଦେଖିବାକୁ ହେବ ଯେ କେଉଁଠି ଉଭୟେ ପରସ୍ପରକୁ ଭେଟୁଛନ୍ତି ଓ ଏକ ସାମଗ୍ରିକ ସମନ୍ୱୟରେ ପରସ୍ପର ସହ ମିଳିତ ହେଉଛନ୍ତି ।

ଏ କ୍ଷେତ୍ରରେ, ଏହା ଖୁବ୍ ସହଜ ହୋଇ ଉଠିବ ଯଦି ଆମେ ଗୋଟିଏ କଥା ମନେ ରଖୁ ଯେ ଆମର ଶରୀର ସଂପର୍କରେ, ତାହାର ରକ୍ଷଣାବେକ୍ଷଣ ପାଇଁ, ତାହାକୁ କାର୍ଯ୍ୟକ୍ଷମ ରଖିବା ପାଇଁ, ତାହାର ଉନ୍ନତି ସାଧନ ପାଇଁ, ତାହାକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ଯେଉଁସବୁ ଉପାୟ ଅବଲମ୍ବନ କରୁ, ତାହା ପୂରାପୂରି ନିର୍ଭର କରେ ଆମେ ଚେତନାର ଯେଉଁ ଅବସ୍ଥାରେ ରହିଥାଉ ତା' ଉପରେ । କାରଣ ଆମର ଶରୀରଟି ହେଉଛି ଆମ ଚେତନାରହିଁ ଏକ ଯନ୍ତ୍ର ଏବଂ ସେହି ଚେତନା ସିଧାସଳଖ ଆମ ଦେହ ଉପରେ କ୍ରିୟା କରିପାରେ ଓ ଦେହଠାରୁ ଚାହୁଁଥିବା ସବୁକିଛିକୁ ତା'ଠାରୁ ଆଦାୟ କରି ନେଇପାରେ ।

ତେଣୁ, ତୁମେ ଯଦି ଏକ ସାଧାରଣ ଦୈହିକ ଚେତନା ଭିତରେ ବାସ କରୁଥାଅ, ଯଦି ସେହି ସାଧାରଣ ଦୈହିକ ଚେତନାର ଦୃଷ୍ଟି ନେଇ ସବୁକିଛିକୁ ଦେଖୁଥାଅ, ଏବଂ ସେଗୁଡ଼ିକ ସଂପର୍କରେ ସେହି ସାଧାରଣ ଦୈହିକ ଚେତନା ନେଇ ହିଁ ଚିନ୍ତା କରୁଥାଅ, ତା'ହେଲେ ତୁମ ଶରୀର ଉପରେ କ୍ରିୟା କରିବା ପାଇଁ ତୁମକୁ ସେହି ସାଧାରଣ ଦୈହିକ ଉପାୟଗୁଡ଼ିକୁ ହିଁ ବ୍ୟବହାର କରିବାକୁ ହେବ । ଏହି ସାଧାରଣ ଦୈହିକ ଉପାୟଗୁଡ଼ିକୁ ନେଇ ଗଠିତ ଶରୀରଚର୍ଚ୍ଚାର ସମଗ୍ର ବିଜ୍ଞାନ ହେଉଛି ମାନବ ଅସ୍ତିତ୍ୱର ହଜାର ହଜାର ବର୍ଷ ଧରି ସଞ୍ଚିତ ହୋଇଥିବା ଅଭିଜ୍ଞତାରୁ ମିଳିଥିବା ଫଳ । ଏହି ବିଜ୍ଞାନ ଅତ୍ୟନ୍ତ ଜଟିଳ, ଏହାର ଅସଂଖ୍ୟ ପଦ୍ଧତି ରହିଛି, ଏହା ସହଜରେ ବୋଧଗମ୍ୟ ନୁହେଁ, ବେଶ୍ କଷ୍ଟସାଧ୍ୟ, ଅନିଶ୍ଚିତ, ଅନେକ ସମୟରେ ପରସ୍ପର ବିରୋଧୀ, ଅସଂଲଗ୍ନ ଓ ସବୁ ସମୟରେ ବଦଳି ଚାଲିଥାଏ ଓ ପ୍ରାୟ ସଂପୂର୍ଣ୍ଣ ଆପେକ୍ଷିକ ବୋଲି କୁହାଯାଇ ପାରେ ! ତଥାପି ଏଥିରୁ ଖୁବ୍ ସୁନିର୍ଦ୍ଦିଷ୍ଟ ଫଳ ମିଳିଥାଏ; ଯେଉଁ ଦିନଠାରୁ ଶରୀର ଚର୍ଚ୍ଚାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି, ସେ ସଂପର୍କରେ ବହୁ ଗବେଷଣା, ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣରୁ ନାନା ଅନୁଭୂତି ଲାଭ ହୋଇଛି ଓ ସେଗୁଡ଼ିକୁ ସଂଗ୍ରହ କରାଯାଇଛି । ତା' ଫଳରେହିଁ ଆମେ ସମର୍ଥ ହୋଇଛୁ ଆମର ଖାଦ୍ୟ, କ୍ରିୟାକଳାପ, ବ୍ୟାୟାମ ଆଦି ଜୀବନର ବାହ୍ୟ ସଙ୍ଗଠନଗୁଡ଼ିକୁ ନିୟମିତ କରିବା ପାଇଁ ଏବଂ ଏକ ଉପଯୁକ୍ତ ଭିତ୍ତି ଗଠିତ ହୋଇଛି ଯାହା ଫଳରେ ଯେଉଁମାନେ ଏହାକୁ ଅଧ୍ୟୟନ କରିବା ପାଇଁ ଓ ଏହାର ଶୃଙ୍ଖଳାଗୁଡ଼ିକୁ କଡ଼ାକଡ଼ି ଭାବରେ ମାନି ଚଳିବା ପାଇଁ ଚେଷ୍ଟା କରିବେ, ସେମାନେ

ନିଜର ଶରୀରକୁ ସୁସ୍ଥ ରଖିବା ଦିଗରେ ଓ ତାହାର ଦୋଷ ଦୁର୍ବଳତାଗୁଡ଼ିକୁ ଦୂର କରି ତାହାର ସାଧାରଣ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଏକ ସୁଯୋଗ ପାଇବେ ଏବଂ ଏପରିସବୁ ଫଳ ଲାଭ କରି ପାରିବେ ଯାହା କେତେକ କ୍ଷେତ୍ରରେ ବେଶ୍ ଅସାଧାରଣ ।

ଅଧିକନ୍ତୁ, ମୁଁ ଏହା ଯୋଗ କରିପାରେ ଯେ ବୁଦ୍ଧିପ୍ରସୂତ ଏହି ମାନବୀୟ ବିଜ୍ଞାନ, ତାହା ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସତ୍ୟର ଆବିଷ୍କାର ପାଇଁ ନିଜର ଆନ୍ତରିକ ଉଦ୍ୟମ ଫଳରେ, ବିସ୍ମୟକର ଭାବରେ ଆତ୍ମାର ମୂଳ ସତ୍ୟର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଚାଲିଛି । ଏପରି ଏକ ଭବଷ୍ୟତ୍ ଦେଖି ପାରିବା ଅସମ୍ଭବ ନୁହେଁ ଯେଉଁଠି ମୂଳ ସତ୍ୟର ଏକ ଅତି ଗଭୀର ଓ ଅତି ଘନିଷ୍ଠ ବୋଧ ଭିତରେ ଉଭୟେ ପରସ୍ପର ସହ ମିଳିତ ଓ ଯୁକ୍ତ ହୋଇଯିବେ ।

ତେଣୁ, ଯେଉଁମାନେ ଦୈହିକ ସ୍ତରରେ, ଦୈହିକ ଚେତନାରେ ବାସ କରନ୍ତି, ସେମାନଙ୍କୁ ଶରୀରଚର୍ଚ୍ଚାର କ୍ଷେତ୍ରରେ ଦୈହିକ ଉପାୟ ଓ ପଦ୍ଧତିଗୁଡ଼ିକର ସାହାଯ୍ୟ ନେବାକୁ ହିଁ ପଡ଼ିବ । ଏବଂ ଯେହେତୁ ପୃଥିବୀର, ଏପରିକି ଆଶ୍ରମରେ ମଧ୍ୟ, ବହୁ ଅଧିକ ସଂଖ୍ୟକ ଲୋକେ ଏପରି ଏକ ଚେତନାରେ ବାସ କରନ୍ତି ଯାହା ପୂରାପୂରି ଦୈହିକ ନ ହେଲେ ମଧ୍ୟ ଯହିଁରେ ଦୈହିକ ଚେତନା ପ୍ରାଧାନ୍ୟ ବିସ୍ତାର କରି ରହିଥାଏ, ସେପରି କ୍ଷେତ୍ରରେ ସେମାନଙ୍କ ପାଇଁ ଏହା ସ୍ୱାଭାବିକ ଯେ ଶରୀରର ଯତ୍ନ ପାଇଁ ସେମାନଙ୍କୁ ସ୍ଥୂଳ ବିଜ୍ଞାନର ପ୍ରଦର୍ଶିତ ସମସ୍ତ ନୀତି ଓ ପଦ୍ଧତିକୁ ଅନୁସରଣ କରିବାକୁ ହେବ ଏବଂ ମାନି ଚଳିବାକୁ ହେବ ।

ବର୍ତ୍ତମାନ, ଶ୍ରୀଅରବିନ୍ଦଙ୍କ ଶିକ୍ଷା ଅନୁସାରେ ଏହା ଚରମ ସିଦ୍ଧି ନୁହେଁ ବା ଏହା ମଧ୍ୟ ସେହି ଲକ୍ଷ୍ୟ ନୁହେଁ ଯହିଁରେ ଆମେ ଉନ୍ନୀତ ହେବାକୁ ଚାହୁଁ । ଏହା ଅପେକ୍ଷା ଆଉ ଏକ ଅଧିକ ଉଚ୍ଚତର ଅବସ୍ଥା ଅଛି, ଯେଉଁଥିରେ ଚେତନା ତଥାପି ମୁଖ୍ୟତଃ ମାନସିକ ବା ଆଂଶିକ ଭାବରେ ନିଜର କ୍ରିୟାରେ ମାନସିକ ରହିଥିଲେ ମଧ୍ୟ, ତାହା ଏକ ଆଧ୍ୟାତ୍ମିକ ଜୀବନ ପାଇଁ ଏକ ଅଭୀପ୍ସା ନେଇ ଊର୍ଦ୍ଧ୍ୱତର ଲୋକ ସବୁ ଦିଗରେ ଉନ୍ମୁଖ ହୋଇ ରହିଥାଏ ଓ ଅତିମାନସ ପ୍ରଭାବ ଦିଗରେ ଉନ୍ମୋଚିତ ହୋଇ ରହିଥାଏ ।

ଯେତେବେଳେ ଏହି ଉନ୍ମୋଚନଟି ଘଟେ, ସେତେବେଳେ ଆମେ ସେହି ଅବସ୍ଥାକୁ ପାର ହୋଇଯାଉ, ଯେଉଁଥିରେ ଜୀବନ ପୂରାପୂରି ଦୈହିକ ହୋଇ ହିଁ ରହିଥାଏ — ମୁଁ ଏଠାରେ ଯେଉଁ 'ଦୈହିକ' କଥାଟି କହୁଛି ତହିଁରେ ସମଗ୍ର ମାନସିକ ଓ ବୁଦ୍ଧିପ୍ରଧାନ ଜୀବନକୁ, ସମଗ୍ର ମାନବୀୟ କୃତିତ୍ୱକୁ, ଏପରିକି ସବୁଠୁ ଅସାମାନ୍ୟ ଓ ଉଲ୍ଲେଖଯୋଗ୍ୟ କୃତିତ୍ୱଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରୁଛି । ମୁଁ ଏପରି ଏକ 'ଦୈହିକ' କଥା କହୁଛି ଯାହାକି ମାନବୀୟ ସାମର୍ଥ୍ୟର ଚୂଡ଼ାନ୍ତ ଶିଖର, ପାର୍ଥିବ ଓ ଜଡ଼ ଜୀବନର ଏପରି ଏକ ଅବସ୍ଥା ଯେଉଁଠି ମଣିଷ ମାନସିକ ଓ ବୌଦ୍ଧିକ ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱତର ମୂଲ୍ୟବୋଧ ଓ ଗୁଣାବଳୀକୁ ପ୍ରକାଶ ଓ ଅଭିବ୍ୟକ୍ତ କରିପାରେ । କିନ୍ତୁ ଏହି ଅବସ୍ଥାକୁ ମଧ୍ୟ ଆମେ ଅତିକ୍ରମ କରି ଯାଇପାରୁ, ବର୍ତ୍ତମାନ ପୃଥିବୀରେ କ୍ରିୟା କରୁଥିବା ଅତିମାନସ ଶକ୍ତି ପ୍ରତି ନିଜକୁ ଉନ୍ମୋଚିତ କରି ଦେଇ ପାରୁ ଏବଂ ଏପରି ଏକ ମଧ୍ୟବର୍ତ୍ତୀ ସ୍ତରରେ ପ୍ରବେଶ କରିପାରୁ ଯେଉଁଠି ଦୁଇଟି ଯାକ ପ୍ରଭାବ ପରସ୍ପରକୁ ଭେଟନ୍ତି ଓ ପରସ୍ପର ସହ ଅଙ୍ଗାଙ୍ଗିଭାବେ ମିଳିତ ହୋଇ ଯାଆନ୍ତି । ସେଠାରେ ଚେତନା ତା'ର ନିଜର କ୍ରିୟାରେ ତଥାପି ମାନସିକ ଓ ବୁଦ୍ଧିପ୍ରଧାନ ହୋଇ ରହିଥାଏ, କିନ୍ତୁ ତାହା ଅତିମାନସ ସାମର୍ଥ୍ୟ ଓ ଶକ୍ତି ଦ୍ୱାରା ଯଥେଷ୍ଟ ଭାବରେ ଅନୁପ୍ରବିଷ୍ଟ ହୋଇଥିବା ଫଳରେ ତାହା ଊର୍ଦ୍ଧ୍ୱତର ସତ୍ୟର ଏକ ଯନ୍ତ୍ର ହୋଇ ଉଠିପାରେ ।

ଏହି ପୃଥିବୀରେ ବର୍ତ୍ତମାନ ମଧ୍ୟ ସେହିମାନେ ଏହି ଅବସ୍ଥାକୁ ଉପଲବ୍ଧି କରିପାରନ୍ତି ଯେଉଁମାନେ ଅଭିବ୍ୟକ୍ତ ହେଉଥିବା ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି । ଏବଂ ସେହି ଅବସ୍ଥାରେ, ଚେତନାର ସେହି ଅବସ୍ଥାରେ, ଦେହ ପୂର୍ବେ ଯେଉଁ ଅବସ୍ଥାରେ ଥିଲା ତାହା ଅପେକ୍ଷା ଅନେକ ଅଧିକ ଉନ୍ନତତର ଅବସ୍ଥାରେ ରହି ତା'ର ସମସ୍ତ ଉପକାର ଲାଭ କରିପାରେ । ଦେହକୁ ତା'ର ସତ୍ତାର ମୂଳ ସତ୍ୟ ସହ ସିଧାସଳଖ ସମ୍ପର୍କିତ ଓ ଯୁକ୍ତ କରାଯାଇ ପାରେ, ଯେପରିକି ପ୍ରତି ମୁହୂର୍ତ୍ତରେ ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ, ଏକ ସହଜାତ ପ୍ରବୃତ୍ତି ବା ସମ୍ବୋଧିଗତ ଆନ୍ତର ପ୍ରେରଣା ନେଇ ଜାଣି ପାରିବ ତା'ର କ'ଣ କରିବା ଉଚିତ ଓ ତାହା ସମ୍ପନ୍ନ କରିବା ପାଇଁ ସେ ସମର୍ଥ ।

ମୁଁ ପୁଣି ଥରେ କହୁଛି ଯେ ଏହି ଅବସ୍ଥାକୁ ବର୍ତ୍ତମାନ ମଧ୍ୟ ସେହିମାନେ ଉପଲବ୍ଧି କରିପାରନ୍ତି, ଯେଉଁମାନେ ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ, ତାହାକୁ ଆତ୍ମୀଭୂତ କରିବା ପାଇଁ ଓ ତାହାର ନିର୍ଦ୍ଦେଶକୁ ମାନିଚଳିବା ପାଇଁ ନିଜକୁ ପ୍ରସ୍ତୁତ କରିବାର ପ୍ରଚେଷ୍ଟାରେ ଦୃଢ଼ ରହିଛନ୍ତି ।

ଅବଶ୍ୟ ଏହା ଅପେକ୍ଷା ଆହୁରି ଊର୍ଦ୍ଧ୍ୱତର ଏକ ଅବସ୍ଥା ରହିଛି, ଯାହାକୁ ଲକ୍ଷ୍ୟ ରୂପେ ଗ୍ରହଣ କରିବା ପାଇଁ ଶ୍ରୀଅରବିନ୍ଦ

ଆମକୁ କହି ଯାଇଛନ୍ତି; ତା' ହେଉଛି ଏକ ଦିବ୍ୟ ଦେହରେ ଦିବ୍ୟଜୀବନ । କିନ୍ତୁ ସେ ଆମକୁ କହିଛନ୍ତି ଯେ ଏଥିପାଇଁ ସମୟ ଲାଗିବ; ଏହା ଏପରି ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର ଯାହା ଗୋଟିଏ ମୁହୂର୍ତ୍ତରେ ସମ୍ପନ୍ନ ହୋଇପାରେ ନା, ଏଥିପାଇଁ ବେଶ୍ ଦୀର୍ଘ ସମୟର ପ୍ରୟୋଜନ ରହିଛି । କିନ୍ତୁ ଯେତେବେଳେ ଏହି ରୂପାନ୍ତର ସାଧିତ ଓ ସମ୍ପନ୍ନ ହେବ, ଯେତେବେଳେ ସମଗ୍ର ଚେତନା ଏକ ଅତିମାନସ ଚେତନାରେ ପରିଣତ ହେବ, ସେତେବେଳେ କର୍ମଗୁଡ଼ିକ ଆଉ ପ୍ରତି ମୁହୂର୍ତ୍ତରେ ମନର ବାଛବିଚାର ଦ୍ୱାରା ନିର୍ଦ୍ଧାରିତ ହେବ ନାହିଁ ବା ତାହାକୁ ଦେହର ସାମର୍ଥ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସମଗ୍ର ଦେହ ହିଁ ହୋଇ ଉଠିବ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ସର୍ବାଙ୍ଗୀନ ଭାବରେ ଆନ୍ତର ସତ୍ୟର ଏକ ପୂର୍ଣ୍ଣ ଓ ଅଭ୍ରାନ୍ତ ପ୍ରକାଶ ।

ଆମ ଆଗରେ ଆମେ ଏହି ଲକ୍ଷ୍ୟ ଓ ଆଦର୍ଶକୁ ହିଁ ରଖିଛୁ, ଯାହାର ଉପଲବ୍ଧି ଓ ସିଦ୍ଧି ପାଇଁ ଆମେ ଉଦ୍ୟମ କରି ଚାଲିଛୁ, କିନ୍ତୁ ଆମେ ଏ ସଂପର୍କରେ କୌଣସି ଆତ୍ମ-ପ୍ରବଞ୍ଚନାକୁ ପ୍ରଶ୍ରୟ ଦେବୁ ନାହିଁ ଓ ଭାବିବୁ ନାହିଁ ଯେ ଏହା ଏକ ଦ୍ରୁତ ରୂପାନ୍ତର ହେବ ଓ କୌଣସି ପ୍ରଚେଷ୍ଟା ବା ଆୟାସ ବିନା ଅଲୌକିକ, ତତ୍କ୍ଷଣାତ୍ ଓ ଆଶ୍ଚର୍ଯ୍ୟ ଭାବରେ ସଂପନ୍ନ ହୋଇଯିବ ।

ଅବଶ୍ୟ, ବର୍ତ୍ତମାନ ଏହା ଆଉ କେବଳ ଏକ ସମ୍ଭାବନା ମାତ୍ର ନୁହେଁ, ଏପରିକି ଏହା କେବଳ ସୁଦୂର ଭବିଷ୍ୟତରେ ଘଟିବାକୁ ଯାଉଥିବା ଏକ ପ୍ରତିଶ୍ରୁତି ମାତ୍ର ନୁହେଁ : ଏହା ଏପରି କିଛି ଯାହାର କ୍ରିୟା ଆରମ୍ଭ ହୋଇ ଯାଇଛି । ଏବଂ ବର୍ତ୍ତମାନ ଆମେ କେବଳ ଯେ ଏହାର ପୂର୍ବାଭାସ ଦେଖି ସାରିଛୁ ଖାଲି ସେତିକି ନୁହେଁ, ଆମେ ସେହି ଗତିସ୍ପନ୍ଦ ମଧ୍ୟ ଅନୁଭବ କରି ପାରିବୁ ଯେତେବେଳେ କି ଶରୀର ମଧ୍ୟ ଆମ ସତ୍ତାର ସବୁଠୁ ଆଧ୍ୟାତ୍ମିକ ଅଂଶର ସେହି ଅନୁଭୂତିଗୁଡ଼ିକୁ ପୁନରାବୃତ୍ତି କରିପାରିବ, ଆମର ଅନ୍ତରାତ୍ମା ଯାହା କରିବା ପାଇଁ ସମର୍ଥ ହୋଇ ସାରିଛି । ସେତେବେଳେ ଦେହର ଚେତନା ନେଇ ସ୍ୱୟଂ ଶରୀରହିଁ ପରମ ସତ୍ୟ ଆଗରେ ଛିଡ଼ା ହୋଇ ପାରିବ ଏବଂ ସର୍ବାଙ୍ଗୀନ ଭାବରେ ନିଜକୁ ତାଙ୍କ ପ୍ରତି ଉନ୍ମୁଖ ରଖି, ନିଜର ସମସ୍ତ ଦେହକୋଷଗୁଡ଼ିକୁ ଏକ ସମାଗ୍ରିକ ଆତ୍ମଦାନରେ ସମର୍ପିତ କରି ଦେଇ, ସମସ୍ତ ଆନ୍ତରିକତାର ସହ କହି ପାରିବ, ''ମୁଁ ଯେପରି ତୁମେ ହୋଇଯାଇ ପାରେ, ଅନନ୍ୟ ଭାବରେ ପୂର୍ଣ୍ଣ ଭାବରେ କେବଳ ତୁମେହିଁ – ଅନନ୍ତ ଭାବରେ, ଶାଶ୍ୱତ ଭାବରେ ... ... ଅତି ସହଜ ଭାବରେ ।''

(M.C.W., Vol. 9, pp.109-12) ✤

*ପ୍ରଶ୍ନ : ମା, ଆପଣ ଥରେ କହୁଥିଲେ ଯେ ଯଦି କେହି ଭୁଲ୍ କାମଟିଏ କରୁଛି ବୋଲି ଜାଣି ମଧ୍ୟ ସେହି ଭୁଲ୍‌ଟି କରେ ତେବେ ସେ ଭଗବତ୍ କୃପାକୁ ଦୂରକୁ ଠେଲି ଦିଏ ଏବଂ ନିଜ ଭିତରେ ଓ ଭଗବାନଙ୍କ ଭିତରେ ଏକ ବିରାଟ ପ୍ରାଚୀର ଛିଡ଼ା କରାଏ ।*

**ଶ୍ରୀମା** : ମୋର ଠିକ୍ ମନେ ନାହିଁ ମୁଁ କ'ଣ କହିଥିଲି କିନ୍ତୁ ଗୋଟିଏ କଥା ସତ : ତୁମେ ଯଦି ତାହା ଭୁଲ୍ ବୋଲି ଜାଣି ମଧ୍ୟ ତଥାପି ସେହି ଭୁଲ୍‌ଟି କର ତେବେ ତା'ର ଫଳାଫଳ ତାହାହିଁ ହୁଏ । ଯଦି ଅଜ୍ଞାନତାବଶତଃ ତୁମେ ଭୁଲ୍‌ଟିଏ କର କାରଣ ତୁମେ ତାହା ଭୁଲ୍ ବୋଲି ଜାଣି ନାହଁ, ତେବେ ସେ କ୍ଷେତ୍ରରେ ତା'ର ପରିଣାମ ଅତ୍ୟନ୍ତ ଅପ୍ରୀତିକର ହୋଇପାରେ କିନ୍ତୁ ତା' ଫଳରେ ତୁମେ ଭଗବାନଙ୍କୁ ଦୂରକୁ ଠେଲି ଦିଅ ନାହିଁ, କାରଣ ସେହି ଭୁଲ୍‌ଟି ତୁମେ ଅଜ୍ଞାନତାବଶତଃହିଁ କରିଥାଅ । କିନ୍ତୁ ତା'ର ଅର୍ଥ ନୁହେଁ ଯେ ଭୁଲ୍‌ଟା ଭୁଲ୍ ନୁହେଁ । ଭୁଲ୍‌ଟା ସବୁବେଳେ ଭୁଲ୍, କିନ୍ତୁ ମୁଁ ଯାହା କହିଲି ତା' ଫଳରେ ତୁମେ ଏପରି ଏକ ଅବସ୍ଥାକୁ ଆସିଯାଅ ନାହିଁ ଯେଉଁଠି ତୁମେ ଭଗବତ୍ କୃପାକୁ ଦୂରକୁ ଠେଲି ଦେଉଛ । କିନ୍ତୁ ତୁମେ ଯଦି ଜାଣିଥାଅ ଏହା ଏକ ଦୋଷ, ଏକ ଭୁଲ୍ ଏବଂ ତା' ସତ୍ତ୍ୱେ ତୁମେ ତାହା କରିଚାଲ ତେବେ ପ୍ରତ୍ୟେକ ଥର ତୁମେ ଏପରି କରିବାର ପରିଣାମ ହୁଏ ଭଗବତ୍ କୃପାକୁ ଦୂରକୁ ଠେଲି ଦେବା, ପ୍ରତ୍ୟେକ ବାର ତୁମେ ଦିବ୍ୟକୃପାକୁ ଆଉ ଟିକେ ଅଧିକ ଦୂରକୁ ଠେଲି ଦିଅ । ✤

# ସଚେତ ଯଜ୍ଞ

## ଶ୍ରୀଅରବିନ୍ଦ

ସଂକ୍ଷେପରେ କହିଲେ ଆମ ଉପରେ ଏହି ଦାବି ରଖାଯାଇଛି ଯେ ଆମେ ଯେପରି ଆମର ସମଗ୍ର ଜୀବନକୁ ଏକ ସଚେତ ଯଜ୍ଞରେ ପରିଣତ କରୁ । ଆମ ସତ୍ତାର ପ୍ରତ୍ୟେକଟି ମୁହୂର୍ତ୍ତ, ପ୍ରତ୍ୟେକଟି ଗତିବୃତ୍ତି ଯେପରି ହୋଇଉଠେ ପରମ ଶାଶ୍ୱତଙ୍କ ପାଖରେ ଏକ ଭକ୍ତିପୂର୍ଣ୍ଣ ଆତ୍ମ-ନିବେଦନ । ଆମର ସମସ୍ତ କର୍ମ ତାହା ଯେତେ କ୍ଷୁଦ୍ର, ଯେତେ ସାଧାରଣ ଓ ଯେତେ ନଗଣ୍ୟ ହେଉ ବା ତାହା ଯେତେ ବିରାଟ, ଯେତେ ଅସାଧାରଣ ଓ ଯେତେ ମହତ୍ ହେଉ, ସମସ୍ତ କର୍ମକୁ ଏକ ଉତ୍ସର୍ଗୀକୃତ କର୍ମ ରୂପେ କରିବାକୁ ପଡ଼ିବ । ଆମର ବ୍ୟଷ୍ଟିଗତ ପ୍ରକୃତିକୁ ଆନ୍ତର ଓ ବାହ୍ୟ ଗତିବୃତ୍ତିର ଗୋଟିଏ ଏକକ ଚେତନାରେ ବାସ କରିବାକୁ ହେବ, ତାହାକୁ ଏପରି ଦିବ୍ୟ କିଛି ପାଖରେ ଉତ୍ସର୍ଗୀକୃତ କରିବାକୁ ହେବ, ଯାହାକି ଆମକୁ ଅତିକ୍ରମ କରିଥାଏ ଓ ଆମର ଅହଂଠାରୁ ଅନେକ ବିରାଟ ହୋଇଥାଏ । ନୈବେଦ୍ୟଟି କ'ଣ ଏବଂ କାହାକୁ ଅର୍ପିତ ହେଉଛି ତହିଁରେ କିଛି ଯାଏ ଆସେ ନାହିଁ, କିନ୍ତୁ ସେହି କର୍ମଟିରେ ଏପରି ଏକ ଚେତନା ରହିବା ଆବଶ୍ୟକ ଯେ ଆମେ ତାହାକୁ ଅର୍ପଣ କରୁଛୁ ସକଳ ସତ୍ତା ଭିତରେ ବିଦ୍ୟମାନ ସେହି ଏକ ଦିବ୍ୟସତ୍ତାଙ୍କୁ । ଆମର ସବୁଠୁ ସାଧାରଣ ବା ସବୁଠୁ ସ୍ଥୂଳ ଭୌତିକ କର୍ମ ମଧ୍ୟ ଯେପରି ଏହି ଧରଣର ଉତ୍କର୍ଷଭାବ ସହ ସମ୍ପନ୍ନ ହୁଏ । ଆମେ ଯେତେବେଳେ ଆହାର କରୁ ସେତେବେଳେ ଆମେ ସଚେତ ହେବା ଉଚିତ ଯେ ଆମେ ସେହି ଖାଦ୍ୟକୁ ଆମ ଭିତରେ ରହିଥିବା ସେହି ଦିବ୍ୟ ଉପସ୍ଥିତିଙ୍କୁ ଅର୍ପଣ କରୁଛୁ; ଗୋଟିଏ ମନ୍ଦିର ଭିତରେ ଏହା ଏକ ପବିତ୍ର ନୈବେଦ୍ୟ ହୋଇ ଉଠିବା ଉଚିତ ଓ ଏହା ଏକ ଦୈହିକ ପ୍ରୟୋଜନ ମାତ୍ର ବା ଆତ୍ମତୃପ୍ତି ଲାଭର ଏକ ଉପକରଣ ମାତ୍ର – ଏଇ ଧରଣର ସମସ୍ତ ଭାବ ଆମ ଭିତରୁ ଚାଲିଯିବା ଉଚିତ । ଯେକୌଣସି ମହତ୍ତର ଶ୍ରମ, ଯେକୌଣସି ଉଚ୍ଚତର ସାଧନା, ଯେକୌଣସି କଷ୍ଟସାଧ୍ୟ ବା ମହତ୍ କର୍ମାନୁଷ୍ଠାନ, ତାହା ଆମ ପାଇଁ କିଂବା ଅନ୍ୟ ପାଇଁ ବା ଜାତି ପାଇଁ କରାଯାଉ ନା କାହିଁକି, ଦେଖିବାକୁ ହେବ ଯେପରି 'ଜାତି ପାଇଁ, ଆମ ପାଇଁ ବା ଅନ୍ୟମାନଙ୍କ ପାଇଁ'– ଏହି ଧାରଣା ଭିତରେ ଅଟକି ଯିବା ଆମ ପାଇଁ ଆଉ ସମ୍ଭବ ହେଉ ନାହିଁ । ଆମେ ଯାହାକିଛି କରୁ ତାହାକୁ ଏକ କର୍ମଯଜ୍ଞ ରୂପେ ଉତ୍ସର୍ଗ କରିବାକୁ ହେବ; ସେହି ଉତ୍ସର୍ଗ ଆମ ନିଜ ଉଦ୍ଦେଶ୍ୟରେ ବା ଜାତି ଉଦ୍ଦେଶ୍ୟରେ ବା ଅନ୍ୟ ଉଦ୍ଦେଶ୍ୟରେ ନୁହେଁ, ତାହା ହେବ ଏହିଗୁଡ଼ିକର ମାଧ୍ୟମରେ ବା ସିଧାସଳଖ ସେହି ଏକ ଦିବ୍ୟ ଭଗବତ୍ ପୁରୁଷଙ୍କ ଉଦ୍ଦେଶ୍ୟରେ ଯେ କି ଏହିସବୁର ଭିତରେ ଗୋପନରେ ଲୁକ୍କାୟିତ ହୋଇ ରହିଛନ୍ତି । ଆମର ଲକ୍ଷ୍ୟ ହେବ ସେ ଯେପରି ଆଉ ଲୁକ୍କାୟିତ ହୋଇ ନ ରହି ଆମ ଆତ୍ମା, ଆମ ମନ ଓ ଆମର ବୋଧ ପାଖରେ ନିଜର ଦିବ୍ୟ ଉପସ୍ଥିତି ନେଇ ସଦା ପ୍ରକଟିତ ହୁଅନ୍ତି । ଆମ କର୍ମର ସମସ୍ତ କ୍ରିୟା ଓ ପରିଣତିକୁ ସେହି ପରମ ଏକକଙ୍କ ହାତରେ ସମର୍ପି ଦେବାକୁ ହେବ, ଏହି ଭାବ ନେଇ ଯେ ସେହି ଦିବ୍ୟ-ଉପସ୍ଥିତି ହେଉଛି ଅନନ୍ତ ଏବଂ ସର୍ବୋଚ୍ଚ ପରମଙ୍କ ଉପସ୍ଥିତି ଯାହାଙ୍କ ଦ୍ୱାରାହିଁ ଆମର ସମସ୍ତ ଶ୍ରମ ଓ ଅଭୀପ୍ସା ସମ୍ଭବ ହେଉଛି । କାରଣ ଯାହାକିଛି ଘଟୁଛି ତାହା ତାଙ୍କରି ସତ୍ତା ଭିତରେ ହିଁ ଘଟୁଛି । ଏବଂ ଦିବ୍ୟପ୍ରକୃତି ଆମର ସମସ୍ତ ଶ୍ରମ ଓ ଅଭୀପ୍ସାକୁ ନେଇ ତାଙ୍କରି ଉଦ୍ଦେଶ୍ୟରେ, ତାଙ୍କରି ଯଜ୍ଞବେଦୀରେ ନୈବେଦ୍ୟ ରୂପେ ଅର୍ପଣ କରୁଛି ।

(Bulletin, Feb. 1999, p. 55)

# ଦୈହିକ ମନ ଓ ଦିବ୍ୟ ଶାନ୍ତି

## ଶ୍ରୀମା

### (୧୨ ଜାନୁଆରୀ ୧୯୬୫ର ଏକ କଥୋପକଥନ)

*ଶିଷ୍ୟ : ଅସୁବିଧାଟି ହେଉଛି ମୋର ଶରୀରର ଅବସ୍ଥା ନେଇ ମୋତେ ଅଧିକ ମନୋନିବେଶ କରିବାକୁ ପଡୁଛି, ମୋର ଚେତନାର ବେଶୀ ଭାଗ ଏଇଥିରେହିଁ ନିୟୋଜିତ ହେଉଛି । ଉଦାହରଣସ୍ୱରୂପ : ଦୈହିକ ମନ ଦ୍ୱାରା ମୁଁ ପୂରାପୂରି ଆକ୍ରାନ୍ତ ।*

ଶ୍ରୀମା : ହଁ, ମୁଁ ଏହା ଭଲଭାବେ ଜାଣେ । କିନ୍ତୁ ସବୁବେଳେ ସେହି ଅସୁବିଧାଟି ଆସେ, ଏହା ସମସ୍ତଙ୍କ ପାଇଁ ଏକ ସମସ୍ୟା । ସେଇଥି ଯୋଗୁଁ ଅତୀତରେ କୁହାଯାଉଥିଲା ''ପଳାଇ ଯାଅ ! ତାହାକୁ ସେହିପରି ଛଟପଟ ହେବାକୁ ଛାଡ଼ି ଦେଇ ତୁମେ ପଳାଇ ଯାଅ ।'' କିନ୍ତୁ ଆମର ସେପରି କରିବାର ଅଧିକାର ନାହିଁ, ଏହା ଆମ କାମର ପୂରା ବିରୋଧୀ । ତୁମେ ଜାଣ ଯେ ତୁମ ଶରୀର ସମ୍ପର୍କରେ ତୁମେ ଏକ ପୂର୍ଣ୍ଣ ସ୍ୱାଧୀନତାର ଅବସ୍ଥାରେ ପହଞ୍ଚି ଯାଇପାର, ଏପରିକି ତାହା ସମ୍ପର୍କରେ ତୁମେ କିଛି ବି ଅନୁଭବ କରିବ ନାହିଁ, ଆଦୌ କିଛି ଅନୁଭବ କରିବ ନାହିଁ । କିନ୍ତୁ ବର୍ତ୍ତମାନ ଦେହଠାରୁ ନିଜକୁ ଅଲଗା କରି, ମୋ ଶରୀର ଭିତରୁ ବାହାରି ଯାଇ ପାରିବାର ଅଧିକାର ମଧ୍ୟ ମୋର ନାହିଁ । ଭାବି ଦେଖ ତ ! ଏପରିକି ଯେତେବେଳେ ମୁଁ ଖୁବ୍ ଅସୁସ୍ଥ ଥାଏ, ସବୁକିଛି ବେଶ୍ ପୀଡ଼ାଦାୟକ ହୋଇଥାଏ ବା ଏପରିକି ରାତିରେ ଯେତେବେଳେ ଟିକେ ନୀରବ ଓ ଚୁପ୍‌ଚାପ୍ ରହିବାର ଅବସର ପାଏ ଏବଂ ନିଜକୁ କହେ, ''ଆଃ ମୋର ନିଜର ଆନନ୍ଦମୟ ଅବସ୍ଥାରେ ପ୍ରବେଶ କରାଯାଇପାରେ'' – ସେଥିପାଇଁ ମଧ୍ୟ ଅନୁମତି ମିଳେ ନାହିଁ । ମୁଁ ଏହା ଭିତରେ ଆବଦ୍ଧ (ମା ନିଜ ଶରୀରକୁ ସ୍ପର୍ଶ କଲେ) ଏହିଠାରେ, ଏହିଠାରେହିଁ ସେହି ସତ୍ୟକୁ ସିଦ୍ଧ କରିବାକୁ ହେବ ।

ସେଇଥି ପାଇଁ ହିଁ ବ୍ୟବସ୍ଥାଟି ଏପରି ହୋଇଛି ।

କେବଳ ବରାବର ମଝିରେ ମଝିରେ କୌଣସି ନିର୍ଦ୍ଦିଷ୍ଟ କ୍ରିୟା ପାଇଁ (ବେଳେ ବେଳେ ଏହା ଏକ ବିଦ୍ୟୁତ୍ ଝଲକ ପରି ଆସେ, ବେଳେ ବେଳେ ମାତ୍ର କେଇଁ ମିନିଟ ପାଇଁ) ସେହି ମହାନ୍ ଶକ୍ତି ଆସେ, ଯାହାକି ପୂର୍ବେ ରହିଥିଲା ଓ ମୁଁ ତାହାକୁ ସଦାସର୍ବଦା ଅନୁଭବ କରୁଥିଲି; ସେହି ମହାନ୍ ଶକ୍ତି ପ୍ରବଳ ବେଗରେ ପ୍ରବେଶ କରେ, ନିଜର କାମଟି କରିଯାଏ ଏବଂ ତା'ପରେ ପୁଣି ଚାଲିଯାଏ । କିନ୍ତୁ ଏହା ମୋର ଏହି ଶରୀର ଉପରେ କିଛି କ୍ରିୟା କରେ ନାହିଁ, ଏହି ଶରୀରଟି ପାଇଁ କିଛି କରେ ନାହିଁ – କୌଣସି ଉଚ୍ଚତର ହସ୍ତକ୍ଷେପ ଦ୍ୱାରା ଏହି ଶରୀରର ରୂପାନ୍ତର ହେବ ନାହିଁ, ଏହା ହେବ... ଭିତର ଆଡୁ ।

ତୁମ କ୍ଷେତ୍ରରେ ତାହାହିଁ ଘଟୁଛି, ଯେଉଁମାନେ ଏହି କାମଟି କରୁଛନ୍ତି ସେମାନଙ୍କ ପ୍ରତ୍ୟେକଙ୍କ କ୍ଷେତ୍ରରେ ଏହାହିଁ ଘଟିଥାଏ, ଏବଂ ତାହାହିଁ ହେଉଛି ସମସ୍ୟା । ସେଇଥି ପାଇଁ ମୁଁ ତୁମକୁ କୁହେ, ''ଏଥିରେ କିଛି ଯାଏ ଆସେ ନାହିଁ, ଯଦି ଶରୀର ନେଇ ତୁମକୁ ଏତେ ବ୍ୟସ୍ତ ରହିବାକୁ ପଡୁଛି, ସେଥିପାଇଁ ଚିନ୍ତିତ ହୁଅ ନାହିଁ, କେବଳ ତହିଁରୁ ଯଥାର୍ଥ ଲାଭ ଅର୍ଜନ ପାଇଁ ତତ୍ପର ହୁଅ, ଶରୀର ଉପରେ ଚେତନାର ଏହି ଅଭିନିବେଶରୁ ଯଥାର୍ଥ ଲାଭ ଅର୍ଜନ କର – ଏହି ଶରୀର ଭିତରକୁ ଦିବ୍ୟ ଶାନ୍ତିକୁ ଆବାହନ କରି ଆଣ, ଏହା ଭିତରେ ଦିବ୍ୟ ଶାନ୍ତି ପ୍ରବେଶ କରୁ । ସଦାସର୍ବଦା ମୁଁ ତୁମକୁ ଦିବ୍ୟ ଶାନ୍ତିର ଏକ ଖୋଷା ଭିତରେ ଆବୃତ କରି ରଖିଛି । ତୁମେ ଯଦି ସବୁବେଳେ ସ୍ପନ୍ଦିତ ଓ ଚଞ୍ଚଳ ହେଉଥିବା, ସବୁବେଳେ ଏକ ବାନର ପରି ଅସ୍ଥିର ହେଉଥିବା ମନ ଭିତରେ ଏହି ଦିବ୍ୟ ଶାନ୍ତିକୁ ସ୍ଥାପିତ କର, ତେବେ ଦେଖିବ ସେହିସବୁ ସ୍ଥୂଳ ସ୍ପନ୍ଦନ ଭିତରେ ଏହି ଦିବ୍ୟ ଶାନ୍ତି ସିଧାସଳଖ, ପ୍ରତ୍ୟକ୍ଷ ରୂପେ କ୍ରିୟା କରିବ ଏବଂ ସେହି ଦିବ୍ୟ ଶାନ୍ତି ଭିତରେ ସବୁକିଛି ବେଶ୍ ସ୍ୱଚ୍ଛନ୍ଦ, ସହଜ ଓ ଖୋଲା ହୋଇଯାଏ ।

କିଛି ଭାବ ନାହିଁ, ଦୈହିକ ମନକୁ ରୂପାନ୍ତରିତ କରିବାକୁ ଚେଷ୍ଟା କରିବା କଥା ଚିନ୍ତା କର ନାହିଁ ବା ତାହାକୁ ନୀରବ କରି ଦେବା ପାଇଁ ବା ବିଲୋପ କରି ଦେବା କଥା ଚିନ୍ତା କର ନାହିଁ, କାରଣ ସେସବୁଗୁଡ଼ିକ ମଧ୍ୟ ତଥାପି ଏକ ଧରଣର କ୍ରିୟା । ସହଜ ଭାବରେ ତାହାକୁ ସେହିପରି ଚାଲିବାକୁ ଛାଡ଼ି ଦିଅ, କିନ୍ତୁ... ଦିବ୍ୟ ଶାନ୍ତିକୁ ବଜାୟ ରଖ, ଦିବ୍ୟ ଶାନ୍ତିକୁ ଅନୁଭବ କର, ଦିବ୍ୟ ଶାନ୍ତିରେ ବାସ କର, ଦିବ୍ୟ ଶାନ୍ତିକୁ ଜାଣ – ଶାନ୍ତି, ଶାନ୍ତି । ତାହାହିଁ ଏକମାତ୍ର ଜିନିଷ ।

(M.C.W., Vol. 11, pp. 8 - 9)

# ଶରୀରର ସାଧନା

## ଶ୍ରୀମା

ହେ ପରମ ପ୍ରଭୋ, ମୁଁ ଯାହା କରିବା ନିମନ୍ତେ ତୁମେ ଚାହିଁଥିଲ, ମୁଁ ତାହା କରିଛି । ଅତିମାନସର ଦ୍ୱାର ଉନ୍ମୋଚିତ ହୋଇଯାଇଛି ଏବଂ ଅତିମାନସ ଚେତନା, ଆଲୋକ ଓ ଶକ୍ତି ପୃଥିବୀକୁ ପରିପ୍ଲାବିତ କରୁଛି ।

କିନ୍ତୁ ଯେଉଁମାନେ ମୋର ଚତୁଃପାର୍ଶ୍ୱରେ ଅଛନ୍ତି, ସେମାନେ ଏ ସଂପର୍କରେ ସଚେତ ନୁହନ୍ତି – ସେମାନଙ୍କର ଚେତନାରେ କୌଣସି ମୌଳିକ ପରିବର୍ତ୍ତନ ହୋଇ ନାହିଁ ଏବଂ କେବଳ ଯେହେତୁ ସେମାନେ ମୋ କଥା ଉପରେ ଆସ୍ଥା ସ୍ଥାପନ କରନ୍ତି ତେଣୁ ସେମାନେ କହୁ ନାହାନ୍ତି ଯେ ପ୍ରକୃତରେ କିଛି ଘଟି ନାହିଁ । ତା' ସଙ୍ଗକୁ ମଧ୍ୟ ବାହ୍ୟ ପରିସ୍ଥିତି ପୂର୍ବାପେକ୍ଷା ଆହୁରି କଠିନ ହୋଇଉଠିଛି ଏବଂ ବାଧାବିଘ୍ନଗୁଡ଼ିକ ମଧ୍ୟ ଆହୁରି ଅନତିକ୍ରମଣୀୟ ହୋଇ ଦେଖା ଦେଉଛନ୍ତି ।

ବର୍ତ୍ତମାନ ଅତିମାନସ ବିଦ୍ୟମାନ ହୋଇ ରହିଛି – ସେ ସଂପର୍କରେ ମୁଁ **ସଂପୂର୍ଣ୍ଣ ନିଶ୍ଚିତ**, ଏପରିକି ଯଦି ଏ ସଂପର୍କରେ ସଚେତ ହେବାରେ ମୁଁ ସାରା ପୃଥିବୀରେ ଜଣେ ମାତ୍ର ବି ବ୍ୟକ୍ତି ହୋଇଥାଏ । ତେବେ କ'ଣ ମୋର ଏହି ଶରୀରର ଆକାର ଗ୍ରହଣର ବ୍ରତ ସମାପ୍ତ ହୋଇ ସାରିଛି ଓ ଏହା ସ୍ଥାନରେ ଆଉ ଏକ ଆକାର ଗ୍ରହଣ କରିବାକୁ ହେବ ? ମୁଁ ତୁମକୁ ଏହି ପ୍ରଶ୍ନଟି ପଚାରୁଛି ଓ ଏହାର ଉତ୍ତର ଚାହୁଁଛି – ମୁଁ ଚାହୁଁଛି ଏପରି ଏକ ସଂକେତ ଯାହା ଦ୍ୱାରା ନିଶ୍ଚିତ ରୂପେ ଜାଣିପାରିବି ଯେ ତଥାପି ଏହାହିଁ ମୋର କାମ ଓ ସମସ୍ତ ବାଧା ବିରୋଧ ସତ୍ତ୍ୱେ, ସମସ୍ତ ଅସ୍ୱୀକାର ସତ୍ତ୍ୱେ ମୋର କାମଟି କରି ଚାଲିବି ।

ଯାହା ବି ସଂକେତ ହେଉ, ସେଥିପାଇଁ ମୋର ଭ୍ରୂକ୍ଷେପ ନାହିଁ, କିନ୍ତୁ ଏହା ଅତି **ସୁସ୍ପଷ୍ଟ** ହେବା ଆବଶ୍ୟକ ।

*

ଏହା ସତ୍ୟ ଯେ ଭଗବାନ୍ ସର୍ବଦା ଏକ ସ୍ଥୂଳ, ଦୈହିକ ଶରୀର ଗ୍ରହଣ କରିଥାଆନ୍ତି ଏହି ଇଚ୍ଛା ନେଇ ଯେ ସେ ସେହି ଶରୀରକୁ ରୂପାନ୍ତରିତ କରିବେ ଏବଂ ପୃଥିବୀପୃଷ୍ଠରେ ତାଙ୍କର ଦିବ୍ୟ ଅଭିବ୍ୟକ୍ତି ପାଇଁ ତାହାକୁ ଏକ ଯୋଗ୍ୟ ଓ ଉପଯୁକ୍ତ ଯନ୍ତ୍ର ରୂପରେ ଗଢ଼ି ତୋଳିବେ । କିନ୍ତୁ ଏହା ମଧ୍ୟ ଏକ ସତ୍ୟ ଯେ ସେ ଏହା କରିବାରେ ବିଫଳ ହୋଇଛନ୍ତି ଏବଂ କୌଣସି ନା କୌଣସି କାରଣରୁ ତାଙ୍କୁ ସେହି ସ୍ଥୂଳ ଦେହଟିକୁ ପରିତ୍ୟାଗ କରିବାକୁ ହୋଇଛି ଓ ରୂପାନ୍ତର କାମଟି ଅସମାପ୍ତ ହୋଇ ରହିଯାଇଛି ।

ତେଣୁ ଯେଉଁ ଶରୀରର ମାଧ୍ୟମରେ ପୃଥିବୀପୃଷ୍ଠରେ ଭଗବାନଙ୍କର ଅଭିବ୍ୟକ୍ତି ହେଉଥାଏ, ଏକ ସାମଗ୍ରିକ ରୂପାନ୍ତର ସଂପନ୍ନ ହେବା ପର୍ଯ୍ୟନ୍ତ ସେହି ଶରୀରକୁ ଧାରଣ କରି ରହିବା ଆବଶ୍ୟକ । ଏବଂ ଏଥିନିମନ୍ତେ ଆବଶ୍ୟକ ହେଉଛି ବେଶୀ ସଂଖ୍ୟାରେ ନ ହେଲେ ମଧ୍ୟ ଅନ୍ତତଃ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଶରୀରରେ ସୁସମଞ୍ଜସତା, ସାମର୍ଥ୍ୟ, ନିଷ୍ଠା, ସହନ ଶକ୍ତି, ନିଃସ୍ୱାର୍ଥପରତା ଓ ସ୍ଥିର ଭାରସାମ୍ୟ ଆଦିର ଆବଶ୍ୟକ ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ହେବ ଏବଂ ଏହି ଶରୀରକୁ ଧାରଣ କରି ରହିବାକୁ ହେବ । ଏହି ଶରୀର, ଯେଉଁଥିରେ ଭଗବାନଙ୍କର ଅଭିବ୍ୟକ୍ତି ହେଉଥାଏ ତାହା ଯେ ସବୁଠୁ ଗୁରୁତ୍ୱପୂର୍ଣ୍ଣ, କେବଳ ସେତିକି ନୁହେଁ ତାହା ଅନନ୍ୟ ଭାବରେ ଗୁରୁତ୍ୱପୂର୍ଣ୍ଣ, ଏପରିକି ସ୍ୱୟଂ ଭଗବତ୍ କର୍ମ ଅପେକ୍ଷା ମଧ୍ୟ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ବରଂ କୁହାଯାଇପାରେ ଯେ ଏହି ଶରୀରହିଁ ପୃଥିବୀପୃଷ୍ଠରେ ଭଗବାନଙ୍କ ଦିବ୍ୟକର୍ମର ଏକ ପ୍ରତୀକ ଓ ସୁନିର୍ଦ୍ଦିଷ୍ଟ ରୂପାୟନରେ ପରିଣତ ହୋଇ ଉଠିବା ଉଚିତ ।

*

ଗତ ରାତିରେ ଫିଲ୍ମ୍ ଦେଖୁଥିବା ସମୟରେ ମୋର ଯେଉଁ ଅନୁଭୂତି ହୋଇଥିଲା, ତା'ପରେ ଏହି ଅନୁଭୂତିଟି ନିଷ୍ପତ୍ତିମୂଳକ ଭାବରେ ଆସିଲା । ମୁଁ ଖୁବ୍ ଶକ୍ତିଶାଳୀ ଭାବରେ ଅନୁଭବ କଲି ଯେ ମୋର ପିଲାମାନେ ମୁକ୍ତ ହୋଇ ଯାଇଛନ୍ତି ଏବଂ ସେମାନଙ୍କ କାମଟିକୁ ଭଲଭାବରେ କରିବା ପାଇଁ ସେମାନଙ୍କ ପାଇଁ ମୋ ଦୈହିକ ହସ୍ତକ୍ଷେପର ଆଉ କୌଣସି ଆବଶ୍ୟକତା ନାହିଁ । ସେମାନେ ଯେପରି ନିଜର ଲକ୍ଷ୍ୟ ସଂପର୍କରେ ଏକ ପରିଷ୍କାର ଦୃଷ୍ଟି ରଖିପାରିବେ ଓ ବାଟରେ ପଥଭ୍ରଷ୍ଟ ହେବେ ନାହିଁ, ସେଥିପାଇଁ ପ୍ରେରଣା ଓ ନିର୍ଦ୍ଦେଶ ପାଇବାକୁ ସେମାନଙ୍କ ଭିତରେ ମୋର ଉପସ୍ଥିତିହିଁ ଯଥେଷ୍ଟ । ଫଳରେ ଏହା ସ୍ୱାଭାବିକ ଯେ ଶରୀରର ରୂପାନ୍ତର ପାଇଁ ସ୍ଥୂଳବାସ୍ତବ ଭାବରେ ଏକାଗ୍ର ହେବା ନିମନ୍ତେ ନିଜ ଭିତରକୁ

ଏକ ଦୈହିକ ପ୍ରତ୍ୟାହାର ଆବଶ୍ୟକ । ମୁଁ ବର୍ତ୍ତମାନ ମୋର ପିଲାମାନଙ୍କୁ ସେମାନଙ୍କ ନିଜ ବିଚାର ଓ ଦୃଷ୍ଟି ଅନୁସାରେ କାମସବୁ କରିବା ପାଇଁ ବାହ୍ୟତଃ ଛାଡ଼ି ଦେଇପାରେ ଯେତେବେଳେ କି ମୋର ଉପସ୍ଥିତି ସେମାନଙ୍କ ପାଇଁ କେବଳ ଏକ ସୃଜନଶୀଳ ପ୍ରେରଣା ଓ ଚେତନା ଆଣିଦେବା ଦିଗରେ ଉଣାଅଧିକେ ଏକ ଅଦୃଶ୍ୟ ଭୂମିକା ଗ୍ରହଣ କରିବ ।

*

ମୋର ମଧୁମୟ ପ୍ରଭୋ, ପରମ ସତ୍ୟ, ମୁଁ ଅଭୀପ୍ସା କରୁଛି ଯେ ଯେଉଁ ଖାଦ୍ୟ ମୁଁ ଗ୍ରହଣ କରୁଛି ତାହା ଯେପରି ମୋର ସମସ୍ତ ଦେହକୋଷ ଭିତରକୁ ତୁମର ସର୍ବଜ୍ଞାନ, ସର୍ବଶକ୍ତି, ସର୍ବମଙ୍ଗଳକୁ ସଞ୍ଚାରିତ କରୁ ।

*

କୌଣସି କର୍ମ ମୋତେ କେବେହେଲେ କ୍ଳାନ୍ତ କରିଦିଏ ନାହିଁ । ମୁଁ ଯେତେବେଳେ ଏକ ଅସନ୍ତୋଷ, ହତାଶା, ସନ୍ଦେହ, ଭୁଲ୍ ବୁଝାମଣା ଓ ଅସଦିଚ୍ଛାର ବାତାବରଣରେ କାମ କରିବାକୁ ବାଧ୍ୟ ହୁଏ ସେତେବେଳେ ଆଗକୁ ମୋର ପ୍ରତିଟି ପଦକ୍ଷେପ ପାଇଁ ଅନୁଭବ କରେ ଏକ ଭାରାକ୍ରାନ୍ତ ବିରାଟ ପ୍ରଚେଷ୍ଟା ଏବଂ ତାହା ମୋର ଶରୀର ଉପରେ ସ୍ୱାଭାବିକ କର୍ମଠାରୁ ଦଶବର୍ଷ ଅଧିକ କର୍ମର ଭାର ଆଣିଦିଏ ।

*

ତଥାପି ମୁଁ ମୋତେ 'ନିଜେ' ବୋଲି କହିପାରିବି ନାହିଁ । କାରଣ ଯେତେବେଳେ 'ମୁଁ ନିଜେ' ବୋଲି କୁହେ ଲୋକମାନେ ମୋର ଶରୀରକୁହିଁ ବୁଝନ୍ତି, ଏବଂ ମୋର ଶରୀର ତଥାପି ଏ ପର୍ଯ୍ୟନ୍ତ ସତ୍ୟତର 'ମୁଁ ନିଜେ' ହୋଇ ଉଠିପାରି ନାହିଁ; ଏପର୍ଯ୍ୟନ୍ତ ଏହା ରୂପାନ୍ତରିତ ହୋଇ ନାହିଁ, ଏବଂ ତାହା ସେମାନଙ୍କ ମନରେ ଏକ ଗୋଳମାଳିଆ ଭାବ ସୃଷ୍ଟି କରେ । ତା' ଛଡ଼ା ମୁଁ ବରାବର ଅନୁଭବ କରିଛି ଯେ ଶରୀର ନିଜ ଅପୂର୍ଣ୍ଣତାକୁ ଦେଖିବାର ଏହି ମନୋଭାବ ଅପରିହାର୍ଯ୍ୟ ଥିଲା କାରଣ ତାହା ଦ୍ୱାରା ଦୈହିକ ଚେତନାରେ ଏହା ଏକ ନିରନ୍ତର ନମ୍ରତାର ଭାବ ରଖିପାରିବ ।

ଯେତେବେଳେ ରୂପାନ୍ତର ସମଗ୍ର ହେବ ସେତେବେଳେ ମୁଁ ଏହା କହିବାକୁ ସକ୍ଷମ ହୋଇପାରିବି, ତା' ପୂର୍ବରୁ ନୁହେଁ ।

*

ଏବଂ ମୋର ଶରୀର ପରମପ୍ରଭୁଙ୍କୁ କହିଚାଲେ, ''ମୁଁ ଯାହା ହେବା ପାଇଁ ତୁମେ ଚାହଁ, ମୁଁ ତାହାହିଁ ହେବି, ମୁଁ ଯାହା ଜାଣିବା ପାଇଁ ତୁମେ ଚାହଁ, ମୁଁ ତାହାହିଁ ଜାଣିବି, ମୁଁ ଯାହା କରିବା ପାଇଁ ତୁମେ ଚାହଁ, ମୁଁ ତାହାହିଁ କରିବି ।''

*

ଏପରି କୌଣସି ରୋଗ ନାହିଁ ଯାହା ମୁଁ ଭୋଗି ନାହିଁ । ମୁଁ ମୋ ନିଜ ଶରୀର ଉପରେ ସମସ୍ତ ରୋଗ ନେଇଛି ଯେପରିକି ସେଗୁଡ଼ିକର ଗତିପଥ ଲକ୍ଷ୍ୟ କରିପାରେ ଏବଂ ଦେହରେ ସେଗୁଡ଼ିକର ଅଭିଜ୍ଞତା ଦ୍ୱାରା ସେଗୁଡ଼ିକ ସଂପର୍କରେ ଜ୍ଞାନଲାଭ କରିପାରେ ଓ ତାହା ଫଳରେ ସେଗୁଡ଼ିକ ଉପରେ କ୍ରିୟା କରିପାରେ । ଯେହେତୁ ମୋର ଶରୀରର କୌଣସି ଭୟ ନାହିଁ, ତେଣୁ ତାହା ଉଚ୍ଚତର ଚାପର ଉତ୍ତର ଦିଏ ଏବଂ ସେହି ରୋଗଗୁଡ଼ିକୁ ଦୂର କରିବା ମୋ ପାଇଁ ଅଧିକତର ସହଜ ହୁଏ ।

*

ଏହି ଶରୀର ନିରନ୍ତର ଭାବରେ ଓ ଏକ ଗଭୀର ଆନ୍ତରିକତା ସହ ଏହା ବାରବାର କହି ଚାଲିଛି, ''ମୋତେ କ'ଣ କାହାଠାରୁ କେବେ କୌଣସି କିଛି ଦାବି କରିବାକୁ ହେବ ? କେବଳ ମୋ ନିଜ ହିସାବରେ ମୁଁ କିଛି ନୁହେଁ, ମୁଁ କିଛି ଜାଣି ନାହିଁ, ମୁଁ କିଛି କରି ପାରିବି ନାହିଁ । ମୋ ଭିତରକୁ ସତ୍ୟର ଅନୁପ୍ରବେଶ ନ ହେଲେ ଓ ମୋତେ ପରିଚାଳିତ ନ କଲେ ମୁଁ ଏପରିକି ସବୁଠୁ ଛୋଟ ନିଷ୍ପତ୍ତିଟିଏ ମଧ୍ୟ ନେଇ ପାରିବି ନାହିଁ ବା ସବୁଠୁ ଉତ୍ତମ କ'ଣ ତାହା କରିବା ପାଇଁ ଓ ସବୁଠୁ ମାମୁଲି ପରିସ୍ଥିତି ଭିତରେ ବାସ କରିବା ପାଇଁ ମଧ୍ୟ ମୁଁ ଅସମର୍ଥ । ମୁଁ କେବେହେଲେ କ'ଣ ସେହି ଅବସ୍ଥାରେ ରୂପାନ୍ତରିତ ହେବା ପାଇଁ ସକ୍ଷମ ହେବି ଯେତେବେଳେ ମୁଁ ଯେପରି ଦିବ୍ୟ ହୋଇ ଉଠିବା ଉଚିତ ତାହା ହୋଇ ଉଠିବି ଓ ପୃଥିବୀ ଉପରେ ଯେଉଁ ଦିବ୍ୟ ସତ୍ୟ ଅଭିବ୍ୟକ୍ତ ହେବା ପାଇଁ ଚାହେଁ ତାହା ଅଭିବ୍ୟକ୍ତ କରିବି ? କିନ୍ତୁ କାହିଁକି ସର୍ବଦା ଗଭୀର ଭିତରୁ, ତୁମଠାରୁ, ହେ ପ୍ରଭୋ, ଏହି ଉତ୍ତରଟି ଦ୍ୱନ୍ଦ୍ୱହୀନ ଭାବରେ ନିଃସୃତ ହେଉଛି ଯେ, ''ତୁମେ ଯଦି ଏହା କରି ପାରିବ ନାହିଁ, ତେବେ ପୃଥିବୀପୃଷ୍ଠସ୍ଥ କୌଣସି ଶରୀର ମଧ୍ୟ ଏହା କରି ପାରିବ ନାହିଁ ।'' ଏଥିରୁ କେବଳ ଏକମାତ୍ର ଏହି ସିଦ୍ଧାନ୍ତ ଆସୁଛି : ମୁଁ ମୋର ଉଦ୍ୟମରେ ଲାଗି ରହିବି, ନିଜର ପ୍ରଚେଷ୍ଟା ଛାଡ଼ି ଦେବି ନାହିଁ, ତାହା ମୃତ୍ୟୁ ପର୍ଯ୍ୟନ୍ତ ହେଉ ବା ବିଜୟ ପର୍ଯ୍ୟନ୍ତ ହେଉ, ମୁଁ ଲାଗି ରହିବି ।

(Compiled from M.C.W. Vol. 13, p. 54 - 59)

# ଦୃଢ଼ ସଂକଳ୍ପ

## ଶ୍ରୀମା

*ପ୍ରଶ୍ନ : ମା, ଆମର ସଂକଳ୍ପକୁ ଆମେ ଖୁବ୍ ଦୃଢ଼ କରିବୁ କିପରି ?*

ଶ୍ରୀମା : ଖୁବ୍ ଦୃଢ଼ କରିବା ପାଇଁ ଇଚ୍ଛା କରିବା ଦ୍ୱାରା (ହାସ୍ୟ) ନା, ଏହା ହୁଏତ ପରିହାସ ପରି ଲାଗୁଛି ... କିନ୍ତୁ ପ୍ରକୃତରେ ଏହା ନିର୍ଭୁଲ ଭାବରେ ସତ୍ୟ । ଆମେ ଯଥାର୍ଥରେ ଏଥିପାଇଁ ଇଚ୍ଛା କରୁନା ।... ଏଥିପାଇଁ ଆନ୍ତରିକତାର ଅଭାବ ଥାଏ । ତୁମେ ଯଦି ଆନ୍ତରିକ ଭାବରେ ଦେଖ ତା'ହେଲେ ଦେଖି୍ ପାରିବ କୌଣସି ବିଷୟରେ ତୁମେ ନିଷ୍ପତ୍ତି ନେଇଛ ଯେ ଏହି ବିଷୟଟି ଏହି ଭାବରେ ହେବା ଉଚିତ, କିନ୍ତୁ ତା'ପରେ ଦେଖିବ ତା' ତଳେ ଏପରି କିଛି ରହିଯାଇଛି ଯାହାକି ଆଦୌ ଏହି ନିଷ୍ପତ୍ତି ନେଇ ନାହିଁ ଏବଂ ଏହା ଦ୍ୱିଧା ବା କୁଣ୍ଠାର ସେହି ମୁହୂର୍ତ୍ତଟିକୁ ଅପେକ୍ଷା କରୁଛି ଯେତେବେଳେ ଏହା ପଦାକୁ ବାହାରି ଆସିବାର ସୁଯୋଗ ପାଇବ । ତୁମେ ଯଦି ଆନ୍ତରିକ ହୋଇଥିବ, ଯଦି ଆନ୍ତରିକ ଭାବରେ ସତ୍ତାର ସେହି ଅଂଶଟିକୁ ଧରି ଦେଇ ପାରିବ ଯେ ନିଜକୁ ଲୁଚାଇ ରଖିଛି, ଅପେକ୍ଷା କରୁଛି, ନିଜକୁ ଦେଖାଉ ନାହିଁ; ଯେ ଜାଣେ ଯେ ଦ୍ୱିଧାର ସେହି ମୁହୂର୍ତ୍ତଟି ଆସିବ ଯେତେବେଳେ କି ସେ ବାହାରକୁ ବାହାରି ଆସିବ ଏବଂ ଯେଉଁ ଜିନିଷଟି ନ କରିବା ପାଇଁ ତୁମେ ନିଷ୍ପତ୍ତି କରିଥିଲ ତାହା ପୁଣି ତୁମ ଦ୍ୱାରା କରାଇ ନେବ ...

କିନ୍ତୁ ପ୍ରକୃତରେ ଯଦି ତୁମେ ତାହା ଚାହଁ, ପୃଥିବୀରେ ଏପରି କିଛି ନାହିଁ ଯାହାକି ତୁମେ ନିଷ୍ପତ୍ତି କରିଥିବା ଜିନିଷଟିକୁ କରିବା ପାଇଁ ବାଟ ଛାଡ଼ିବ ନାହିଁ । ଏପରି ହେବାର କାରଣ ହେଉଛି ଏଥିପାଇଁ କିପରି ସଂକଳ୍ପ କରିବାକୁ ହୁଏ ତାହା ତୁମେ ଜାଣ ନାହିଁ । ଏହାର କାରଣ ହେଉଛି ତୁମ ନିଜ ସଂକଳ୍ପ ଦ୍ୱିଧା ବିଭକ୍ତ । ତୁମେ ଯଦି ନିଜ ସଂକଳ୍ପରେ ଦ୍ୱିଧା ବିଭକ୍ତ ହୋଇ ନ ଥା'ନ୍ତ ତେବେ ମୁଁ କହିବି କୌଣସି ଜିନିଷ ନାହିଁ, ପୃଥିବୀରେ ଏପରି କେହି ନାହିଁ, ଯେ କି ତୁମ ସଂକଳ୍ପକୁ ବଦଳାଇ ଦେଇ ପାରିବ ।

କିନ୍ତୁ ଏଥିପାଇଁ କିପରି ସଂକଳ୍ପ କରିବାକୁ ହୁଏ ତାହା ତୁମେ ଜାଣି ନାହଁ । ପ୍ରକୃତରେ ଏପରିକି ତୁମର ସେପରି ସଂକଳ୍ପ ପାଇଁ ଇଚ୍ଛା ମଧ୍ୟ ନ ଥାଏ । ତୁମେ କେବଳ ଖିଆଲ ଖୁସିରେ ଭାବ, ''ଆଚ୍ଛା, ଏ ଜିନିଷଟି ଏପରି ହୋଇଛି ... ଯଦି ଏହା ଏପରି ନ ହୋଇ ସେପରି ହୋଇଥା'ନ୍ତା ତେବେ ବେଶ୍ ହୁଅନ୍ତା, ହଁ, ସେପରି ହେଲେ ଖୁବ୍ ଭଲ ହୁଅନ୍ତା, ସେପରି ହେବା ଖୁବ୍ ବାଞ୍ଛନୀୟ ।'' କିନ୍ତୁ ଏହା ସଂକଳ୍ପ କରିବା ନୁହେଁ । ଏବଂ ସବୁବେଳେ ପଛରେ ଏପରି କିଛି ରହି ଯାଇଥାଏ, ମନର କେଉଁ କୋଣରେ ଏପରି କିଛି ଲୁଚି ରହି ଯାଇଥାଏ, ଯାହାକି ଏସବୁ ଦେଖି୍ କହୁଥାଏ, ''ଓଃ, ମୁଁ କାହିଁକି ତାହା ଚାହିଁବି ? ଅନ୍ୟ କଥାଟି ବା ବିପରୀତ କଥାଟି ହେଲେ କ୍ଷତି କ'ଣ ?'' ଏବଂ ସେଥି୍ ପାଇଁ ଚେଷ୍ଟା କରିବା, ଦେଖାଯାଉ ... ଏପରି ଭାବରେ ନୁହେଁ,... ଟିକେ ଅପେକ୍ଷା କରାଯାଉ ... ଠିକ୍ ବିପରୀତ ଜିନିଷଟି କରିବା ପାଇଁ ତୁମକୁ ହଜାର ପ୍ରକାର ବାହାନା ମିଳିବ । ସାମାନ୍ୟ ଟିକେ ହଲଚଲ, ସାମାନ୍ୟ ଟିକେ ଦ୍ୱିଧା ଯଥେଷ୍ଟ ... ବିପରୀତ ଜିନିଷଟି ଝାମ୍ପ ଦେଇ ଦ୍ରୁତ ଭାବରେ ଓହ୍ଲାଇ ଆସିବ ଓ ପହଞ୍ଚି୍ ଯିବ । କିନ୍ତୁ ତୁମେ ଯଦି ଠିକ୍ ଭାବରେ ସଂକଳ୍ପ କର, ତୁମେ ଯଦି ପ୍ରକୃତରେ ଜାଣ ଅମୁକ ଜିନିଷଟି ବାଞ୍ଛନୀୟ, ଏବଂ ଯଥାର୍ଥରେ ତାହା କରିବା ପାଇଁ ଚାହଁ, ଏବଂ ଯଦି ସମଗ୍ର ଭାବରେ ତୁମ ନିଜ ସଂକଳ୍ପରେ ଏକାଗ୍ର ହୁଅ, ତେବେ ମୁଁ କହିବି, ପୃଥିବୀରେ ଏପରି କିଛି ନାହିଁ ଯାହାକି ତୁମକୁ ତହିଁରୁ ଅଟକାଇ ଦେବ ଓ ସେ କାମଟି କରାଇ ଦେବ ନାହିଁ । କୌଣସି କିଛି ମଧ୍ୟ ତୁମକୁ ନିବର୍ତ୍ତାଇ ପାରିବ ନାହିଁ ସେ କାମଟିରୁ ବା କାମଟି କରିବା ପାଇଁ ବାଧ୍ୟ ହେବାରୁ । ଏହା କ'ଣ ତା' ଉପରେ ସବୁ ନିର୍ଭର କରେ ।

ଜଣେ ଚାହେଁ । ''ହଁ, ଜଣେ ଚାହେଁ ଏହିପରି ଭାବରେ । ଜଣେ ଚାହେଁ । ହଁ, ଯଦି ଏହା ଏପରି ହୋଇ ଥାଆନ୍ତା, ତେବେ ଖୁବ୍ ଭଲ ହୁଅନ୍ତା । ହଁ ଏହା ମଧ୍ୟ ବେଶ୍ ସୁନ୍ଦର ଓ ଅଧିକ ରୁଚିସମ୍ପନ୍ନ ହୁଅନ୍ତା ...'' କିନ୍ତୁ ହାୟ, ଯେତେହେଲେ ବି ମଣିଷ ଏକ ଦୁର୍ବଳ ପ୍ରାଣୀ, ନୁହେଁ କି ? ଆଉ ମଧ୍ୟ ଦୋଷଟା ସବୁବେଳେ ଅନ୍ୟ କିଛି ଉପରେ ପକାଇ ଦିଆ ଯାଇପାରେ, ''ବାହାରୁ ଆସୁଥିବା ପ୍ରଭାବଟା ଏଥି୍ ପାଇଁ ଦାୟୀ, ପରିବେଶ ବା ପରିସ୍ଥିତି ସବୁହିଁ ଦାୟୀ ।''

ସଂକଳ୍ପର ମୁହୂର୍ତ୍ତଟି ଚାଲିଯାଏ । ତୁମେ ଜାଣ ନାହିଁ ... କିଛି ଆସି ଯାଏ ... ଅଚେତନାର ଏକ ମୁହୂର୍ତ୍ତ ଆସିଯାଏ ... । ''ଆହା, ମୁଁ ସଚେତ ନ ଥିଲି'' । ତୁମେ ସଚେତ ନ ଥିଲ କାରଣ ତୁମେ ଏହା ଗ୍ରହଣ କରି ନାହଁ ... ଏବଂ ଏସବୁର କାରଣ ହେଉଛି ତୁମେ ଜାଣି ନାହଁ କିପରି ସଂକଳ୍ପ କରିବାକୁ ହୁଏ ।

କିପରି ସଂକଳ୍ପ କରିବାକୁ ହୁଏ, ତାହା ଜାଣିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏବଂ ଯଥାର୍ଥରେ ସଂକଳ୍ପ କରିବାକୁ ହେଲେ ତୁମ ସତ୍ତାକୁ ଏକତ୍ରିତ କରିବାକୁ ହେବ । ପ୍ରକୃତରେ ତୁମକୁ ଜଣେ ଯଥାର୍ଥ ସତ୍ତା ହେବାକୁ ହେଲେ ପ୍ରଥମେ ତୁମ ନିଜକୁ ଐକ୍ୟବଦ୍ଧ ଓ ଏକୀଭୂତ କରିବାକୁ ହେବ । ଯଦି ପୂରା ପରସ୍ପର ବିରୋଧୀ ବିଭିନ୍ନ ପ୍ରବୃତ୍ତିସବୁ ତୁମକୁ ବିଭିନ୍ନ ଦିଗରେ ଟାଣନ୍ତି, ଯଦି ତୁମ ଜୀବନର ଚାରିଭାଗରୁ ତିନିଭାଗ ସମୟ କଟାଇ ଦିଅ, ନିଜ ସମ୍ପର୍କରେ ସଚେତନ ନ ହୋଇ କେଉଁ କାମଟି କ'ଣ ପାଇଁ କରୁଛ, ତା'ର କାରଣ ନ ଜାଣି ତା'ହେଲେ ତୁମକୁ କ'ଣ ଯଥାର୍ଥରେ ଏକ ସତ୍ତା ବୋଲି କୁହାଯିବ ? ସେତେବେଳେ ତୁମର ଅସ୍ତିତ୍ୱ ଅର୍ଥହୀନ, ତୁମେ ଖାଲି ଗୁଡ଼ିଏ ପ୍ରଭାବ, ଗତିବୃତ୍ତି, ନାନା ଶକ୍ତି, କ୍ରିୟା ଓ ପ୍ରତିକ୍ରିୟାରେ ଗଠିତ ଏକ ପିଣ୍ଡୁଳା ମାତ୍ର; ସତ୍ତା ପଦବାଚ୍ୟ ନୁହଁ । ସେତିକିବେଳେ ତୁମେ ଏକ ସତ୍ତା ହୋଇ ଉଠିବ ଯେତେବେଳେ ତୁମର ଏକ ସଂକଳ୍ପ ରଖି ପାରିବାର ଶକ୍ତି ହେବ । ଏବଂ ଜଣେ ତା'ର ସତ୍ତାରେ ଐକ୍ୟବଦ୍ଧ ନ ହେଲା ଯାଏ ଯଥାର୍ଥ ସଂକଳ୍ପର ଅଧିକାରୀ ହୋଇ ପାରିବ ନାହିଁ ।

ତୁମେ ଯେତେବେଳେ ଯଥାର୍ଥ ସଂକଳ୍ପର ଅଧିକାରୀ ହେବ ସେତେବେଳେ ଭଗବାନଙ୍କୁ କହିବା ପାଇଁ ସମର୍ଥ ହେବ, ''ତୁମେ ଯାହା ଚାହଁ, ମୁଁ ତାହାହିଁ ଚାହେଁ ।'' କିନ୍ତୁ ତା' ପୂର୍ବରୁ ନୁହେଁ । କାରଣ ଭଗବାନ୍ ଯାହା ଚାହାନ୍ତି ତାହା ଚାହିଁବାକୁ ହେଲେ ତୁମର ଏକ ସଂକଳ୍ପ ଥିବା ଆବଶ୍ୟକ, ତା' ନ ହେଲେ ତୁମେ ଆଦୌ କିଛି ପାଇଁ ସଂକଳ୍ପ କରିପାରିବ ନାହିଁ । ସେଥିପାଇଁ ତୁମର ମନ ହୋଇପାରେ, ତାହା ତୁମକୁ ଖୁବ୍ ଭଲ ଲାଗିପାରେ । ଭଗବାନ୍ ଯାହା କରିବାକୁ ଚାହାନ୍ତି ତୁମେ ତାହା ହିଁ କରିବାକୁ ଚାହିଁବାଟା ତୁମକୁ ଭଲ ଲାଗିପାରେ । କିନ୍ତୁ ଭଗବାନଙ୍କୁ ଅର୍ପଣ କରିବା ପାଇଁ, ତାଙ୍କ ସେବାରେ ଲଗାଇବା ପାଇଁ ଦେଲା ଭଳି ତୁମର ତ କୌଣସି ସଂକଳ୍ପ ନାହିଁ । ତୁମର ଯାହା ଅଛି ତାହା ଖାଲି ଜେଲି ଫିସ୍ ପରି ମେଞ୍ଚାଏ ଅଗଠିତ ନରମ ଉପାଦାନ କିଛି, ହୁଏତ ସଦିଚ୍ଛାର କିଛି ଉପାଦାନ – ମୁଁ ଏଠାରେ ଜିନିଷଟିର ଭଲ ଦିଗଟି କଥା କହୁଛି, ଅସଦିଚ୍ଛା ଆଦିକୁ ବାଦ୍ ଦେଇ – ସଦିଚ୍ଛାର କିଛି ଅଗଠିତ ଉପାଦାନ, ଅର୍ଦ୍ଧଚେତନ ଓ ଅସ୍ଥିର, ଦ୍ୱିଧାଗ୍ରସ୍ତ ।

ଏତିକିରେ ଥାଉ । ଆଜି ପାଇଁ ଏତିକି ଯଥେଷ୍ଟ ।

ବାସ୍, କେବଳ ଏହାକୁ କାର୍ଯ୍ୟରେ ପରିଣତ କର; ମୁଁ ଯାହା କହିଲି ତହିଁରୁ ଅଳ୍ପ କିଛି କର, ପୂରାଟା ନ ହେଉ ଅନ୍ତତଃ ସାମାନ୍ୟ କିଛିକୁ କାର୍ଯ୍ୟରେ ପରିଣତ କର ।

(C.W.M. Vol. VI, p. 346 - 348) ✤

ସବୁ ସମୟରେ ତୁମକୁ ସମସ୍ତ ସାହାଯ୍ୟ ଦିଆଯାଉଛି; କିନ୍ତୁ ତାହା ତୁମକୁ ଗ୍ରହଣ କରିବା ପାଇଁ ଶିଖିବାକୁ ହେବ ତୁମ ହୃଦୟର ନିରବତାରେ, ବାହ୍ୟ ଉପାୟଗୁଡ଼ିକର ମାଧ୍ୟମରେ ନୁହେଁ । ତୁମ ହୃଦୟର ନିରବତାରେହିଁ ଭଗବାନ୍ ତୁମ ସଙ୍ଗେ କଥା କହିବେ ଓ ତୁମର ପଥ ନିର୍ଦ୍ଦେଶ କରିବେ ଓ ତୁମର ଲକ୍ଷ୍ୟ ଦିଗରେ ତୁମକୁ ଆଗେଇ ନେବେ । କିନ୍ତୁ ସେଥିପାଇଁ ଭଗବତ୍ କୃପା ଓ ପ୍ରେମ ଉପରେ ତୁମର ପୂର୍ଣ୍ଣ ଓ ଅଖଣ୍ଡ ବିଶ୍ୱାସ ରହିବା ଆବଶ୍ୟକ ।

– ଶ୍ରୀମା

# କ୍ରୀଡ଼ା-କସରତ ଓ ସାଧନା

## (ସାଧକଙ୍କୁ ପତ୍ର)

## ଶ୍ରୀଅରବିନ୍ଦ

କ୍ରୀଡ଼ା-କସରତ ଆଦି ଗ୍ରହଣ କରିବା ପାଇଁ ବା ତାହାକୁ ଭଲ ପାଇ ଅଭ୍ୟାସ କରିବା ପାଇଁ ଆମେ ଜୋର୍ ଦେଉଛୁ ବୋଲି ତୁମର ଯେଉଁ ଧାରଣା ହୋଇଛି ତାହା ଯେ ସମ୍ପୂର୍ଣ୍ଣ ଭିତ୍ତିହୀନ, ଏତିକି ଦେଖିବା ପାଇଁ ତୁମେ ସକ୍ଷମ ହେବା ଉଚିତ। ମୁଁ ନିଜେ କେବେ ହେଲେ ଜଣେ ଖେଳାଳି ନ ଥିଲି ବା ଇଂଲଣ୍ଡରେ ଥିବା ବେଳେ କ୍ରିକେଟ୍ ସମ୍ପର୍କରେ କେବଳ ଏକ ଦେଖଣାହାରୀର ଆଗ୍ରହ ବା ବରୋଦା କ୍ରିକେଟ୍ କ୍ଲବ୍‌ର ଏକ ଅଣ-ଖେଳାଳି ସଭ୍ୟ ରହିବା ଛଡ଼ା ମୁଁ କେବେ କୌଣସି ଶାରୀରିକ ଖେଳ କସରତରେ ଭାଗ ନେଇ ନାହିଁ। କେବଳ ବରୋଦାରେ ମାନ୍ଦ୍ରାଜୀ ମଲ୍ଲଯୋଦ୍ଧାମାନଙ୍କଠାରୁ ଦଣ୍ଡ ଓ ବୈଠକ ଭଳି କିଛି ବ୍ୟାୟାମ ଶିଖିଥିଲି; ତାହା ଶିଖିଥିଲି ମୋର ଦୁର୍ବଳ ଓ ପତଳା ଦେହରେ କିଛିଟା ଶକ୍ତି ଓ ସାମର୍ଥ୍ୟ ଆଣିବା ପାଇଁ, ଯଦିଓ ମୋର ଶରୀର ରୁଗ୍ଣ ଓ ଅସୁସ୍ଥ ନଥିଲା। କିନ୍ତୁ ଏଗୁଡ଼ିକ ସମ୍ପର୍କରେ ମୁଁ ଆଦୌ କୌଣସି ତାତ୍ପର୍ଯ୍ୟ ବା ଗୁରୁତ୍ୱ ଆରୋପ କରୁ ନଥିଲି ଓ ଯେତେବେଳେ ଭାବିଲି ବ୍ୟାୟାମର ଆଉ କୌଣସି ଆବଶ୍ୟକତା ନାହିଁ ସେତେବେଳେ ତାହା ଛାଡ଼ି ଦେଲି। ଏହା ନିଶ୍ଚିତ ଯେ କ୍ରୀଡ଼ା କସରତ ଓ ସେହିସବୁ ବ୍ୟାୟାମ ଆଦିରୁ ବିରତ ରହିବା ବା ସେଗୁଡ଼ିକୁ ଗ୍ରହଣ କରିବାରେ ମୋ ଦୃଷ୍ଟିରୁ ଯୋଗ ସହିତ କିଛି ଯାଏ ଆସେ ନାହିଁ। କିଂବା ତୁମର ଏହି କ୍ରୀଡ଼ା-କସରତ ପ୍ରତି ବିମୁଖତା ବା ଅନ୍ୟମାନଙ୍କର ଏ ଦିଗରେ ଆଗ୍ରହ ତୁମକୁ ବା ସେମାନଙ୍କୁ ସାଧନା ପାଇଁ ଅଧିକ ଯୋଗ୍ୟ ବା ଅଧିକ ଅଯୋଗ୍ୟ କରି ଦେବ ନାହିଁ। ତେଣୁ ଏହାର ଆଦୌ କୌଣସି କାରଣ ନାହିଁ ଯେ ଆମେ କାହିଁକି ଜୋର୍ ଦେବୁ ତୁମେ ଏହା ଗ୍ରହଣ କର ବୋଲି ବା ତୁମେ ଏହା କରିବା ପାଇଁ ଆମେ ଚାହୁଁଛୁ ବୋଲି ଭାବି ତୁମେ କାହିଁକି ଚିନ୍ତାଗ୍ରସ୍ତ ହେବ। ଏସବୁ ବିଷୟରେ ତୁମ ନିଜ ନିଜର ବାଟ ସ୍ଥିର କରିବା ପାଇଁ ତୁମେ ଓ ଅନ୍ୟମାନେ ପ୍ରତ୍ୟେକେ ପୂରା ସ୍ୱାଧୀନ।

*

ଏହା ନିଶ୍ଚିତ ଯେ ମା ଚାହାନ୍ତି ନାହିଁ ଆଶ୍ରମ କେବଳ କ୍ରୀଡ଼ାବିତ୍‌ମାନଙ୍କର ସ୍ଥାନ ହେଉ; ତା'ହେଲେ ଏହା ଏକ ଆଶ୍ରମ ହୋଇ ନ ରହି ଏକ ଖେଳପଡ଼ିଆ ହୋଇଯିବ। ଖେଳ ଓ ଶାରୀରିକ ବ୍ୟାୟାମ ଆଦି ପ୍ରଧାନତଃ ଆମ ସ୍କୁଲର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ସେମାନଙ୍କୁ ଖାଲି ଖେଳିବାକୁ ହୁଏ ନାହିଁ, ସେମାନଙ୍କୁ ମଧ୍ୟ ନିଜର ଅଧ୍ୟୟନରେ ନିୟୋଜିତ ହେବାକୁ ହୁଏ। କ୍ରୀଡ଼ା କସରତ ଆଦିର ଏକ ମୂଲ୍ୟବାନ୍ ଫଳସ୍ୱରୂପ ସେମାନଙ୍କର ସ୍ୱାସ୍ଥ୍ୟ, ଶୃଙ୍ଖଳା ଜ୍ଞାନ ଓ ଆଚରଣରେ ସେମାନେ ପ୍ରଭୂତ ଉନ୍ନତି ସାଧନ କରିଛନ୍ତି। ଦ୍ୱିତୀୟତଃ ଏହିସବୁ କ୍ରୀଡ଼ା କସରତରେ ତରୁଣ ସାଧକମାନଙ୍କୁ ଯୋଗ ଦେବା ପାଇଁ ଅନୁମତି ଦିଆଯାଇଛି, ଏଥିପାଇଁ ବାଧ୍ୟ କରାଯାଇ ନାହିଁ ବା ଏପରିକି ସୁପାରିସ ମଧ୍ୟ କରାଯାଇ ନାହିଁ। ନିଶ୍ଚିତ ରୂପରେ କେବଳ କ୍ରୀଡ଼ାବିତ୍ ହୋଇ ଉଠିବାକୁ ସେମାନଙ୍କଠାରୁ ଆଶା କରାଯାଏ ନାହିଁ; ସେମାନଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ମଧ୍ୟ ରହିଛି। ଏକ କ୍ରୀଡ଼ାବିତ୍ ହେବା ପାଇଁ ଜଣେ ସ୍ୱେଚ୍ଛା-ପ୍ରଣୋଦିତ ଭାବରେ ତାହା ବାଛି ନେବା ଉଚିତ, ଏବଂ ତାହା ନିର୍ଭର କରେ ସେ ଦିଗରେ ତାହାର ଆଗ୍ରହ ଓ ପ୍ରବୃତ୍ତି ଉପରେ। ମା'ଙ୍କର ଚାରି ପାଖରେ ଏପରି ଅନେକ ଲୋକ ଅଛନ୍ତି – ଉଦାହରଣ ସ୍ୱରୂପ 'କ' – ଯେଉଁମାନେ ଖେଳ ପଡ଼ିଆରେ ଯୋଗଦେବା କଥା ଓ କ୍ରୀଡ଼ା ଆଦିରେ ଭାଗ ନେବା କଥା ସ୍ୱପ୍ନରେ ମଧ୍ୟ ଭାବି ପାରିବେ ନାହିଁ, ଏବଂ ସେମାନଙ୍କୁ ଏହା କରିବାକୁ କହିବା କଥା ମା'ଙ୍କ ଚିନ୍ତାରେ ମଧ୍ୟ ଆସିବ ନାହିଁ। ତେଣୁ ତୁମେ ଯେ କ୍ରୀଡ଼ା ଆଦିର ଆନନ୍ଦରୁ ନିଜକୁ ବିରତ ରଖୁଛ ସେଥି ପାଇଁ ମା ଯେ ଅସନ୍ତୁଷ୍ଟ ହେବେ ଏହା ତାଙ୍କ ଚିନ୍ତାର ବାହାର।

ଅବଶ୍ୟ କେତେକ ଲୋକ ଏହି ପ୍ରଶ୍ନ ଉଠାଇ ପାରନ୍ତି ଯେ ଆଶ୍ରମ ଯାହା କେବଳ ଧ୍ୟାନ, ଆନ୍ତରାନୁଭୂତି ଓ ଜୀବନରୁ ମୁକ୍ତିଲାଭ କରି ବ୍ରହ୍ମୋପଲବ୍ଧି ଦିଗରେ ଆଗେଇ ଯିବାର ଲକ୍ଷ୍ୟ ରଖିବା କଥା, ସେଥିରେ ଏହିସବୁ କ୍ରୀଡ଼ା-କସରତ ଆଦୌ ସ୍ଥାନ ପାଇବ କାହିଁକି ? କିନ୍ତୁ ଏହି କଥାଗୁଡ଼ିକ କେବଳ ସେହିସବୁ ସାଧାରଣ ଆଶ୍ରମ ପାଇଁ ପ୍ରଯୁଜ୍ୟ, ଯେଉଁଗୁଡ଼ିକ ସମ୍ପର୍କରେ ଆମେ ବେଶ୍ ପରିଚିତ। ଆମର ଆଶ୍ରମ ସେଇ ଧରଣର

ରକ୍ଷଣଶୀଳ ଆଶ୍ରମ ନୁହେଁ । ଏହା ଯୋଗରେ ଜୀବନକୁ ମଧ ଅନ୍ତର୍ଭୁକ୍ତ କରେ ଏବଂ ଥରେ ଜୀବନକୁ ଆମ ଲକ୍ଷ୍ୟର ଅନ୍ତର୍ଗତ କଲେ, ଯାହାକିଛି ଜୀବନର ଚରମ ଓ ଆଶୁ ଲକ୍ଷ୍ୟର ଉପଯୋଗୀ, ଏବଂ ଆତ୍ମାର କାମରେ ବାଧା ଦିଏ ନାହିଁ, ତହିଁରୁ ଯେକୌଣସିଟିକୁ ଆମ କାମରେ ଗ୍ରହଣ କରିବାରେ କିଛି ବାଧା ନାହିଁ । ତା'ଛଡ଼ା, ଏହି ରକ୍ଷଣଶୀଳ ଆଶ୍ରମଗୁଡ଼ିକ ଗଢ଼ି ଉଠିଥିଲେ ଯେତେବେଳେ ବ୍ରହ୍ମର ଜଗତ୍ ସହିତ କୌଣସି ସମ୍ପର୍କ ନାହିଁ ବୋଲି ବର୍ଣ୍ଣନା କରାଗଲା ଓ ବୌଦ୍ଧଧର୍ମର ଛାୟା ସାରାଦେଶରେ ବ୍ୟାପିଗଲା ଏବଂ ଆଶ୍ରମଗୁଡ଼ିକ କେବଳ ମଠରେ ପରିଣତ ହେଲେ । ପୂର୍ବକାଳର ଆଶ୍ରମଗୁଡ଼ିକ ଏପରି ନ ଥିଲା; ଯେଉଁ ବାଳକ ଓ ତରୁଣମାନେ ତହିଁରେ ବାସ କରୁଥିଲେ ସେମାନଙ୍କୁ ଜୀବନର ବିଭିନ୍ନ ବିଷୟ ଉପରେ ତାଲିମ ଦିଆଯାଉଥିଲା । ପୁରୁରବା ଓ ଉର୍ବଶୀଙ୍କ ସନ୍ତାନ ଜଣେ ଋଷିଙ୍କ ଆଶ୍ରମରେ ରହିହିଁ ଧନୁର୍ବିଦ୍ୟା ଶିକ୍ଷା କରିଥିଲେ ଓ ଏକ ଦକ୍ଷ ତୀର ସନ୍ଧାନୀ ରୂପେ ଖ୍ୟାତିଲାଭ କରିଥିଲେ, କର୍ଣ୍ଣ ଜଣେ ମହାନ୍ ତପସ୍ୱୀଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ତାଙ୍କଠାରୁ ଶକ୍ତିଶାଳୀ ଅସ୍ତ୍ର ପ୍ରୟୋଗର ବିଦ୍ୟା ଅର୍ଜନ କରିବା ପାଇଁ । ତେଣୁ ଆମ ଆଶ୍ରମ ଜୀବନରୁ କାହିଁକି କ୍ରୀଡ଼ା କସରତ ବାଦ୍ ଦିଆଯିବ ତାହାର କୌଣସି ପୂର୍ବ-ସ୍ଥିରୀକୃତ ଭିତ୍ତି ନାହିଁ, ବିଶେଷ କରି ଯେତେବେଳେ ଆମେ ଆତ୍ମା ଓ ଜୀବନ ଭିତରେ ଏକ ସମନ୍ୱୟ ବା ସମରସ ସ୍ଥାପନ କରିବାକୁ ଚାହୁଁ । ଏପରିକି ଟେବୁଲ-ଟେନିସ ବା ଫୁଟବଲକୁ ମଧ ବାଦ୍ ଦିଆ ଯିବାର ଆବଶ୍ୟକତା ନାହିଁ ।

ଏସବୁ ଛଡ଼ା ମୋର କହିବା କଥା ହେଉଛି କେହି କ୍ରୀଡ଼ା ଆଦିରେ ଭାଗ ନେବ କି ନାହିଁ ତା' ହେଉଛି ତା' ନିଜର ନିର୍ବାଚନ ବା ପ୍ରବୃତ୍ତିର କଥା, ଏବଂ ଜଣେ ଖେଳାଳି ହେବା ପାଇଁ ଆଗ୍ରହ ନଥିବା ଯୋଗୁଁ ମା 'କ'ଙ୍କ ଉପରେ ବା ତୁମ ଉପରେ ଅସନ୍ତୁଷ୍ଟ ହେବାର ଧାରଣା ସମ୍ପୂର୍ଣ୍ଣ ଭିତ୍ତିହୀନ । ତେଣୁ ଏ ବିଷୟରେ ତୁମର କୌଣସି ଆଶଙ୍କା ରହିବା ଉଚିତ ନୁହେଁ; ଏଇଥି ପାଇଁ ମା ତୁମ ଉପରେ ଅସନ୍ତୁଷ୍ଟ ହେବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ତୁମେ କିଛି କରିବା ବା ନ କରିବା ଯୋଗୁଁ ମା ତୁମଠାରୁ ଦୂରେଇ ଯିବାକୁ ଚାହୁଁଛନ୍ତି ବୋଲି ଭାବିବାର ଆଦୌ କୌଣସି ଭିତ୍ତି ନାହିଁ, ତୁମେ ଏ ଧରଣର କିଛି କାମ କରି ନାହଁ ଏବଂ ମା'ଙ୍କ ଭିତରେ ଏପରି ଚିନ୍ତା ମଧ ଉଠି ନ ପାରେ । ବରଂ ଅନ୍ୟ ପକ୍ଷରେ ସ୍ୱୟଂ ମା ତୁମକୁ ବୁଝାଇ ଦେଇଛନ୍ତି ଯେ ଏହାର ବିପରୀତଟାହିଁ ଠିକ୍ ଏବଂ ତୁମ ପ୍ରତି ତାଙ୍କର ସ୍ନେହ ଓ ସଦିଚ୍ଛା ଏଇ କିଛିଦିନ ହେବ ଅଧିକତର ବୃଦ୍ଧି ପାଇଛି । ଏକମାତ୍ର ଯେଉଁ ପରିବର୍ତ୍ତନ ସେ ତୁମଠାରୁ ଆଶା କରନ୍ତି ତା' ହେଉଛି ତୁମେ ଯେପରି ତୁମର ଚୈତ୍ୟ ଓ ଆଧ୍ୟାତ୍ମିକ ପ୍ରଚେଷ୍ଟାରେ, ତୁମର ଆନ୍ତର ଅଗ୍ରଗତିରେ ଆହୁରି ବିକାଶ ଓ ଅଭିବୃଦ୍ଧି ସାଧନ କର — ଏବଂ ଏ କ୍ଷେତ୍ରରେ ତୁମେ ବିଫଳ ହୋଇ ନାହଁ ବରଂ ଅଗ୍ରଗତି କରିଛ । ଏହା ଛଡ଼ା ଏହି ଯେଉଁ ଧାରଣା ରହିଛି ଯେ ତୁମେ ଅମୁକ ବା ସମୁକ ଢଙ୍ଗରେ ପରିବର୍ତ୍ତିତ ହେଉ ନାହଁ ବୋଲି ମା ତୁମ ଉପରେ ଅସନ୍ତୁଷ୍ଟ ହୋଇ ପାରନ୍ତି, ଏହା ଏକ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଧାରଣା, ଏହା ସମ୍ପୂର୍ଣ୍ଣ ମନଗଢ଼ା ଓ ଅଯୌକ୍ତିକ ।

(Bulletin, August. 2005, pp.12, 6)

କାମଟି ପାଇଁ ତୁମକୁ ବ୍ୟବହାର କରିବାକୁ କେବଳ ଦିବ୍ୟଶକ୍ତି ନିମନ୍ତେ ଅଭୀପ୍ସା କର, କାମଟି କରିବା ବେଳେ ମା'ଙ୍କ ସଙ୍ଗେ ଆନ୍ତର ସଂଯୋଗ ରକ୍ଷା କରି ଚାଲ, ଏବଂ ନିଜର କୌଣସି ବ୍ୟକ୍ତିଗତ ଯଶଖ୍ୟାତି ବା ଅନ୍ୟମାନଙ୍କ ପ୍ରଶଂସା ଓ ନିନ୍ଦା ପ୍ରତି ଦୃଷ୍ଟି ନ ଦେଇ କେବଳ ଲକ୍ଷ୍ୟ ରଖ ତୁମେ ଯେପରି ନିଖୁଣ ସୌନ୍ଦର୍ଯ୍ୟର ପ୍ରକାଶ ଦିଗରେ ଏକ ଯନ୍ତ୍ର ହୋଇ ଉଠିବ ।

— ଶ୍ରୀଅରବିନ୍ଦ

# ଶାରୀରିକ ଶିକ୍ଷାର ଚେତନାଗତ ମୂଲ୍ୟ

## ଶ୍ରୀମା

ପ୍ରତ୍ୟେକ ଥର ଅନ୍ତରାତ୍ମା ଯେତେବେଳେ ଏକ ନୂତନ ଶରୀର ନେଇ ଜନ୍ମ ଗ୍ରହଣ କରେ, ତାହା ଆସିଥାଏ ଏକ ନୂତନ ଅନୁଭୂତି ପାଇବା ପାଇଁ ଯାହାକି ତା'ର ବ୍ୟକ୍ତିତ୍ୱକୁ ପୂର୍ଣ୍ଣ ଓ ବିକଶିତ ହେବା ଦିଗରେ ସାହାଯ୍ୟ କରିବ । ଏହି ଭାବରେ ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନ ଭିତର ଦେଇ ଚୈତ୍ୟସତ୍ତା ଗଠିତ ହୋଇ ଚାଲିଥାଏ ଏବଂ ଶେଷରେ ଏକ ପୂର୍ଣ୍ଣ ସଚେତ ଓ ସ୍ୱାଧୀନ ବ୍ୟକ୍ତିତ୍ୱରେ ପରିଣତ ହୁଏ । ଥରେ ଏହା ନିଜ ବିକାଶର ଶିଖରରେ ପହଞ୍ଚିଯିବା ପରେ କେବଳ ନିଜ ଜନ୍ମର ସମୟ ନୁହେଁ, ଜନ୍ମର ସ୍ଥାନ ଏବଂ କେଉଁ ଉଦ୍ଦେଶ୍ୟ ଓ କେଉଁ କର୍ମ ଏହା ସଂପନ୍ନ କରିବ, ତାହା ମଧ୍ୟ ବାଛି ସ୍ଥିର କରିବାର ସ୍ୱାଧୀନତା ଏହାର ରହିଥାଏ ।

ଏକ ଶରୀର ଭିତରକୁ ଏହାର ଅବତରଣ ନିଃସନ୍ଦେହ ରୂପେ ଏକ ଅନ୍ଧକାର, ଅଜ୍ଞାନ ଓ ଅଚେତନତା ଭିତରକୁ ଅବତରଣ, ଏବଂ ଯେଉଁ ଅନୁଭୂତି ଲାଭ ପାଇଁ ଏହା ଶରୀର ଗ୍ରହଣ କରିଥାଏ, ସେହି ଉଦ୍ଦେଶ୍ୟ ସାଧନ ଲାଗି ଶରୀରର ଯଥାଯଥ ଉପଯୋଗ କରିବା ପୂର୍ବରୁ ସେହି ଶରୀରର ସ୍ଥୂଳ ଓ ଜଡ଼ ଉପାଦାନ ଭିତରକୁ ଅଳ୍ପ କିଛି ଚେତନା ଆଣିବା ପାଇଁ ମଧ୍ୟ ତାକୁ ଦୀର୍ଘକାଳ ଧରି ପ୍ରୟାସ କରିବାକୁ ପଡ଼େ । ତେଣୁ ଏକ ସ୍ୱଚ୍ଛଦୃଷ୍ଟି ଓ ବିଚାର-ବୁଦ୍ଧିମୂଳକ ପଦ୍ଧତିର ପ୍ରୟୋଗ ଦ୍ୱାରା ଆମେ ଯଦି ଶରୀରର କୃଷ୍ଟି ସାଧନ କରୁ ତା'ହେଲେ ତହିଁ ସଙ୍ଗେ ସଙ୍ଗେ ଆମେ ଅନ୍ତରାତ୍ମାର ବିକାଶ, ଅଭିବୃଦ୍ଧି ଓ ତାହାର ଅଗ୍ରଗତି ତଥା ଜ୍ଞାନାଲୋକ ପ୍ରାପ୍ତି ଦିଗରେ ମଧ୍ୟ ସହାୟତା କରିବୁ ।

ଶରୀରଚର୍ଚ୍ଚା ହେଉଛି ଦେହକୋଷଗୁଡ଼ିକ ଭିତରକୁ ଚେତନାକୁ ଅନୁପ୍ରବେଶ କରାଇବାର ଏକ ପଦ୍ଧତି । ଜଣେ ଏହା ଜାଣୁ ବା ନଜାଣୁ, ଏହା ଏକ ସତ୍ୟ । ଯେତେବେଳେ ଆମେ ଇଚ୍ଛାନୁଯାୟୀ ଆମ ମାଂସପେଶୀଗୁଡ଼ିକୁ ଚାଳିତ କରିବା ପାଇଁ ଏକାଗ୍ର ହେଉ, ଯେତେବେଳେ ଆମେ ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ ଅଧିକ ନମନୀୟ କରିବା ପାଇଁ ଚେଷ୍ଟା କରୁ, ସେଗୁଡ଼ିକ ଭିତରେ କର୍ମଚଞ୍ଚଳତା, ସ୍ଫୂର୍ତ୍ତି, ଶକ୍ତି, ପ୍ରତିରୋଧର ସାମର୍ଥ୍ୟ ଓ ନମନୀୟତା ଆଣି ଦେବା ପାଇଁ ପ୍ରୟାସ କରୁ, ଯାହାକି ସେମାନଙ୍କ ଭିତରେ ସ୍ୱାଭାବିକ ଭାବରେ ନ ଥାଏ, ସେତେବେଳେ ଆମେ ଦେହକୋଷଗୁଡ଼ିକ ଭିତରେ ଏପରି ଏକ ଚେତନାର ଅନୁପ୍ରବେଶ ପାଇଁ ଚେଷ୍ଟା କରୁ ଯାହାକି ସେମାନଙ୍କ ଭିତରେ ପୂର୍ବରୁ ନ ଥାଏ । ଏହି ଭାବରେ ଆମେ ଆମ ଶରୀରଟିକୁ ଅଧିକରୁ ଅଧିକ ଏକ ସମସାଦୃଶ୍ୟପୂର୍ଣ୍ଣ, ଗ୍ରହଣଶୀଳ ଯନ୍ତ୍ରରେ ପରିଣତ କରିବା ପାଇଁ ସମର୍ଥ ହେଉ, ଯାହାକି ନିଜ କ୍ରିୟା ଭିତରେ ଓ ନିଜର କ୍ରିୟା ଦ୍ୱାରା ଅଗ୍ରଗତି କରେ । ଶାରୀରିକ କୃଷ୍ଟିର ଏହାହିଁ ହେଉଛି ପ୍ରାଥମିକ ଗୁରୁତ୍ୱ । ଅବଶ୍ୟ ଶରୀର ଭିତରକୁ ଚେତନାର ଆନୟନ ପାଇଁ ଏହା ଏକମାତ୍ର ଉପାୟ ନୁହେଁ, କିନ୍ତୁ ଏହା ଏପରି ଏକ ଉପାୟ ଯାହାକି ସର୍ବତୋମୁଖୀ ଭାବରେ କ୍ରିୟା କରେ ଏବଂ ଏହା ଅସାମାନ୍ୟ ।

ମୁଁ ତୁମକୁ ଆଗରୁ ଅନେକ ଥର କହିଛି ଯେ ଜଣେ ଶିଳ୍ପୀ ତା'ର ହାତ ଭିତରକୁ ଏକ ଖୁବ୍ ବଡ଼ ଧରଣର ଚେତନାର ଅନୁପ୍ରବେଶ କରାଇଥାଏ, ଠିକ୍ ଯେପରି ଜଣେ ବୁଦ୍ଧିଜୀବୀ ତା'ର ମସ୍ତିଷ୍କ ଭିତରକୁ ଚେତନାର ଅନୁପ୍ରବେଶ କରାଇଥାଏ । ଏଗୁଡ଼ିକ ହେଉଛି କୌଣସି ଏକ ବିଶେଷ ଅଙ୍ଗ ଭିତରେ ହେଉଥିବା କ୍ରିୟା; କିନ୍ତୁ ଶରୀରଚର୍ଚ୍ଚା ହେଉଛି ସମଗ୍ର ଅଙ୍ଗ ପ୍ରତ୍ୟଙ୍ଗକୁ ନେଇ ଏକ ଅଧିକ ସାଧାରଣ ଢଙ୍ଗର କ୍ରିୟା । ଏବଂ ଆମେ ଯେତେବେଳେ ଏହି ଶରୀରଚର୍ଚ୍ଚାର ଅପୂର୍ବ, ଚମତ୍କାର ଫଳାଫଳ ସବୁ ଦେଖୁ, ଯେତେବେଳେ ଆମେ ପର୍ଯ୍ୟବେକ୍ଷଣ କରୁ ଯେ ଶରୀର ନିଜକୁ ଆହୁରି ନିଖୁଣ ଓ ପୂର୍ଣ୍ଣ କରି ଗଢ଼ିବା ପାଇଁ କେତେଦୂର ସମର୍ଥ, ସେତେବେଳେ ଆମେ ବୁଝୁ ଯେ ଏହି ସ୍ଥୂଳ, ଜଡ଼ ଉପାଦାନ ଭିତରେ ପ୍ରବେଶ କରି ଜନ୍ମ ନେଇଥିବା ଚୈତ୍ୟସତ୍ତାର କ୍ରିୟା ପାଇଁ ଏହି ଶରୀରଚର୍ଚ୍ଚା କେତେ଼ ଉପଯୋଗୀ ହୋଇପାରେ । କାରଣ ଯେତେବେଳେ ଚୈତ୍ୟସତ୍ତା ଏପରି ଏକ ସଙ୍ଗଠିତ ଓ ସୁସମଞ୍ଜସ ଯନ୍ତ୍ରର ଅଧିକାରୀ ହୋଇଥାଏ, ଯାହାକି ବଳ, ସାମର୍ଥ୍ୟ, ନମନୀୟତା ଓ ସମ୍ଭାବନାସବୁରେ ପରିପୂର୍ଣ୍ଣ — ସେତେବେଳେ ତାହାର କାମ ଅନେକ ଅଧିକ ସହଜ ହୋଇ ଉଠିବା ସ୍ୱାଭାବିକ ।

ମୁଁ ଏହା କହୁ ନାହିଁ ଯେ ଯେଉଁ ଲୋକମାନେ ଶରୀରଚର୍ଚ୍ଚାର ଅଭ୍ୟାସ କରନ୍ତି ସେମାନେ ସଚେତ ଭାବରେ ଏହି ଉଦ୍ଦେଶ୍ୟ ସାଧନ ପାଇଁ ତାହା କରନ୍ତି । କାରଣ ଖୁବ୍ କମ୍

ଲୋକହିଁ ଏହି ଫଳାଫଳ ସଂପର୍କରେ ସଚେତ । କିନ୍ତୁ ସେମାନେ ସଚେତ ହୁଅନ୍ତୁ ବା ନହୁଅନ୍ତୁ ଫଳାଫଳ ଏହାହିଁ ହୋଇଥାଏ । ଅଧିକନ୍ତୁ, ତୁମେ ଯଦି ଟିକେ ସଂବେଦନଶୀଳ ହୋଇଥିବ, ତୁମେ ଯେତେବେଳେ ଏକ ପ୍ରଣାଳୀଗତ ଓ ବୁଦ୍ଧିସଂପନ୍ନ ରୀତିରେ ଶରୀରଚର୍ଚ୍ଚାର ଅଭ୍ୟାସ କରିଥିବା କୌଣସି ଲୋକର ଚଳମାନ ଶରୀରକୁ ପର୍ଯ୍ୟବେକ୍ଷଣ କର, ତା'ହେଲେ ଦେଖିବ ତହିଁରେ ଏପରି ଏକ ଆଲୋକ, ଏପରି ଏକ ଚେତନା ଓ ଜୀବନ ରହିଛି ଯାହାକି ଅନ୍ୟମାନଙ୍କ ଭିତରେ ଦେଖିବାକୁ ମିଳେ ନାହିଁ ।

ସବୁ ସମୟରେ କେବଳ ବାହ୍ୟ ଦୃଷ୍ଟିସଂପନ୍ନ ଏପରି ଲୋକମାନେ ଥାଆନ୍ତି ଯେଉଁମାନେ କୁହନ୍ତି, ''ଶ୍ରମଜୀବୀମାନେ, ଯେଉଁମାନଙ୍କୁ କଠିନ ଶାରୀରିକ ପରିଶ୍ରମ କରିବାକୁ ପଡ଼ିଥାଏ ଏବଂ ଯେଉଁମାନେ ନିଜ କାମର ତାଗିଦାରେ ଅତ୍ୟଧିକ ଓଜନିଆ ଜିନିଷସବୁର ଭାର ବହନ କରିବାକୁ ବାଧ୍ୟ ହୁଅନ୍ତି – ସେମାନେ ମଧ୍ୟ ସେମାନଙ୍କ ମାଂସପେଶୀର ଗଠନ କରି ଥାଆନ୍ତି ଏବଂ ବଡ଼ ଲୋକମାନଙ୍କ ପରି ବାହ୍ୟ କିଛି କାମରେ ଲାଗୁ ନ ଥିବା କେବଳ ଶରୀରଚର୍ଚ୍ଚା କରିବା ପରିବର୍ତ୍ତେ ସେମାନେ ତ ଅନ୍ତତଃ କିଛି ଉତ୍ପାଦନମୂଳକ କାମ କରିଥାଆନ୍ତି ।'' ଏହି ଧରଣର ବିଚାର ପ୍ରକୃତରେ ଏକ ଅଜ୍ଞାନତା; କାରଣ ଶ୍ରମଭାରଗ୍ରସ୍ତ ବିଶେଷ କୌଣସି ଅଙ୍ଗର ସ୍ୱତନ୍ତ୍ର ଓ ସୀମିତ ପ୍ରୟୋଗ ଯୋଗୁଁ ମାଂସପେଶୀର ଯେଉଁ ବିକାଶ ଓ ଗଠନ ହୋଇଥାଏ ଏବଂ ଅନ୍ୟ ପକ୍ଷେ ଶରୀରଚର୍ଚ୍ଚାର ଏକ ସର୍ବାଙ୍ଗୀନ କାର୍ଯ୍ୟକ୍ରମ ଫଳରେ, ଯେଉଁଥିରେ କି ଶରୀରର କୌଣସି ଅଙ୍ଗକୁ ବାଦ୍ ଦିଆଯାଏ ନାହିଁ, ବ୍ୟାୟାମ ଆଦି କ୍ରିୟା ଯୋଗୁଁ ତହିଁରେ ଦୃଢ଼ ଇଚ୍ଛା ଓ ସୁସମଞ୍ଜସତା ସଂପନ୍ନ ଶରୀରଚର୍ଚ୍ଚା। ଫଳରେ ମାଂସପେଶୀର ଯେଉଁ ଗଠନ ଓ ବିକାଶ ହୋଇଥାଏ – ଏହି ଦୁଇଟି ଭିତରେ ଏକ ମୌଳିକ ପାର୍ଥକ୍ୟ ରହିଛି ।

ଶରୀରର କୌଣସି ବିଶେଷ ଅଙ୍ଗ ଉପରେ ଚାପ ପଡୁଥିବା ଯୋଗୁଁ କର୍ମରତ ଶ୍ରମିକ ଓ କୃଷକମାନଙ୍କର ମାଂସପେଶୀର ଯେଉଁ ବିକାଶ ହୁଏ, ତାହା କେବଳ ସ୍ୱତନ୍ତ୍ର କେଇଟି ମାଂସପେଶୀ କ୍ଷେତ୍ରରେହିଁ ହୋଇଥାଏ ଏବଂ ଶେଷକୁ ଅଧିକାଂଶ କ୍ଷେତ୍ରରେ ନାନା ଶାରୀରିକ ତ୍ରୁଟି, ଅଙ୍ଗହାନି ଓ ବିରୂପତା ଆଦି ଦେଖାଦିଏ । ଏହା କୌଣସି ଭାବରେ ସେମାନଙ୍କର ଚୈତ୍ୟ ବା ଅନ୍ତରାତ୍ମିକ ଅଗ୍ରଗତିରେ ସାହାଯ୍ୟ କରେ ନାହିଁ । କାରଣ, ଯଦିଓ ପୂରାଟା ଜୀବନ ଧାରଣ କରି ରହିବା ଯୋଗୁଁ ଚୈତ୍ୟ ବିକାଶ ପାଇଁ ତାହାର ନିଶ୍ଚୟ କିଛି ଅବଦାନ ରହିବ, କିନ୍ତୁ ତାହା ଏତେ ଅଚେତନ ଓ ମନ୍ଥର ଭାବରେ ହୋଇଥାଏ ଯେ ବିଚାରା ଚୈତ୍ୟସତ୍ତାକୁ ନିଜ ଲକ୍ଷ୍ୟ ସାଧନ ପାଇଁ ଅନିର୍ଦ୍ଦିଷ୍ଟ କାଳ ଧରି ବାରବାର ଜନ୍ମ ଗ୍ରହଣ କରିବାକୁ ପଡୁଥାଏ । ତେଣୁ ଆମେ ଭୁଲ୍ ହେବାର କୌଣସି ଭୟ ନ ରଖି କହିପାରୁ ଯେ ଶରୀରଚର୍ଚ୍ଚା ହେଉଛି ଶରୀରର ଏକ ସାଧନା ଏବଂ ସମସ୍ତ ସାଧନା ନିଶ୍ଚିତ ଭାବରେ ଲକ୍ଷ୍ୟ ପ୍ରାପ୍ତିକୁ ତ୍ୱରାନ୍ୱିତ କରିଥାଏ । ତୁମେ ଏହା ଯେତେ ଅଧିକ ସଚେତନତାର ସହ କରିବ, ଫଳାଫଳ ସେତେ ଅଧିକ ତୁରନ୍ତ ଓ ଅଧିକ ବ୍ୟାପକ ହେବ; ଏପରିକି ତୁମେ ଯଦି ଅନ୍ଧ ଭାବରେ ଏହା କରି ଚାଲ ଓ ତୁମେ ଅଙ୍ଗୁଳି ବା ନାକ ବା ପାଦର ଅଗଠାରୁ ଆଉ ଅଧିକ ଆଗକୁ କିଛି ଦେଖିପାର ନାହିଁ, ତଥାପି ମଧ୍ୟ ତୁମେ ତୁମର ସାଧାରଣ ସାର୍ବିକ ବିକାଶରେ ସାହାଯ୍ୟ କରିଥାଅ ।

ଶେଷରେ କୁହାଯାଇପାରେ ଯେ ଯେକୌଣସି ଶୃଙ୍ଖଳାକୁ ଯଦି ଦୃଢ଼ ଓ କଡ଼ାକଡ଼ି ଭାବରେ, ଆନ୍ତରିକ ଭାବରେ ସଂକଳ୍ପର ସହିତ ଅନୁସରଣ କରାଯାଏ ତେବେ ତହିଁରୁ ଉଲ୍ଲେଖଯୋଗ୍ୟ ସହାୟତା ମିଳିଥାଏ । କାରଣ ଏହା ପୃଥିବୀପୃଷ୍ଠରେ ଅଧିକ ଦ୍ରୁତତାର ସହ ନିଜର ଲକ୍ଷ୍ୟ ପୂରଣ ପାଇଁ ଜୀବନକୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ନୂତନ ଜୀବନର ଗ୍ରହଣ ପାଇଁ ମଧ୍ୟ ତାହାକୁ ପ୍ରସ୍ତୁତ କରିଥାଏ । ନିଜକୁ ଶୃଙ୍ଖଳିତ କରିବା ଅର୍ଥ ହେଉଛି ଏହି ନୂତନ ଜୀବନର ଆଗମନୀକୁ ଏବଂ ଅତିମାନସ ସତ୍ୟ ସହ ସଂପର୍କ ସ୍ଥାପନକୁ ତ୍ୱରାନ୍ୱିତ କରିବା ।

ବର୍ତ୍ତମାନର ଅବସ୍ଥାରେ ଦୈହିକ, ସ୍ଥୂଳ ଶରୀରଟି ପ୍ରକୃତରେ ଆତ୍ମାର ଶାଶ୍ୱତ ଜୀବନର ଏକ ଅତି ବିରୂପ ଛାୟା ଛଡ଼ା ଅଧିକ କିଛି ନୁହେଁ । କିନ୍ତୁ ଏହି ସ୍ଥୂଳଦୈହିକ ଶରୀର ମଧ୍ୟ ପ୍ରଗତିଶୀଳ ବିକାଶ ପାଇଁ ସମର୍ଥ ଏବଂ ପ୍ରତ୍ୟେକଟି ବ୍ୟକ୍ତି-ରୂପର ଗଠନ ମାଧ୍ୟମରେ ଦୈହିକ ଉପାଦାନ ମଧ୍ୟ ବିକାଶ ଓ ପ୍ରଗତି ପଥରେ ଆଗେଇ ଚାଲିଥାଏ ଏବଂ ଏପରି ଏକ ଦିନ ନିଶ୍ଚୟ ଆସିବ ଯେତେବେଳେ କି ଆମେ ଜାଣୁଥିବା ଏହି ଦୈହିକ ଜୀବନ ଏବଂ ଅଭିବ୍ୟକ୍ତ ହେବାକୁ ଯାଉଥିବା ଅତିମାନସ ଜୀବନ ଭିତରେ ଏହା ଏକ ସଂଯୋଗ ସେତୁ ନିର୍ମାଣ କରିବା ପାଇଁ ସମର୍ଥ ହୋଇ ଉଠିବ ।

(CWM, Vol. 10, p. 29 - 32)

# ଯୋଗ ଓ ଦିବ୍ୟ ଯୋଜନାରେ ତାହାର ଭୂମିକା

## ଶ୍ରୀଅରବିନ୍ଦ

ଯୋଗ ହେଉଛି ଜୀବନର ବାଧାବିପତ୍ତିର ଗ୍ରନ୍ଥି-ମୋଚନ । ଶୁଦ୍ଧି, ମୁକ୍ତି, ସିଦ୍ଧି ଓ ଭୁକ୍ତି ହେଉଛି ଯୋଗର ଚାରିଟି ଗଠନକାରୀ ଉପାଦାନ । ମନ, ହୃଦୟ, ଜୀବନ ଓ ଶରୀରକୁ ଭଗବାନଙ୍କ କାମରେହିଁ ନିୟୋଜିତ କରିବାକୁ ହେବ । ପୃଥିବୀପୃଷ୍ଠରେ, ମଣିଷ ଭିତରେ ଆତ୍ମାର ତଥା ତାହାର ଆଲୋକ, ତାହାର ଶକ୍ତି, ତାହାର ଆନନ୍ଦ ଓ ତାହାର ଏକତ୍ୱର ଉନ୍ମୀଳନ ହେଉଛି ଦିବ୍ୟ-ଯୋଜନାର ଏକ ସାର, ମୌଳିକ ଅଂଶ ଏବଂ ତାହାହିଁ ହେଉଛି ଜାଗତିକ ଓ ମାନବ ସୃଷ୍ଟିର ସୁସ୍ପଷ୍ଟ ଅନ୍ତର୍ନିହିତ ଉଦ୍ଦେଶ୍ୟ । ଜାଗତିକ ପ୍ରକୃତିର ପିଣ୍ଡ ମୂଳରୁ ଉତ୍ପନ୍ନ ହୋଇ ମନୁଷ୍ୟବର୍ଗ ଭିତରେ ଜୀବନ ପରିଣତ ହୁଏ ଈଶ୍ୱରତ୍ୱର ପୁଷ୍ପ ଓ ପ୍ରାଣରସରେ । ସେହି ଈଶ୍ୱରତ୍ୱ ଭିତରକୁ ବିକଶିତ ହେବା, ଈଶ୍ୱରଙ୍କ ଭିତରେ ବାସ କରିବା ଏବଂ ବିଶ୍ୱଭାବ ଓ ଦିବ୍ୟଭାବସଂପନ୍ନ ବ୍ୟକ୍ତି-ରୂପର ମାଧ୍ୟମରେ ସକଳ କର୍ମସମ୍ପନ୍ନ କରିବା ହେଉଛି ଦିବ୍ୟ ଜୀବନଯାପନ କରିବାର ଚୂଡ଼ାନ୍ତ ସାର୍ଥକତା ।

ଏହି ଭାବରେହିଁ ଆମେ ଆମ ଆପାତ ବନ୍ଧନରୁ ଆମର ଯଥାର୍ଥ ମୁକ୍ତି ଭିତରକୁ ଉତ୍ଥିତ ହୋଇପାରୁ, ଯାହା ଏକ ଦ୍ୱୈତ ବିଭାବର ସମନ୍ୱୟ, ଆତ୍ମପ୍ରତିଷ୍ଠ ସ୍ୱାଧୀନତା ଏବଂ ପୂର୍ଣ୍ଣାଙ୍ଗ ଆତ୍ମକର୍ତ୍ତୃତ୍ୱ ଓ ପ୍ରଭୁତ୍ୱ, ସ୍ୱରାଜ୍ୟ ଓ ସାମ୍ରାଜ୍ୟ । ଅନନ୍ତ ଆଧ୍ୟାତ୍ମିକ ଚେତନାରେ ଅମରତ୍ୱ ହେଉଛି ଏକ ଦିବ୍ୟ ପ୍ରତିଷ୍ଠା । ଅମରତ୍ୱ ଓ ମୁକ୍ତିର ଅବସ୍ଥା ସତ୍ତାର ବିଶ୍ୱମୟତା ଭିତରକୁ ବ୍ୟକ୍ତିର ଏକ ଅନ୍ତର୍ଦ୍ଧାନ ନୁହେଁ, କିଂବା କୌଣସି ଅନିର୍ଦ୍ଦେଶ୍ୟ ଅସ୍ତିତ୍ୱ ଭିତରକୁ ତାହାର ସମ୍ପୂର୍ଣ୍ଣ ବିଲୋପ ନୁହେଁ । ଏହା ଅହଂ ଭିତରେ ନିଜ ପାଇଁ ଜୀବନ ଧାରଣ ନୁହେଁ, ଏହା ହେଉଛି ଆମ ଭିତରେ ଥିବା ଭଗବାନଙ୍କ ପାଇଁ, ମନୁଷ୍ୟ ଭିତରେ ଥିବା ଭଗବାନଙ୍କ ପାଇଁ ଏବଂ ସେହି ପରମ ଏକ, ବିଶ୍ୱମୟ ଆତ୍ମାର ପୂର୍ଣ୍ଣାଙ୍ଗ ସଂଗତି ଭିତରେ ରହିଥିବା ଭଗବାନଙ୍କ ପାଇଁ ଜୀବନ ଧାରଣ କରିବା । ଏହା ହେଉଛି ନିଜ ଭିତରେ ସଚ୍ଚିଦାନନ୍ଦଙ୍କୁ ଧାରଣ କରିବା ଓ ବିଶ୍ୱ ଭିତରେ ତାହାଙ୍କୁ ପ୍ରକାଶ କରିବା । ଆମର ମରତ୍ୱର ଯାଥାର୍ଥ୍ୟ ପ୍ରତିପାଦିତ ହୁଏ କେବଳ ଆମ ଅମରତ୍ୱର ଆଲୋକରେ । କେବଳ ଉର୍ଦ୍ଧ୍ୱର ସ୍ୱର୍ଗଲୋକଗୁଡ଼ିକ ପ୍ରତି ନିଜକୁ ଉନ୍ମୋଚିତ କରିଦେବା ଦ୍ୱାରାହିଁ ପୃଥିବୀ ନିଜକୁ ପୂର୍ଣ୍ଣ ରୂପେ ଜାଣିପାରିବ । ବ୍ୟକ୍ତି ନିଜକୁ ଯଥାର୍ଥ ରୂପେ ଜାଣିପାରିବ ଏବଂ ଦିବ୍ୟ ଭାବରେ ନିଜ ସଂସାରର ଉପଯୋଗ କରି ପାରିବ କେବଳ ଯେତେବେଳେ ସେ ଆଲୋକର ଦର୍ଶନ ପାଇଥାଏ ଏବଂ ଭଗବାନଙ୍କ ଶକ୍ତି ଭିତରେ ଜୀବନ ଧାରଣ କରି ରହିଥାଏ ।

(ଶୁଦ୍ଧାନନ୍ଦ ଭାରତୀଙ୍କ ଲିଖିତ ତାମିଲ ପୁସ୍ତକ 'ଶ୍ରୀଅରବିନ୍ଦ ପ୍ରକାଶମ୍'
ପାଇଁ ୧୯୩୨ ଅକ୍ଟୋବର ପହିଲାରେ ପ୍ରଦତ୍ତ ବାର୍ତ୍ତା ।)

(Sri Aurobindo's action, Vol. 34, No. 9. Page. 3)

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଚରମବାଦ ନୁହେଁ, ଜାତୀୟତାବାଦ

କୌତୂହଳର ବିଷୟ ଏଇ ଯେ ଦୀର୍ଘକାଳ ଧରି ପ୍ରଚାରର ଏବଂ ନୂତନ ରାଜନୀତିର ଅତି ସ୍ୱଚ୍ଛ ଓ ନିର୍ଦ୍ଦିଷ୍ଟ ବିବରଣମାନ ପ୍ରକାଶ ପାଇବାର ଅନେକ ମାସ ପରେ ବି ଜାତୀୟତାବାଦୀ ଦଳର ଆଭିମୁଖ୍ୟ ସମ୍ପର୍କରେ ତଥା ସେମାନେ ଉତ୍ଥାପନ କରିଥିବା ମୌଳିକ ସମସ୍ୟାଗୁଡ଼ିକୁ ନେଇ ଅତିଶୟ ବିଶୃଙ୍ଖଳା ଉପୁଜିଛି । ଏଇ ବିଶୃଙ୍ଖଳା ସୃଷ୍ଟି ହୋଇଛି ଅନେକ ପରିମାଣରେ ତଥ୍ୟର ଅପଳାପ ଯୋଗୁଁ ଏବଂ ଅସଲ ସମସ୍ୟାଗୁଡ଼ିକର ଉପେକ୍ଷା କରା ଯାଉଥିବାରୁ । ବିଶେଷତଃ ପରମ ରାଜଭକ୍ତ ସାମ୍ବାଦିକବୃନ୍ଦ, ସେମାନେ ଭାରତୀୟ କିଂବା ଆଙ୍ଗ୍ଲୋ-ଭାରତୀୟ ଯାହା ବି ହୋଇ ଥାଆନ୍ତୁ ନା କାହିଁକି, ଭୁଲବଶତଃ ଚରମପନ୍ଥୀ ବୋଲି ଆଖ୍ୟା ପାଇଥିବା ଦଳଟିର ପ୍ରକୃତ ସ୍ଥିତିକୁ ଉପେକ୍ଷା କରିବା ପାଇଁ ବାଧ୍ୟ, କାରଣ ଏହାର ଶାଣିତ ଓ ଦୁର୍ବାର ଯୁକ୍ତି ଏବଂ ସାଧାରଣ ଜ୍ଞାନର ସମ୍ମୁଖୀନ ହେବା ପାଇଁ ସେମାନେ ଅକ୍ଷମ । କିନ୍ତୁ ଭାରତୀୟ ରାଜନୀତିଜ୍ଞମାନଙ୍କ ମଧ୍ୟରୁ ବେଶୀଭାଗ ଭୁଲ୍ ଅର୍ଥ କରି ବସିବାଟା ଯଥାର୍ଥ । ସାମ୍ପ୍ରତିକ ଗୋଷ୍ଠୀର ରାଜନୈତିକ ଶିକ୍ଷାରେ ଏପରି ପ୍ରସଙ୍ଗମାନ ରହିଛି ଯାହା ଅଭୂତପୂର୍ବ ଓ ଆଲୋଡ଼ନ ସୃଷ୍ଟିକାରୀ ସେମାନଙ୍କ ବଦ୍ଧମୂଳ ରାଜନୈତିକ ଭାବଧାରା ପ୍ରତି,– କିଂବା ସେମାନଙ୍କର ବରଂ ସେଇ ଚିରାଚରିତ ଅବାସ୍ତବ ଚିନ୍ତାଧାରା ପ୍ରତି ଯାହା ବନ୍ଧା ହୋଇ ରହିଛି ନିମ୍ନମାନର ନିୟମଗୁଡ଼ିକରେ, ଆଉ ସେଇସବୁ ନିୟମଗୁଡ଼ିକ ଯେଉଁ ଆଦର୍ଶର ସ୍ଥାନଟିକୁ ମାଡ଼ି ବସିଛି ତା'ର ପ୍ରକୃତ ଧର୍ମକୁ ସେମାନେ ବୁଝିପାରି ନାହାନ୍ତି ଏବଂ ତୀବ୍ର ବିରକ୍ତି ଓ ବିରାଗ ଯୋଗୁଁ ତହିଁରୁ ମୁହଁ ଫେରେଇ ନେଇଛନ୍ତି ନିଜେ ସମୟ ଦେଇ ତାକୁ ବୁଝିବା ପୂର୍ବରୁ । ଏଇ ଭ୍ରମ ଧାରଣା ଭିତରେ ସବୁଠୁ ଦୁଃସାଧ୍ୟ ଧାରଣାଟି ଅନୁସାରେ ନୂତନ ରାଜନୀତି ହେଉଛି ଏକ ହତାଶା ଜର୍ଜରିତ ମନ୍ତ୍ରଣା, ଏକ ଉନ୍ମାଦଗ୍ରସ୍ତ ବୈପ୍ଳବିକ ଆକ୍ରୋଶର ଉଦ୍‌ଗୀରଣ ଯାହା କର୍ଜନଙ୍କ ଶାସନନୀତି-ଜନିତ(Curzonian) ପ୍ରତିକ୍ରିୟା ଦ୍ୱାରା ପ୍ରରୋଚିତ ହୋଇ ଉଠିଛି । ଏଇ ଭ୍ରାନ୍ତିକୁ ଆମେ ଅବମାନନାପୂର୍ବକ ଉପେକ୍ଷା କରିପାରୁ, ଯେତେବେଳେ ନିର୍ବୋଧ, ପୂର୍ବକଳ୍ପିତ ଅବବୋଧରେ ଆଚ୍ଛନ୍ନ କିଂବା ମିଥ୍ୟାଭିମାନୀ ସମାଲୋଚକମାନେ, ଯେଉଁମାନେ କି ଖାଲି ଚେଷ୍ଟା କରି ଲାଗନ୍ତି ଆନ୍ଦୋଳନ ଉପରେ କଳଙ୍କର ଛିଟା ମାରିବା ପାଇଁ କିଂବା ଯୁବପିଢ଼ିର ରାଜନୀତିଜ୍ଞମାନଙ୍କ ଉପରେ ସେମାନଙ୍କର ଜ୍ଞାନଦୀପ୍ତ ଶ୍ରେଷ୍ଠତ୍ୱକୁ ଜାହିର କରିବା ପାଇଁ । କିନ୍ତୁ ଯେତେବେଳେ ଜଣେ ନିଷ୍ପକ୍ଷ ଏବଂ ନୀତିବାନ ପ୍ରତିଦ୍ୱନ୍ଦ୍ୱୀ ଜାତୀୟବାଦୀର ସ୍ଥିତିକୁ ସଙ୍କୋଚଭାବେ ବୁଝିବା ପାଇଁ ପ୍ରୟାସ କରେ ସେ ମଧ୍ୟ ସେଇ ଭ୍ରମରେ ପଡ଼ିଯାଏ, ଆମକୁ ଏହାର ସମ୍ମୁଖୀନ ହେବାକୁ ପଡ଼ିବ, ଆଉ ଥରେ ଆମର ସ୍ଥିତିକୁ ପରିସ୍ଫୁଟ କରିବାକୁ ହେବ, ଭ୍ରମାତ୍ମକ ବୁଝାମଣା କିଂବା ସଂଶୟର ଉର୍ଦ୍ଧ୍ୱରେ ରହି ।

ଆମର କିଛି ବନ୍ଧୁ ଭାବି ନେଇଛନ୍ତି ଯେ ସର୍ବୋଚ୍ଚ ବିଧାନ ପରିଷଦ (Supreme Legislative Council)ରେ ଡକ୍ଟର ରାସବିହାରୀ ଘୋଷଙ୍କ ଭାଷଣକୁ ସମାଲୋଚନା କଲାବେଳେ ଆମେ ଅଯଥା କଟୁଭାଷା ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ଆହୁରି ମଧ୍ୟ ଅନୁଚିତ ଭାବ ପ୍ରଦର୍ଶନ କରିଥିଲୁ । ସେମାନେ ଜୋର୍ ଦେଇ କହୁଛନ୍ତି ଯେ ଡକ୍ଟର ଘୋଷ ଅନ୍ତତଃ ଚରମପନ୍ଥୀମାନଙ୍କର ଦୃଷ୍ଟିଭଙ୍ଗୀକୁ ପ୍ରବଳ ଉତ୍ସାହରେ ତଥା ପ୍ରାଞ୍ଜଳଭାବେ ସାହସର ସହିତ ଉପସ୍ଥାପିତ କରିଥିଲେ ଏବଂ ଜଣେ ବ୍ୟକ୍ତି ହିସାବରେ ସେ ନିଜେ ବଡ଼ ଧରଣର ସଫଳତା ସହିତ ଏହାକୁ ସମ୍ପନ୍ନ କରିଥିଲେ ଆମ ଦଳର ବାହାରେ ରହି । ବ୍ୟକ୍ତିଗତଭାବେ ଡକ୍ଟର ରାସବିହାରୀ ଘୋଷଙ୍କ ପ୍ରତି ଆମର ସବୁପ୍ରକାର ଶ୍ରଦ୍ଧା ରହିଛି । ସେ ବୋଧହୁଏ ଭାରତବର୍ଷରେ ଆଇନ ବିଶାରଦଭାବେ ସବୁଠୁ ଅଗ୍ରଣୀ, ସେ ଯେକି ଜଣେ ବିଦ୍ୱାନ୍ ଏବଂ ଇଂରେଜ ଭାଷାରେ ବେଶ୍ ଦକ୍ଷ, ସେ ତାଙ୍କ ନିଜସ୍ୱ ଶୈଳୀର ଅଧିକାର ଭିତରେ ସାହିତ୍ୟର ଏକ ଆକାର, ଏତେ ସମୃଦ୍ଧ ଓ ବିଦ୍‌ବତ୍ତାରେ ଭରପୂର ସେ ସାହିତ୍ୟ, ଯାହାକି ବିଧାନ ପରିଷଦର ଅଭିଭାଷଣତୁଲ୍ୟ ଏହିପରି ନିତିଦିନିଆ ପ୍ରୟୋଗ ଆଡ଼କୁ ଢଳି ଯିବାଟା ଅସମ୍ଭବ ନୁହେଁ । କିନ୍ତୁ ଆଇନ ଓ ସାହିତ୍ୟରେ ଗୌରବ ଅର୍ଜନ କଲେ ଯେ ରାଜନୀତିକୁ ସହଜରେ ଧରି ହେବ ତା' ନୁହେଁ । ଏବେ ନିକଟରେ ଡକ୍ଟରେ ଘୋଷ ଏଇ କ୍ଷେତ୍ର ଆଡ଼କୁ ତାଙ୍କର ଦୃଷ୍ଟି ପକେଇଛନ୍ତି ଏବଂ

ରାଜନୀତିରେ ବାସ୍ତବ ପରିସ୍ଥିତିଗୁଡ଼ିକ ସହିତ ସମ୍ପର୍କ ରଖିବା ଦିଗରେ ସେ ସେମିତି ସୁଦୀର୍ଘ ପଥ ଅତିକ୍ରମ କରି ନାହାନ୍ତି ଯେ ଯାହାଫଳରେ ସେସବୁର ପ୍ରକୃତ ଉପଲବ୍ଧି ତାଙ୍କ ପକ୍ଷେ ସମ୍ଭବ ହେବ । ତେଣୁ ଏହା ସ୍ୱାଭାବିକ ଯେ ଚଳନ୍ତି ରାଜନୀତିର ଦୃଷ୍ଟିଭଙ୍ଗୀ ପାଖରେ ପହଞ୍ଚିବା ନିମନ୍ତେ ନାମଯଶଗୁଡ଼ିକର ସୀମାକୁ ଭେଦ କରି ଆରପଟକୁ ଯିବା ପରିବର୍ତ୍ତେ ସେଇ ନାମଯଶ ଦ୍ୱାରାହିଁ ସେ ବାଟ ଭୁଲି ଯାଇଛନ୍ତି । ଯେଉଁ ସାଧାରଣ ଡାକ ନାମ (nick-names)ରେ ନରମପନ୍ଥୀ ଓ ଚରମ-ପନ୍ଥୀମାନେ ମାର୍କାମରା ହୋଇ ଗଲେଣି ସେଥିରୁ ଦଳର ସଠିକ୍ ଚିତ୍ର ମିଳିପାରିବ ନାହିଁ; ତେଣୁ ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ଅସଲ ପାର୍ଥକ୍ୟଜନିତ ଧାରଣାରୁ ଉତ୍ପନ୍ନ ଅତ୍ୟଧିକ ବିଭ୍ରାନ୍ତିକର ପରିସ୍ଥିତି ପାଇଁ ସେଇମାନେହିଁ ଦାୟୀ । ଡକ୍‌ଟର ଘୋଷ ପ୍ରକାଶ୍ୟ ଭାବେ ପ୍ରୟାସ କରି ଚାଲିଛନ୍ତି ଏମିତି ଅନ୍ୟମାନଙ୍କ ପରି, ଚରମପନ୍ଥୀରୂପକ ଅଶରୀରୀ ତାଙ୍କୁ ଘାରିଛି । ସେ କଳ୍ପନା କରିଛନ୍ତି ଯେ ଦୁଇଗୋଷ୍ଠୀ ଭିତରେ ବିଦ୍ୟମାନ ରହିଥିବା ଗୁରୁତ୍ୱପୂର୍ଣ୍ଣ ତାରତମ୍ୟ ହେଉଛି ଆଭିମୁଖ୍ୟରେ ଓ ଅନୁଭବର ତୀବ୍ରତାରେ । ତାଙ୍କ ମତରେ ଚରମପନ୍ଥୀମାନେ ହେଲେ ସେଇସବୁ ମଣିଷ ଯେଉଁମାନେ ଅତ୍ୟାଚାର ଭୋଗି ବିଦ୍ରୋହୀ ମନୋଭାବାପନ୍ନ ହୋଇ ପଡ଼ିଛନ୍ତି ଯାହା ବିଜ୍ଞଜନମାନଙ୍କୁ ମଧ୍ୟ ଉଦ୍‌ଭ୍ରାନ୍ତ କରିଦିଏ । ''ପ୍ରାଚୀନ ମିଶରଦେଶୀୟ ଗୋଲାମି ଅପେକ୍ଷା ଅଧିକ ପ୍ରଶାସନିକ ପ୍ରତିକ୍ରିୟାରେ ଅତିଷ୍ଠ ବ୍ରିଟିଶ ସରକାର ବ୍ରିଟିଶ ଜାତି ହାତରେ ଅବସ୍ଥା ସୁଧୁରିଯିବା ନେଇ ହତୋତ୍ସାହିତ, ଘୋର ନୈରାଶ୍ୟ ଜର୍ଜରିତ, ଅଧୀର ଭାବର ଉତ୍ତେଜନାରେ ଏକ ଚରମ ମନୋବୃତ୍ତି ଓ ଚରମପନ୍ଥାଗୁଡ଼ିକର ସମର୍ଥନ କରି ଚାଲିଛନ୍ତି ସେମାନେ'' । ଚରମପନ୍ଥୀମାନଙ୍କର ପ୍ରଚାର ସେଇଥିପାଇଁ ହେଉଛି କୁଶାସନ ବିରୁଦ୍ଧରେ ଏକ ପ୍ରତିବାଦ, ବିଦ୍ରୋହ ଅଭିମୁଖେ ମୁହାଁଇଥିବା ହତାଶାର ଏକ ଆନ୍ଦୋଳନ । ଜାତୀୟତାବାଦୀର ସ୍ଥିତି ସମ୍ପର୍କରେ ଏଇ ବିବରଣୀକୁ ଗ୍ରହଣ କରିବା ପାଇଁ ଆମେ ନାଚାର । ଅପରପକ୍ଷେ ଏହା ଏତେ କୃତିତ୍ୱର ସହିତ ସାମ୍ପ୍ରତିକ ରାଜନୀତିକୁ ଏଭଳି ଭାବେ ଚିତ୍ରଣ କରିଛି ଯାହା ବାସ୍ତବିକ ସେଇୟା ନୁହଁ । ତେଣୁ ଆମେ ଏଇଟାକୁ ଆମ କୈଫୟତ୍‌ର ଆଦି ବିନ୍ଦୁ ବୋଲି ବୁଝି ନେଇଛୁ ଏଇୟା ସୂଚେଇ ଦେବା ପାଇଁ ଯେ ସେଇ ସାମ୍ପ୍ରତିକ ରାଜନୀତି କ'ଣ ହୋଇପାରେ ।

ନୂତନ ଆନ୍ଦୋଳନ ମୁଖ୍ୟତଃ ମନ୍ଦ ସରକାର ବିରୁଦ୍ଧରେ ଏକ ପ୍ରତିବାଦ ନୁହେଁ — ତାହା ହେଲା ଏକ ପ୍ରତିବାଦ ବ୍ରିଟିଶ ଶାସନର ନିରବଚ୍ଛିନ୍ନ କାର୍ଯ୍ୟକାଳ ବିରୁଦ୍ଧରେ; ଏଇ ଶାସନ ଭଲ କିଂବା ମନ୍ଦ ହୋଇଥାଉ, ନ୍ୟାୟସଂଗତ କିଂବା ଅନ୍ୟାୟବଶତଃ ହୋଇଥାଉ ତାହା ଏକ ଗୌଣ କିଂବା ଅନାବଶ୍ୟକ ବିଚାର ହୋଇଥାଉ । ବ୍ରିଟିଶ ନାଗରିକତ୍ୱର ସ୍ୱୀକୃତି ପାଇଁ ନୈରାଶ୍ୟ-ଜର୍ଜରିତ ଉତ୍କଣ୍ଠାରୁ ଏହାର ସୃଷ୍ଟି ହୋଇନି,— ଏହାର ଉଦ୍‌ଭବ ଏକ ଅଟଳ ପ୍ରତ୍ୟୟରୁ ଯେ ସେଇ ମୁହୂର୍ତ୍ତ ଆସି ଉପଗତ ଯେତେବେଳେ ଭାରତ ଏକ ମହାନ୍, ମୁକ୍ତ ଆଉ ଐକ୍ୟବଦ୍ଧ ଜାତିରେ ପରିଣତ ହୋଇପାରିବ, ପରିଣତ ହେବା ଉଚିତ ଏବଂ ନିଶ୍ଚୟ ହେବ ମଧ୍ୟ । ଏହା ଧ୍ୱଂସର ଏକ ନକାରାତ୍ମକ ସ୍ରୋତ ନୁହେଁ, କିନ୍ତୁ ଆଧୁନିକ ଭାରତର ନିର୍ମାଣ ଅଭିମୁଖୀ ଏକ ସକାରାତ୍ମକ ଗଠନମୂଳକ ଉନ୍ମାଦନା । ଏହା ବିଦ୍ରୋହ କିଂବା ହତାଶାର ଆର୍ତ୍ତନାଦ ନୁହେଁ କିନ୍ତୁ ଜାତୀୟ ବିଶ୍ୱାସ ଏବଂ ପ୍ରତ୍ୟାଶାର ସିଦ୍ଧାନ୍ତ । ଏହାର ଅସଲି ଚିତ୍ରଣରେ ଚରମବାଦର ଲେଶମାତ୍ର ଗନ୍ଧ ନାହିଁ, ଅଛି ଗଣତାନ୍ତ୍ରିକ ଜାତୀୟତାବାଦ ।

ଏଗୁଡ଼ିକ ସବୁ ପ୍ରକୃତ ସମସ୍ୟା । ବର୍ତ୍ତମାନ ଭାରତରେ ଦୁଇଟି ଦଳ ନାହାନ୍ତି କିନ୍ତୁ ତିନୋଟି ଦଳ ଅଛନ୍ତି,— ରାଜଭକ୍ତ (Loyalists) ନରମପନ୍ଥୀ (Moderates) ଓ ଜାତୀୟତାବାଦୀ (Nationalists) । ବ୍ରିଟିଶ ଶାସକମାନଙ୍କର ଉତ୍ତମ ସରକାର ମିଳିଲେ ଆଉ ପ୍ରଶାସନରେ ସୀମିତ ଭାଗ ପାଇଲେ ଏଇ ରାଜଭକ୍ତମାନେ ସନ୍ତୁଷ୍ଟ ହୋଇଯାଆନ୍ତି; ନରମପନ୍ଥୀମାନେ ବ୍ରିଟିଶ ସାମ୍ରାଜ୍ୟ ଭିତରେ ରହି ସ୍ୱୟଂ ଶାସନକୁ ଚାହାନ୍ତି, କିନ୍ତୁ ଏଥିପାଇଁ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତୀକ୍ଷା କରି ପାରିବେ; ଜାତୀୟବାଦୀମାନେ ସ୍ୱାଧୀନତା ବ୍ୟତିରେକେ ଆଉ ଊଣା କେଉଁଥିରେ ହେଲେ ସେମାନେ ତୃପ୍ତ ହୋଇପାରିବେ ନାହିଁ, ସେପରି ସ୍ୱାଧୀନତା ବ୍ରିଟିଶ ସାମ୍ରାଜ୍ୟ ଭିତରେ ରହି ଅବା ବାହାରେ ଥାଇ ପ୍ରାପ୍ତ ହେଉ ପଛେ; ସେମାନଙ୍କର ବିଶ୍ୱାସ ଯେ ଏ ଜାତି ପ୍ରତୀକ୍ଷା କରିପାରିବ ନାହିଁ କିଂବା ପ୍ରତୀକ୍ଷା କରିବା ବି ସମୀଚୀନ ନୁହେଁ, କିନ୍ତୁ ଏକ ଜାତି ହିସାବରେ ଯଦି ନିଜର ବିଲୟ ପ୍ରାପ୍ତ ହେବାକୁ ନଥାଏ ତା'ହେଲେ ସହସା ଏହା କାର୍ଯ୍ୟ ସାଧନରେ ବ୍ରତୀ ହୋଇଯିବ । ରାଜଭକ୍ତମାନଙ୍କର ଧାରଣା ଯେ ସ୍ୱାଧୀନତା ପାଇଁ ଭାରତୀୟମାନଙ୍କର ଆବଶ୍ୟକୀୟ ସାମର୍ଥ୍ୟ ଓ ଗୁଣାବଳୀ ନାହିଁ ପରନ୍ତୁ ଯଦି ସେମାନେ ଆବଶ୍ୟକୀୟ ଯୋଗ୍ୟତାର ବିକାଶ ସାଧନ କରିପାରନ୍ତି ତା'ହେଲେ ଅବା ସେମାନେ ନିଜ ପାଇଁ ଓ ମଣିଷଜାତି ପାଇଁ କିଛି ଅଧିକ ଭଲ

କାମ କରିବେ ବ୍ରିଟିଶ ସାମ୍ରାଜ୍ୟର ଏକ ରାଜ୍ୟ ହିସାବରେ ରହିବା ଦ୍ୱାରା; ସେମାନେ ଭାବି ନିଅନ୍ତି ଯେ ସ୍ୱାଧୀନତା ନିମିତ୍ତ କୌଣସି ଉଦ୍ୟମ ହେଉଛି ତ୍ରାଣକର୍ତ୍ତା ଭଗବାନ୍‌ଙ୍କ ବିରୋଧରେ ଗୋଟିଏ ବିଦ୍ରୋହ ଏବଂ ତାହା ଦେଶ ପାଇଁ ଘୋର ବିପର୍ଯ୍ୟୟ ସୃଷ୍ଟି କରିବା ବ୍ୟତୀତ ଆଉ କିଛି ହେଲେ କରିପାରିବ ନାହିଁ । ରାଜଭକ୍ତମାନେ (Loyalists) ଭାବନ୍ତି ଯେ ଭାରତବର୍ଷ ସ୍ୱାଧୀନ, ମହାନ୍ ଓ ଏକ ଐକ୍ୟବଦ୍ଧ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ, ହେବା ବି ଉଚିତ ନୁହେଁ ଆଉ ହେବ ବି ନାହିଁ । ନରମପନ୍ଥୀମାନଙ୍କର ବିଶ୍ୱାସ ସ୍ୱାଧୀନତା ପ୍ରାପ୍ତିର ଲକ୍ଷ୍ୟ ପଛରେ ଧାଇଁବା ଅର୍ଥ ଅତି ଦୁର୍ବଳ ଓ ଭାଗ ଭାଗ ହୋଇଯିବା । ସ୍ୱାଧୀନତା ଯଦି ଏମିତି ଆସିଯାଏ ତ ସେମାନେ ତାକୁ ସ୍ୱାଗତ କରିବେ; କିନ୍ତୁ ସେମାନଙ୍କର ଆଦୌ ହୃଦ୍‌ବୋଧ ହେଉନି ଯେ ହାତ ପାଆନ୍ତାରେ ଉଙ୍କିମାରୁଥିବା ଭବିଷ୍ୟତ୍ ଭିତରେ ସ୍ୱାଧୀନତାକୁ ହାସଲ କରିବା ପାଇଁ କିଂବା ହାସଲ କରି ନେଲେ ତାକୁ ସାଇତି ରଖିବା ପାଇଁ ସମ୍ବଳ ଓ ପରାକ୍ରମ ଆମ୍ଭମାନଙ୍କର ରହିଛି ଓ ରହିଥିବ । ତେଣୁ ସେମାନେ ଔପନିବେଶିକ ସ୍ୱାୟତ୍ତ-ଶାସନ (Colonial Self Government)କୁ ସେମାନଙ୍କର ଲକ୍ଷ୍ୟ ରୂପେ ଉପସ୍ଥାପିତ କରୁଛନ୍ତି, ଆଉ ଯେଉଁସବୁ ଶୃଙ୍ଖଳିତ ବ୍ୟବସ୍ଥା ଭିତର ଦେଇ ଗଲେ ଜାତି ଭିତରେ ଶକ୍ତି ଏବଂ ସଂହତି ସମ୍ପର୍କରେ ଅନୁମାନ କରିହୁଏ, ସେଥିପାଇଁ କିଛି ପ୍ରୟାସ କରାଗଲେ ସେପରି ବ୍ୟବସ୍ଥାରେ ସେମାନେ ଅନିଚ୍ଛା ପ୍ରକାଶ କରନ୍ତି । ନରମପନ୍ଥୀର ଦୃଷ୍ଟିଭଙ୍ଗୀ ହେଲା ପରିଶେଷରେ ଭାରତ ହୁଏତ ସଂଗଠିତ ହୋଇପାରେ, ନିଜ ସୀମା ଭିତରେ ଥାଇ ସ୍ୱୟଂଶାସିତ ଓ ସମୃଦ୍ଧ ହୋଇପାରେ କିନ୍ତୁ ସ୍ୱାଧୀନ ଓ ମହାନ୍ ହୋଇପାରିବ ନାହିଁ । ଜାତୀୟତାବାଦୀମାନଙ୍କର ଦୃଷ୍ଟିଭଙ୍ଗୀ ହେଲା ଅନ୍ୟ କୌଣସି ପରାଧୀନ ଜାତିମାନଙ୍କ ପରି ଭାରତୀୟମାନେ ମୁକ୍ତି ଲାଭ କରିବା ପାଇଁ ସମର୍ଥ ଆଉ ସେମାନଙ୍କ ଦୋଷତ୍ରୁଟିଗୁଡ଼ିକ ହେଉଛି ଦାସତ୍ୱର ପରିଣତି ଓ ତାହା ମୁକ୍ତି ପାଇଁ ସଂଗ୍ରାମ ଦ୍ୱାରାହିଁ ଦୂର କରାଯାଇ ପାରିବ; ସେମାନଙ୍କର ଯେ ଶକ୍ତି ଅଛି, ଯଦି ସଂକଳ୍ପ ଆସେ ତା'ହେଲେ ସେମାନେ ସ୍ୱାଧୀନତା ହାସଲ କରିବା ପାଇଁ ଉପଯୁକ୍ତ ସାଧନର ଉପାୟ ସୃଷ୍ଟି କରି ପାରିବେ । ସେମାନେ ମତବ୍ୟକ୍ତ କରି କହନ୍ତି ଯେ ତାଙ୍କର ପସନ୍ଦ ସୀମିତ ନୁହେଁ, ସ୍ୱାୟତ୍ତ ଶାସନ (Autonomy) ଏବଂ ପ୍ରାଦେଶିକ ସ୍ୱରାଜ୍ୟ (Provincial Home Rule) ଭିତରେ, ସ୍ୱାଧୀନତା ଓ ପରାଧୀନତା ଭିତରେ ଆଉ ଜାତୀୟ ଅବକ୍ଷୟ ଓ ମୃତ୍ୟୁ ଭିତରେ । ପରିଶେଷରେ ସେମାନେ କହୁଛନ୍ତି ଯେ ଆମ ଦେଶର ଅତୀତ ଇତିହାସ ଏବଂ ଅଧୁନାତନ ପରିସ୍ଥିତିଗୁଡ଼ିକ ସବୁ ଏମିତି ହୋଇଛି ଯେ ଅଦ୍ୟାବଧି ନାନା ଅନତିକ୍ରମଣୀୟ ପ୍ରତିବନ୍ଧକ ଦ୍ୱାରା ବିଭ୍ରାନ୍ତ ହୋଇ ପଡ଼ିଥିବା ମହାନ୍ ଐକ୍ୟର ପ୍ରବୃତ୍ତିଗୁଡ଼ିକ ଶେଷରେ ଦେଖି ପାରିଛି ଉପଯୁକ୍ତ ବାତାବରଣକୁ ସାଫଲ୍ୟ ଅର୍ଜନ କରିବା ସକାଶେ । ସେମାନଙ୍କର ବିଶ୍ୱାସ, ଭାରତୀୟ ଏକତା ଓ ମୁକ୍ତିର ବିଧିନିର୍ଦ୍ଦିଷ୍ଟ ମୁହୂର୍ତ୍ତ ଉପଗତ ହୋଇଛି । ସଂକ୍ଷେପରେ କହିବାକୁ ଗଲେ ସେମାନେ ହୃଦ୍‌ବୋଧ କରିଛନ୍ତି ଯେ ଭାରତ ମୁକ୍ତ ହେବା ପାଇଁ ଅହରହ ପ୍ରୟାସ କରି ଚାଲିବା ଉଚିତ, ସେ ଯେ ସ୍ୱାଧୀନ ହୋଇପାରେ ଆଉ ସ୍ୱାଧୀନ ହେବ ନିଶ୍ଚୟ, ଅତୀତ ଓ ବର୍ତ୍ତମାନର ପ୍ରେରଣାକୁ ପାଥେୟ କରି, ଦୁର୍ନିବାର ଭାବେ ଜାତୀୟ ଆତ୍ମଜ୍ଞାନର ସାଧନା ଏବଂ ସିଦ୍ଧି ଅଭିମୁଖେ ଆକର୍ଷିତ ହୋଇ । ଜାତୀୟତାବାଦୀଙ୍କର ଆଦର୍ଶର ସାରତତ୍ତ୍ୱ ହେଉଛି ବିଶ୍ୱାସ ଓ ଆଶାର ଏକ ବେଦବାକ୍ୟ ।

[ବନ୍ଦେ ମାତରମ୍, ଏପ୍ରିଲ ୨୬, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

ତୁମର ପ୍ରାଣିକ ସତ୍ତାର ଦରଜାରେ ବର୍ତ୍ତମାନଠାରୁ ଶ୍ରୀମାଙ୍କର ଏହି ବିଜ୍ଞପ୍ତିଟି ରଖିଦିଅ, ''ଏହା ପରଠାରୁ କେବେ ବି ଏଠାରେ କୌଣସି ମିଥ୍ୟା ପ୍ରବେଶ କରି ପାରିବ ନାହିଁ'' ଏବଂ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ତଦାରଖ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କରିଦିଅ ।

— ଶ୍ରୀଅରବିନ୍ଦ

# ୧୯୨୬ ମସିହା ନଭେମ୍ବର ମାସ ୨୪ ତାରିଖ

## ଶ୍ରୀ ନୀରଦବରଣ

୧୯୨୬ ମସିହା ବେଳକୁ ଆଶ୍ରମବାସୀଙ୍କ ସଂଖ୍ୟା ବଢ଼ିଯାଇ ପଚିଶି ଜଣ ପାଖାପାଖି ହୋଇ ଯାଇଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ବଙ୍ଗଳା, ଗୁଜରାଟ ଏବଂ ଦକ୍ଷିଣ ଭାରତରୁ ଆସିଥିଲେ, କେବଳ ଦତ୍ତା ଓ ପବିତ୍ର ଏଇ ଦୁଇଜଣ ଆମ ଦେଶ ବାହାରୁ ଅର୍ଥାତ୍ ସମୁଦ୍ର ସେପାରିରୁ ଆସି ଯୋଗ ଦେଇ ଥିଲେ । ଆଶ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ହେବାର ସମୟ ଉପଗତ ହୋଇ ଯାଇଥିଲା ।

ଆମେମାନେ ଏବେ ସେଇ ମହାନ୍ ଦିବସର ସନ୍ନିକଟକୁ ଆସିଯିବା ଯାହାକୁ ୧୯୨୬ ନଭେମ୍ବର ମାସ ୨୪ ତାରିଖ ବୋଲି ଆମେ ଜାଣିଛେ – ସେଇ ଦିବ୍ୟ ସିଦ୍ଧିଦିବସ । କିଛି ଦିନ ଧରି ଶିଷ୍ୟଗଣ ଲକ୍ଷ୍ୟ କରୁଥିଲେ ଯେ ଶ୍ରୀଅରବିନ୍ଦ ଅଧିକାଧିକ କାଳ ତାଙ୍କ ସାଧନାରେ ମଗ୍ନ ରହୁଛନ୍ତି । ଅନେକ ସମୟରେ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯିବା ପରେ ବିଳମ୍ବରେ ସାନ୍ଧ୍ୟବୈଠକ ନିମନ୍ତେ ଆସୁଥିଲେ । ଦିନକର କଥା, ସେଇ ଆଳାପ-ଆଲୋଚନାରେ ଯୋଗଦେବାକୁ ସେ ଭୋର ଦୁଇଟାବେଳେ ଆସିଥିଲେ ! ଆଶ୍ରମିକମାନେ ବି ଅନୁଭବ କରୁଥିଲେ କିଛି ଏକ ଉଚ୍ଚତର ଶକ୍ତି ଯେପରି ଅବତରଣ କରିବାକୁ ଯାଉଛି; ଏବଂ ଏଇ ନିଶ୍ଚିତ ସମ୍ଭାବନାର ଇଙ୍ଗିତ ଶ୍ରୀଅରବିନ୍ଦଙ୍କର ବିଭିନ୍ନ କଥାବାର୍ତ୍ତାରୁ, ଆଲୋଚନା ପ୍ରସଙ୍ଗରୁ ମିଳୁଥିଲା ଯାହା ସେମାନଙ୍କର ପ୍ରତ୍ୟାଶାକୁ ଦୃଢ଼ କରୁଥିଲା । ୧୯୨୫ ମସିହାରେ ଶ୍ରୀଅରବିନ୍ଦଙ୍କ ଜନ୍ମ-ଦିବସରେ ଶ୍ରୀଅରବିନ୍ଦ କହିଥିଲେ ଯେ ବିଶ୍ୱର ବାତାବରଣ ଓ ଅବସ୍ଥା ଏବେ ଅତିମାନସର ଅବତରଣ ଦିଗରେ ଅନେକ ବେଶୀ ଅନୁକୂଳ ହୋଇ ଉଠୁଛି । ସେଦିନର ଆଲୋଚନାରେ ସେ ବ୍ୟକ୍ତ କରିଥିଲେ :

''ପ୍ରଥମତଃ : ଏଇ ପାର୍ଥିବ ଜଗତ୍ ସଂପର୍କୀୟ ଜ୍ଞାନର ଭଣ୍ଡାର ଏପରି ଏକ ବିଶାଳ ସ୍ତରକୁ ଆସିଗଲାଣି ଯେପରି ଏହା ତା'ର ସୀମାରେଖାକୁ ଭାଙ୍ଗି ଦେବାକୁ ବାହାରିଛି ।

''ଦ୍ୱିତୀୟତଃ : ସାରା ପୃଥିବୀରେ ଏବେ ଏକ ପ୍ରୟାସ ଚାଲିଛି ଯେ ବହିରଙ୍ଗ ଓ ଅନ୍ତରଙ୍ଗ ମନ ଭିତରେ, ପ୍ରାଣର ବହିଃପ୍ରଦେଶ ଓ ଆନ୍ତର ପ୍ରଦେଶ ମଧ୍ୟରେ ତଥା ଏପରିକି ଭୌତିକ ଶରୀରର ବାହାର ଓ ଅନ୍ତର ମଧ୍ୟରେ ଥିବା ପରଦା ଦୀର୍ଣ୍ଣ ହୋଇ ଛିନ୍ନ ହୋଇଯିବାକୁ ବାହାରିଲାଣି । ମନୁଷ୍ୟ ବର୍ତ୍ତମାନ କ୍ରମଶଃ ଚୈତ୍ୟଧର୍ମ-ସମ୍ପନ୍ନ ହେବାକୁ ପ୍ରଯତ୍ନ କଲାଣି ।

''ତୃତୀୟତଃ : ପ୍ରାଣ ଦେହସତ୍ତା ଉପରେ ଏପରି ପ୍ରଭୁତ୍ୱ କରିବାକୁ ବସିଲାଣି, ଯାହା ଆଗରୁ କେବେ ଦେଖାଯାଉ ନ ଥିଲା ।... ଆଧୁନିକ ବିଜ୍ଞାନର ଆବିଷ୍କାରାଦି ଫଳରେ ପୃଥିବୀ ଏକତ୍ୱର ବନ୍ଧନରେ ଯୁକ୍ତ ହୋଇ ଉଠୁଛି ।... ଏଇ ଯେଉଁ ଉଚ୍ଚତର ସତ୍ୟର ଏକତା, ତାହା ଓହ୍ଲାଇ ଆସିବା ନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛି; ଏବଂ ଅବଶ୍ୟ, ଏହା ଫଳରେ କିଛି ଅସୁବିଧା ମଧ୍ୟ ଦେଖା ଦେଇପାରେ ।

''ଚତୁର୍ଥତଃ : ଏପରି ଲୋକସବୁ ଆସିବେ, ଯେଉଁମାନେ ନିଜର ପ୍ରାଣ-ପ୍ରାଚୁର୍ଯ୍ୟ ବଳରେ ବହୁ ବ୍ୟକ୍ତିଙ୍କ ଉପରେ ପ୍ରବଳ ପ୍ରଭାବ ବିସ୍ତାର କରିବେ ।

''ଏଇସବୁ ଲକ୍ଷଣରୁ ଇଙ୍ଗିତ ମିଳୁଛି ଯେ ବିଶ୍ୱଜନୀନ ପରିସ୍ଥିତି ଆଗ ଅପେକ୍ଷା ଏବେ ଅଧିକ ମାତ୍ରାରେ ପ୍ରସ୍ତୁତ ହୋଇ ଉଠୁଛି ଉଚ୍ଚତର ଶକ୍ତିର ଅବତରଣ ଲାଗି ।''

ଏକଥା ବ୍ୟକ୍ତ କରିବା ପରେ ମଧ୍ୟ ସେ ବେଶ୍ ଜୋର୍ ଦେଇ କହୁଥିଲେ ଯେ ସେ ସମୟରେ ଜାଗତିକ ବାୟୁ-ମଣ୍ଡଳରେ ସତ୍ୟର ଅବତରଣ ଲାଗି ପ୍ରଭୂତ ବାଧା ଉପସ୍ଥିତ ହେଉଥିଲା । ସେ କହିଛନ୍ତି ସେ ସମୟରେ, ''ଯେତେ ଯେତେ ଉଚ୍ଚତର ଆଲୋକ ଓ ଶକ୍ତି ଓହ୍ଲାଇ ଆସୁଛି, ସେତେ ସେତେ ଅଧିକ ପ୍ରତିରୋଧ ନିମ୍ନରୁ ଉଠୁଛି । ତୁମେ ନିଜେ ଅନୁଭବ କରୁଥିବ ଯେ କିଛି ଏକ ଜିନିଷ ପ୍ରବଳ ଚାପ ଦେଇ ପ୍ରବେଶ କରିବାକୁ ଯାଉଛି ଏବଂ ଏହା ସହିତ କିଛି ଏକ ପ୍ରତିବନ୍ଧକ ଶକ୍ତ ବେଗରେ ତାହାର ଅନୁପ୍ରବେଶକୁ ଠେଲି ଦେଉଛି ତଳଆଡୁ – ଏକଥା ବି ଅନୁଭବ କରୁଥିବ ।... ମୁଁ ତ ଆଉ ଏକାକୀ ନିଜ ପାଇଁ ଯୋଗ-ସାଧନା କରୁ ନାହିଁ;... ଯଦି ମୋର ନିଜର ମୁକ୍ତି ପାଇଁ, ସିଦ୍ଧି ପାଇଁ ସେପରି ଯୋଗ କରୁଥା'ନ୍ତି, ତେବେ କେଉଁଦିନଠାରୁ ମୋର ସାଧନା ଶେଷ ହୋଇ ସାରନ୍ତାଣି ।''

ଏବେ ଆମେ ନଭେମ୍ବର ୨୪ ତାରିଖ, ୧୯୨୬ ମସିହାକୁ ଫେରିଯିବା । ସେଦିନ ଚବିଶ ଜଣ ଶିଷ୍ୟଙ୍କର ସୌଭାଗ୍ୟ ଥିଲା ସେଇ ଯୁଗାନ୍ତକାରୀ ମୁହୂର୍ତ୍ତରେ ଉପସ୍ଥିତ ରହିବାର । ସେମାନଙ୍କ ମଧ୍ୟରୁ ପୁରାଣୀ ଅନ୍ୟତମ, ଆଉ ଏଠି ମୁଁ ତାଙ୍କର 'Life of

Sri Aurobindo' ଗ୍ରନ୍ଥରୁ ଉଦ୍ଧୃତି ସହ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କର ବିବରଣୀ ଦେବାକୁ ଯାଉଛି । ତାହା ଏଇପରି :

''୧୯୨୬ ମସିହା ନଭେମ୍ବର ମାସର ଆରମ୍ଭରୁ ହିଁ ଏକ ଉଚ୍ଚତର ଶକ୍ତିର ଚାପ ଅନୁଭବ କରାଯାଉଥିଲା, ସେ ଶକ୍ତିର ଚାପ ଅସହ୍ୟ ଭଳି ବୋଧ ହେଉଥିଲା । ଅବଶେଷରେ ସେଇ ମହତୀ ଦିବସ ଉପସ୍ଥିତ ହେଲା : ଯେଉଁଦିନଟିର ଆଗମନକୁ ଶ୍ରୀମା ଅନେକ ବର୍ଷ ଧରି ପ୍ରତୀକ୍ଷା କରିଥିଲେ, ଯାହା ନଭେମ୍ବର ୨୪ ତାରିଖରେ ଉପନୀତ ହେଲା । ସୂର୍ଯ୍ୟ ଅସ୍ତ ପ୍ରାୟ । ପ୍ରତ୍ୟେକ ଆଶ୍ରମିକ ନିଜ ନିଜ କାମ ନେଇ ବ୍ୟସ୍ତ, କେହି କେହି ସମୁଦ୍ରକୂଳକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ । ଏପରି ସମୟରେ ମା'ଙ୍କ ପାଖରୁ ଡାକରା ଆସିଲା – ଉପର ମହଲା ବାରଣ୍ଡାରେ, ପ୍ରତ୍ୟହ ଯେଉଁଠି ସାଧାରଣତଃ ଧ୍ୟାନ କରାହୁଏ, ସେଠାରେ ଯେତେ ଶୀଘ୍ର ସମ୍ଭବ ସମସ୍ତେ ଆସି ରୁଣ୍ଡ ହେବା ପାଇଁ ମା କହି ପଠାଇଲେ । ସନ୍ଧ୍ୟାଦଟି ପହଞ୍ଚିବା ପାଇଁ ଅଧିକ ସମୟ ଲାଗିଲା ନାହିଁ । ତୁରନ୍ତ ସଂଧ୍ୟା ୬ଟା ସୁଦ୍ଧା ସମସ୍ତ ଶିଷ୍ୟ ଏକତ୍ର ହୋଇଗଲେ । ତମସା ଘନୀଭୂତ ହେବାକୁ ଆରମ୍ଭ କଲା । ବାରଣ୍ଡାର କାନ୍ଥରେ ଶ୍ରୀଅରବିନ୍ଦଙ୍କର ଦରଜା ପାଖରେ ଠିକ୍ ତାଙ୍କ ଚୌକିର ପଛରେ ଏକ ରେଶମୀ କଳା ପରଦା ଟଙ୍ଗା ହୋଇଥିଲା, ସେଥିରେ ଚୀନଦେଶୀୟ ତିନୋଟି ଡ୍ରାଗନ୍‌ର ଚିତ୍ର ଅଙ୍କନ କରାଯାଇଥିଲା – ପରଦାର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏଁ ସମୁଦାୟ ଅଂଶ ସେଇ ଚିତ୍ରାଙ୍କନରେ ଭରିଥିଲା, ଯେଉଁଥିରେ ଗୋଟିକର ଲାଞ୍ଜ ଅନ୍ୟଟିର ମୁଖ-ଗହ୍ୱରରେ ପ୍ରବେଶ କରିଛି । ଆମେ ପରେ ଜାଣିବାକୁ ପାଇଲୁ ଯେ ଚୀନଦେଶରେ ଏକ କିଂବଦନ୍ତୀ ଅଛି ଯେ ଯେଉଁ ସମୟରେ ତିନୋଟି ଡ୍ରାଗନ୍‌ଙ୍କର (ଅର୍ଥାତ୍, ପୃଥ୍ୱୀଲୋକର ଡ୍ରାଗନ୍, ମଧ୍ୟବର୍ତ୍ତୀ ଅନ୍ତରୀକ୍ଷର ଡ୍ରାଗନ୍ ଏବଂ ସ୍ୱର୍ଲୋକର ଡ୍ରାଗନ୍) ସମାବେଶ ଘଟିବ, ସେଇ ଶୁଭକ୍ଷଣରେ ଦିବ୍ୟ ସତ୍ୟର ପ୍ରକାଶ ଘଟିବ ଏଇ ମର୍ତ୍ତ୍ୟଭୂମିରେ । ଆଜି ଏଇ ୨୪ ନଭେମ୍ବରରେ ସେଇ ଶୁଭକ୍ଷଣ ଉପସ୍ଥିତ ଯେତେବେଳେ ପରମ ସତ୍ୟର ଅବତରଣ ସମ୍ଭବ ହୋଇଛି – ଚିତ୍ରାଙ୍କିତ ପରଦାର ଏଇ ପ୍ରତୀକାର୍ଥ ସାର୍ଥକ ହୋଇଛି ।

''ସମସ୍ତ ଶିଷ୍ୟମଣ୍ଡଳୀ ସେ ସ୍ଥାନରେ ଏକତ୍ରିତ ହେଲେ, ବାତାବରଣରେ ବିମଳ ପ୍ରଶାନ୍ତି ବିରାଜ କରୁଥିଲା; ଆମମାନଙ୍କ ମଧ୍ୟରୁ ଅନେକେହିଁ ଆଲୋକର ବନ୍ୟା ଯେପରି ଊର୍ଦ୍ଧ୍ୱରୁ ତଳକୁ ବହି ଆସୁଛି – ସେଇପରି ପ୍ରତ୍ୟକ୍ଷ ଅନୁଭବ କରୁଥିଲେ; ପ୍ରତ୍ୟେକଟି ଶିଷ୍ୟ ଆପଣା ମସ୍ତକ ଉପରେ ଏକ ଚାପ ଅନୁଭବ କରୁଥିଲେ । ସଂପୂର୍ଣ୍ଣ ବାୟୁମଣ୍ଡଳରେ ଯେପରି ବିଦ୍ୟୁତ୍-ତରଙ୍ଗ ସଂଚାଳିତ ହେଉଥିଲା । ସେଇ ନିସ୍ତବ୍ଧତା ମଧ୍ୟରେ, ସଂହତ ପ୍ରତ୍ୟାଶାର ଓ ଅଭୀପ୍ସାର ବାତାବରଣ ମଧ୍ୟରେ ସେଇ ବିଦ୍ୟୁତାୟିତ ପରିବେଶ ଭିତରକୁ ଦରଜାର ଆରପଟୁ ଏକ ଅସ୍ୱାଭାବିକ ଠକ୍-ଠକ୍ ଶବ୍ଦ ଶୁଣାଗଲା । ବାଞ୍ଛିତ ମୁହୂର୍ତ୍ତ ଲାଗୁଥିଲା ବନ୍ଧ ଭାଙ୍ଗିବା ଭଳି । ମା'ଙ୍କୁ ଓ ଶ୍ରୀଅରବିନ୍ଦଙ୍କୁ ଅର୍ଦ୍ଧ-ଉନ୍ମୀଳିତ ଦୁଆର ଭିତର ଦେଇ ଦେଖିବାକୁ ମିଳିଲା । ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ବାହାରିବା ଲାଗି ମା' ଇଙ୍ଗିତ ଦ୍ୱାରା ଅନୁରୋଧ କରୁଥିଲେ ଆଉ ଶ୍ରୀଅରବିନ୍ଦ ମଧ୍ୟ ମା'ଙ୍କୁ ସେଇଭଳି ପ୍ରଥମେ ପ୍ରବେଶ କରିବା ପାଇଁ ସୂଚିତ କରୁଥିଲେ । ଶ୍ରୀମା ତାଙ୍କର ମହିମମୟ ପଦକ୍ଷେପରେ ଆଗେଇ ଆସିଲେ ଆଉ ଶ୍ରୀଅରବିନ୍ଦ ତାଙ୍କ ପଛରେ ରାଜକୀୟ ଗରିମା ସହ ବାରଣ୍ଡାକୁ ପ୍ରବେଶ କଲେ । ସେଦିନ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ରହୁଥିବା ଟେବୁଲଟିକୁ ସେଠାରୁ ଉଠାଇ ଦିଆଯାଇଥିଲା । ଶ୍ରୀଅରବିନ୍ଦ ବସିବା ପରେ ମା ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଏକ ଛୋଟ ଷ୍ଟୁଲ୍ ଉପରେ ଆସନ ଗ୍ରହଣ କଲେ ।

''ପରିପୂର୍ଣ୍ଣ ନୀରବତା – ଜୀବନ୍ତ ନୀରବତା, ଖାଲି ସଜୀବ ନୁହେଁ, ବରଂ ସେଇଟି ଯେପରି ଦିବ୍ୟ ସୁଷମାମଣ୍ଡିତ ଥିଲା । ଧ୍ୟାନରେ ସମସ୍ତେ ବସିଲେ, ପ୍ରାୟ ପଞ୍ଚଚାଳିଶ ମିନିଟ ହେବ; ତପ୍ରେ ସମବେତ ଶିଷ୍ୟ ଜଣକ ପରେ ଜଣେ ଶ୍ରୀମାଙ୍କ ପାଦ ନିକଟରେ ପ୍ରଣିପାତ ହେଲେ । ପ୍ରତିଟି ପ୍ରଣାମ ପରେ ଶ୍ରୀଅରବିନ୍ଦଙ୍କର ଦକ୍ଷିଣହସ୍ତ ପ୍ରସାରିତ ହୋଇ ଆସୁଥିଲା ମା'ଙ୍କର ପଶ୍ଚାତରୁ – ସତେ ଯେପରି ସିଏ ମା'ଙ୍କ ମଧ୍ୟ ଦେଇ ଆଶିଷ ଢାଳି ଦେଉଛନ୍ତି । ଏଇ ପ୍ରଣାମ ଓ ଆଶୀର୍ବାଦ ଶେଷ ହେବା ପରେ ଅଳ୍ପ ସମୟ ଲାଗି ସେଇ ପୂର୍ଣ୍ଣ ନୀରବତା ଭିତରେ ଧ୍ୟାନ ହେଲା ।

''ଏଇ ଶାନ୍ତ ଧ୍ୟାନ ଓ ଆଶିଷ ପର୍ବ ଚାଲୁଥିଲା ବେଳେ ଆମ ଭିତରୁ ଅନେକଙ୍କର ସୁସ୍ପଷ୍ଟ ଧରଣର କିଛି ନା କିଛି ଅଭିଜ୍ଞତା ହୋଇଥିଲା । ସବୁ ଅନୁଷ୍ଠାନ ସରିବା ପରେ ସମସ୍ତେ ପ୍ରାୟ ଅନୁଭବ କଲେ ଯେପରି ଏକ ଦିବ୍ୟସ୍ୱପ୍ନରୁ ଉତ୍ଥିତ ହୋଇଛନ୍ତି – ସେତେବେଳ ଯାଏଁ ଯାହା ଘଟିଗଲା, ସେଇ ସଂଘଟନର ମହିମା, ସ୍ୱର୍ଗୀୟ କାବ୍ୟମୟତା ତଥା ପରମ ସୌନ୍ଦର୍ଯ୍ୟର ସୁଧା ସମସ୍ତଙ୍କର ନିଜ ନିଜ ଅନ୍ତରରେ ପ୍ରତ୍ୟକ୍ଷ ଅନୁଭୂତିରେ ଆସିଗଲା । କେବଳ ପୃଥିବୀର ଗୋଟିଏ

କୋଣରେ କତିପୟ ମୁଷ୍ଟିମେୟ ଶିଷ୍ୟ ଯେ ପରମୋଚ୍ଚ ପ୍ରଭୁଙ୍କର ତଥା ଜଗଜ୍ଜନନୀଙ୍କର ଆଶିଷ ଲାଭ କରିଥିଲେ, ଏଇ ଅବତରଣର ମହତ୍ତ୍ୱ ସେତିକିରେ ଶେଷ ହୋଇଗଲା ନାହିଁ – ତା' ଅପେକ୍ଷା ବହୁଗୁଣରେ ଥିଲା ଏହାର ତାତ୍ପର୍ଯ୍ୟ । ଏହା ନିଶ୍ଚିତ ଯେ ଉଚ୍ଚତର ଏକ ଚେତନଶକ୍ତି ଧରାଧାମ ଉପରକୁ ଓହ୍ଲାଇ ଆସିଲା, ଏକ ମହତୀ ଆଧ୍ୟାତ୍ମିକ କର୍ମର ପ୍ରାରମ୍ଭିକ ପର୍ବର ସୂତ୍ରପାତ ହେଲା – ସେଇ ଗଭୀର ନିସ୍ତବ୍ଧତା ଭିତରେ ଏକ ସବୁଜ ଚାରାବୃକ୍ଷର ରୋପଣ ହେଲା – ଏକ ବିପୁଳ ବଟବୃକ୍ଷର ଅଙ୍କୁରୋଦ୍‌ଗମ ଘଟିଲା । ଏଇ ଯୁଗାନ୍ତକାରୀ ସଂଘଟନର ତାତ୍ପର୍ଯ୍ୟ ଦୈବ-ପ୍ରେରଣାବଶତଃ ନିଃଶବ୍ଦରେ ପୃଥିବୀର ସର୍ବତ୍ର ସର୍ବଲୋକରେ ସଂଚାରିତ ହୋଇଗଲା ତାହାର ଅପାର୍ଥିବ ଗରିମା ଓ ମର୍ଯ୍ୟାଦାର ପ୍ରାଚୁର୍ଯ୍ୟ ନେଇ ଏବଂ ଧରାର ଛୋଟ ବଡ଼ କର୍ମ ଓ ପଦକ୍ଷେପର ସୌନ୍ଦର୍ଯ୍ୟରେ ତାହା ଖେଳିଗଲା । ସେଦିନ ସେଠାରେ ଥିବା ପ୍ରତ୍ୟେକଟି ଶିଷ୍ୟର ହୃଦୟ ଗହ୍ୱରରେ ସେଇ ଦିବ୍ୟତାର ଗଭୀର ଛାପ ଅମୂଲ୍ୟ ସମ୍ପଦ ହୋଇ ରହିଗଲା ।

''ଶ୍ରୀମା ଓ ଶ୍ରୀଅରବିନ୍ଦ ଭିତରକୁ ଚାଲିଗଲେ । ତତ୍‌କ୍ଷଣାତ୍ ଦତ୍ତା ଅନୁପ୍ରେରିତ ହେବା ଭଳି ନୈଶବ୍ଦ୍ୟକୁ ଭଙ୍ଗ କରି କହି ଉଠିଲେ – 'ଆଜି ଭଗବାନ୍ ପାର୍ଥିବ ଜଗତ୍ ମଧ୍ୟକୁ ଓହ୍ଲାଇ ଆସିଲେ !' ''

ତୁମ୍ଭେମାନେ ପଚାରିପାର – ଯେଉଁ 'ସିଦ୍ଧି ଦିବସ'କୁ ମା 'ବିଜୟର ଦିବସ' ବୋଲି ଘୋଷଣା କରିଛନ୍ତି ତା'ର ଅର୍ଥ ବା ତାତ୍ପର୍ଯ୍ୟ କ'ଣ ? ଏହି ଭଳି ଏକ ଅଧ୍ୟାତ୍ମ ସଂଘଟନର, ବିଶେଷ କରି ଏ ପ୍ରକାର ବିପୁଳ ବୈଶିଷ୍ଟ୍ୟ ରଖୁଥିବା ଅନୁଷ୍ଠାନଟିର ଖାଲି ମନୋଗତ ବିଶ୍ଳେଷଣ ଯଥେଷ୍ଟ ହେବ ନାହିଁ, ବରଂ ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଭାଷାରେ ଏହାର ବିଶେଷତ୍ୱ ଶୁଣିବା । ଗୋଟିଏ ପତ୍ରରେ ସେ ଏଇ ଲେଖକଙ୍କୁ ଜଣାଇଥିଲେ : ''୧୯୨୬ ମସିହା ନଭେମ୍ବର ୨୪ ତାରିଖ ହେଉଛି ସେଇଦିନଟି ଯେଉଁଦିନ ଶରୀରସତ୍ତା ମଧ୍ୟକୁ ଶ୍ରୀକୃଷ୍ଣଙ୍କର ଆବିର୍ଭାବ ଘଟିଥିଲା । ଏଇ ଆବିର୍ଭାବର ଅର୍ଥ ଅଧିମାନସ ଈଶ୍ୱରଙ୍କର ଅବତରଣ – ଯାହା ଅତିମାନସ ଚେତନାର ଅବତରଣ ଲାଗି କ୍ଷେତ୍ର ପ୍ରସ୍ତୁତ କରିବ ।'' ଶ୍ରୀଅରବିନ୍ଦ ଆଉ ଜଣେ ଶିଷ୍ୟଙ୍କୁ ମଧ୍ୟ ପତ୍ରରେ ଜଣାଇଥିଲେ : ''ଶ୍ରୀକୃଷ୍ଣ ପୃଥିବୀର ଏଇ ଭୌତିକ ଆଧାର ମଧ୍ୟକୁ ଅବତରଣ କଲେ ଏଇ ନଭେମ୍ବର ୨୪ ତାରିଖରେ । ଶ୍ରୀକୃଷ୍ଣ ଅତିମାନସ ଚେତନାର ଆଲୋକ ନୁହନ୍ତି; ଶ୍ରୀକୃଷ୍ଣ-ଚେତନାର ଅବତରଣ ଅର୍ଥ ଅଧିମାନସ-ଦିବ୍ୟତା ଉପଲବ୍ଧିର ପରିପୂର୍ଣ୍ଣ ପ୍ରକାଶ ଯାହା ଅତିମାନସ ଏବଂ ଆନନ୍ଦର ଅବତରଣ ସକାଶେ ଦ୍ୱାରୋନ୍ମୋଚନ କରିବ, ପଥ ପ୍ରସ୍ତୁତ କରିବ, ନିଜେ ତାହା ନ ଆଣିଲେ ମଧ୍ୟ । ଶ୍ରୀକୃଷ୍ଣ ହେଉଛନ୍ତି ଆନନ୍ଦମୟ, ସେ ବିବର୍ତ୍ତନକୁ ଅଧିମାନସର ପଥ ଦେଇ ଅଗ୍ରସର କରାଇ ନେଉଛନ୍ତି ଆନନ୍ଦ ଦିଗରେ ।''

ଶ୍ରୀଅରବିନ୍ଦ ଆମକୁ କହିଥିଲେ ଯେ ମାନସ ଭୂମି ଓ ଅତିମାନସ ଭୂମି ମଧ୍ୟରେ ଅନେକଗୁଡ଼ିଏ ସ୍ତରଭେଦ ବା ମଧ୍ୟବର୍ତ୍ତୀ ଚେତନାର ଭୂମି ରହିଛି ଏବଂ ପ୍ରତ୍ୟେକଟି ଚେତନାର ସ୍ତରରେ ଅନୁରୂପ ସ୍ୱତନ୍ତ୍ର ଜ୍ୟୋତିଃ, ଶକ୍ତି ଓ ଜ୍ଞାନ ରହିଛି; ଏଗୁଡ଼ିକ ମଧ୍ୟରେ ଅଧିମାନସ ଚେତନାର ସ୍ତରଟି ଉଚ୍ଚତମ ପର୍ଯ୍ୟାୟର । ଏକଥା ମଧ୍ୟ ସେ କହିଥିଲେ ଯେ ଅଧିମାନସ ସ୍ତରରେ ଉପନୀତ ହେବା ଓ ତାକୁ ଓହ୍ଲାଇ ଆଣିବା ଏକାନ୍ତ ପ୍ରୟୋଜନ ଥିଲା, ଏହା ବ୍ୟତୀତ ଏବଂ ଏହା ପୂର୍ବରୁ ଅତିମାନସ ଚେତନାର ଅବତରଣ ଘଟିବା ସମ୍ଭବ ନୁହେଁ । 'ଶ୍ରୀକୃଷ୍ଣ-ଚେତନାର ଅବତରଣ' ଅଧିମାନସ ଉପଲବ୍ଧିର ସାର୍ଥକ ପରିପୂର୍ଣ୍ଣ ପ୍ରକାଶ – ତା' ଅର୍ଥ ଶ୍ରୀଅରବିନ୍ଦଙ୍କ ଏକାନ୍ତ ଭୌତିକ ଚେତନା ମଧ୍ୟକୁ ଦିବ୍ୟଶକ୍ତି ଅବତରଣ କରି ଆସିଲା; ଫଳରେ ତାଙ୍କର ଏଥିପୂର୍ବରୁ ହୋଇଥିବା ସମସ୍ତ ସାଧନା ଓ ଉପଲବ୍ଧି ଏଇ ଚରମ ସିଦ୍ଧିରେ ସମ୍ମିଳିତ ହେଲା । ଏଇ ସିଦ୍ଧି ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନାର କ୍ଷେତ୍ରରେ ଏକ ଚୂଡ଼ାନ୍ତ ପର୍ଯ୍ୟାୟ ଥିଲା, ଏବଂ ଏହା ଥିଲା ଅତିମାନସ ଶକ୍ତିର ଅବତରଣ ସକାଶେ ପଥ ପ୍ରସ୍ତୁତି, ଯାହା ଶ୍ରୀଅରବିନ୍ଦଙ୍କ ଯୋଗର ଚରମ ଲକ୍ଷ୍ୟ ।

ବାହାର ଜଗତରେ ମଧ୍ୟ ବିରାଟ ପରିବର୍ତ୍ତନ ଦେଖାଗଲା । ଶ୍ରୀଅରବିନ୍ଦ ଜଣାଇ ଦେଲେ ଯେ ଏହାର ପରବର୍ତ୍ତୀ ସମୟ ଗଭୀର ସାଧନାରେ ମଗ୍ନ ହେବା ପାଇଁ ସେ ପୂର୍ଣ୍ଣ ଏକାନ୍ତବାସ ଗ୍ରହଣ କରିବେ । ଏବେଠାରୁ ଶ୍ରୀମାହିଁ ପ୍ରତ୍ୟକ୍ଷ ଭାବରେ ସାଧକ ଶିଷ୍ୟ-ମଣ୍ଡଳୀଙ୍କ ସାଧନାର ଦାୟିତ୍ୱ ଗ୍ରହଣ କଲେ – ସେମାନଙ୍କର ଆନ୍ତର ସାଧନା ଓ ଆଶ୍ରମ ପରିଚାଳନାର ଭାର । ଏଇ ସମସ୍ତ କାରଣରୁ ୧୯୨୬ ମସିହା ନଭେମ୍ବର ୨୪ ତାରିଖକୁ ଶ୍ରୀଅରବିନ୍ଦ ଆଶ୍ରମର ପ୍ରତିଷ୍ଠା ଦିବସ ଭାବରେ ମାନ୍ୟତା ଦିଆଯାଉଛି ।

(ନୀରଦବରଣଙ୍କର *Sri Aurobindo for All Ages* ପୁସ୍ତକର 'Beginning of the Ashram' ଅଧ୍ୟାୟରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❑

ବେଦରହସ୍ୟ - (ଦ୍ୱିତୀୟ ଭାଗ) : ନିର୍ବାଚିତ ସୂକ୍ତାବଳୀ – ୧୦

# ଅଶ୍ୱିନୌ, ଆନନ୍ଦର ଦେବ

## (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୫, ଋଷି : ବାମଦେବ)

## ଶ୍ରୀଅରବିନ୍ଦ

*(ପୂର୍ବପ୍ରକାଶିତ ଉତ୍ତାରୁ :)*

ସେହି ମଧୁ ଦ୍ୱାରା ତୃପ୍ତିର ଯେଉଁ ଯୁଗଳତ୍ରୟ – ମାନସିକ, ପ୍ରାଣିକ, ଦୈହିକ – ସେମାନେ ଏହି ସର୍ବବ୍ୟାପକ ତଥା ଉଚ୍ଛୁଳା ପ୍ରାଚୁର୍ଯ୍ୟ ଦ୍ୱାରା ସଂସିକ୍ତ ହୋଇ ତାହାର ମାଧୁର୍ଯ୍ୟରେ ମଧୁମୟ ହୋଇଯାଆନ୍ତି, **ମଧୁମନ୍ତଃ** । ଏବଂ ସେମାନେ ଏପରି ହେବା ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱଗମନ କରିବା ଆରମ୍ଭ କରିଦିଅନ୍ତି । ନିମ୍ନ ଜଗତରେ ଆମର ଯାବତୀୟ ତୃପ୍ତି ଦିବ୍ୟ ଆନନ୍ଦର ସ୍ପର୍ଶରେ ଅତିଚେତନା ପ୍ରତି, 'ସତ୍ୟ' ପ୍ରତି, ଦିବ୍ୟ ଆନନ୍ଦ ପ୍ରତି ଆକର୍ଷିତ ହୋଇ ଊର୍ଦ୍ଧ୍ୱଦିଗରେ ଅପ୍ରତିରୋଧ ଭାବେ ଉଡ଼ିବାରେ ଲାଗନ୍ତି । କାରଣ, ଗୁପ୍ତଭାବେ ହେଉ ବା ମୁକ୍ତଭାବେ ହେଉ, ସଚେତନ ଭାବେ ହେଉ ବା ଅବଚେତନ ଭାବେ ହେଉ, ସତ୍ତାର ଆନନ୍ଦ ହେଉଛି ଆମର ସମସ୍ତ କାର୍ଯ୍ୟକଳାପର ନେତା, ଏବଂ ସେହି ଯୁଗଳତ୍ରୟ ସହିତ ସେହି ଦେବଗଣଙ୍କର ସମସ୍ତ ରଥ ଓ ଅଶ୍ୱ ଊର୍ଦ୍ଧ୍ୱ-ଉଡ୍‌ଡୟନ କରିବାରେ ଲାଗି ଯାଆନ୍ତି । ଆମ ସତ୍ତାର ଯେତେ ବିବିଧ ଗତିବୃତ୍ତି, ସେସବୁରେ ବେଗ ପ୍ରଦାନ କରୁଥିବା 'ଶକ୍ତି'ର ଯେତେ ସ୍ୱରୂପ ସମସ୍ତେ 'ସତ୍ୟ'ର ଊର୍ଦ୍ଧ୍ୱଗ ଆଲୋକକୁ ଅନୁସରଣ କରନ୍ତି ତାହାର ନିବାସ ଅଭିମୁଖେ । **ଉଦ୍ ବାଂ ପୃକ୍ଷାସଃ ମଧୁମନ୍ତଃ ଈରତେ, ରଥା ଅଶ୍ୱାସଃ ଉଷସଃ ବ୍ୟୁଷ୍ଟିଷୁ ।**

'' 'ଉଷା'ଙ୍କ ବିପୁଳ ପ୍ରଭାରାଶି ମଧ୍ୟରେ'' ସେମାନେ ଉତ୍‌ଥିତ ହୁଅନ୍ତି; କାରଣ ଉଷା ହେଉଛନ୍ତି ସତ୍ୟର ପ୍ରଭା, ସେ ଆମର ମନୋଭୂମିରେ ଏଇଥିପାଇଁ ଉଦିତା ହୁଅନ୍ତି ଯେ ଆମ ସତ୍ତାର ଅନ୍ଧକାର ବା ଅର୍ଦ୍ଧାଲୋକିତ ରାତ୍ରି ମଧ୍ୟକୁ ପୂର୍ଣ୍ଣଚେତନାରୂପକ ଦିନକୁ ସେ ନେଇ ଆସିବେ । ସେ ଆମ ମଧ୍ୟକୁ 'ଦକ୍ଷିଣା' ରୂପେ ଆସନ୍ତି ଯିଏ ହେଉଛନ୍ତି ବିଶୁଦ୍ଧ ସମ୍ବୋଧିଗତ ବିବେକ ଏବଂ ଆମ ମଧ୍ୟରେ ବିଦ୍ୟମାନ 'ଦେବ' ଶକ୍ତି 'ଅଗ୍ନି' ଯିଏ 'ସତ୍ୟ' ପ୍ରତି ଅଭୀପ୍‌ସା କରିବା ବେଳେ ତାଙ୍କରି ମଧ୍ୟରେ ପରିପୁଷ୍ଟ ହୋଇଥା'ନ୍ତି; ଅଥବା ସେ ଆସନ୍ତି 'ସରମା' ରୂପେ ଯିଏ ହେଉଛନ୍ତି ଆବିଷ୍କାରଶୀଳା ସମ୍ବୋଧି, ସେ ଅବଚେତନାର ସେହି ଗୁହା ମଧ୍ୟକୁ ଭେଦି ଯାଆନ୍ତି ଯେଉଁଠି ଇନ୍ଦ୍ରିୟ-କ୍ରିୟାରୂପକ କୃପଣ ପ୍ରଭୁଗଣ ସୂର୍ଯ୍ୟଙ୍କ ଦୀପ୍ତ ଗୋଧନକୁ ଲୁଚାଇ ରଖିଥାନ୍ତି ଏବଂ 'ଇନ୍ଦ୍ର'ଙ୍କୁ ସେକଥା ସୂଚିତ କରିଥା'ନ୍ତି । ତା'ପରେ ଉଜ୍ଜ୍ୱଳ ମନର ଅଧିପତି (ଇନ୍ଦ୍ର) ଆସି ଗୁହାକୁ ବିଦୀର୍ଣ୍ଣ କରନ୍ତି ଏବଂ ଗୋ-ଗୋଷ୍ଠକୁ ଊର୍ଦ୍ଧ୍ୱକୁ ଅଡ଼େଇ ନିଅନ୍ତି, **ଉଦାଜତ୍**, ସେହି ଊର୍ଦ୍ଧ୍ୱ ସ୍ଥାନର ଅର୍ଥ 'ଋତଚିତ୍', ଦେବଗଣଙ୍କର ସ୍ୱକୀୟ ନିବାସ, ସେହି ଦିଗରେ । ଆମର ସଚେତନ ଅସ୍ତିତ୍ୱ ହେଉଛି ଏକ ସାନୁମାନ୍ (ଅଦ୍ରି) ଯେଉଁଥିରେ ରହିଛି କ୍ରମୋଚ୍ଚର ଅନେକ ଶିଖର, **ସାନୂନି**; ଅବଚେତନାରୂପକ ଗୁହା ରହିଛି ନିମ୍ନରେ; ଆମେ ଊର୍ଦ୍ଧ୍ୱଦିଗରେ 'ସତ୍ୟ' ଓ 'ଆନନ୍ଦ'ର ଦେବତାଙ୍କ ପ୍ରତି, ଯେଉଁଠି ଅମୃତତ୍ୱର ଆସନଗୁଡ଼ିକ ବିଦ୍ୟମାନ ତାହାରି ପ୍ରତି ଆରୋହଣ କରୁଛୁ, **ଯତ୍ରାମୃତାସ ଆସତେ** ।[୩]

'ଅଶ୍ୱିନଦ୍ୱୟ'ଙ୍କ ଏହି ଯେଉଁ ରଥ ଯେଉଁଥିରେ ରହିଛି ଊର୍ଦ୍ଧ୍ୱାୟିତ ତଥା ରୂପାନ୍ତରିତ ତୃପ୍ତିଗୁଡ଼ିକର ଭାର ତାହାରି ଊର୍ଦ୍ଧ୍ୱ ଗତିବୃତ୍ତି ଦ୍ୱାରା ଆମ ମଧ୍ୟସ୍ଥ ସତ୍ତାଗୁଡ଼ିକର ଜଗତଗୁଡ଼ିକୁ ଘୋଟିକରି ରହିଥିବା 'ରାତ୍ରି'ର ଆବରଣ ଅପସୃତ ହୋଇଥାଏ । ମନ, ପ୍ରାଣ, ଦେହରୂପକ ଏହି ଜଗତଗୁଡ଼ିକ 'ସତ୍ୟସୂର୍ଯ୍ୟ'ଙ୍କ କିରଣଜାଳ ପ୍ରତି ଉନ୍ମୁକ୍ତ ହୋଇଥା'ନ୍ତି । ଆମ ମଧ୍ୟସ୍ଥ ଏହି ନିମ୍ନଜଗତ, **ରଜଃ**, ନିଜର ସମସ୍ତ ଶକ୍ତି ଓ ତୃପ୍ତି ଏହି ଊର୍ଦ୍ଧ୍ୱାରୋହଣାତ୍ମକ ଗତିବୃତ୍ତି ଦ୍ୱାରା ଯେପରି ବିସ୍ତାରିତ ତଥା ରୂପାୟିତ ହୋଇଥାଏ ତାହା ପ୍ରାପ୍ତ କରିଥାଏ ସେହି ଆଲୋକିତ ବୋଧିମାନସର ଭାସ୍ୱରତାକୁ 'ସ୍ୱର୍' ଯାହା ଊର୍ଦ୍ଧ୍ୱତର 'ଜ୍ୟୋତିଃ'କୁ ସିଧାସଳଖ ଗ୍ରହଣ କରିଥାଏ । ଆମର ମନ, କ୍ରିୟା, ପ୍ରାଣ, ଆବେଗ, ସତ୍ତ୍ୱ – ସବୁକିଛି ଦିବ୍ୟ 'ସୂର୍ଯ୍ୟ'ଙ୍କର ତେଜଃ, ତଥା

୩. ଋଗ୍‌ବେଦ, ୯/୧୫/୨

ସମ୍ବୋଧିରେ, ଶକ୍ତି ଓ ଜ୍ୟୋତିଃରେ ଭରିଯାଇଥାଏ,– **ତତ୍‌ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ।**[4] ନିମ୍ନର ମାନସିକ ଅସ୍ତିତ୍ୱ ଉଚ୍ଚତର 'ଦେବ'ଙ୍କର ସ୍ୱରୂପ ଓ ପ୍ରତିଫଳନରେ ରୂପାନ୍ତରିତ ହୋଇଯାଏ । **ଅପୋର୍ଣୁବନ୍ତଃ ତମଃ ଆ ପରୀବୃତଂ, ସ୍ୱଃ ନ ଶୁକ୍ରଂ ତନ୍ୱନ୍ତ ଆ ରଜଃ ।** (ମନ୍ତ୍ର-୨)

ଏହି ଋଚାଟି (୨ୟ) ଅଶ୍ୱିନଦ୍ୱୟଙ୍କର ପୂର୍ଣ୍ଣ ତଥା ଅନ୍ତିମ ଗତିବୃତ୍ତିର ସାଧାରଣ ବର୍ଣ୍ଣନାକୁ ସମାପ୍ତ କରିଛି । ତୃତୀୟ ଋଚାରେ ଋଷି ବାମଦେବ ତାଙ୍କ ନିଜ ଊର୍ଦ୍ଧ୍ୱାରୋହଣ, ତାଙ୍କ ନିଜ 'ସୋମ'-ହବି, ନିଜ ପଥଯାତ୍ରା ତଥା ଯଜ୍ଞ ପ୍ରଭୃତି ଦିଗରେ ମୁଖ ଫେରାଇଛନ୍ତି; ଏଥିପାଇଁ ସେ ସେହି ଦୁହିଁଙ୍କର ଆନନ୍ଦଦାୟକ ତଥା ଗୌରବବର୍ଦ୍ଧକ କ୍ରିୟାକୁ ଦାବି କରୁଛନ୍ତି । ଅଶ୍ୱିନଦ୍ୱୟଙ୍କ ମୁଖ ସୃଷ୍ଟି ହୋଇଛି ମଧୁପାନ କରିବା ନିମନ୍ତେ; ତା'ହେଲେ ଋଷିଙ୍କ ଯଜ୍ଞରେ ସେ ଦୁହେଁ ତାହା ପାନ କରନ୍ତୁ । **ମଧ୍ୱଃ ପିବତଂ ମଧୁପେଭିଃ ଆସଭିଃ ।** ମଧୁ ନିମନ୍ତେ ସେ ଦୁହେଁ ନିଜ ରଥକୁ ଯୋଚା କରନ୍ତୁ, ତାଙ୍କ ରଥ ମନୁଷ୍ୟମାନଙ୍କର ପ୍ରିୟ; **ଉତ ପ୍ରିୟାଣଂ ମଧୁନେ ଯୁଞ୍ଜାଥାଂ ରଥମ୍ ।** କାରଣ ମନୁଷ୍ୟର ଗତିକୁ, ତା'ର ପ୍ରଗତିଶୀଳ କର୍ମଧାରାକୁ ତଥା ଏହାର ସକଳ ପନ୍ଥାକୁ ଏହି ଦୁହେଁ ସେହି ନିର୍ଦ୍ଦିଷ୍ଟ ମଧୁ ତଥା 'ଆନନ୍ଦ'ର ମାଧୁର୍ଯ୍ୟରେ ରଚନା କରିଛନ୍ତି । **ଆ ବର୍ତନିଂ ମଧୁନା ଜିନ୍ୱଥଃ ପଥଃ ।** କାରଣ ସେ ଦୁହେଁ ଏଭଳି ମଧୁଚର୍ମ ବହନ କରୁଛନ୍ତି ଯେଉଁଥିରେ ତାହା ପୂରା ଭରିଯାଇଛି ଓ ଉଛୁଳି ପଡୁଛି । **ଦୃତିଂ ବହେଥେ ମଧୁମନ୍ତମ୍ ଆଶ୍ୱିନା ।** ଅଶ୍ୱିନଦ୍ୱୟଙ୍କ ଶ୍ରମ ହେତୁ ଆନନ୍ଦ ଅଭିମୁଖେ ମାନବର ଅଗ୍ରଗତି ଆନନ୍ଦପ୍ରଦ ହୋଇଥାଏ; ତା'ର ସମସ୍ତ ଯାତ୍ରା, ସଂଗ୍ରାମ ତଥା ପ୍ରଚେଷ୍ଟା ଦିବ୍ୟହର୍ଷରେ ପୂରି ଉଠିଥାଏ । 'ସତ୍ୟ' ଦ୍ୱାରା 'ସତ୍ୟ' ପ୍ରତି ପ୍ରଗତି ଘଟିଥାଏ, ଏହି ଯେଉଁ କଥାଟି ବେଦରେ କୁହାଯାଇଛି, ସେହି ଅନୁସାରେ ମାନସିକ ଓ ଦୈହିକ ଚେତନାଗତ ସତ୍ୟର ବିକାଶଶୀଳ ବିଧାନ ଦ୍ୱାରା ଆମେ ପରିଣାମତଃ ମନ ଓ ଦେହକୁ ଅତିକ୍ରମ କରି ଅତିଚେତନ 'ସତ୍ୟ'ରେ ଉପନୀତ ହେଉ, ସେହି କାରଣରୁ ଏଠାରେ ଏକ ସଂକେତ ରହିଛି ଯେ 'ଆନନ୍ଦ' ଦ୍ୱାରା 'ଆନନ୍ଦ' ପ୍ରତି ଅଗ୍ରଗତି ଘଟିଥାଏ,– ଆମ ସମସ୍ତ ସତ୍ତାରେ ଏକ ଦିବ୍ୟହର୍ଷର ବିକାଶ ଦ୍ୱାରା ଆମ ସକଳ କ୍ରିୟାକଳାପରେ ଆମେ ଅତିଚେତନ ଆନନ୍ଦକୁ ପ୍ରାପ୍ତ ହୋଇଥାଉ । (୩ୟ ମନ୍ତ୍ର)

ଊର୍ଦ୍ଧ୍ୱ ଦିଗରେ ଏହି ଗତିବିଧିରେ ଅଶ୍ୱିନଦ୍ୱୟଙ୍କ ରଥବାହକ ଅଶ୍ୱଗଣ ପକ୍ଷୀରୂପେ ଅର୍ଥାତ୍ ହଂସରୂପେ ବଦଳି ଯାଆନ୍ତି, **ହଂସାସଃ ।** ବେଦୋକ୍ତ 'ପକ୍ଷୀ' ପ୍ରାୟ ସବୁବେଳେ ମୁକ୍ତ ତଥା ଊର୍ଦ୍ଧ୍ୱଦିଗ ପ୍ରତି ଉଡ୍ଡୀନ ଆତ୍ମାର ପ୍ରତୀକ, ଅନ୍ୟ କ୍ଷେତ୍ରରେ ଏହା ପ୍ରମୁକ୍ତ ତଥା ଊର୍ଦ୍ଧ୍ୱକୁ, ଆମ ସତ୍ତାର ଉଚ୍ଚ ଶିଖର ଦିଗରେ ଉଡ଼ି ଚାଲୁଥିବା ଶକ୍ତିର ପ୍ରତୀକ, ଯିଏ ମୁକ୍ତପକ୍ଷରେ ସବୁ ଦିଗରେ ଉଡ଼ିପାରୁଥାଏ, 'ଅଶ୍ୱ' ବା ପ୍ରାଣଶକ୍ତିର ସାଧାରଣ ସୀମିତ ଗତି ବା ଶ୍ରମଶୀଳ ଦୌଡ଼ ମଧ୍ୟରେ ସଂଶ୍ଲିଷ୍ଟ ହୋଇ ନଥାଏ । ଆନନ୍ଦର ଏହି ଦେବ ଦ୍ୱୟଙ୍କ ସ୍ୱତନ୍ତ୍ର ରଥକୁ ଆକର୍ଷଣ କରୁଥିବା ଶକ୍ତିଗୁଡ଼ିକ ସେତିକି ବେଳେ ଏହିଭଳି ହୋଇ ଉଠିଥା'ନ୍ତି ଯେତେବେଳେ ସତ୍ୟସୂର୍ଯ୍ୟ ଆମ ଆଧାରରେ ଉଦିତ ହୁଅନ୍ତି । ଏହି ପକ୍ଷଯୁକ୍ତ ଗତିବୃତ୍ତିଗୁଡ଼ିକ ମଧୁପୂର୍ଣ୍ଣ, **ମଧୁମନ୍ତଃ,** ଯାହା ଉଛୁଳି ପଡୁଥିବା ଚର୍ମ ଥଳିରୁ ଝରିପଡୁଛି । ସେହିମାନେ ଅଜେୟ, **ଅସ୍ରିଧଃ,** ତାଙ୍କ ଉଡ୍ଡାଣରେ କୌଣସି ପ୍ରକାର ଆଘାତ ନ ପହଞ୍ଚାଇ ସେମାନେ ଆସିଥା'ନ୍ତି; ଅଥବା, ଏହାର ଭାବାର୍ଥ ଏପରି ହୋଇପାରେ, ସେମାନେ ମିଥ୍ୟା ବା ଆଘାତଦାୟକ ଗତି କରନ୍ତି ନାହିଁ । ଆହୁରି ମଧ୍ୟ ସେମାନେ ସୁବର୍ଣ୍ଣ ପକ୍ଷଯୁକ୍ତ, **ହିରଣ୍ୟପର୍ଣାଃ ।** ସୁବର୍ଣ୍ଣ ହେଉଛି 'ସୂର୍ଯ୍ୟ'ଙ୍କ ଆଭାର ପ୍ରତୀକାତ୍ମକ ବର୍ଣ୍ଣ । ଏହି ସମସ୍ତ ଶକ୍ତିରେ ଯୁକ୍ତ ପକ୍ଷଗୁଡ଼ିକ ଜ୍ୟୋତିର୍ମୟ ଜ୍ଞାନରେ ପରିପୂର୍ଣ୍ଣ, ପରିତୃପ୍ତ ତଥା ସିଦ୍ଧିଦାୟିନୀ ଗତିବୃତ୍ତିରୂପେ ଅଭିହିତ, **ପର୍ଣ ।** କାରଣ 'ଉଷା'ଙ୍କ ଆଗମନ ସହ ଏହି ବିହଙ୍ଗଗଣ ପ୍ରବୋଧିତ ହୋଇଥା'ନ୍ତି; ଏହିମାନେ ହେଲେ ପକ୍ଷଧାରୀ ଶକ୍ତିଗଣ, ଏମାନେ ନିଜ ନୀଡ଼ଗୁଡ଼ିକରୁ ସେତିକିବେଳେ ନିର୍ଗତ ହୋଇଥା'ନ୍ତି ଯେତେବେଳେ ସ୍ୱର୍-ତନୟା (ଉଷା) ଆମ ମାନବୀୟ ମାନସ ସ୍ତରଗୁଡ଼ିକ ଉପରେ ପ୍ରଭାବ ପକାଇଥା'ନ୍ତି, **ଦିବୋ ଅସ୍ୟ ସାନବି ।** କ୍ଷିପ୍ର-ସଂଚାରୀ ଯମଜଦ୍ୱୟଙ୍କ (ଅଶ୍ୱିନୌ) ରଥର ଏହି ହଂସମାନେ ହେଲେ ବାହନ । **ହଂସାସୋ ଯେ ବାଂ ମଧୁମନ୍ତୋ ଅସ୍ରିଧୋ, ହିରଣ୍ୟପର୍ଣା ଉହୁବ ଉଷର୍ବୁଧଃ ।**

ମଧୁମୟ ଏହି ପକ୍ଷଧାରୀ ଶକ୍ତିରାଜି ଊର୍ଦ୍ଧ୍ୱକୁ ଉଡ୍ଡୀନ ହେବା ମାତ୍ରେ ସ୍ୱର୍ଲୋକର ଜଳରାଶିକୁ ଆମ ଉପରେ ବର୍ଷଣ କରିଥା'ନ୍ତି, ଅର୍ଥାତ୍ ଉଚ୍ଚ ମାନସିକ ଚେତନାର ପୂର୍ଣ୍ଣ ବର୍ଷଣ; ସେହି ଶକ୍ତିଗଣ ନିଜ ମୂଳ ପ୍ରବୃତ୍ତିରେ ଆନନ୍ଦ, ପ୍ରହର୍ଷ, ଅମର-

---

୪. ଗାୟତ୍ରୀମନ୍ତ୍ରର ଏହା ସେହି ପ୍ରସିଦ୍ଧ ଅଂଶ, ଋ. ୩/୬୨/୧୦ ।

ଆସବର ଉନ୍ମାଦନା ଅଟନ୍ତି; ଆହୁରି ମଧ୍ୟ ଏମାନେ ସେହି ପରା-ଚେତନାର ସଂସ୍ପର୍ଶରେ ତଥା ସଚେତନ ସମ୍ପର୍କରେ ଆସନ୍ତି ଯାହା ସେହି ଦିବ୍ୟ ଆନନ୍ଦ ମଧ୍ୟରେ ନିତ୍ୟ ଅବସ୍ଥିତା, ସ୍ୱକୀୟ ଦିବ୍ୟମାଦକତାରେ ନିତ୍ୟ ଉଲ୍ଲସିତା । **ଉଦପ୍ରୁତୋ ମନ୍ଦିନୋ ମନ୍ଦିନିସ୍ପୃଶଃ ।** ସେହିମାନଙ୍କ ଆକର୍ଷଣରେ ଟଣା ହୋଇ ଏହି ଆନନ୍ଦ-ଦେବତାଦ୍ୱୟ ମଧୁସ୍ରାବ ପ୍ରତି ମଧୁମକ୍ଷିକାଗଣଙ୍କ ଆଗମନ ପରି ଋଷିଙ୍କ ସୋମ-ହବିଃ ଅଭିମୁଖେ ଆସିଥା'ନ୍ତି; **ମଧ୍ୱୋ ନ ମକ୍ଷଃ ସବନାନି ଗଚ୍ଛଥଃ ।** ସ୍ୱୟଂ ମଧୁସ୍ରଷ୍ଟା ସେମାନେ ମଧୁମକ୍ଷିକା ଭଳି ସେହି ମଧୁ ଅନ୍ୱେଷଣ କରୁଥା'ନ୍ତି ଯାହା ସେମାନଙ୍କ ପାଇଁ ଅଧିକ ଆନନ୍ଦର ଉପାଦାନ ହୋଇପାରିବ । (୪ର୍ଥ ମନ୍ତ୍ର)

ଜ୍ଞାନଦୀପ୍ତିର ସେହି ସମାନ ଗତିବୃତ୍ତି ଯଜ୍ଞକ୍ରିୟାରେ ଯେ ହୋଇଥାଏ ତାହା ଅଶ୍ୱିନଦ୍ୱୟଙ୍କ ଊର୍ଦ୍ଧ୍ୱମୁଖୀ ଉଡ୍ଡୟନର ପରିଣାମ ରୂପେ ପୂର୍ବେ ବର୍ଣ୍ଣିତ ହୋଇସାରିଛି, ତାହାକୁ ଏଠାରେ ଅଗ୍ନିଙ୍କ ଜ୍ୱଳନଗୁଡ଼ିକର ସହାୟତାରେ ଫଳପ୍ରଦ ହୋଇଥାଏ ବୋଲି ବର୍ଣ୍ଣନା କରାଯାଉଛି । କାରଣ, ସେହି 'ସଂକଳ୍ପ'ର ଅଗ୍ନିଶିଖା-ଗୁଡ଼ିକ, ଆତ୍ମସତ୍ତା ମଧ୍ୟରେ ଜାଜ୍ୱଲ୍ୟମାନ ସେହି ଦିବ୍ୟ 'ଶକ୍ତି', ଏ ସମସ୍ତେ ମଧ୍ୟ ଉଚ୍ଛୁଳା ମଧୁରେ ପ୍ରସିକ୍ତ ହୋଇ ଯାଉଛନ୍ତି, ସେହି କାରଣରୁ ସେମାନେ ଯଜ୍ଞକୁ ପ୍ରଗତିଶୀଳଭାବେ ଲକ୍ଷ୍ୟ ଦିଗରେ ଚଳେଇ ନେବାର ଯେଉଁ ସ୍ୱକୀୟ ମହତ୍ କର୍ମ[୫] ତାହାର ପରିପୂର୍ଣ୍ଣ ଅନୁଷ୍ଠାନ କରିପାରନ୍ତି । ସେହି ପ୍ରଗତି ନିମନ୍ତେ ସେମାନେ ନିଜର ଜ୍ୱାଳାମୟୀ ଜିହ୍ୱା ଦ୍ୱାରା ଅଶ୍ୱିନଦ୍ୱୟଙ୍କ ପ୍ରତ୍ୟହ ମିଳନ ଅଭିଳାଷ କରନ୍ତି ଯିଏ ବୋଧି-ଜ୍ଞାନର ଭାସ୍ୱରତାରେ ପ୍ରଦୀପ୍ତ ଏବଂ ସେମାନଙ୍କର ଆଗ୍ନେୟ ଶକ୍ତି[୬] ରୂପକ ବିଚାର ଦ୍ୱାରା ସେମାନଙ୍କୁ ତୋଳି ଧରିଥା'ନ୍ତି । **ସ୍ୱଧ୍ୱରାସୋ ମଧୁମନ୍ତୋ ଅଗ୍ନୟ ଉସ୍ରା ଜରନ୍ତେ ପ୍ରତି ବସ୍ତୋରଶ୍ୱିନା ।**

ଏହି ଆଗ୍ନେୟ ଅଭୀପ୍ସା ସେତିକିବେଳେ ଉତ୍ପନ୍ନ ହୁଏ ଯେତେବେଳେ ସେହି 'ଯାଜକ' ବିଶୁଦ୍ଧ ହସ୍ତ ଦ୍ୱାରା, ପୂର୍ଣ୍ଣ ବିବେକଯୁକ୍ତ ଦୃଷ୍ଟି ଦ୍ୱାରା, ନିଜର ଆତ୍ମଶକ୍ତି ଦ୍ୱାରା ଯାତ୍ରା କରନ୍ତି ତାଙ୍କ ଯାତ୍ରାର ଅନ୍ତିମ ସ୍ଥଳ ପର୍ଯ୍ୟନ୍ତ, ଯଜ୍ଞର ଲକ୍ଷ୍ୟରେ ଉପନୀତ ହେବା ପର୍ଯ୍ୟନ୍ତ ସମସ୍ତ ବାଧାବିଘ୍ନର ମଧ୍ୟଦେଇ ତଥା ସମସ୍ତ ଅବରୋଧକଙ୍କୁ ପ୍ରତିହତ କରି ଏବଂ ଯେତେବେଳେ ସେ ପେଷା ପଥର ଦ୍ୱାରା ଅମରତ୍ୱଦାୟକ ମଦ୍ୟକୁ ନିଷ୍କାସିତ କରିଥିବେ ତଥା ଅଶ୍ୱିଦ୍ୱୟଙ୍କ ମଧୁରେ ତାହା ମଧ୍ୟ ପରିପୂର୍ଣ୍ଣ ହୋଇ ଉଠିଥିବ । **ଯନ୍ନିକ୍ତହସ୍ତ ସ୍ତରଣିର୍ବିଚକ୍ଷଣଃ ସୋମଂ ସୁଷାବ ମଧୁମନ୍ତମଦ୍ରିଭିଃ ।** କାରଣ, ବସ୍ତୁଗୁଡ଼ିକରୁ ମିଳୁଥିବା ବୈୟକ୍ତିକ ପ୍ରହର୍ଷ ଅଶ୍ୱିଦ୍ୱୟଙ୍କର ତ୍ରିବିଧ ତୃପ୍ତିରୁ ଲାଭ ହୋଇଥାଏ, ଚତୁର୍ଥ ତୃପ୍ତିଟି ଦ୍ୱାରା 'ସତ୍ୟ' ମଧ୍ୟରୁ ଝରି ପଡୁଥିବା ଆନନ୍ଦଲାଭ । **'ନିକ୍ତହସ୍ତଃ'** ଅର୍ଥାତ୍ ଯଜ୍ଞର ବିଶୋଧିତ ହସ୍ତମାନ ହେଉଛି ସମ୍ଭବତଃ ବିଶୋଧିତ ଶାରୀର ସତ୍ତାର ପ୍ରତୀକ[୭]; ବିଶୋଧିତ ପ୍ରାଣଶକ୍ତିରୁ ଆସିଥିବା ଶକ୍ତି; ସ୍ପଷ୍ଟ ମାନସିକ ଦୃଷ୍ଟିର ଶକ୍ତି, **'ବିଚକ୍ଷଣ'**, ହେଉଛି ସତ୍ୟ-ଦୀପ୍ତ ମନର ସୂଚକ । ଅଶ୍ୱିନଙ୍କର ତ୍ରିବିଧ ତୃପ୍ତି ଉପରେ ମଧୁ ଉଚ୍ଛୁଳି ପଡ଼ିବା ନିମନ୍ତେ ମନ, ପ୍ରାଣ ଓ ଦେହର ଏହିସବୁ ହେଉଛି ସର୍ତ୍ତ । (୫ମ ମନ୍ତ୍ର)

ଯଜ୍ଞକର୍ତ୍ତା ଯେତେବେଳେ ଯଜ୍ଞରେ ଏହି ଭାବେ ବସ୍ତୁଗୁଡ଼ିକର ମଧୁଭରା ଆନନ୍ଦକୁ ନିଗାଡ଼ି ଆଣନ୍ତି ସେତେବେଳେ 'ଆସ୍ୱହାଗ୍ନି'ଙ୍କ ଶିଖାଗୁଡ଼ିକ ସେସବୁକୁ ସମୀପରୁ ପାନ କରିବାକୁ ସମର୍ଥ ହୁଅନ୍ତି, ସେମାନେ ସେସବୁକୁ ଅଳ୍ପ ଅଳ୍ପ କରି ପାନ କରନ୍ତି ନାହିଁ ଅଥବା କଷ୍ଟରେ ଦୂର ସ୍ଥାନରୁ ତଥା ଚେତନାର ଅପହଞ୍ଚ ସ୍ତରରୁ ସେସବୁକୁ ଆଣିବାକୁ ବାଧ୍ୟ ହୁଅନ୍ତି ନାହିଁ । ସେହି ହେତୁ, ସେମାନେ ତତ୍କ୍ଷଣାତ୍ ତଥା ଅବାଧରେ ତାହାକୁ ପାନ କରିବା ପୂର୍ବକ ଉଲ୍ଲସିତ ଶକ୍ତି ଓ ଗତିତୀବ୍ରତାରେ ପରିଣତ ହୁଅନ୍ତି ଏବଂ ଆମର ନିମ୍ନତର ଚେତନାକୁ ମୁକ୍ତ ତଥା ଜ୍ଞାନଦୀପ୍ତ 'ମନଃ'ରୂପକ ଜଗତର ଭାସ୍ୱର ରୂପ ମଧ୍ୟକୁ ପ୍ରସାରିତ କରି ନେଇ ଗଡ଼ିତୋଳିବା ନିମନ୍ତେ ଆମ ସତ୍ତାରୂପକ କ୍ଷେତ୍ର ଉପରେ ଧାବନଶୀଳ ତଥା ତୀବ୍ର ସଂଚଳନଶୀଳ ହୁଅନ୍ତି । **ଆକେ-**

୫. ଅଧ୍ୱର – ଯଜ୍ଞ ପ୍ରତି ଉଦ୍ଦିଷ୍ଟ ଏହି ଶବ୍ଦଟି ପ୍ରକୃତରେ ଏକ ବିଶେଷଣ ପଦ ଏବଂ ଏହାର ପୂର୍ଣ୍ଣ ଉକ୍ତିଟି ହେଉଛି **ଅଧ୍ୱର ଯଜ୍ଞ**, ଅର୍ଥାତ୍ ଅଧ୍ୱା ବା ପଥରେ ସଞ୍ଚରଣ କରୁଥିବା ଯଜ୍ଞକର୍ମ, ଏହା ଏପରି ଏକ ଯଜ୍ଞ ଯାହାର ସ୍ୱଭାବ ହେଉଛି ପ୍ରଗତି ତଥା ଯାତ୍ରା । ଏହି ଯଜ୍ଞର ନେତା ହେଉଛନ୍ତି 'ଅଗ୍ନି', ଦିବ୍ୟ 'ସଂକଳ୍ପ' ।

୬. ଶବୀରୟା ଧିୟା, ଋ. ୧।୩।୨ ।

୭. ଯାହା ବି ହେଉ, ହସ୍ତ ବା ଭୁଜ ସେତିକି ବେଳେ ଅନ୍ୟ ପ୍ରକାରେ ପ୍ରତୀକାର୍ଥ ପ୍ରକାଶ କରିଥାଏ ଯେତେବେଳେ 'ଇନ୍ଦ୍ର'ଙ୍କ ଦୁଇ ହାତ ବା ଭୁଜର ପ୍ରଶ୍ନ ଉଠେ ।

**ନିପାସଃ ଅହଭିଃ ଦବିଧ୍ୱତଃ, ସ୍ୱଃ ନ ଶୁକ୍ରଂ ତନ୍ୱନ୍ତ ଆ ରଜଃ ।** ଏହି ଯେଉଁ ସୂତ୍ରଟିର ପ୍ରୟୋଗ ଏଠାରେ ହୋଇଛି ତାହା ଦ୍ୱିତୀୟ ଋଚାର ଅବିକଳ ପୁନରାବୃତ୍ତି; କିନ୍ତୁ ଏହି ଋଚାରେ ଦେଖାଯାଏ ଚତୁର୍ବିଧ ତୃପ୍ତିରେ ପରିପୂର୍ଣ୍ଣ 'ଅଭୀପ୍ସା' ଅଗ୍ନିର ଶିଖାଗଣ କାର୍ଯ୍ୟ କରୁଛନ୍ତି । ସେଠାରେ ଦେବଗଣଙ୍କର ଘଟୁଛି 'ଜ୍ୟୋତିଃ'ର ସାମାନ୍ୟ ସ୍ପର୍ଶରେ ଅବାଧ ଉଡ୍‌ଡୟନ; ଏଠାରେ ମନୁଷ୍ୟ କରୁଛି ତା'ର ଯଜ୍ଞରେ ଦୃଢ଼ ପ୍ରୟାସ ଓ ଅଭୀପ୍‌ସା । କାରଣ, 'କାଳ' ଦ୍ୱାରା, ଦିନଗୁଡ଼ିକ ଦ୍ୱାରା, **ଅହଭିଃ**, କାର୍ଯ୍ୟ ପୂର୍ଣ୍ଣତା ଲାଭ କରିଥାଏ – ଅହଭିଃ କହିଲେ 'ସତ୍ୟ'ର ଉଷାଗଣଙ୍କର କ୍ରମୋତ୍ତର ଆଗମନ ଦ୍ୱାରା, ଯେଉଁମାନେ ପ୍ରତ୍ୟେକ ନିଜ ମଧ୍ୟରେ ବହନ କରୁଥା'ନ୍ତି ରାତ୍ରି ଉପରେ ବିଜୟକୁ, ସେହି ସମାନ କଥା ଭଗିନୀଗଣଙ୍କର ଅବ୍ୟାହତ ତଥା ନିରନ୍ତର ଆଗମନ ଦ୍ୱାରା ଘଟିଥାଏ ଯାହା ଆମେ ଆଗରୁ 'ଦିବ୍ୟ ଉଷା' ସୂକ୍ତରେ ଉଲ୍ଲେଖ କରି ସାରିଛୁ । ଉଷାର ଦୀପ୍ତି ମାନବ ନିକଟକୁ ଯାହାସବୁ ଆଣିଥାଏ ତାହାକୁ ମାନବ ତତ୍‌କ୍ଷଣାତ୍ ଗ୍ରହଣ ବା ଧାରଣ କରିପାରେ ନାହିଁ; ତେଣୁ ଏହାକୁ ନିରବଚ୍ଛିନ୍ନ ଭାବେ ପୁନଃ ପୁନଃ ଆବର୍ତ୍ତିତ ହେବାକୁ ପଡ଼ିଥାଏ, ଯାହା ଫଳରେ ସେ ଆଲୋକରେ ବୃଦ୍ଧିଲାଭ କରିପାରେ ।

କିନ୍ତୁ ନିମ୍ନଚେତନାକୁ ରୂପାନ୍ତରିତ କରିବା ନିମନ୍ତେ କେବଳ ଯେ 'ଅଭୀପ୍‌ସା'ର ଅଗ୍ନିଗୁଡ଼ିକ କ୍ରିୟାରତ ତାହା ନୁହେଁ । 'ସତ୍ୟସୂର୍ଯ୍ୟ' ମଧ୍ୟ ତାଙ୍କ କ୍ଷିପ୍ରଗତି ଅଶ୍ୱଙ୍କୁ ରଥରେ ଯୋଚି ଗତି କରୁଥା'ନ୍ତି; **ସୁରଶ୍ଚିଦ୍ ଅଶ୍ୱାନ୍ ୟୁୟୁଜାନ ଈୟତେ ।** ଅଶ୍ୱିନଦ୍ୱୟ ମଧ୍ୟ ମାନବ ଚେତନାର ଅଗ୍ରଗତିର ସକଳ ପଥ ବିଷୟରେ ସଂଜ୍ଞାନ ନିଅନ୍ତି ଯାହା ଫଳରେ ଏହା ପରିପୂର୍ଣ୍ଣ, ସୁସଂଗତ ହୋଇପାରିବ ତଥା ତାହାର ବହୁମୁଖୀ ଗତିବୃତ୍ତି ହୋଇପାରିବ । ନାନା ପଥରେ ଆଗେଇ ଯାଉଥିବା ଏହି ଗତିବୃତ୍ତି 'ପ୍ରକୃତି'ର ସ୍ୱତଃସ୍ଫୂର୍ତ୍ତ ଆତ୍ମ-ବିରଚିତ କର୍ମ ଦ୍ୱାରା ଦିବ୍ୟଜ୍ଞାନର ଆଲୋକ ମଧ୍ୟରେ ଆସି ଏକତ୍ରିତ ହୋଇଥା'ନ୍ତି, ଏହାକୁ ସେ(ପ୍ରକୃତି) ସେତିକିବେଳେ ଧାରଣ କରେ ଯେତେବେଳେ ସଂକଳ୍ପ ଓ ଜ୍ଞାନ ସଂପୂର୍ଣ୍ଣ ଆତ୍ମ-ସଚେତନ ଏବଂ ଆନ୍ତର ଜ୍ଞାନର ପଥନିର୍ଦ୍ଦେଶରେ ପରିଚାଳିତ କର୍ମ ମଧ୍ୟରେ ପରସ୍ପର ସାମରସ୍ୟର ସହ ପରିଣୀତ ହୋଇ ଯାଇଥା'ନ୍ତି । **ବିଶ୍ୱାମ୍ ଅନୁ ସ୍ୱଧୟା ଚେତଥଃ ପଥଃ ।** (୬ଷ୍ଠ ମନ୍ତ୍ର)

ବାମଦେବ ତାଙ୍କ ସୂକ୍ତର ଉପସଂହାର କରୁଛନ୍ତି । ସେ ନିଜର ଉଚ୍ଚ ଜ୍ଞାନ ଦ୍ୱାରା ଭାସ୍ୱର 'ଧୀ'କୁ ଦୃଢ଼ଭାବେ ଧାରଣ କରିବାକୁ ସମର୍ଥ ହୋଇଛନ୍ତି ଏବଂ 'ବାକ୍' ଶକ୍ତିକୁ ରୂପପ୍ରଦାନ ତଥା ସଂଯୋଜନ କରିବା ଦ୍ୱାରା ସେ ନିଜ ମଧ୍ୟରେ ଅଶ୍ୱିନଙ୍କ ରଥକୁ ବ୍ୟକ୍ତ କରିଛନ୍ତି, ଅର୍ଥାତ୍, ଅଶ୍ୱିନଙ୍କର ଅମୃତ ଗତିବୃତ୍ତିର ଆନନ୍ଦକୁ ବ୍ୟକ୍ତ କରିଛନ୍ତି; ଏହି ଆନନ୍ଦର ଗତିବୃତ୍ତି ମ୍ଳାନ ହୁଏ ନାହିଁ ବା ପୁରୁଣା ହୁଏ ନାହିଁ ବା କ୍ଳାନ୍ତ ହୁଏ ନାହିଁ,– ତାହା ବୟୋହୀନ ତଥା ଅକ୍ଷୟ, **ଅଜରଃ**,– କାରଣ ଏହି ରଥ ପରିପୂର୍ଣ୍ଣ ତଥା ପ୍ରମୁକ୍ତ ଶକ୍ତିଗୁଡ଼ିକ ଦ୍ୱାରା ଟଣାଯାଉଛି, ମାନବୀୟ ପ୍ରାଣଶକ୍ତିରୂପକ ସୀମିତ, ଆଶୁକ୍ଳାନ୍ତ, ଆଶୁ-ଉଚ୍ଛୃଙ୍ଖଳ ଘୋଡ଼ାମାନଙ୍କ ଦ୍ୱାରା ନୁହେଁ । **ପ୍ରବାମ୍ ଅବୋଚମ୍ ଅଶ୍ୱିନା ଧିୟନ୍ଧାଃ, ରଥଃ ସ୍ୱଶ୍ୱଃ ଅଜରୋ ୟଃ ଅସ୍ତି ।** ଏହି ଗତିବୃତ୍ତି ମଧ୍ୟରେ ସେମାନେ ନିମ୍ନଚେତନାର ସକଳ ଲୋକକୁ ସେମାନଙ୍କ ତୀବ୍ରଗତିସାଧକ ଆନନ୍ଦ ଦ୍ୱାରା ଆବୃତ କରି କ୍ଷଣକ ମଧ୍ୟରେ ପାର ହୋଇଯାଆନ୍ତି, ଏବଂ ସୋମରସରୂପକ ହବିଃରେ ପରିପୂର୍ଣ୍ଣ ମନୁଷ୍ୟ ମଧ୍ୟରେ ଥିବା ବିଶ୍ୱଗତ ପରିଭୋଗ ମଧ୍ୟକୁ ଏହିଭାବେ ପ୍ରବେଶ କରିଥା'ନ୍ତି ଯଦ୍ୱାରା ସେମାନେ ପ୍ରବଳଭାବରେ ତା' ମଧ୍ୟକୁ ପ୍ରବେଶ କରି ସମସ୍ତ ବିରୋଧୀଙ୍କ ମଧ୍ୟରେ ବି ମହାନ୍ ଲକ୍ଷ୍ୟ ପ୍ରତି ତାକୁ ଚଳେଇ ନେଇ ପାରିବେ । **ୟେନ ସଦ୍ୟଃ ପରି ରଜାଂସି ୟାଥଃ ହବିଷ୍ମନ୍ତଂ ତରଣିଂ ଭୋଜମ୍ ଅଚ୍ଛ ।** (୭ମ ମନ୍ତ୍ର)

(*ଦଶମ ଅଧ୍ୟାୟ ସମାପ୍ତ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - X, **"The Ashwins, Lord of Bliss"**]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

ବିଶ୍ୱାସ ହେଉଛି ପ୍ରମାଣ ବିହୀନ ଏକ ନିଶ୍ଚିତତା ।

– ଶ୍ରୀମା

# ହିନ୍ଦୁର ବ୍ରତ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଜୀବନଯୁଦ୍ଧରେ ବଞ୍ଚି ବର୍ତ୍ତି ରହିବାକୁ ହେଲେ, ଜୟୀ ହେବାକୁ ହେଲେ, ହିନ୍ଦୁଧର୍ମକୁ, ହିନ୍ଦୁସମାଜକୁ ଲାଭ କରିବାକୁ ହେବ ଏକ ସୁସଂଗଠିତ ସମର୍ଥ-ଆକାର । ବର୍ତ୍ତମାନ ଦେଖିବାକୁ ଗଲେ ହିନ୍ଦୁସମାଜ କହିଲେ ବୁଝାଉଛି ବିଶୃଙ୍ଖଳ ଜନତା ମାତ୍ର । ଏଇ ଜନତାକୁ ସୈନ୍ୟଦଳଙ୍କ ଭଳି ଗୋଟିଏ ସଂହତ ଗୋଷ୍ଠୀରେ ପରିଣତ କରିବାକୁ ହେବ । ଧର୍ମ ଦିଗରୁ ଅଥବା ଲୌକିକ କର୍ମର ଦିଗରୁ ଦେଖିବାକୁ ବସିଲେ ଯେଉଁସବୁ ଜାତି ବଞ୍ଚି ରହିଛନ୍ତି, ନିଜ ନିଜର ରାଜ୍ୟ ବିସ୍ତାର କରି ଚାଲିଛନ୍ତି, ସେମାନଙ୍କର ସାଫଲ୍ୟର ରହସ୍ୟ – ଏଇ ବିଷୟକୁ ନେଇ । ଖ୍ରୀଷ୍ଟୀୟ ଧର୍ମସଂଘ, ତାହା ଯେକୌଣସି ସମ୍ପ୍ରଦାୟର ହୋଇଥାଉ ନା କାହିଁକି – ଏଇ ବିଶେଷତ୍ୱ ସେଥିରେ ରହିଛି; ଶିକ୍ଷା ଓ ଦୀକ୍ଷାରେ, କ୍ରିୟାକର୍ମରେ, ସେମାନଙ୍କର ରହିଥାଏ ଏକ ସୁସ୍ପଷ୍ଟ ଓ ସଂହତ ରୂପ ଓ ସାମର୍ଥ୍ୟ । ତତ୍ତ୍ୱ ଦିଗରୁ ସେମାନେ ବେଶୀ ଉଚ୍ଚକୁ ଉଠିଯିବାକୁ ଚାହିଁ ନାହାନ୍ତି – ମନ ପକ୍ଷରେ ସହଜଗ୍ରାହ୍ୟ, ଦେହ-ପ୍ରାଣ ପକ୍ଷରେ ଯାହା ଆୟତ୍ତ କରିବା ଦୁଃସାଧ ନୁହେଁ – ଏଇପରି କେତେଗୁଡ଼ିଏ ବିଶିଷ୍ଟ ନୀତି ବା ବାଧାନିଷେଧ ତାହା ବାନ୍ଧି ଦେଇଛି । ଧର୍ମ ସାଧନାର ଏଇ ରୀତି ସେମାନଙ୍କର କର୍ମ ସାଧନାର ହିଁ ଅନୁରୂପ । ଇଉରୋପ ମହାଦେଶର ଗୋଟିଏ ଗୋଟିଏ ଦେଶ ନେଶନ୍ ରୂପେ ସ୍ୱଷ୍ଟ ସୁଷୀମ (ସମ୍ୟକ୍ ସୀମାକୁ ନେଇ) ସମର୍ଥ ରୂପ ଗ୍ରହଣ କରି ଗଢ଼ିଉଠିଛି । କାରଣ ସେମାନେ ଗଢ଼ିବାକୁ ଚାହିଁଛନ୍ତି ତଳ ଆଡୁ – ଯେଉଁ ସତ୍ୟଟି ସ୍ଫୁଟ ଓ ସ୍ଥୂଳ – ତାହାକୁହିଁ ଆଶ୍ରୟ କରି ।

ପାଶ୍ଚାତ୍ୟ ପ୍ରତିଭାର ବିଶେଷତ୍ୱ ଏଇ ଯେ ସତ୍ୟକୁ, ତତ୍ତ୍ୱକୁ ଓ ଶକ୍ତିକୁ – ତାହା ବ୍ୟଷ୍ଟିଗତ ହେଉ ଅବା ଗୋଷ୍ଠୀଗତ ହେଉ, ଲୌକିକ ହେଉ ଅବା ପାରମାର୍ଥିକ ହେଉ, ତହିଁରେ ସେ ଏକ ଜାଗ୍ରତ୍ ଇନ୍ଦ୍ରିୟବଦ୍ଧ ରୂପ ବା ଆକାର ଦେବାକୁ ବସେ ପ୍ରାୟ ସର୍ବକ୍ଷେତ୍ରରେ । ବ୍ୟକ୍ତ ଦେହ, ପ୍ରାଣ ଓ ମନର ଛାଞ୍ଚରେ ସେଇ ସତ୍ୟ ବା ତତ୍ତ୍ୱ ଅଥବା ଶକ୍ତିକୁ ନ ଢାଳିଲେ ତାହାର ଚେତନାରେ ସେଗୁଡ଼ିକ ଯେମିତି ଧୂଆଁଳିଆ ଅବା ସନ୍ଦେହର ବସ୍ତୁ ହୋଇ ରହିଯାଏ । ବିଚାର-ବିତର୍କ ସିଦ୍ଧାନ୍ତ ହିସାବରେ ସେ ପ୍ରମାଣ କରୁଛି, ଆଣି ଦେଉଛି ସେଗୁଡ଼ିକର ମାନସ-ରୂପ; ଆଇନ-କାନୁନ, ପ୍ରୋଗ୍ରାମ୍, ପ୍ଲାନ୍ ଆଦି ଦେଇ ପ୍ରାଣ ସେଗୁଡ଼ିକୁ ସଜୀବ କରି ଧରିବାର ଉପାୟ ଦେଉଛି ଆଗ୍ରହ, ଉତ୍ସାହ, ଜୋର୍-ଜବରଦସ୍ତିର ପନ୍ଥା ହିସାବରେ; ଦୈହିକ ଚେତନା ମଧ୍ୟ ସେଗୁଡ଼ିକର ରୂପ ଓ ଆକାର ପାଇଁ ଦେଉଛି ଆଚାର, ଅନୁଷ୍ଠାନ, କ୍ରିୟାକଳାପ, ଯାହା ଦ୍ୱାରା ସେସବୁ ତତ୍ତ୍ୱ, ସତ୍ୟ ଓ ଶକ୍ତିର ସ୍ଥିତି ବଜାୟ ରହିବ । ୟୁରୋପର ସଭ୍ୟତାର ତତ୍ତ୍ୱକୁ ତତ୍ତ୍ୱ ହିସାବରେ ଆଜି ଯାଏଁ ଚେତନାରେ ବୁଝିବାକୁ ଚାହିଁ ନାହିଁ, ବୁଝିପାରି ନାହିଁ, ଯେତେବେଳ ଯାଏଁ ଉକ୍ତ ତତ୍ତ୍ୱ ଓ ସତ୍ୟକୁ ତାହା ବାହ୍ୟ ଏକ କର୍ମମୁଖୀ, ବ୍ୟବହାର-ପନ୍ଥୀ ଏବଂ ମୂର୍ତ୍ତିରୂପ ଦେଇ ନ ଧରିଛି ।

ଏହା ତ ଗଲା ପାଶ୍ଚାତ୍ୟ ଦେଶ ଓ ଧର୍ମର କଥା । ଭାରତ ବା ହିନ୍ଦୁ ପ୍ରକୃତି ଗଠିତ ହୋଇଛି ଅନ୍ୟ ଏକ ଧାତୁରେ – ତାହାର ଗତି ଯେପରି ବିପରୀତମୁଖୀ । ଦେହରେ, ପ୍ରାଣରେ ସତ୍ୟକୁ ଗ୍ରହଣ କରିବା, ତଥା ଧାରଣ କରିବା ପାଇଁ ସେ ମଧ୍ୟ ଛାଞ୍ଚ ଗଢ଼ିଛି ସେଠାରେ, ମାତ୍ର ତତ୍‌ସହିତ ସେ କହି ଆସିଛି ଏ ସମସ୍ତ କେବଳ ଅବଲମ୍ବନ, ଆଶ୍ରୟ ମାତ୍ର । ତାହାର ଚେତନା ନିୟତ ଅବଲମ୍ବନ ପାଇଁ 'ବିଶେଷ'କୁ ଅତିକ୍ରମ କରି 'ସାଧାରଣ'ର ଦିଗରେ ଗତି କରୁଛି; ରୂପ, ଆକାର, ବିଗ୍ରହକୁ ଡେଇଁ ତତ୍ତ୍ୱର ଅଭିମୁଖରେ । ନିୟମ-କାନୁନ ବାନ୍ଧି ଦେଇଛି ଯଥେଷ୍ଟ, ମାତ୍ର ସଙ୍ଗେ ସଙ୍ଗେ ବିକଳ୍ପର ବି ବ୍ୟବସ୍ଥା ରଖିଛି ଏବଂ କହି ରଖିଛି ସମସ୍ତ କ୍ରିୟାକଳାପ ସ୍ଥାନ, କାଳ, ପାତ୍ର ଅନୁସାରେ ନିର୍ଣ୍ଣିତବ୍ୟ ଓ ପରିବର୍ତ୍ତନୀୟ ଏବଂ ଏହା ସତ୍ତ୍ୱେ ବି ଏଭଳି ସ୍ଥାନ, କାଳ, ପାତ୍ର ରହିଛି ଯେଉଁଠାରେ ନିୟମୋଽନାସ୍ତି । ସାଧାରଣ ମନୁଷ୍ୟମାନଙ୍କ ପାଇଁ ନିୟମ ହେଉଛି ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ – ଏଇଗୁଡ଼ିକୁ ପର୍ଯ୍ୟାୟ କ୍ରମରେ ଗୋଟାଏ ପରେ ଗୋଟାଏ ଆଶ୍ରମରେ ଅବସ୍ଥାନ କରି ତାକୁ ପାର ହୋଇଯିବା; କିନ୍ତୁ ଯିଏ ସକ୍ଷମ ଅର୍ଥାତ୍ ଯିଏ ସମର୍ଥବାନ୍, ଯାହାର ଅଧିକାର ଅଛି, ସେ ଏ ନିୟମରେ ବଦ୍ଧ ନୁହନ୍ତି । ତାଙ୍କ ନିମନ୍ତେ କୁହାଯାଇଛି : 'ଯଦ ଅହରେବ ବିରଜ୍ୟେତ୍, ତଦହରେବ ପ୍ରବଜ୍ୟେତ' – ଅର୍ଥାତ୍ ଯେଉଁ ମୁହୂର୍ତ୍ତରେ ବୈରାଗ୍ୟ ଆସିବ, ସେଇ ମୁହୂର୍ତ୍ତରେ ତୁମେ ଗୃହତ୍ୟାଗ କରିପାର । ଆଉ ଗୋଟିଏ ଉଦାହାରଣ : ସତୀ କୁହାଯାଏ କାହାକୁ ? ଯିଏ ଏକ-ଭର୍ତ୍ତୃକା, ଅନନ୍ୟପରାୟଣା – ଯଥା ସୀତା, ସାବିତ୍ରୀ । ଏ କଥା ସତ୍ୟ, କିନ୍ତୁ ଏହା ସହିତ ସେଇ ପର୍ଯ୍ୟାୟରେ ଅହଲ୍ୟା,

ଦ୍ରୌପଦୀ, କୁନ୍ତୀ, ତାରା, ମନ୍ଦୋଦରୀ ମଧ୍ୟ ପ୍ରାତଃସ୍ମରଣୀୟା; ଏପରି ହେବାର କାରଣ ନିଶ୍ଚୟ କେଉଁଠାରେ ରହିଛି । ବିଧି-ନିଷେଧର ଆପେକ୍ଷିକତା ହିନ୍ଦୁତ୍ୱର ତଥା ହିନ୍ଦୁମାନଙ୍କର ଏକ ମର୍ମଗତ ବୈଶିଷ୍ଟ୍ୟ । ମୂଳ ଆଦି-ସତ୍ୟକୁ ଅନ୍ୟାନ୍ୟ ଧର୍ମ ଦେଇଛି ଏକ ଅଦ୍ୱିତୀୟ ରୂପ । ଯଥା : ଜିହୋବା, ଖ୍ରୀଷ୍ଟ, ଖୋଦା; କିନ୍ତୁ ହିନ୍ଦୁ ତା'ର ଇଷ୍ଟକୁ ଶତନାମ, ସହସ୍ର ନାମ ଦେଇ ନପାରିଲେ, ପୁନରାୟ ସେଇ ସଂଖ୍ୟକ ରୂପ ନଦେଇ ପାରିଲେ ତା'ର ମନ ସନ୍ତୋଷ ଲଭେ ନାହିଁ । ଶେଷରେ ଏକଥା ବି କହିଛି ଇଷ୍ଟଙ୍କର ନାମରେ ବା ରୂପରେ କିଛି ଯାଏ ଆସେ ନାହିଁ, ଯଥେଚ୍ଛା ନାମ-ରୂପ ଦେଇପାର ଯେପରି କୁହାଯାଇଛି 'ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି' ।

ମୂର୍ତ୍ତିପୂଜକ ବା ମୂର୍ତ୍ତିବାଦୀ (Idolatrous) ବୋଲି ହିନ୍ଦୁମାନଙ୍କୁ କୁହାଯାଏ; ଅଥଚ ଗୋଟିଏ ଦିଗରୁ ଦେଖିଲେ ମୂର୍ତ୍ତିପୂଜାରୀ ହିସାବରେ ଅନ୍ୟ ସମସ୍ତଙ୍କ ଅପେକ୍ଷା ସେମାନେ କମ୍ । ମୂର୍ତ୍ତି ଅର୍ଥ କେବଳ ଜଡ଼ ପୁତ୍ତଳିକା ନୁହେଁ — ମନର ଗଢ଼ା ଭାବକୁ, ଜଡ଼ମୂର୍ତ୍ତିଠାରୁ ବି ଅଧିକ ଶକ୍ତ ଧାରଣାକୁ ନିରାଟ ଛାଣୁ କରି ନିର୍ମାଣ କରାଯାଇଥାଏ । ହିନ୍ଦୁ ମୂର୍ତ୍ତି ଗଢ଼େ ବିସର୍ଜନ ଦେବା ପାଇଁ ! ଏହା କ'ଣ ପ୍ରମାଣ ଦେଉ ନାହିଁ ଯେ ହିନ୍ଦୁ ବାସ୍ତବିକ ମୂର୍ତ୍ତିତନ୍ତ୍ରୀ ନୁହେଁ, ବରଂ ସେ ଦୃଷ୍ଟିରୁ କହିବାକୁ ହେବ ସେ ମୂର୍ତ୍ତିଦ୍ରୋହୀ (iconoclast) । ଅଣ-ହିନ୍ଦୁମାନେହିଁ ଆଶ୍ଚର୍ଯ୍ୟ ହୋଇ କହିଥା'ନ୍ତି ଯେ ଯେଉଁ ବସ୍ତୁକୁ ପୂଜା କରାଯାଉଛି ଏତେ ଆଡ଼ମ୍ବରରେ, ତାକୁ ପୁଣି କିପରି ହିନ୍ଦୁ ଜଳରେ ବୁଡ଼ାଇ ଦିଏ ? ଏଇ ମନ୍ତବ୍ୟରୁ ହିଁ ବୁଝାପଡ଼େ ଅଣ-ହିନ୍ଦୁମାନଙ୍କ ଚେତନାରେହିଁ ରହିଛି ମୂର୍ତ୍ତି ଉପରେ ବେଶୀ ଭକ୍ତି । କାହିଁକି ନା ହିନ୍ଦୁ ଜାଣେ ତା'ର ମନରେ, ପ୍ରାଣରେ ଯେଉଁ ମୂର୍ତ୍ତି — ତା' ମାଟି ପଥରର ହେଉ ଅବା ଚିନ୍ତାର, ଧାରଣାର ହେଉ — ପ୍ରତୀକ ମାତ୍ର, କେବଳ ଆଶ୍ରୟ ଇଙ୍ଗିତ । ଅସଲ ସତ୍ୟ ବା ସାରବସ୍ତୁ ରହିଛି ଏସବୁର ପଶ୍ଚାତରେ, ଅନ୍ତରାଳରେ; ଉକ୍ତ ପ୍ରଚ୍ଛନ୍ନ ଜିନିଷଟି ଦିଗରେ ଚାଲିବା ପାଇଁ, ସେଇ ବିନ୍ଦୁରେ ପହଞ୍ଚିବା ଲାଗି ଏଗୁଡ଼ିକ ହେଉଛି ଏକ ଏକ ସୋପାନ, ଶିଡ଼ିର ପାଦପୀଠ । ଏଗୁଡ଼ିକର ନିଜସ୍ୱ ମୂଲ୍ୟ କିଛି ନାହିଁ । ହିନ୍ଦୁ ମୂର୍ତ୍ତିକୁ ପୂଜା କରେ ନାହିଁ, ବରଂ ଆରାଧନା କରେ ମୂର୍ତ୍ତିରେ ଅଧିଷ୍ଠିତ ଦେବ-ଚୈତନ୍ୟକୁ, ଦେବତାତ୍ମାକୁ; ସେଥିପାଇଁ ପୂଜା ପୂର୍ବରୁ ବିଧାନସ୍ୱରୂପ ପ୍ରାଣ-ପ୍ରତିଷ୍ଠାର ଅନୁଷ୍ଠାନ ଲାଗି ଆୟୋଜନ ।

ଅନ୍ୟ କଥାରେ କହିବା : ହିନ୍ଦୁର ଚେତନାରେ ରହିଛି ଏକ ଉତ୍‌କେନ୍ଦ୍ରାୟନୀ ଗତି — ଏବଂ ଏହାର ଅନୁପ୍ରେରଣାହିଁ ତା' ଦ୍ୱାରା କୁହାଇଛି — ''ନେତି, ନେତି'' ଏବଂ ''ତତଃ କିମ୍ ତତଃ କିମ୍'', ତାକୁ ପ୍ରତିପଦରେ ଉଠାଇ ନିଆ ହେଉଛି ଉର୍ଦ୍ଧ୍ୱକୁ ଆଉ ଏକ ପ୍ରକାର ଜଗତର ଦିଗରେ, ଏକ ଲୋକାନ୍ତର ଅଭିମୁଖରେ । ଐହିକର ଦେହ-ପ୍ରାଣ-ମନ ମଧ୍ୟରେ ନିଜକୁ ହିନ୍ଦୁ ସୁଷୀମ, ସଂହତ, ସମୃଦ୍ଧ କରି ଗଢ଼ି ତୋଳିବାର ଚେଷ୍ଟାରେ ଥିଲେ ମଧ୍ୟ ତାହାର ଅନ୍ତରାତ୍ମା ସର୍ବଦା ଏ ସମସ୍ତକୁ ଡେଇଁ, ଏହାର ପର ପାରରେ ଏକ ଅବାଧ ନିର୍ମୁକ୍ତିର ପ୍ରସାରତାରେ ଉପନୀତ ହେବାକୁ ଚେଷ୍ଟିତ । ଦେହ, ପ୍ରାଣ, ମନର ଛାଞ୍ଚକୁ ହିନ୍ଦୁ ଏକାନ୍ତ ସର୍ବସ୍ୱ କରି କେବେ ବି ମାନି ନେଇ ନାହିଁ — ଇଉରୋପ ବରଂ ଏଇ ଦିଗଟି ଉପରେ ଜୋର୍ ଦେଇଛି ଅଧିକ, ଉକ୍ତ କାରଣରୁ ସେ ହୋଇଛି ନୀତିବାଦୀ । ଏବଂ ଏଇଥି ପାଇଁହିଁ ସେ ଭାରତ ବିରୋଧରେ ଅଭିଯୋଗ କରେ ଯେ ଭାରତ ଅତିରିକ୍ତ ତତ୍ତ୍ୱବାଦୀ (metaphysical) ଅଥଚ ଯଥେଷ୍ଟ ମାତ୍ରାରେ ନୈତିକ ନୁହେଁ ।

ଇସଲାମର ସେନାବାହିନୀ ଭଳି ହିନ୍ଦୁଧର୍ମର କିଛି ବାହନ ନଥିଲା, ପୁନଶ୍ଚ ଖ୍ରୀଷ୍ଟୀୟ ଚର୍ଚ୍ଚର ରାଜଚକ୍ରବର୍ତ୍ତିତ୍ୱ ବା ପ୍ରତାପ ତାହାର ନଥିଲା ମଧ୍ୟ । କେବଳ ବୌଦ୍ଧ ଯୁଗରେହିଁ ଧର୍ମ ସର୍ବ ପ୍ରଥମେ ଭାରତରେ ପାଇଲା ମାନସ ଅର୍ଥାତ୍ ନୀତିମୂଳକ ପ୍ରାଧାନ୍ୟ; ଏବଂ ସେଇ କାରଣରୁ ୟୁରୋପୀୟମାନେ ଏବଂ ୟୁରୋପୀୟ ଭାବରେ ଶିକ୍ଷିତ ଭାରତୀୟଗଣ ପୁଣି ବିଶେଷ କରି ଆଧୁନିକମାନେହିଁ ହିନ୍ଦୁଧର୍ମ ଅପେକ୍ଷା ବୌଦ୍ଧଧର୍ମ ଆଡ଼କୁ ବେଶୀ ଢଳିଛନ୍ତି, ସମ୍ଭବତଃ ଏକ ପ୍ରକାର ସଂଘାତ ହେତୁ ବେଶୀ ଐହିକ ଶକ୍ତି ଓ ସାମର୍ଥ୍ୟ ଲାଭ କରିଛନ୍ତି । ମାତ୍ର ସେ ବୌଦ୍ଧ ଚେତନା ଓ ସାମର୍ଥ୍ୟରେ ମଧ୍ୟ ପୂରା ଜିନିଷଟାହିଁ ଥିଲା ବ୍ରାହ୍ମଣ୍ୟର ଧୀର ଆତ୍ମୋଜ୍ଜ୍ୱଳ ପ୍ରସାରତା । କହିବାକୁ ଗଲେ ତହିଁରେ କ୍ଷାତ୍ର ବିଜିଗୀଷା ନଥିଲା ।

ଆଜିକାର କ୍ଷାତ୍ର ଶକ୍ତିର ଯୁଗରେ ହିନ୍ଦୁ ବିଶେଷ ଭାବରେ ଅନୁଭବ କରୁଛି ଏଇ କ୍ଷାତ୍ର ଶକ୍ତିର ଅଭାବ । ସଂଗଠନ ବ୍ରତର ଅର୍ଥ କ'ଣ ତାହାହିଁ ନୁହେଁ ? ଏଇଠାରେ ପ୍ରଶ୍ନ ଉଠୁଛି ଯେ ହିନ୍ଦୁଧର୍ମ ପକ୍ଷରେ church militant ହେବା କ'ଣ ବାଞ୍ଛନୀୟ ଅବା ସମ୍ଭବ ? ଉତ୍ତରରେ କୁହାଯାଇପାରେ ପୂର୍ଣ୍ଣମାତ୍ରାରେ ରଣରଙ୍ଗିନୀ ନହେଲେ ମଧ୍ୟ, ହିନ୍ଦୁ ପ୍ରକୃତି ମଧ୍ୟରେ ପ୍ରୟୋଜନ 'ଉତ୍ଥାପନା' ବା 'ଉର୍ଦ୍ଧ୍ୱାୟନୀ ଶକ୍ତି'; ଖାଲି ସେତିକି ନୁହେଁ ଏଇଠାରେ, ଜୀବନ କ୍ଷେତ୍ରରେ, ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବାକୁ ହେଲେ ହିନ୍ଦୁ ପକ୍ଷରେ ଅନୁକୂଳ ହେଉଛି ଗୁରୁତ୍ୱ ବା ଓଜଃଗୁଣର ଅଧିକାରୀ ହେବା ।

ଏଇ ଉଦ୍ଦେଶ୍ୟରେ ହିନ୍ଦୁର ଦେହ-ପ୍ରାଣ-ମନକୁ,

ଯେଉଁଗୁଡ଼ିକ ଐହିକ ପ୍ରତିଷ୍ଠାର ଯନ୍ତ୍ର, ସେଇଗୁଡ଼ିକୁ ଦେବାକୁ ହେବ ନୂତନ ଗୋଟିଏ ଗତି ଓ ଗଠନ – ସେ ଗଠନରେ ରହିବ ସ୍ୱଚ୍ଛତର ମାନସ ଛାଞ୍ଚ, ସତେଜ ପ୍ରାଣ, ସୁଠାମ ଓ ସଂହତ ଦୈହିକ ଆୟତନ – ସର୍ବତ୍ର ଏକ କ୍ରିୟା-ଉନ୍ମୁଖ ସୁଶୃଙ୍ଖଳ, ସମର୍ଥ ଉଦ୍ୟମ ।

ଯୁଗଧର୍ମର ଚାପରେ ଏଇ ପ୍ରକାର କିଛି ହୁଏତ ପ୍ରୟୋଜନ, 'ହୁଏତ' ନ କହି ବରଂ 'ନିଶ୍ଚୟ' କହିବା ଦରକାର । ତେବେ ଯୁଗଧର୍ମର ଯେଉଁ ଦାବି ଥାଉନା କାହିଁକି, ଗୋଟିଏ କଥା ଭୁଲିଲେ ଚଳିବ ନାହିଁ, ଯେଉଁଥିପାଇଁ ହିନ୍ଦୁଧର୍ମର ଅନ୍ୟ ନାମ 'ସନାତନ ଧର୍ମ' । ଶରୀରକୁ ରକ୍ଷା କରିବାକୁ ଯାଇ, ଶାରୀରିକ ପ୍ରତିଷ୍ଠା ଲାଭ କରିବାକୁ ଯାଇ ହିନ୍ଦୁ ଯେପରି ତା'ର ଆତ୍ମାକୁ ନ ହରାଏ; ତାର ଆତ୍ମ-ପୁରୁଷକୁ ଅର୍ଥାତ୍ ତାହାର ଗଭୀରତମ, ଊର୍ଦ୍ଧ୍ୱତମ, ବିଶାଳତମ ଅଧ୍ୟାତ୍ମ-ଉପଲବ୍ଧିସବୁକୁ ଯେପରି ହରାଇ ନ ବସେ । ଅନ୍ୟାନ୍ୟ ଧର୍ମର ଦେଖାଦେଖି ହିନ୍ଦୁ ବି ଆଜି ଲୋଭ କରୁଛି ଠିକ୍ ସେଇଭଳି ଏକ ପରାକ୍ରମୀ ପରଧର୍ମଗ୍ରାସୀ ଗୋଷ୍ଠୀ Proselytising religionର ସଦସ୍ୟ ହୋଇଯିବାକୁ । କିନ୍ତୁ ସେ ପ୍ରକାର ଲୋଭକୁ ପ୍ରଶ୍ରୟ ନ ଦେଇ, ପର ଧନରେ ଲୋଭ ନ କରି 'ମା ଗୃଧଃ କସ୍ୟସିଦ୍‌ଧନମ୍' – ତା' ପାଇଁ ଉଚିତ ହେଉଛି ଆପଣାର ପଥରେ, ସ୍ୱଧର୍ମରେ ଚାଲି ଆପଣାର ଧନରେହିଁ ଧନୀ ହୋଇ ଉଠିବା । ନିଜଠାରେ ହିନ୍ଦୁତ୍ୱର ପ୍ରସାର ଦ୍ୱାରା ନିଜକୁ ବଡ଼ କରିବା – ଏହାହିଁ ପ୍ରକୃଷ୍ଟ ପନ୍ଥା । ଅନ୍ତତଃପକ୍ଷେ ଯନ୍ତ୍ରପାତି ରୂପେ ଯାହାହିଁ ଆହରଣ କରାଯାଉ ନା କାହିଁକି, ସ୍ମରଣ ରଖିବାକୁ ହେବ ଯେ ସେ ସମସ୍ତ ଖାଲି ଗୌଣ ଉପକରଣ, ଅସଲ ମୁଖ୍ୟ ଜିନିଷଟି ରହିଛି ଅନ୍ୟତ୍ର; ତାହାହିଁ ସହାୟ – ନିଜ ଭିତରେ ହିନ୍ଦୁତ୍ୱକୁ ପ୍ରସାରିତ କରିବା ।

ହିନ୍ଦୁଧର୍ମ ଯେଉଁସବୁ ଅଧ୍ୟାତ୍ମ ସତ୍ୟକୁ ନେଇ ଦଣ୍ଡାୟମାନ, ହିନ୍ଦୁର ଚେତନାରେ, ମନରେ, ପ୍ରାଣରେ, ଜୀବନରେ ସେଗୁଡ଼ିକୁ ଜାଗ୍ରତ୍ ରଖିବାକୁ ହେବ । ହିନ୍ଦୁର ଯଦି ସାଧକମଣ୍ଡଳୀ ଥାଆନ୍ତି, ଯେଉଁମାନଙ୍କର ଲକ୍ଷ୍ୟ ଓ ପ୍ରଯତ୍ନ ଥିଲା ପରମ ଅଧ୍ୟାତ୍ମ ସତ୍ତାକୁ ସ୍ଫୁଟ, ଜାଗ୍ରତ୍ ତଥା ଶରୀରୀ କରି ଧରିବା, ତେବେ ସେଇମାନଙ୍କ ପ୍ରଭାବରେ ହିନ୍ଦୁର ସମାଜ ବି ଲାଭ କରିବ ଯଥାଯୋଗ୍ୟ ସୁଦୃଢ଼, ଶକ୍ତିମାନ୍ ଆୟତନ । ବାହାର ଆୟୋଜନ ଶୃଙ୍ଖଳାର ଯେତେ ବି ଆବଶ୍ୟକତା ଥାଉନା କାହିଁକି ଅନ୍ତରର ଦିବ୍ୟଚେତନା ଯେପରି ସେଗୁଡ଼ିକୁ ଧାରଣ ଓ ଅନୁପ୍ରାଣିତ କରେ । ହିନ୍ଦୁଜାତିର ଆପାମର ସମସ୍ତଙ୍କୁ ହିଁ ଯେ ଏଥି ନିମନ୍ତେ ଯୋଗୀ, ଋଷି ହୋଇ ଉଠିବାକୁ ପଡ଼ିବ – ସେକଥା ନୁହେଁ । ଯେଉଁମାନେ ବ୍ୟବସ୍ଥାଦାତା, ଯେଉଁମାନେ ସମାଜର ମୁଣ୍ଡ ଅବା ଯେଉଁମାନେ ସମାଜର ହୃଦୟ, ଯେଉଁମାନେ ଅନୁପ୍ରେରଣାର ଉତ୍ସ, ସେମାନଙ୍କୁ ହେବାକୁ ପଡ଼ିବ ଯୋଗୀ ଅବା ଋଷି ଅର୍ଥାତ୍ ସେମାନଙ୍କୁ ହେବାକୁ ପଡ଼ିବ ଅଧ୍ୟାତ୍ମ ସତ୍ୟର ସ୍ରଷ୍ଟା ଓ ଦ୍ରଷ୍ଟା । ହିନ୍ଦୁଧର୍ମ ଓ ହିନ୍ଦୁସମାଜ ଏଇ ପରି ଭାବରେ ଲାଭ କରିପାରିବ ନବଜନ୍ମ, ନବଜୀବନ – ଅନ୍ୟ ପଥ ଧରିଲେ ସେଇଟି ହୁଏତ କେଜାଣି ସମ୍ଭବ ହୋଇ ପାରିବ – ପୁରାତନକୁ କୌଣସି ପ୍ରକାରେ ଧରିବାନ୍ଧି ରଖିବାର, କୌଣସି ପ୍ରକାରେ ବଞ୍ଚାଇ ରଖିବାର ବ୍ୟର୍ଥ ପ୍ରୟାସ ।

ହିନ୍ଦୁଧର୍ମକୁ ଯଦି ସନାତନ ଧର୍ମରୂପେ ଠିଆ କରାଇବାକୁ ହେବ, ତେବେ ସନାତନ ସତ୍ୟର ଜାଗ୍ରତ୍ ଉପଲବ୍ଧିର ବ୍ୟକ୍ତ ରୂପାୟଣର ମାଧ୍ୟମରେହିଁ ତାହା ହୋଇପାରିବ, ଅନ୍ୟଥା ସମ୍ଭବ କରିବା ଅସାଧ୍ୟ । ପୁରାତନ ସତ୍ୟ ଜୀବନ୍ତ ହୋଇଉଠେ, ସନାତନ ହୋଇଉଠେ – ସାଧକର ଚେତନାରେ ଓ ସାଧକର ଆତ୍ମ-ଅନୁଶୀଳନର ପ୍ରଭାବରେ । ହିନ୍ଦୁର ସମଷ୍ଟିଗତ ଚେତନାର ଭିତରେ କୌଣସି ଏକ ଗଭୀରତାର ମଧ୍ୟରେ ପ୍ରଜ୍ୱଳିତ କରିବାକୁ ହେବ ସତ୍ୟ-ଉପଲବ୍ଧିର ଚିନ୍ମୟ ଅଗ୍ନି । ଏଇ ଅଗ୍ନିର ଊର୍ଦ୍ଧ୍ୱାୟନହିଁ ବୁଝାଇବ ହିନ୍ଦୁରାଜ୍ୟର ବ୍ୟାବହାରିକ ପ୍ରତିଷ୍ଠା ଓ ପ୍ରସାର । ଅତୀତରେ ହିନ୍ଦୁମାନଙ୍କର ପ୍ରଭାବ ହିନ୍ଦୁସ୍ଥାନର ବାହାରେ ଦିଗ୍-ବିଦିଗେ, ଦୂରରୁ ଦୂରକୁ ପ୍ରସାରିତ ହୋଇଥିଲା । ଆଜି ମଧ୍ୟ ଉକ୍ତ ପୁରାତନ ପନ୍ଥାହିଁ ବିତତ ହୋଇଚାଲିଛି ।

ହିନ୍ଦୁତ୍ୱର ଉତ୍ସ କ୍ଷାତ୍ର ପରାକ୍ରମ ନୁହେଁ (ଅଥବା ବୈଶ୍ୟର କୌଶଳ ନୁହେଁ); ତାହାର ଉତ୍ସ ବ୍ରାହ୍ମଣ୍ୟ ଚେତନା । ସେଥିପାଇଁ ହିନ୍ଦୁଧର୍ମର ଆଉ ଏକ ନାମ ବ୍ରାହ୍ମଣ୍ୟ ଧର୍ମ । ଅର୍ଥାତ୍ ସେ ଉତ୍ସ, ସେ ପ୍ରତିଷ୍ଠା ହେଉଛି ବ୍ରାହ୍ମୀସ୍ଥିତି, ଅଧ୍ୟାତ୍ମ-ସତ୍ତା । ଅଧ୍ୟାତ୍ମ-ସତ୍ତାର ବିଗ୍ରହ ଯଥାର୍ଥ ବ୍ରାହ୍ମଣହିଁ ପ୍ରୟୋଜନ ବୋଧକଲେ ସୃଷ୍ଟି କରିନେବ ବା ଗଢ଼ିନେବ ତାହାର ଯନ୍ତ୍ର – ଯଥାଯୋଗ୍ୟ କ୍ଷାତ୍ରଶକ୍ତି ବା ବୈଶ୍ୟଶକ୍ତି । ଯେଉଁ କ୍ଷାତ୍ରଶକ୍ତି ବା ବୈଶ୍ୟଶକ୍ତି ସ୍ୱୟଂସିଦ୍ଧ ବା ଆତ୍ମପରାୟଣ ତାହା ଆସୁରିକ – କୌଣସି ଦିବ୍ୟସୃଷ୍ଟି ତାହା ଦ୍ୱାରା ସମ୍ଭବ ନୁହେଁ । ବରଂ ଦିବ୍ୟସୃଷ୍ଟିକୁ ତାହା ବ୍ୟାହତ କରି ଚାଲେ । ସେଇ କାରଣରୁ ବ୍ରାହ୍ମୀସ୍ଥିତି ଉପରେ ପ୍ରତିଷ୍ଠିତ କ୍ଷାତ୍ର ବା ବୈଶ୍ୟ ଶକ୍ତି ଦ୍ୱାରା ଭବିଷ୍ୟକାଳର ଦିବ୍ୟସୃଷ୍ଟି ଗଢ଼ିତୋଳିବାକୁ ହେବ ।

(ରଚନାବଳୀ ଦଶମ ଖଣ୍ଡ, 'ଦେଶ ଓ କାଳ'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❖

# ନୂତନ ଯୁଗ ପ୍ରବର୍ତ୍ତନ

## ଶ୍ରୀ ପ୍ରପତ୍ତି

ପୃଥିବୀ ଉପରେ ଗୋଟାଏ ନୂଆ ଯୁଗ ଆସୁଛି । ଏହି ପୃଥିବୀ ମଧ୍ୟ ଗୋଟିଏ ନୂଆ ପୃଥିବୀରେ ପରିବର୍ତ୍ତିତ ହେବ । ନୂଆ ପୃଥିବୀରେ, ନୂଆ ଯୁଗରେ ନୂତନ ମନୁଷ୍ୟର ଆବିର୍ଭାବ ହେବ । କିନ୍ତୁ ଏହି ନୂତନ ଯୁଗ, ନୂତନ ପୃଥିବୀ, ନୂତନ ମାନବଜାତିର ଆବିର୍ଭାବ, ପ୍ରତିଷ୍ଠାର ମୂଳଭିତ୍ତି କ'ଣ, ଯଥାର୍ଥ ରହସ୍ୟ କ'ଣ, ତତ୍ତ୍ୱ ଓ ବିଧାନ କ'ଣ ? ଏହାର ସତ୍ୟତା କେତେ ଦୂର ?... ... ଏହିପରି ବହୁତ ପ୍ରଶ୍ନ ଉତ୍ଥାପନ କରାଯାଇପାରେ । ଏହିସବୁର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଏଠାରେ ଆମର ଉଦ୍ଦେଶ୍ୟ ନୁହେଁ, କେବଳ ଗୋଟିଏ ବିଶେଷ ଦିଗ ଉପରେ ଆଲୋକପାତ କରିବା ।

ପୃଥିବୀ ନିରବଚ୍ଛିନ୍ନଭାବେ ପରିବର୍ତ୍ତନ ଦିଗରେ ଚାଲିଛି କିନ୍ତୁ ବେଳେ ବେଳେ ଗୋଟିଏ ବିପୁଳ, ବିଶାଳ ଓ ସର୍ବାଙ୍ଗୀନ ପରିବର୍ତ୍ତନର ସମ୍ମୁଖୀନ ହୁଏ । ଏହି ପରିବର୍ତ୍ତନ ଏପରି ବ୍ୟାପକ ଏବଂ ଏପରି ଆମୂଳଚୂଳ ହୁଏ ଯେ ବହୁ ବିଜ୍ଞଲୋକ ମଧ୍ୟ ଏହି ପରିବର୍ତ୍ତନର ରହସ୍ୟ ହୃଦୟଙ୍ଗମ କରିପାରନ୍ତି ନାହିଁ । କିନ୍ତୁ ଏହି ପରିବର୍ତ୍ତନର ଅସଲ ଉଦ୍ଦେଶ୍ୟ ହେଲା ଏକ ମହାନ୍ ସତ୍ୟର ପ୍ରକାଶ ଓ ପ୍ରତିଷ୍ଠା । ଏ ବିଶ୍ୱପ୍ରକୃତି ଓ ସଂସାର ସତ୍ୟ ପ୍ରକାଶ ନିମିତ୍ତ ନିରନ୍ତର କାର୍ଯ୍ୟ କରିଚାଲିଛି । ବିଶ୍ୱହିଁ ସତ୍ୟର ଆବାସଭୂମି । ଯେଉଁ ସତ୍ୟ ଆଗାମୀ କାଳରେ ପ୍ରକାଶିତ ହେବ ଏବଂ ସମଗ୍ର ଜଗତକୁ ଏକ ନୂତନ ରୂପ ଦେବ ତାହା ପ୍ରଚ୍ଛନ୍ନ ଭାବେ, ଗୋପନରେ ଏଠାରେ ରହିଛି । ବିଶ୍ୱ-ବିବର୍ତ୍ତନ ଧାରାରେ ଊର୍ଦ୍ଧ୍ୱରୁ ସେହି ମହାନ୍ ସତ୍ୟର ଅବତରଣ ଘଟେ ଏବଂ ନିମ୍ନସ୍ଥ ପ୍ରଚ୍ଛନ୍ନ ସତ୍ୟର ଉନ୍ମୀଳନ ଫଳରେ ଏକ ନୂତନ ଜଗତର ଆବିର୍ଭାବ ହୁଏ ।

ଶ୍ରୀଅରବିନ୍ଦ ଦୀର୍ଘକାଳ ଧରି ଏହି ମହାନ୍ ସତ୍ୟର ଆବିର୍ଭାବ ନିମିତ୍ତ ତପସ୍ୟା କରିଛନ୍ତି ଏବଂ ଏହି ସତ୍ୟର ନାମ ଦେଇଛନ୍ତି ଅତିମାନସ ସତ୍ୟ (Supramental Truth) । ଶ୍ରୀଅରବିନ୍ଦ ଘୋଷଣା କରିଥିଲେ, "The Supramental is a Truth and its advent in the very nature of things is inevitable." ଅର୍ଥାତ୍, ''ଅତିମାନସ ଏକ ସତ୍ୟ ଏବଂ ପ୍ରକୃତିର ଧାରାରେ ଏହାର ଆବିର୍ଭାବ ଅବଶ୍ୟମ୍ଭାବୀ ।'' ଅତିମାନସ ସତ୍ୟ, ଜ୍ୟୋତିଃ, ଚେତନା ଓ ଶକ୍ତିର ଅବତରଣ ଫଳରେ ବିଶ୍ୱ-ବିବର୍ତ୍ତନ ଧାରାରେ ଏକ ନୂତନ ଊର୍ଦ୍ଧ୍ୱଗାମୀ ପାବଚ୍ଛ ଯୋଡ଼ି ହୋଇଯିବ ଏବଂ ଏକ ନୂତନ ଚେତନାର କ୍ରିୟା ଫଳରେ ଏକ ନୂତନ ସୃଷ୍ଟି ଦେଖା ଦେବ । ଚେତନାର ମୂଳରେ ଜଗତ୍ । ଏକ ନବୀନ ଚେତନାର ପ୍ରତିଷ୍ଠା ଫଳରେ ଏକ ନୂତନ ଜଗତର ପ୍ରତିଷ୍ଠା ହେବ । ଏହି ଚେତନାକୁ ଧାରଣ କରିବା ଫଳରେ ଏକ ନୂତନ ମାନବ ଗୋଷ୍ଠୀର ପ୍ରତିଷ୍ଠା ହେବ ।

ଅତିମାନସ ଜ୍ୟୋତିଃ, ଚେତନା ଓ ଶକ୍ତିର ଐତିହାସିକ ଅବତରଣ ଘଟିଲା ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ । ଶ୍ରୀମା ଏ ବିଷୟରେ ଘୋଷଣା କଲେ ୧୯୫୬ ମସିହା ଅପ୍ରେଲ ୨୪ ତାରିଖ ବାଣୀରେ । ସେହି ଘୋଷଣାରେ ଉଲ୍ଲେଖ କଲେ, ଅତିମାନସ ଆଉ ସମ୍ଭାବନା ରୂପେ ନାହିଁ, ଏହା ଏକ ଜୀବନ୍ତ ସତ୍ୟ । ଆଜି ଏହା ଏଠାରେ କାର୍ଯ୍ୟକାରୀ ହେଉଛି କିନ୍ତୁ ଦିନ ଆସିବ ଯେତେବେଳେ ଅତି ଅଧମ, ଅତି ଅଜ୍ଞାନ ଓ ଅତି ଅନ୍ଧ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବ । ଏ ସମ୍ପର୍କରେ ଶ୍ରୀମା'ଙ୍କର ଯେଉଁ ଉପଲବ୍ଧି ହୋଇଥିଲା ତାହା ପ୍ରକାଶ ପାଇଲା ୨୯ ଫେବ୍ରୁଆରୀ, ୧୯୬୦ ଘୋଷଣାରେ । ଯଥାର୍ଥରେ କହିବାକୁ ଗଲେ ୧୯୫୬ ମସିହାରୁ ନୂତନ ଯୁଗର ପ୍ରବର୍ତ୍ତନ ହୋଇଛି ଏବଂ ନୂତନ ସତ୍ୟର ଆବିର୍ଭାବ ଘଟିଛି ।

ଯଦି ସତ୍ୟଯୁଗ ବୋଲି କେବେ ଦେଖାଦିଏ, ତେବେ ଏହାହିଁ ହେବ ସତ୍ୟଯୁଗର ପ୍ରାରମ୍ଭ । ଧୀରେ ଧୀରେ ଏହି ସତ୍ୟର ପ୍ରଭାବ ଓ ପ୍ରକ୍ରିୟା ବଢ଼ି ଚାଲିଛି । ତତ୍‌ପରବର୍ତ୍ତୀ ଘୋଷଣାଗୁଡ଼ିକ ଲକ୍ଷ୍ୟ କଲେ ଜଣାଯିବ କିପରି ଏହି ନୂତନ ସତ୍ୟ, ଶକ୍ତି, ସାମର୍ଥ୍ୟ ଓ ପ୍ରକ୍ରିୟା ସାରା ସଂସାରକୁ ପ୍ରଭାବିତ କରିପାରିବ, ଯାହାକୁ ସ୍ୱୟଂ ଶ୍ରୀମା ଘୋଷଣା କରି ଚାଲିଛନ୍ତି । ୧୯୬୫ ମସିହା ନବବର୍ଷ ବାଣୀରେ ଏହି ପରମ ଦିବ୍ୟସତ୍ୟର ଆବିର୍ଭାବକୁ ପ୍ରତ୍ୟକ୍ଷ ରୂପେ ସଂସାରରେ ଆସିବା ଉପଲକ୍ଷ କରି ମା ଘୋଷଣା କଲେ "Salute to the advent of Truth." ''ସତ୍ୟର ଆଗମନୀକୁ ନମସ୍କାର କରୁଛି ।'' ୧୯୬୬ ମସିହା ନବବର୍ଷ ବାଣୀରେ ଶ୍ରୀମା ଘୋଷଣା କଲେ "Let us serve the Truth." ''ଚାଲ, ଆମ୍ଭେମାନେ ସତ୍ୟର ସେବା କରିବା ।'' ପୁନଶ୍ଚ ୧୯୬୭ରେ ମା'ଙ୍କ ଘୋଷଣା ହେଲା "Men, countries, continents ! The

choice is imperative : Truth or the abyss."
''ମାନବ, ଦେଶ ଓ ମହାଦେଶ ସକଳ ! ବାଛିନେବା ଅନିବାର୍ଯ୍ୟ : ସତ୍ୟ ଅଥବା ରସାତଳ ।''

ସାରା ସଂସାର ତଥା ସମଗ୍ର ସମାଜକୁ ଶ୍ରୀମା ଏହି ଚେତାବନୀ ଶୁଣାଇ କହିଛନ୍ତି ଯେ ମନୁଷ୍ୟ ଯଦି ଏ ନୂତନ ସତ୍ୟକୁ ଗ୍ରହଣ କରିପାରିବ ନାହିଁ ତେବେ ଧ୍ୱଂସ ହୋଇଯିବ, ଅଥବା ରସାତଳଗାମୀ ହେବ । ଧୀରେ ଧୀରେ ଏହି ସତ୍ୟର ଧାରା ଓ ବିଧାନ ଯେ ସମଗ୍ର ଜୀବନ ଓ କର୍ମକୁ ପ୍ରଭାବିତ କରିବ ଏବଂ ମାନବସମାଜର ବିଭିନ୍ନ ଓ ବ୍ୟାପକ କ୍ରିୟା ମଧ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ । ଅନ୍ୟ ଏକ ବାଣୀରେ ଶ୍ରୀମା କହିଛନ୍ତି :

"The moment approaches when the Truth will govern the world.

Will you work to hasten its coming ?

Blessings."

(CWM Vol. 14, page : 193) – The Mother

(*Message for the Rayagada Study Circle, Orissa*)

ଅର୍ଥାତ୍,

''ସେହି ମୁହୂର୍ତ୍ତ ଆସୁଛି ଯେତେବେଳେ ସତ୍ୟ ପୃଥିବୀ ପରିଚାଳନା କରିବ ।

ଏହାର ଆଗମନୀକୁ ତ୍ୱରାନ୍ୱିତ କରିବା ନିମିତ୍ତ କାର୍ଯ୍ୟ କରିବ କି ?

ଆଶୀର୍ବାଦ ।'' – ଶ୍ରୀମା

ଶୀଘ୍ର ଏପରି ଏକ ମୁହୂର୍ତ୍ତ ଆସୁଛି ଯେତେବେଳେ ଦିବ୍ୟସତ୍ୟ ଜଗତ ପରିଚାଳନା ଓ ନିୟନ୍ତ୍ରଣର ଭାର ଗ୍ରହଣ କରିବ । କାରଣ ସତ୍ୟର ଧାରାରେ ଜଗତର ଉତ୍ଥାନ ହେବ । ପୁନଶ୍ଚ ଅନ୍ୟ ଏକ ବାଣୀରେ ମା କହିଛନ୍ତି :

"A new world, based on Truth and refusing the old slavery to falsehood, wants to take birth.

In all countries there are people who know it, at least feel it.

To them we call :

"Will you collaborate ?"

(CWM, Vol. 15, page : 62)

''ସତ୍ୟର ଭିତ୍ତିରେ ପ୍ରତିଷ୍ଠିତ ଏକ ନୂତନ ଜଗତ୍ ଜନ୍ମଲାଭ କରିବାକୁ ଚେଷ୍ଟା କରୁଅଛି – ମିଥ୍ୟାର ଦାସତ୍ୱକୁ ପ୍ରତ୍ୟାଖ୍ୟାନ କରିଛି ।

ପ୍ରତ୍ୟେକ ଦେଶରେ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଏକଥା ଜାଣନ୍ତି, ଅଥବା ଏକଥା ଅନୁଭବ କରି-ପାରୁଛନ୍ତି ।

ସେହିମାନଙ୍କୁ ମୁଁ ଆହ୍ୱାନ କରୁଛି :

ତୁମ୍ଭେମାନେ କ'ଣ ସହଯୋଗ କରିବାକୁ ଚାହଁ ?''

ଏକଥା ମା ବାରଂବାର ଘୋଷଣା କରୁଛନ୍ତି ଏବଂ ଉଚ୍ଚ କଣ୍ଠରେ କହୁଛନ୍ତି ଯେ ନୂତନ ଜଗତ୍ ଆଉ ସେହି ପୁରାତନ ଭିତ୍ତିରେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ମିଥ୍ୟା, ଅସତ୍ୟ, ଦୁର୍ନୀତି, ଶଠତା ଓ ଠକାମିର ଜଗତର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ହେବ । ନୂତନ ଜଗତର ଭିତ୍ତି ହେଲା ନୂତନ ଦିବ୍ୟସତ୍ୟ, ଅତିମାନସ ସତ୍ୟ । ଏହି ଭୂମିରେ ସତ୍ୟ, ପୂର୍ଣ୍ଣ ସତ୍ୟର ରାଜତ୍ୱ ଦେଖା ଦେବ । ସମଗ୍ର ପୃଥିବୀ ଏହି ସତ୍ୟ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହେବ । ୧୯୭୨ ନଭେମ୍ବର ୨୬ ତାରିଖରେ ମା'ଙ୍କର ଅନ୍ୟ ଏକ ଘୋଷଣା ଏଠାରେ ଉଲ୍ଲେଖ କରି ଏହି ପ୍ରବନ୍ଧ ସମାପ୍ତ କରୁଛୁ ।

"Before dying, falsehood rises in full swing.

Still people understand only the lesson of catastrophe. Will it have to come before they open their eyes to the Truth ?

I ask an effort from all so that it has not to be.

It is only the Truth that can save us, truth in words, truth in action, truth in will, truth in feelings. It is a choice between serving the Truth or being destroyed."

(CWM Vol. 13, page : 217)

ଅର୍ଥାତ୍, ''ମୃତ୍ୟୁ ପୂର୍ବରୁ ଅସତ୍ୟ ପୂର୍ଣ୍ଣମାତ୍ରାରେ ଉତ୍ଥିତ ହୁଏ ।

ତଥାପି ଲୋକମାନେ କେବଳ ବିପଦରୁହିଁ ଶିକ୍ଷାଲାଭ କରନ୍ତି । ସତ୍ୟ ପ୍ରତି ଉନ୍ମୁଖ ହେବା ପୂର୍ବରୁ କ'ଣ ଏହି ବିପଦ ଆସିବା ଆବଶ୍ୟକ ?

ମୁଁ ସମସ୍ତଙ୍କ ପାଖରୁ ଏହି ଉଦ୍ୟମ ଚାହୁଁଛି ଯାହା ଫଳରେ ଏହି ବିପଦ ନ ଆସିପାରେ ।

ଏକମାତ୍ର ସତ୍ୟହିଁ ଆମ୍ଭମାନଙ୍କୁ ରକ୍ଷା କରିପାରେ, ବାକ୍ୟରେ ସତ୍ୟ, କର୍ମରେ ସତ୍ୟ, ସଙ୍କଳ୍ପରେ ସତ୍ୟ, ଭାବରେ ସତ୍ୟ । ସତ୍ୟର ସେବା କରିବା ନା ଧ୍ୱଂସ ହୋଇଯିବା – ଏହି ଉଭୟ ମଧ୍ୟରୁ ଗୋଟିକୁ ବାଛି ନେବାକୁ ହେବ ।’’ ✤

The greatest Yoga is to take refuge from all the perplexities and difficulties of our nature with this indwelling Lord of all Nature, to turn to him with our whole being, with the life and body and sense and mind and heart and understanding, with our whole dedicated knowledge and will and action, *sarva-bhãvena,* in every way of our conscious self and our instrumental nature. And when we can at all times and entirely do this, then the divine Light and Love and Power takes hold of us, fills both self and instruments and leads us safe through all the doubts and difficulties and perplexities and perils that beset our soul and our life, leads us to a supreme peace and the spiritual freedom of our immortal and eternal status, *parãm sãntim, sthãnam sãsvatam.*

(*Essays on the Gita, -p. 555*) – Sri Aurobindo

ସର୍ବ ମହାନ୍ ଯୋଗ ହେଉଛି ସେଇ ଯୋଗ ଯେଉଁଥିରେ ଆମକୁ ଆମ ପ୍ରକୃତିର ଜଟିଳତା ଓ ବାଧାବିପତ୍ତି ମଧ୍ୟରୁ ବାହାରି ଆସି ସର୍ବମୟ ଉଚ୍ଚତର ପ୍ରକୃତିର ଅନ୍ତରବାସୀ ଭଗବାନଙ୍କ ନିକଟରେ ଆଶ୍ରୟ ଗ୍ରହଣ କରିବାକୁ, ଆମର ସମଗ୍ର ସତ୍ତା, ଜୀବନ, ଶରୀର, ଇନ୍ଦ୍ରିୟ, ମନ, ହୃଦୟ, ବୋଧଶକ୍ତି, ଆମର ସମଗ୍ର ଉତ୍ସର୍ଗୀକୃତ ଜ୍ଞାନ, ସଂକଳ୍ପ ତଥା କର୍ମ, ସକଳ ଭାବନା, ଆମର ସଚେତନ ସତ୍ତା ଓ ଯାନ୍ତ୍ରିକ ପ୍ରକୃତିର ପ୍ରତ୍ୟେକଟି ଧାରାକୁ ନେଇ, *ସର୍ବଭାବେନ*, ତାଙ୍କରି ପ୍ରତି ଉନ୍ମୁକ୍ତ ରହିବାକୁ ପଡ଼ିଥାଏ । ଯେତେବେଳେ ଆମେ ସବୁ ସମୟରେ ଓ ପରିପୂର୍ଣ୍ଣ ଭାବେ ଏହା କରିବାକୁ ସମର୍ଥ ହେବୁ ତା’ପରେ ଦିବ୍ୟ-ଆଲୋକ, ଦିବ୍ୟପ୍ରେମ ଓ ଦିବ୍ୟଶକ୍ତି ଆମକୁ ଅଧିକାର କରିବ ଓ ଉଭୟ ଆତ୍ମା ତଥା ଅନ୍ୟାନ୍ୟ ଆଧାର ମଧ୍ୟରେ ନିଜକୁ ଭରି ଦେବ ଓ ସମସ୍ତ ସନ୍ଦେହ, ବାଧା, ଜଟିଳତା ତଥା ବିପଦ ଯାହା ଆତ୍ମା ତଥା ଜୀବନକୁ ଘେରି ରହିଥାଏ ସେସବୁର ମଧ୍ୟ ଦେଇ ଆମକୁ ନିରାପଦରେ ନେଇ ଚାଲିବ । ନେଇ ଚାଲିବ ଏକ ପରମ ଶାନ୍ତି ଓ ଆମର ଅମର ତଥା ଶାଶ୍ୱତ ସ୍ଥିତି ଆଧ୍ୟାତ୍ମିକ ମୁକ୍ତି ଦିଗରେ, *ପରାଂ ଶାନ୍ତିମ୍, ସ୍ଥାନଂ ଶାଶ୍ୱତମ୍* ।

– ଶ୍ରୀଅରବିନ୍ଦ

**କିଛି ବାସ୍ତବ ତଥ୍ୟ ସମ୍ବଳିତ ସନ୍ଦର୍ଭ :**

# ''ସବୁ ଭଲ ତ ?''

## ଶ୍ରୀ ମନୋଜ ଦାସ

ଗୌତମର ଆଖ୍ୟାନ ଆଜି ସସଙ୍କୋଚ ବିବୃତ କରୁଛି ମୁଁ, ତା'ର ବନ୍ଧୁ ସୁମନ୍ତ୍ର । ସଙ୍କୋଚର ହେତୁ, ଏଥିରେ ନା ଅଛି କୌଣସି ନାଟକୀୟତା, ନା କୌଣସି ରୋମାଞ୍ଚ । ଆପଣ ଯଦି ପଲ୍ଲିବାସୀ ହୋଇଥିବେ ନତୁବା ସହରସ୍ଥିତ ଆପଣଙ୍କ ମନୋରମ ଫ୍ଲାଟ୍‌ରୁ କେବେ କୌଣସି କାରଣରୁ ଗ୍ରାମାଞ୍ଚଳ ଯାଇ ବାଟ ଚାଲିବା ବେଳେ ଗୋଟାଏ ନିଃସଙ୍ଗ ବରଗଛ ଅଥବା ପ୍ରାନ୍ତର ଭିତରେ ବଜ୍ରାହତ ଖଜୁରି ଗଛଟିଏ ଉପରେ ଆପଣଙ୍କ ଆଖି ପଡ଼ିଯିବ, ସେତେବେଳେ ମୁହୂର୍ତ୍ତକ ସକାଶେ ଆପଣଙ୍କ ଭିତରେ ଯେଉଁ ଅନୁଭବ ସ୍ପନ୍ଦିତ ହୋଇ ଆପଣ ସଚେତନ ହେବା ପୂର୍ବରୁ ନିସ୍ପନ୍ଦ ହୋଇଯାଇଥିବେ, ଏ ଲେଖାଟିରୁ ତାହାଠାରୁ ଅଧିକ ଆଲୋଡ଼ନ ଆଶା କରିବେ ନାହିଁ ବୋଲି ଅନୁରୋଧ ।

ଗତ, ଅର୍ଥାତ୍ ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଜମିଦାରୀ ପ୍ରଥା ଅବ୍ୟାହତ ଥିଲା । ବଣ ଭିତରର ଉଇହୁଙ୍କାଟାଏ ନିଜକୁ ଅଦୂର ପାହାଡ଼ର ସମଗୋତ୍ରୀୟ ମନେ କରିବା ପ୍ରାୟେ ଗାଁ ଗହଳର ଜମିଦାରମାନେ ନିଜ ନିଜକୁ ତତ୍କାଳୀନ ରାଜାମାନଙ୍କ କୁଟୁମ୍ବଭୁକ୍ତ ମନେ କରି ଆପ୍ୟାୟିତ ବୋଧ କରୁଥିଲେ ।

ଗୌତମ ଥିଲା ସେହି ପର୍ଯ୍ୟାୟର ଜଣେ ଯୁବକ ଜମିଦାରଙ୍କର ଅଲିଅଳ ପୁତ୍ର । ତା'କୁ ସେତେବେଳେ ପାଞ୍ଚବର୍ଷ । ହଠାତ୍ ଦିନେ ଦେଖିଲା ତା' ମାଆ କାନ୍ଦୁଛନ୍ତି । ଗୌତମ ବିମୂଢ଼ ବନିଗଲା । ସେ ସିନା କେବେ କେବେ କାନ୍ଦି ସସାଗରାଧରାରେ ଅନନ୍ୟ ଭରସା ମାଆ କୋଳରେ ନିଜକୁ ଓଜାଡ଼ି ଦେଇ ଶାନ୍ତିରେ ଶୋଇ ପଡୁଥାଏ; ମାଆ କାନ୍ଦିଲେ ତା'ର ପ୍ରତିକାର ସେ ବା ଠାବ କରିବ କେମିତି ? ସେ ବି କାନ୍ଦିଲା ଏବଂ ଦୌଡ଼ିଯାଇ ମାଆକୁ ନିଜ କୋଳକୁ ଆଣିବାର ପ୍ରୟାସ କରିବା ଭିତରେ ଅପସ୍ମାର ଯୋଗୁଁ ମୂର୍ଚ୍ଛା ଗଲା । ମାଆଙ୍କ କାନ୍ଦଣା ଅଗତ୍ୟା ସ୍ଥଗିତ ରହିଲା । ତେବେ ସେ ଆଉ ହସିଲେ ନାହିଁ – ସମ୍ଭବତଃ କେବେ ବି ନୁହେଁ । ଦିନେ ଦୁଇଦିନ ଭିତରେ ଗୌତମ ବୁଝିଲା ଯେ ସମସ୍ତଙ୍କ ଅଜ୍ଞାତସାରରେ ବାପା ଆଉ ଥରେ ବିଭା ହୋଇଛନ୍ତି । ସେ ପତ୍ନୀ ଆସି ମାଆ ଓ ତା'ର କକ୍ଷ ଅଧିକାର କରିବେ । ମାଆ ଓ ତାକୁ କୋଠାର ଅନ୍ୟ ଏକ ଖଞ୍ଜାକୁ ସ୍ଥାନାନ୍ତର କରାଯିବ ।

ମାଆ କିନ୍ତୁ ସେ ଅଭିନବ ବର-କନ୍ୟା ଯୋଡ଼ିଙ୍କ ଆଗମନ ପୂର୍ବରୁ ଗୌତମକୁ ଧରି, ପୁରପରିଜନଙ୍କୁ କନ୍ଦାଇ, ନିଜର ପିତୃଗୃହକୁ ପ୍ରସ୍ଥାନ କଲେ । ତାଙ୍କ ପିତା ମଧ୍ୟ ଜମିଦାର ।

ସେଯାବତ୍ ଗୌତମ ପାଇଁ 'ଭଲ' ବୋଇଲେ ବାପା ଏବଂ ମାଆ । ବିଶେଷ ନ ବୁଝିଲେ ମଧ୍ୟ ବାପା ଯେ ଭଲ ନୁହନ୍ତି, ଏହି ଆବିଷ୍କାର ତାକୁ ଅବାକ୍ ତଥା ନିର୍ବାକ୍ କରି ରଖିଲା । ଅଜାଙ୍କ ପ୍ରଶସ୍ତ ବାରନ୍ଦାର ଗୋଟାଏ ନିର୍ଜନ କୋଣରେ ବସି ସେ ରାସ୍ତାରେ ଚଳମାନ ମଣିଷ ଓ ଅନ୍ୟାନ୍ୟ ପ୍ରାଣୀଙ୍କୁ ଲକ୍ଷ୍ୟ କରି ପୃଥିବୀର ଗତି ରୀତି ସମଝିବାର ଚେଷ୍ଟା କରୁଥାଏ ଯେମିତି । ସେହି ପର୍ଯ୍ୟାୟରେ ଦିନେ ଆରମ୍ଭ ହେଲା ତା'ର ଗୋଟାଏ ଅପ୍ରତ୍ୟାଶିତ ବୌଦ୍ଧିକ ସମସ୍ୟା । ''କି ହେ ଗୌତମ ବାବୁ, ଭଲ ଅଛ ତ ?'' ଜଣେ ପଥଚାରୀ ପଚାରି ଦେଲେ । ''ହଁ !'' ଉତ୍ତର ଦେଲା ଗୌତମ । ପଥଚାରୀ ତା' ଉତ୍ତରଟିକୁ କର୍ଣ୍ଣସ୍ଥ କରି ହସି ଦେଇ ଚାଲିଗଲେ । ତାଙ୍କ ହସହିଁ ଗୌତମକୁ ଚମକାଇ ଦେଲା । ତା' ଉତ୍ତରରେ ପଥଚାରୀ ହସିଲେ, ମାନେ ସେ ଭଲ ଅଛି ବୋଲି ବିଶ୍ୱାସ କଲେ ! ମାଆ ପରା କହିଥିଲେ ସେ ସର୍ବଦା ସତ୍ୟ କହିବା ଚାହି ? ବାପା ଭଲ ନୁହେଁ ଜାଣିବା ପରେ ସେ ତ ନିଜେ ବାସ୍ତବିକ ଭଲ ନାହିଁ – ଅଜା ଘରେ ଯେତେ ଆଦର ଯତ୍ନ ମିଳିଲେ ମଧ୍ୟ ମାଆର ଉଦାସ ବଦନକୁ ଚାହିଁ ଦେବା ମାତ୍ରେ ସେ ତ ବିଷାଦରେ ବୁଡ଼ିଯାଏ ।

ସେ ସତ୍ୟ କହିବା ଚାହି । ଅତଏବ ସେ ଦୌଡ଼ିଲା ପଥଚାରୀଙ୍କୁ ଦେଇଥିବା ଉତ୍ତର ଗୋଟିକ ସଂଶୋଧନ କରିବା ପାଇଁ; କିନ୍ତୁ ସେ ଭଦ୍ରଲୋକ ଆଉ କାହା ସହ ବାର୍ତ୍ତାଳାପରେ ବ୍ୟାପୃତ ରହି ଗାଁ ମୋଡ଼ରେ ଅଦୃଶ୍ୟ ହୋଇ ଗଲେ । ବଡ଼ ଅସ୍ୱସ୍ତି ଅନୁଭବ କଲା ଗୌତମ । ଘରକୁ ଆସିବା ପରେ ତାକୁ ପୁଣି ଆକ୍ରମଣ କଲା ଅପସ୍ମାର ।

ସେ ଗାଁ ବିଦ୍ୟାଳୟରେ ଭର୍ତ୍ତି ହେଲା । ''କି ହୋ ନାତି ବାବୁ, ସବୁ ଭଲ ତ ?'' ସେ ବିଦ୍ୟାଳୟରୁ ଫେରିବା ବାଟରେ ଜମିଦାର ଅଜାଙ୍କର ଜଣେ ସଫେଦ ସହଚର ପଚାରି ଦେଲେ । ''ନା, ସବୁ ଭଲ ନୁହେଁ । ମୋ ମାଆ...'' କଅଁଳ କଣ୍ଠରେ ଭାବିଚିନ୍ତି ସେ ବାକ୍ୟ ପୂରା କରିବା ପୂର୍ବରୁ ସଫେଦ ମହାଶୟ

ଛାଡ଼ିଦେଲେ ତାଙ୍କ ଜିହ୍ୱାଗ୍ରରୁ ଲମ୍ଫଦାନ ସକାଶେ ପ୍ରସ୍ତୁତ କେତୋଟି ସଦୟ ଶବ୍ଦ, ''ବେଶ୍, ବେଶ୍ !'' ଏବଂ ମୁହୂର୍ତ୍ତଟିଏ ନ ଅଟକି ଚାଲିଗଲେ ।

ଅପେକ୍ଷାକୃତ ଅଧିକ ବିଷଣ୍ଣ ଅନୁଭବ କଲା ଗୌତମ । ମହାଶୟ ତା' ଉତ୍ତର ପ୍ରତି ତ ଭ୍ରୂକ୍ଷେପ କଲେ ନାହିଁ ! ତେବେ ପଚାରିଲେ କାହିଁକି ?

ମଝେ ମଝେ ସେ ଭୋଗୁଥିବା ଅପସ୍ମାର ଯୋଗୁଁ ମାଆ, ଅଜା, ମାମୁ ଓ ମାଇଁ ବଡ଼ ବ୍ୟସ୍ତ ହେଉଥା'ନ୍ତି । ବିଭିନ୍ନ କବିରାଜଙ୍କ ସହ ପରାମର୍ଶ ହେଉଥାଏ; ତାକୁ ମିଠା ପିତା ବିବିଧ ରସାୟନ ସେବନ କରିବାକୁ ପଡୁଥାଏ । ଜଣେ ଦୁଇ ଜଣ ବିଜ୍ଞ ହିତୈଷୀ ପରାମର୍ଶ ଦେଲେ, ଗୌତମ ସଦା-ବିମର୍ଷ ମାଆ ପାଖରୁ ଦୂରେଇ ରହିଲେ ବ୍ୟାଧି ମଧ୍ୟ ତା'ଠାରୁ ଦୂରେଇ ରହିବ । ଅତଏବ ବର୍ଷ କେତୋଟି ପରେ ପାଖ ସହରର ହାଇସ୍କୁଲରେ ଭର୍ତ୍ତି ହୋଇ ସେ ରହିଲା ଛାତ୍ରାବାସରେ । ଅଜାଙ୍କର ସେ ସହରବାସୀ ଜଣେ ପ୍ରବୀଣ ସୁହୃଦ୍ ସବୁଦିନ ଆସି ତାକୁ ଦେଖି ଯାଉଥା'ନ୍ତି । ଗୌତମ ରହୁଥିବା କୋଠରିରେ ମୁଁ ଏବଂ ଆଉ ଦୁଇ ଜଣ ରହୁଥିଲୁଁ । ସେ ଦୈବାତ୍ ମୂର୍ଚ୍ଛା ଗଲେ କ'ଣ କରିବାକୁ ହେବ ସେ ସମ୍ପର୍କରେ ଛାତ୍ରାବାସର ତତ୍ତ୍ୱାବଧାରକ ଆମକୁ ସତର୍କ କରି ଦେଇଥା'ନ୍ତି ।

ଗୌତମ ସହ କୌଣସି ଅନ୍ତେବାସୀ ବା ସହପାଠୀର ନୈକଟ୍ୟ ନଥାଏ; କିନ୍ତୁ ଜମିଦାରଙ୍କ ନାତି ହୋଇଥିବାର ମାନସିକତାରୁ ସେ ପୂର୍ଣ୍ଣମାତ୍ରାରେ ମୁକ୍ତ ଥିବା ଯୋଗୁଁ ଏବଂ ସର୍ବଦା ଏକ ଉଦାସ ଦୃଷ୍ଟିରେ ସମସ୍ତଙ୍କୁ ଅନାଉଥିବା ଯୋଗୁଁ କାହାରିଠାରୁ ତା'ର ଦୂରତା ବି ନଥାଏ । ତେବେ ମୋ ସହ ମିତ୍ରତା ହେଲା ଦୈବାତ୍ । ସ୍ୱୟଂ ପ୍ରଧାନ ଶିକ୍ଷକ ଆମ ଅଙ୍କ କ୍ଲାସ ନେଉଥିଲେ ଏବଂ ତାଙ୍କ ଉତ୍କଟ ମିଜାଜ ଯୋଗୁଁ ସେ ତତ୍କାଳୀନ ରାୟ ସାହେବ ବା ରାୟ ବାହାଦୁରମାନଙ୍କ ଅପେକ୍ଷା ଅଧିକ ଖ୍ୟାତିମାନ ଥିଲେ । ଦିନେ ସେ ଘୋଷଣା କଲେ ପରଦିନ ଯିଏ ଗଣିତ ବହି ବିନା କ୍ଲାସ ଭିତରକୁ ପଶି ଆସିଥିବ, ଅନଧିକାର ପ୍ରବେଶ ଅଭିଯୋଗରେ ତାକୁ ସେ ତତ୍‌କ୍ଷଣାତ୍ କାଞ୍ଜିଆ ଘରକୁ ପଠାଇ ଦେବେ । ସେତେବେଳେ କାଞ୍ଜିଆ ଘର ବୋଇଲେ ଅନ୍ୟର କ୍ଷେତ ବାଡ଼ିରେ ଅନଧିକାର ପ୍ରବେଶ କରିଥିବା ଗୋରୁଗାଈଙ୍କ ସାମୟିକ କାରାଗାର । ବନ୍ଦୀକୁ ମୁକୁଳାଇବା ନିମନ୍ତେ ତା'ର ଆୟତନ ଅନୁପାତରେ ଚାରି ଅଣାରୁ ଆଠ ଅଣା ଯାଏ ଜୋରିମାନା ଦେବାକୁ ପଡୁଥାଏ ।

ମୋ ଦୃଷ୍ଟିରେ ଭୟଙ୍କର ସେ ଗଣିତ ବହିର ଦାମ୍ ଏକ ଟଙ୍କା ଚାରି ଅଣା । ଦିବାହାର ଓ ନୈଶାହାର ବାବଦରେ ମେସ୍‌କୁ ମାସିକ ଦେୟ ସାଢ଼େ ନଅ ଟଙ୍କା ସଦ୍ୟ ଦେଇ ସାରିବା ଅନ୍ତେ ମୋର ସମୁଦାୟ ଦୁଇହଳ ହାଫ୍ ପ୍ୟାଣ୍ଟ୍ ଓ ଜାମାର ଦଶଟିଯାକ ପକେଟ ଶୂନ୍ୟ ଥିଲା । କାହାରି ପାଖରେ ଉଦ୍‌ବୃତ୍ତ ବହିଟିଏ ଥିବାର ପ୍ରଶ୍ନ ନଥିଲା । ଅନିବାର୍ଯ୍ୟ ଦଣ୍ଡଭୋଗ ସକାଶେ ଏକାଧିକ ବୀର ସହିଦଙ୍କ ସ୍ମୃତି ସହାୟତାରେ ଯେତେବେଳେ ମୁଁ ମୋ ଇଚ୍ଛାଶକ୍ତି ଦୃଢ଼ କରୁଛି, ସେତେବେଳେ ଜଣେ ଅନ୍ତେବାସୀ କହିଲା କି କାଞ୍ଜିଆ ଘରେ ଭୟର ବିଶେଷ ହେତୁ ନାହିଁ ଯେହେତୁ ତହିଁ ଷଣ୍ଢ ନଥା'ନ୍ତି; ପରାଧୀନ ଭାରତରେ କେବଳ ମାତ୍ର ଷଣ୍ଢମାନଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ ମହାମହିମ ସମ୍ରାଟ ଷଷ୍ଠ ଜର୍ଜଙ୍କ ଅଧିକାର ବାହାରେ । ''ଆଉ ତୋତେ ବୋଧହୁଏ ଦୁଇ ଅଣା ପାଇଲେ ଛାଡ଼ି ଦେବେ ।''

ଏ ସମ୍ଭାବ୍ୟ ଭବିଷ୍ୟତବାଣୀ ଜମାଟ ବାନ୍ଧି ଆସୁଥିବା ମୋ ଇଚ୍ଛାଶକ୍ତିକୁ ତତ୍‌କ୍ଷଣାତ୍ ତରଳାଇ ଦେଲା ଏବଂ ମୁଁ କାନ୍ଦି ପକାଇଲି ।

ମୋତେ ଅପେକ୍ଷା କରି ରହିଥିଲା କେଡ଼େ ବଡ଼ ଶିହରଣ ଓ ଆନନ୍ଦ ! କେହି ଜଣେ ରୁମାଲ ଯୋଗେ ମୋ ଅଶ୍ରୁ ପୋଛି ଦେଲା । ଦେଖିବା ପୂର୍ବରୁହିଁ ବୁଝିଲି ସେ କିଏ । କାରଣ ଆଉ କେହି ରୁମାଲ ବ୍ୟବହାର କରୁ ନଥିଲେ ।

ନୂଆ ବହିଟିଏ ମୋତେ ଧରାଇ ଦେଲା ଗୌତମ; ସେ ଇତି ମଧ୍ୟରେ ନୀରବରେ ଯାଇ ସ୍କୁଲ ସାମନାରେ ଥିବା ''ବିଦ୍ୟାର୍ଥୀ ବାନ୍ଧବ'' ଗ୍ରନ୍ଥାଳୟରୁ ତାହା କିଣି ଆଣିଥିଲା ।

ଅନତିବୃହତ୍ ଛାତ୍ରାବାସରେ ଆମେ ବିତାଇଥିବା ପ୍ରାୟ ଚାରିବର୍ଷ ଭିତରେ ଗୌତମ ଦ୍ୱାରା ଉପକୃତ ହୋଇ ନଥିବା ଅନ୍ତେବାସୀ କମ୍ ଥିଲେ । ତେବେ ମୁଁ ଏକାହିଁ ଥିଲି ତା'ର ଅନ୍ତରଙ୍ଗ । ଚାରି ଚାରି ଥର ତା' ସହ ମୁଁ ତା' ଘରକୁ ବି ଯାଇଛି । ତା' ମାଆଙ୍କ ବ୍ୟକ୍ତିତ୍ୱରେ ସ୍ୱତଃସ୍ଫୂର୍ତ୍ତ ସ୍ନେହ ଓ ସମ୍ଭ୍ରମବୋଧର ଯେପରି ସମନ୍ୱୟ ଲକ୍ଷ୍ୟ କରିଥିଲି, ତା'ର ଦ୍ୱିତୀୟ ଦୃଷ୍ଟାନ୍ତ ଅଦ୍ୟାବଧି ଜୀବନରେ ଜାଣି ନାହିଁ ।

ଗୌତମର ସମସ୍ତ ସୌମ୍ୟଭାବ ଭିତରେ କିନ୍ତୁ ପ୍ରଚ୍ଛନ୍ନ ରହିଥିଲା ଗୋଟାଏ ମାମୁଲି ଦୈନନ୍ଦିନ ଘଟଣା ପ୍ରତି ତା'ର ଅସ୍ୱାଭାବିକ ପ୍ରତିକ୍ରିୟା – ଯଦିଓ ମୁଁ ତା'ର ପଟଭୂମି ଜାଣିଥିବା ଯୋଗୁଁ ତାହା ସହି ଯାଉଥିଲି । କେହି ଯଦି ତାକୁ ପଚାରି ଦେବେ, ''ସବୁ ଭଲ ତ ?'' କିମ୍ବା ''ଭଲ ଅଛ ତ ?'' ସେ

ବିହ୍ୱଳ ଦିଶିବ । ହୁଏତ ପ୍ରଶ୍ନକର୍ତ୍ତା କୌଣସି ଉତ୍ତରହିଁ ଆଶା କରୁ ନ ଥିବେ ଏବଂ ଗୌତମର ନୀରବତା ଅଥବା ତା' ମୁହଁରେ ଫୁଟି ଉଠୁଥିବା ଭାବ ମୋଟେ ଲକ୍ଷ୍ୟ କରୁ ନଥିବେ । କିନ୍ତୁ ମୁଁ ସେତେବେଳେ କିଞ୍ଚିତ୍ ସନ୍ତ୍ରସ୍ତ ହୋଇ ଉଠୁଥିଲି । ପ୍ରଶ୍ନକର୍ତ୍ତା ତାଙ୍କ କର୍ତ୍ତବ୍ୟ ତୁଲାଇ ଦୂରେଇ ଯିବା ମାତ୍ରେ ସେ ବିକ୍ଷୁବ୍ଧ କଣ୍ଠରେ ଯାହା କହିବ, ଆଜି ଷାଠିଏ ବର୍ଷ ପରବର୍ତ୍ତୀ ମୋ ଭାଷାରେ ତାହା ହେବ ଏମିତି : ''ଭଦ୍ରଲୋକମାନେ ଏଡ଼େ ଅବିବେକୀ କେମିତି ହୋଇ ପାରନ୍ତି ? କେଡ଼େ ବଡ଼ ପ୍ରଶ୍ନ – ଆଉ କେଡ଼େ ଅବଲୀଳାକ୍ରମେ ପଚାରି ଦେବେ : ଭଲ ଅଛ ? କ'ଣ ଭଲ ଥିବା ନଥିବା କଥା ପଚାରୁଛ, ବାବୁ ! ଦେହ ? ନା ମନ ? ନା ଆବେଗ ? କାହାକୁ ଭିତ୍ତି କରି ଉତ୍ତର ଦିଆଯିବ ? ଭଲର ସଂଜ୍ଞା କ'ଣ ? ମୁଁ ଯଦି ଉତ୍ତର ଦିଅନ୍ତି – ନା ଭଲ ନାହିଁ – ତେବେ ବାବୁଟିମାନ କ'ଣ କରନ୍ତେ ? ଖୁବ୍ ସହାନୁଭୂତିଶୀଳ ହୋଇଥିଲେ ପଚାରନ୍ତେ ମୁଁ କାହିଁକି ଭଲ ନାହିଁ । ମୁଁ ଯଦି କହନ୍ତି ମୋ ବାପା ମୋ ମାଆ ପ୍ରତି ଏବଂ ମୋ ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ମୋର ମନ ଭଲ ନାହିଁ କିଂବା ମୁଁ ଜନ୍ମ ହୋଇଛି ବୋଲି ମୋର ମନ ଭଲ ନାହିଁ କିଂବା ମୁଁ ଉଡ଼ିପାରୁ ନାହିଁ ବୋଲି ମୋର ମନ ଭଲ ନାହିଁ, ତେବେ ସେମାନେ ତତ୍‌କ୍ଷଣାତ୍ ମୋ ବାପାର ଚରିତ୍ର ବଦଳାଇ ଦେଇ ପାରନ୍ତେ ? ମୋ ଜନ୍ମ ତଥା ଅଦ୍ୟାବଧି ମୁଁ ଯାପନ କରିଥିବା ଜୀବନକାଳତକ ନିଶ୍ଚିହ୍ନ କରି ଦେଇ ପାରନ୍ତେ ? ମୋତେ ଗୁଡ଼ି ବନାଇ ଉଡ଼ାଇ ଦେଇ ପାରନ୍ତେ ? କାହିଁକି ଏତେ ଲୋକ ଅବାଧରେ ସେଭଳି ପ୍ରଚଣ୍ଡ ପ୍ରଶ୍ନ ପଚାରିବେ ? ସେଇଟା ନିଷ୍ଠୁରତା ନୁହେଁ ?''

ଏହି ଗୋଟିଏ ବୋଲି ସମସ୍ୟା ଉପରେ ଗୌତମ ବାଚାଳ ତଥା ବାତୁଳ ପ୍ରାୟ ଆଚରଣ କରୁଥାଏ – ଅବଶ୍ୟ କେବଳ ମୋହରି ଆଗରେ । ଉତ୍ତର ଦେବା ଦିଗରେ ମୋର ଅପାରଗତା ବାବଦରେ ମୁଁ ହସୁଥାଏଁ ଓ ତା' ପିଠି ଥାପୁଡ଼େଇ ଦେଉଥାଏଁ ।

ଆମେ ଦୁହେଁ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ । ଗୌତମ ପ୍ରଥମ ଶ୍ରେଣୀରେ ଏବଂ ମୁଁ ତୃତୀୟ ଶ୍ରେଣୀରେ । ପରେ ପରେ ବାପାଙ୍କ ଅକାଳ ପରଲୋକ ହୁଅନ୍ତେ ତାଙ୍କ ବ୍ୟବସାୟ ହାତକୁ ନେଇ ବିଦ୍ୟାଳାଭରୁ ନିଜକୁ ବଞ୍ଚିତ କଲି; କିନ୍ତୁ ଗୌତମ ଏକା ସହରରେ ମହାବିଦ୍ୟାଳୟରେ ଭର୍ତ୍ତି ହୋଇ ସଂଲଗ୍ନ ନୂତନ ଛାତ୍ରାବାସରେ ରହିଲା । ଆମ ନିଜ ଗ୍ରାମ ନିକଟସ୍ଥ ବଜାରରେ ଚାଲିଥିବା ବାପାଙ୍କ ବ୍ୟବସାୟରେ ସମୃଦ୍ଧି ସମ୍ଭବପର ହୋଇଥିଲା ଏବଂ ତାହାର ମୁଖ୍ୟ କାର୍ଯ୍ୟାଳୟ ସହରରେ ସ୍ଥାପିତ ହୋଇଥିଲା । ଦେହାନ୍ତ ପୂର୍ବରୁ ବାପା ସହରରେ ଦ୍ୱିତଳ ଘରଟିଏ ମଧ୍ୟ ବନାଇ ଥିଲେ । ପ୍ରତି ରବିବାର ତଥା ତା' ମର୍ଜି ହେଲେ ଅନ୍ୟ ଯେକୌଣସି ଦିନ ଗୌତମ ଆସି ମୋ ସହ ଖିଆପିଆ କରୁଥାଏ । ଗଭୀର ମନୋଯୋଗ ସହକାରେ ସେ ଦର୍ଶନ, ବିଜ୍ଞାନ, ଆଧ୍ୟାତ୍ମିକତା ସମ୍ପର୍କରେ ପ୍ରଚୁର ବହି ପଢୁଥାଏ । କିନ୍ତୁ ପରିଚିତ ଅପରିଚିତ ସମସ୍ତଙ୍କ ପ୍ରତି ତା'ର ଆଚରଣ ତ୍ରୁଟିଶୂନ୍ୟ ଭଦ୍ର ଓ ସହାନୁଭୂତିଶୀଳ ହେବା ସତ୍ତ୍ୱେ ମୁଁ ଜାଣୁଥିଲି ସେ ମାନବ ଚରିତ୍ର ଉପରେ ମୋଟେ ଆସ୍ଥାଶୀଳ ନୁହେଁ ।

ଦିନେ ସେ ମୋ ପାଖରେ ମୋ ତଳ ମହଲା କାର୍ଯ୍ୟାଳୟରେ ବସିଥିବା ବେଳେ ଆମ ଉଭୟଙ୍କ ପରିଚିତ ଜଣେ ସ୍ଥାନୀୟ ରାଜନୈତିକ ନେତା ଆସି ତାକୁ ଆକର୍ଣ୍ଣ ହସ ସହକାରେ ପଚାରି ଦେଲେ, ''ଆରେ ଗୌତମଜି ! ତୁମ ବାପା ମୋର ମିତ୍ର; ଅବଶ୍ୟ ବହୁ ଦିନରୁ ଦେଖା ସାକ୍ଷାତ୍ ନାହିଁ । ସବୁ ଭଲ ତ ?'' ଗୌତମର ମୁହଁ ରକ୍ତିମ ହୋଇ ଆସୁଥିଲା । ମୁଁ ନେତାଙ୍କୁ ତତ୍‌କ୍ଷଣାତ୍ ସେ ଚାହା ପିଇବେ କି ବୋଲି ବଡ଼ ଆତୁର କଣ୍ଠରେ ପଚାରି ଗୌତମ ଆଡୁ ତାଙ୍କ ଦୃଷ୍ଟି ଫେରାଇ ଆଣିଲି । ସେ ଚାଲିଯିବା ପରେ ମୁଁ ହସି ହସି ଗୌତମକୁ କହିଲି, ''ଆରେ ଭାଇ, ଭଦ୍ରଲୋକଙ୍କ ପ୍ରଶ୍ନ ଗୋଟିଏ ଲୌକିକତା । ତୁମେ ହୁଁ ଟିଏ କହି ଦେଲେ କଥା ସରିଲା !''

''ମାନେ, ଗୋଟାଏ ମିଥ୍ୟା ଆଦାନପ୍ରଦାନ ସରିଲା ! ତା'ର ମୂଲ୍ୟ କଥା ଥାଉ; କ'ଣ ତା'ର ପ୍ରୟୋଜନ ?'' ସେ ଜେରା କଲା ।

''ଆରେ ଭାଇ, ଏ ପ୍ରଥାଟି ଖାଲି ଭାରତରେ ନୁହେଁ, ସମ୍ଭବତଃ ସବୁ ଦେଶରେ ରହିଛି । ପାଶ୍ଚାତ୍ୟରେ "How are you" କିଂବା "How do you do" ପ୍ରଶବ୍ଦ ପରସ୍ପର ପ୍ରୟୋଗ କରନ୍ତି – କେହି କାହାଠାରୁ ଉତ୍ତର ଆଶା ନକରି । ଏପରିକି ଏ ପ୍ରଶ୍ନ ଶୁଣି କେହି ଯଦି ତା'ର ଉତ୍ତର ଦେବାରେ ବ୍ରତୀ ହେବ, ତେବେ ସେ ଲୋକଟି ଗୋଟାଏ bore ବା ବିରକ୍ତିକର ବାଚାଳ ବୋଲି ବୁଝିବାକୁ ହେବ ବୋଲି ଜଣେ ବିଶିଷ୍ଟ ବ୍ୟକ୍ତି ଲେଖିଛନ୍ତି । କିଛି ଗୋଟାଏ କହି ତ ପୁଣି କଥା ଆରମ୍ଭ କରିବାକୁ ହେବ ! ଖାସ୍ ପରସ୍ପର ସୁସମ୍ପର୍କ ରହିଛି ବୋଲି ସୂଚନା ଦେବାକୁ ହେବ !''

ମୁହୂର୍ତ୍ତଟିଏ ନୀରବ ରହି ଗୌତମ ଉତ୍ତର ଦେଲା, ''ସେ

ସକାଶେ କ'ଣ ଅନ୍ୟ କିଛି ଭାଷା ନାହିଁ ? ଆମେ କହି ପାରୁଁ, 'ସଭିଙ୍କର ମଙ୍ଗଳ ହେଉ' ଅଥବା 'ଦିନଟି ଭଲରେ ଯାଉ' ଅଥବା ସେମିତି କିଛି ଉତ୍ତମ କଥା !''

''ଆରେ ଭାଇ, ସେଇଟା ସାର୍ବଜନୀନ ହୋଇଯିବ; ବ୍ୟକ୍ତିଗତ ହେବ ନାହିଁ !'' ମୁଁ ବୁଝାଇଲି ।

''ବାଃ, ବ୍ୟକ୍ତିଗତ ହେବା ଚାହି ! ମୋର ଧାରଣା କ'ଣ ଜାଣ ? ଅଧିକାଂଶ ପ୍ରଶ୍ନକର୍ତ୍ତା ତୁମେ ବ୍ୟକ୍ତିଗତ ଭାବେ ଭଲ ନାହଁ ଜାଣିଲେହିଁ ଆହ୍ଲାଦିତ ହୁଏନ୍ତେ !''

''ଜାଣେନା । ତୁମେ ସାମୂହିକ ମନସ୍ତତ୍ତ୍ୱକୁ ଆସିଗଲଣି !'' ଏତକ ମାତ୍ର କହିଲି । କିନ୍ତୁ ଗୌତମର ସିଦ୍ଧାନ୍ତ ମୋତେ ଚମକାଇ ଦେଲା । ସତରେ କ'ଣ ମୁଁ ଭଲ ରହିଥିଲେ ପ୍ରଶ୍ନକର୍ତ୍ତାମାନେ ଖୁସି ହୁଅନ୍ତେ ? ସତରେ କ'ଣ ଆମେ ଅନ୍ୟ ଜଣେ ମନ୍ଦ ଅବସ୍ଥାରେ ଥିଲେ ଦୁଃଖୀ ହେଉଁ ? ଜଣେ ସମୃଦ୍ଧିଶାଳୀ ବ୍ୟକ୍ତିର ଦୁର୍ଦ୍ଦଶା, ଜଣେ ସ୍ୱନାମଧନ୍ୟ ବ୍ୟକ୍ତିର ଆକସ୍ମିକ ଅପଯଶ, ଏକ ମହତ୍ ଚରିତ୍ରର ପତନ – ଏସବୁ ଘଟଣାରେ ଆମେ ପ୍ରକୃତରେ ଦୁଃଖିତ ହେଉ ନା ଆମୋଦିତ ହେଉ ? ସେସବୁ ନେଇ ଚର୍ଚ୍ଚା କରିବାରେ ଆମର ମଜା ଥାଏ ନା ଦୀର୍ଘଶ୍ୱାସ ଥାଏ ?

ପଶି ଆସିଲେ ଆମର ଜଣେ ଅବସରପ୍ରାପ୍ତ ଅଧ୍ୟାପକ । ସେ ହାତରେ ଧରିଥିଲେ ଖଣ୍ଡିଏ ବହି । ''ସୁମନ୍ତ !'' ସେ ମୋ କାନ୍ଧରେ ହାତ ପକାଇ କହିଲେ, ''ପୁରୁଣା ବହି ବନ୍ଧେଇ ହୁଏ କେଉଁଠି ଜାଣିଥିବ ?'' ଉତ୍ସାହଭରେ କହିଲି, ''ଜାଣେ ସାର୍, ମୋତେ ଦିଅନ୍ତୁ । ମୁଁ ଦୁଇ ଚାରିଦିନ ଭିତରେ ବନ୍ଧେଇ ଆଣି ଆପଣଙ୍କୁ ଦେଇ ଦେବି ।'' ବୃଦ୍ଧ ଅଧ୍ୟାପକ ଦୋଦୋପାଞ୍ଚ କଲା ଭଳି ମନେ ହେଲା । ''ବୁଝିଲ ସୁମନ୍ତ, ଏହା ମୋ ପାଇଁ ବହି ନୁହେଁ, ମୋ ରଙ୍କନିଧି ।'' ଏଥୁଅନ୍ତେ ସେ ଯାହା ଗପିଲେ ତା'ର ସାରାଂଶ : ସେ ତତ୍କାଳୀନ ବମ୍ବେ ବିଶ୍ୱବିଦ୍ୟାଳୟରେ ଏମ୍. ଏ. ଇଂରାଜୀ ଛାତ୍ର ଥିବା ବେଳେ ତାଙ୍କର ଅନ୍ୟତମ ଅଧ୍ୟାପକ ଥିଲେ ଜଣେ ଇଂରେଜ – ବସ୍ତୁତଃ ବିଶ୍ୱବିଦ୍ୟାଳୟର ଶେଷ ଇଂରେଜ ଅଧ୍ୟାପକ । ଦିନେ ଛାତ୍ରମାନେ ତାଙ୍କ ଟ୍ୟୁଟୋରିଆଲ୍ କ୍ଲାସରେ ପ୍ରବେଶ କଲାବେଳେ ଅଧ୍ୟାପକ ମହୋଦୟ ଏଡ଼େ ମୁଗ୍ଧ ଭାବରେ ବହିଟାଏ ପଢୁଥିଲେ ଯେ ପିଲାଏ ଆସି ଗଲେଣି ବୋଲି ଜାଣିପାରୁ ନଥିଲେ । ହଠାତ୍ ସଚେତ ହୋଇ ବହିଟି ବନ୍ଦ କଲେ ଏବଂ ଅଧ୍ୟାପନାରେ ମନ ଦେଲେ । କ୍ଲାସ ଶେଷ ହେବା ଅନ୍ତେ ସେ ଯାଇ ତାଙ୍କ କାର୍‌ରେ ପଶିଲା ବେଳେ ସେ ଦିନର ଏହି ଉଦ୍ଦାମ କୌତୂହଳୀ ଛାତ୍ର ଜଣକ ଗାଡ଼ି ପାଖକୁ ଯାଇ ତାଙ୍କୁ ସେ ବହିଟି ସମ୍ପର୍କରେ ପଚାରନ୍ତେ ଅଧ୍ୟାପକ ସଦ୍ୟ ପ୍ରକାଶିତ ସେହି ବହିଟି ଦେଖାଇଲେ ଏବଂ ଗାଡ଼ି ଚଳାଇବାକୁ ଆରମ୍ଭ କରିବା ମୁହୂର୍ତ୍ତରେ ସ୍ୱଗତୋକ୍ତି କଲା ଭଳି ମୃଦୁ କଣ୍ଠରେ କହିଲେ, "Could any human being produce such a work ?"

ବହିଟି ଶ୍ରୀଅରବିନ୍ଦଙ୍କର 'The Life Divine' । କାବା ତଥା କୌତୂହଳୀ ଛାତ୍ର ଜଣକ ଅଚିରେ ସେ ବହି ସଂଗ୍ରହ କଲେ ଓ ପଢ଼ିଲେ । କିଛି ବୁଝିପାରିଲି ନାହିଁ; ଅର୍ଦ୍ଧ ଶତାବ୍ଦୀ ବିତିଗଲାଣି । ପଢ଼ି ଚାଲିଛନ୍ତି ସାରା ଜୀବନ – ବୁଝୁଛନ୍ତି ଏବଂ ବୁଝି ଚାଲିଛନ୍ତି ।

ଆମ ପ୍ରବୀଣ ଅଧ୍ୟାପକ ବିଦାୟ ନେବା ଅନ୍ତେ ବହିଟି ଧରି ବସିଗଲା ଗୌତମ । ପଢ଼ିଚାଲିଲା ଅବଶିଷ୍ଟ ଦିନଯାକ । ସନ୍ଧ୍ୟା ବେଳକୁ ଛାତ୍ରାବାସ ତତ୍ତ୍ୱାବଧାରକଙ୍କ ନିକଟକୁ ମୋର ଜଣେ କର୍ମଚାରୀ ହାତରେ ଚିଠିଲେଖି ମୋ ସହିତ ରାତ୍ରିଯାପନ କରୁଥିବାର ଜଣାଇ ବହି ଖଣ୍ଡିକ ପଢ଼ି ଚାଲିଲା । ନୈଶାହାର କଲା ଅନ୍ୟମନସ୍କ ଭାବେ ଏବଂ ପୁଣି ବହିଟି ଧରି ବସିଲା; ବସିଥିଲା ସମଗ୍ର ରାତ୍ର ।

ସକାଳେ ସ୍ନାନାହାର ପରେ ସେ ମୋତେ ହଠାତ୍ କହିଲା, ''ବୁଝିଲୁ ସୁମନ୍ତ, ମଣିଷଟିଏ ଯେଉଁ ଭଦ୍ର ଭାଷା ବ୍ୟବହାର କରେ, ତା' ମନରେ– ଅନ୍ତତଃ ତା' ଅବଚେତନରେ – ପ୍ରାୟତଃ ତା'ର ବିପରୀତ ଭାବ ଥାଇପାରେ; କିନ୍ତୁ ମନ ବା ଅବଚେତନହିଁ ତା' ଚେତନାର ସର୍ବସ୍ୱ ନୁହେଁ !''

''ଅର୍ଥାତ୍ ?''

''ଅର୍ଥାତ୍ ତା' ଚେତନାରେ ଯେମିତି ବହୁ ଅଜ୍ଞାନ ଅନ୍ଧକାର ସ୍ତର ରହିଛି, ସେମିତି ବହୁ ଶକ୍ତିଶାଳୀ ଶୁଭଙ୍କର ସ୍ତରମାନ ମଧ୍ୟ ରହିଛି । ସେ 'ସବୁ ଭଲ ତ ?' ବୋଲି ପଚାରିବା ବେଳେ ନିଜେ ସଚେତନ ନଥିଲେ ବି ତା' ଚେତନାର ଗୋଟାଏ ଦ୍ୟୁତିମାନ୍ ସ୍ତରରେ ସବୁ ଭଲ ରହିବା ଉଚିତ ଏବଂ ତାହାହିଁ ସତ୍ୟ ବୋଲି ଯେଉଁ ଅନ୍ତର୍ନିହିତ ଜ୍ଞାନ ପ୍ରଚ୍ଛନ୍ନ ଥାଏ, ତା'ର ପରୋକ୍ଷ ଭୂମିକା ରହିଛି ।''

ଚମତ୍କୃତ ହେଲି । କିନ୍ତୁ ତା'ର ସେ ସଦ୍ୟତମ ଆବିଷ୍କାର ଉପରେ କିଛି ମନ୍ତବ୍ୟ ଦେଲି ନାହିଁ ।

କୃତିତ୍ୱର ସହ ସେ ଗ୍ରାଜୁଏଟ୍ ହେଲା । ଅଜା ତାଙ୍କ ପରଲୋକ ପୂର୍ବରୁ ତା' ସକାଶେ ନିଜର ଯଥେଷ୍ଟ ବିତ୍ତ ଓ

ସମ୍ପତ୍ତି ରଖିଯିବା ସଙ୍ଗେ ସଙ୍ଗେ ଦକ୍ଷ ଓକିଲ ମଧ୍ୟସ୍ଥତାରେ ସେ ଯେପରି ପିତୃ ସମ୍ପତ୍ତିରୁ ବଞ୍ଚିତ ନହେବ ସେ ବ୍ୟବସ୍ଥା କରିଯାଇଥା'ନ୍ତି । ତେଣେ ତା' ବିବାହ ନିମନ୍ତେ କେତୋଟି ସମ୍ଭ୍ରାନ୍ତ ପରିବାରର ଦୂତମାନେ ତା' ମାମୁ, ମାଇଁ ଏବଂ ମାଆଙ୍କ ନିକଟକୁ ଯିବା ଆସିବା ଆରମ୍ଭ କରି ଦେଇଥା'ନ୍ତି । ଗୌତମ ସମସ୍ତ ବ୍ୟାପାରରେ ବୀତସ୍ପୃହ ଥାଇ ଦୂରାନ୍ତରେ ଏମ୍. ଏ. ପଢ଼ିବା ମାନସରେ ପ୍ରସ୍ତୁତ ହେଉଥାଏ ।

ସେ ସାବଲୀଳ ଜୀବନ ପ୍ରବାହରେ ହଠାତ୍ ଦେଖାଦେଲା ସଙ୍କଟ । ମାଆ ସାମାନ୍ୟ ଜ୍ୱରରେ ଇହଧାମରୁ ବିଦାୟ ନେଲେ । ଜ୍ଞାନୀ ହେବା ସତ୍ତ୍ୱେ ଗୌତମ ସତେ ଅବା ମାଆର ଉପସ୍ଥିତି ଶାଶ୍ୱତ ବୋଲି ଧରି ନେଇଥିଲା । କେତେ ବର୍ଷ ଧରି ତାକୁ ଆକ୍ରମଣ କରି ନଥିବା ମୂର୍ଚ୍ଛାରୋଗ ପ୍ରତ୍ୟାବର୍ତ୍ତନ କଲା ଘନ ଘନ । କୌଣସି ଚିକିତ୍ସା ସୁଫଳ ଦେଲା ନାହିଁ । ତା' ମାମୁଙ୍କ ସୁପରିଚିତ ଜଣେ ସାଧୁ ତାକୁ ନେଇ ଗଲେ ହିମାଳୟ ପାଦଦେଶରେ ଥିବା କୌଣସି ଆଶ୍ରମିକ ଚିକିତ୍ସାଳୟକୁ । ସେ କିନ୍ତୁ ଆଉ ଫେରିଲା ନାହିଁ ।

ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଆମେ ଦୁହେଁ ଏକତ୍ର ଉଠାଇଥିବା ଫଟୋ ଗୋଟିକ ମୋର ତା' ସମ୍ପର୍କରେ ଏକମାତ୍ର ସମ୍ବଳ । ମଝେ ମଝେ ତାକୁ ମୁଁ ଦେଖେ । ସେ ଯେମିତି କହେ, ''ପଚାରିବା ଦରକାର ନାହିଁ; ମୁଁ ଭଲ ଅଛି ।''

(ସୌଜନ୍ୟ : ''ସତ୍ୟବାଦୀ, ପୂଜାସଂଖ୍ୟା - ୨୦୧୯'', 'ସମାଜ')

Obey your soul, it alone has the right to govern your life.
(CWM Vol. 14, p. 331) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର

## (୧୨)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

... ...ଗୁରୁଦେବ ଯାହା କହିଥିଲେ, ମୋର ମନେ ରହିଲା ନାହିଁ ବୋଲି ମୁଁ ପୁଣି ତାଙ୍କର ଶରଣାପନ୍ନ ହେଲି, କିନ୍ତୁ ତାହା ସହିତ ଆଉ କେତୋଟି କଥା ପରବର୍ତ୍ତୀ ଦିନ ତାଙ୍କ ନିକଟକୁ ଲେଖି ଜଣାଇଲି । ସେଥିରେ ମୁଁ ତାଙ୍କର 'Life Divine'ରୁ ଗୋଟିଏ ଅପୂର୍ବ, ଗଭୀର ଦର୍ଶନ-ତତ୍ତ୍ୱ ଉଦ୍ଧାର କରିଥିଲି । ତାହାର ଭାବାନୁବାଦ ଏଠାରେ ଦେଉଛି ।

''ଚେତନାର ଉପଲବ୍ଧି ବ୍ୟତିରେକେ ପରମାନନ୍ଦଙ୍କର ଅନନ୍ତ ମହିମାର ମର୍ମ କିଏ ବା ଜାଣିପାରେ ? ଚିରନ୍ତନ ବ୍ୟଥାର ଜନନୀହିଁ ଆନନ୍ଦ । ଜ୍ୟୋତିର୍ମଣ୍ଡଳର ମଧ୍ୟମଣି ହେଉଛି ଜ୍ଞାନ । ଅଜ୍ଞାନର ଉପାନ୍ତରେ, ଅଧା ଆଲୋକ ଓ ଅଧା ଛାଇର ଧ୍ୱନି କମ୍ପିତ ହେଉଥାଏ ।

''ଭ୍ରାନ୍ତିର ଅର୍ଥ କ'ଣ ? ସେ ହିଁ ସତ୍ୟ ସାଧନାର ପୁରୋହିତ । ସତ୍ୟର ଆବିର୍ଭାବ ପୂର୍ବରୁ ଆସନ୍ନ ପ୍ରଭାତର ଅଙ୍ଗୀକାର ଏଇ ଭ୍ରାନ୍ତି । କ୍ଲୀବତା ଓ ପରାଜୟ ମଧ୍ୟରେହିଁ ଥାଏ ଅତଳ ଶକ୍ତିର ଆଦିମନ୍ତ୍ର, ନିଗୂଢ଼ ଓଁକାର ଜାଗିଉଠେ । ପରିଣତିର ସେ ଚିର ଅଗ୍ରଦୂତ । ବିରହ ମଧ୍ୟରେ ହିଁ ମିଳନର ବିଳାସ ଲାଗି ସୁମଧୁର ବିଚିତ୍ର ଉଚ୍ଛ୍ୱାସର ଓ ଉଲ୍ଲାସର ହୁଳହୁଳି ଶୁଭେ ।''

ଉତ୍ତରରେ ଗୁରୁଦେବ ସ୍ୱହସ୍ତରେ ଲେଖି ପଠାଇ ଥିଲେ, ''ପ୍ରାଣର ସବୁ କାମନା-ବାସନା ହିଁ ଦୁଃଖ ଆଣିବାକୁ ବାଧ୍ୟ । ଯେଉଁ ଅଜ୍ଞାନ ମଧ୍ୟରେ ଆମେମାନେ ବାସ କରୁଛୁ, ସେହି ଅଜ୍ଞାନର ଫଳ ଦୁଃଖ ଓ ବେଦନା । ମନୁଷ୍ୟ ନାନା ପ୍ରକାରର ଅଭିଜ୍ଞତା ମଧ୍ୟଦେଇ ହିଁ ବିକାଶପ୍ରାପ୍ତ ହୋଇପାରେ । ଦୁଃଖ-ବେଦନା ଦ୍ୱାରା ହେଉ ବା ତା'ର ବିପରୀତ ସୁଖ, ହର୍ଷ ଓ ପୁଲକ ଦ୍ୱାରା ହେଉ । ଠିକ୍ ଭାବରେ ଗ୍ରହଣ କରିପାରିଲେ ଏ ସବୁକିଛିରୁ ଶକ୍ତି-ସାମର୍ଥ୍ୟ ଲାଭ କରାଯାଇପାରେ । ଦୁଃଖ-ବେଦନାରେ ମଧ୍ୟ ଅନେକେ ଉଲ୍ଲସିତ ହୁଅନ୍ତି; ଯେତେବେଳେ ତାହା ସହିତ ଆପ୍ରାଣ ଚେଷ୍ଟା ବା ଦୁଃସାହସିକ ଉଦ୍ୟମ ସଂଶ୍ଳିଷ୍ଟ ଥାଏ । କିନ୍ତୁ ଏହାର କାରଣ ହେଉଛି ଚେଷ୍ଟା ଭିତରେ ଥିବା ଆନ୍ତର ତୀବ୍ରତା ବା ପ୍ରାଣସ୍ଫୂର୍ତ୍ତି । ଠିକ୍ ଯନ୍ତ୍ରଣା ପାଇଁ ଯନ୍ତ୍ରଣା ପାଇବାକୁ ସେମାନେ ବି ଚାହାନ୍ତି ନାହିଁ । କିନ୍ତୁ ପ୍ରାଣଶକ୍ତି ମଧ୍ୟରେ ଏପରି କିଛି ଅଛି ଯାହା ସମଗ୍ର ଜୀବନରୁ ଆନନ୍ଦ ଆହରଣ କରିଥାଏ – ଆଲୋକରୁ ହେଉ ବା ଅନ୍ଧକାରରୁ ହେଉ । ପୁନଶ୍ଚ ପ୍ରାଣ ମଧ୍ୟରେ ଗୋଟିଏ ଦୁର୍ମତି ବି ଅଛି, ଯାହା ନିଜର ଯନ୍ତ୍ରଣା ବା କାରୁଣ୍ୟରୁ ଏ ଧରଣର ନାଟକୀୟ ସୁଖ ପାଏ – ଏପରିକି ରୋଗ ବା ଅଧଃପତନରୁ ମଧ୍ୟ । ଆଉ ସଂଶୟ ସମ୍ବନ୍ଧରେ ଏତିକି କହିବି ଯେ କେବଳ ସଂଶୟରେ ବିଶେଷ କିଛି ଲାଭ ଅଛି ବୋଲି ମୋର ମନେ ହୁଏ ନାହିଁ । ମନରେ ପ୍ରଶ୍ନ ଉଠିବା ଦ୍ୱାରା ଲାଭ ହୋଇପାରେ, ଯଦି ଜିଜ୍ଞାସା ସତ୍ୟ ଦିଗରେ ପ୍ରଯୁକ୍ତ ହୋଇଥାଏ । କିନ୍ତୁ ଯେତେବେଳେ କେବଳ ସଂଶୟ ପ୍ରକାଶ କରିବା ପାଇଁ ବା ପ୍ରତିବାଦ କରିବା ପାଇଁ ପ୍ରଶ୍ନ କରାଯାଏ ତେବେ ସେଥିରୁ କେବଳ ଭ୍ରାନ୍ତି ବା ସ୍ଥାୟୀ ଦ୍ୱିଧା ଲାଭ ହୁଏ – ଅର୍ଥାତ୍, ପ୍ରତିବାଦଟି ଯଦି ସତ୍ୟର ବିପକ୍ଷରେ କରାହୁଏ । ଆଲୋକ ଆସିଲେ ତାକୁ ଆମେ ଯଦି ସର୍ବଦା ଜେରା କରୁ ଅଥବା ସେ ଯେଉଁ ସତ୍ୟକୁ ଆହ୍ୱାନ କରି ଆଣି ଥାଏ ତାକୁ ଫେରାଇ ଦେଉ ତେବେ ସେଇ ଆଲୋକ ଆମ ଭିତରେ ନା ସ୍ଥାୟୀ ହୋଇପାରେ ନା ଏକୀକରଣ ହୋଇପାରେ । ତେଣୁ ସେ ନିଜକୁ ଅସ୍ୱୀକୃତ ହେବାର ଦେଖିଲେ, ଆମ ମନ ଭିତରେ ଯେତେବେଳେ କୌଣସି ଭିତ୍ତି ନାହିଁ ସେତେବେଳେ ସେ ଫେରିଯାଏ । ଆଲୋକ ଆଡ଼କୁ ଆଗେଇ ଯିବାକୁ ପଡ଼ିବ । କ୍ରମାଗତ ପଛକୁ ଫେରି ଆସି ଅନ୍ଧକାରରେ ଜାଗା ଖୋଜିଲେ ବା ଅନ୍ଧାରକୁହିଁ ଆଲୋକ ବୋଲି ବରଣ କରିନେଲେ ହେବ ନାହିଁ । ଦୁଃଖ-ଯନ୍ତ୍ରଣା ମଧ୍ୟରେ ଯେତେ ସାର୍ଥକତା ମିଳୁ ନା କାହିଁକି, ତାହା ଅଜ୍ଞାନ ଛଡ଼ା ଆଉ କିଛି ନୁହେଁ । ଦିବ୍ୟ-ଆନନ୍ଦରେ, ଦିବ୍ୟ-ସତ୍ୟରେ ଓ ସେ ସତ୍ୟର ନୈଶ୍ଚିତ୍ୟ ମଧ୍ୟରେ ପ୍ରକୃତ ସାର୍ଥକତା ନିହିତ । ଏହି ଆପ୍ରାଣ ଚେଷ୍ଟା କଲାବେଳେ, ତାକୁ ସଂଶୟ ମଧ୍ୟଦେଇ ଯିବାକୁ ପଡ଼ିପାରେ, ନିଜେ ଇଚ୍ଛା

କରି ନୁହେଁ କି ଜିଦ୍ ଧରି ନୁହେଁ,– ଏଇଥି ପାଇଁ ଯେ ଏବେ ବି ନିଜର ଜ୍ଞାନ ପର୍ଯ୍ୟାପ୍ତ ହୋଇ ନାହିଁ ।

*

ଏହା ପରେ ମୁଁ ପଚାରିଥିଲି, ମାନସିକ ବିକାଶ କେବେ କେବେ ଅନ୍ତରର ବିବର୍ତ୍ତନ(Psychic evolution)ର ପରିପନ୍ଥୀ ହୋଇ ଉଠିପାରେ କି ନାହିଁ ।

ଗୁରୁଦେବ କହିଲେ, ''ଭଲଭାବରେ ହୋଇପାରେ, ପ୍ରାୟ ହିଁ ହୋଇଥାଏ । ବିଶେଷତଃ ଯଦି ସାଧକର ମୂଳ ମନୋଭାବଟି ବିପରୀତ ବା ଭୁଲ୍ ହୋଇଥାଏ ଅର୍ଥାତ୍ ସେ ଯଦି ଧରି ବସିଥାଏ ତା'ର ନିଜର ମନହିଁ ତା'ର ବ୍ୟକ୍ତିରୂପର ଚରମ ପରିଣତି । କାରଣ, ଯେଉଁ ଉର୍ଦ୍ଧ୍ୱଲୋକ ବିବର୍ତ୍ତନର ଶ୍ରୀବୃଦ୍ଧି କରିବାକୁ ଆସେ, ସେ ଆମର ସହଯୋଗର ଅପେକ୍ଷା ରଖେ । ସୁତରାଂ ଯଦି ମନ ତା'ର ଅଗଭୀର ମାନସିକ ଧାରଣାକୁ ନେଇ ଅହଂକାରବଶତଃ ଏଇ ଆଲୋକ ପାଇଁ ନିଜ ଭିତରେ ଜାଗା ନ ଛାଡ଼େ ତେବେ ତାହା କିପରି ଭିତରେ ପ୍ରବେଶ କରିବ ? ସେଇଥିପାଇଁ ମୁଁ ତୁମକୁ ବାରଂବାର କହିଛି, ଆମର ଅନ୍ତର୍ଜଗତକୁ ପ୍ରକୃତ ଜ୍ଞାନର ଆଲୋକ କେବଳ ସେତିକି ବେଳେ ଓହ୍ଲାଇବାକୁ ଆରମ୍ଭ କରେ ଯେତେବେଳେ ଆମେ ନିଜର ଅଜ୍ଞାନତା ସମ୍ବନ୍ଧରେ ନିଶ୍ଚିତ ହୋଇଯାଉ । କାରଣ ଯେତେ ଦିନ ଯାଏଁ ଆମେ ଆମ ମନର ସୀମାକୁ ଛାଡ଼ିବାକୁ ନ ଚାହୁଁ, ସେତେ ଦିନ ଯାଏଁ ଚେତନାର ଉଚ୍ଚତର ବୃତ୍ତିଗୁଡ଼ିକ ସମ୍ବନ୍ଧରେ ଆମର ଧାରଣା ଅସ୍ପଷ୍ଟ ହୋଇ ରହିଥିବ । କିପରି ଅଜ୍ଞାନ ଓ କିପରି ଅସ୍ପଷ୍ଟତା ଏ ବିଷୟରେ ଗୋଟିଏ ଉଦାହରଣ ଦେଉଛି – ଯେଉଁମାନେ ମନୋଜଗତର ବାସିନ୍ଦା ଓ ସେଠାରେ ବାସ କରି ହିଁ ଖୁସି ଥା'ନ୍ତି, ସେମାନେ ପ୍ରାୟ ନିଜକୁ ଅନ୍ନମୟ, ପ୍ରାଣମୟ ଓ ମନୋମୟ ଜୀବ ବୋଲି ଗର୍ବ କରୁଥା'ନ୍ତି । ଆତ୍ମାକୁ ନେଇ ସେମାନଙ୍କର ମୁଣ୍ଡ ବ୍ୟଥା ହୁଏ ନାହିଁ । କାରଣ ଆତ୍ମାକୁ ସେମାନେ ଅନୁଭବ କରନ୍ତି ନାହିଁ ବା ଖୁବ୍ ବେଶୀରେ ଆଶା ସହିତ ଜଡ଼ିତ ହୋଇ ଅନୁଭବ କରନ୍ତି ଯେ ଆତ୍ମା ହେଉଛି ମୃତ୍ୟୁ ପରେ ଯାହା ଅବଶିଷ୍ଟ ରହେ । ଏହାଠାରୁ ବେଶୀ କିଛି ସେମାନେ ସ୍ୱୀକାର କରନ୍ତି ନାହିଁ, କାରଣ ଆତ୍ମା ଯେ ମନଠାରୁ ପୃଥକ୍, ଏହା ସେମାନେ ଆଦୌ ଉପଲବ୍ଧି କରି ନଥା'ନ୍ତି । ତେଣୁ ଏମାନେ ନିଜକୁ ମନୋମୟ ପୁରୁଷ ସହିତ ଜ୍ଞାତ ଅଛନ୍ତି ବୋଲି କହି, ମତ ଦିଅନ୍ତି 'ଆତ୍ମା କଳ୍ପନା ମାତ୍ର' – କହନ୍ତି, 'କାହିଁ, ଆମେ ତ ଆତ୍ମାକୁ ମନଠାରୁ ଅଲଗା କରି ଅନୁଭବ କରୁ ନାହୁଁ !' ଆଉ ଏହି ଧରଣର ମତିଗତି ସୁଦୃଢ଼ ଥିବାଯାଏଁ ଚୈତ୍ୟପୁରୁଷ ଅବଗୁଣ୍ଠିତ ହୋଇ ଅନ୍ତରାଳରେ ଅବସ୍ଥାନ କରେ ।''

ଶୁଣୁ ଶୁଣୁ ମୋ ମନଟା ବେଶ୍ ପୁଲକିତ ହୋଇ ଉଠିଲା, କହିଲି, ''ଏହା ତ ମୋତେ ଅବଶ୍ୟ ଜଣା ଅଛି । ଆପଣ ଆପଣଙ୍କର ଅନେକ ଲେଖାରେ, ଚିଠିରେ କହିଛନ୍ତି ଯେ ଯେତେ ଦିନ ଯାଏଁ ଆମେ ବିବର୍ତ୍ତନ ପଥରେ କିଛି ବାଟ ଆଗେଇ ନ ଯାଇଛୁ, ସେତେ ଦିନ ଯାଏଁ ଆମର ଚୈତ୍ୟସତ୍ତା ଆମ ସତ୍ତାର ଗଭୀରରେ, ଅନ୍ତରାଳରେ ରହି କାମ କରୁଥାଏ । ଏକଥା ଆପଣ 'ଦିବ୍ୟ ଜୀବନ'ରେ ବିଶଦ ଭାବରେ ଲେଖିଛନ୍ତି ।''

ଗୁରୁଦେବ ମୁଣ୍ଡ ହଲାଇ ସ୍ୱୀକାର କରି କହିଲେ, ''ଆଉ ଯେତେ ଦିନ ଯାଏଁ ଏହି ବିକାଶ ଆମର ସ୍ୱଭାବସିଦ୍ଧ ହୋଇ ନଯାଏ, ସେତେ ଦିନ ଯାଏଁ ଆମର ଚୈତ୍ୟପୁରୁଷକୁ ଅପେକ୍ଷା କରି ରହିବାକୁ ହୁଏ; କେବଳ ଆମର ବ୍ୟକ୍ତି ସ୍ୱରୂପକୁ ବିକଶିତ କରିବାରେ ସହାୟକ ହୋଇ । ନିଜର ଦେହ, ମନ, ପ୍ରାଣର ଯନ୍ତ୍ର ମଧ୍ୟ ଦେଇ ଆତ୍ମା ଯେଉଁସବୁ ଉପଲବ୍ଧି ଓ ଅଭିଜ୍ଞତା ଆହରଣ କରେ, ସେସବୁକୁ ଇତି ମଧ୍ୟରେ ବ୍ୟକ୍ତିସ୍ୱରୂପ ଆତ୍ମସାତ୍ କରୁଥାଏ । ଏଇ ପ୍ରାକ୍-ସ୍ଫୁରଣର ଅବସ୍ଥାରେ ମନ ବେଶ୍ ସହାୟତା କରିପାରେ, ଯଦି ସେ ନମନୀୟ ହେବାକୁ ରାଜି ହୁଏ । ସେ ଜାଣିବା ଉଚିତ ଯେ ସେ ଆତ୍ମାର ବାହନ – ଅଧିରାଜ ନୁହେଁ । ଅନ୍ୟ ଭାଷାରେ କହିଲେ, ସେ ଯେପରି ନିଜର ସଂକୀର୍ଣ୍ଣ ମାନସ ବିଚାରାସନରେ ଅଧିଷ୍ଠିତ ରହି ସତ୍ୟାସତ୍ୟ ସମ୍ବନ୍ଧରେ ରାୟ ଦେବାକୁ ସ୍ପର୍ଦ୍ଧା ନକରେ । ବୁଝିଲ ?''

ମୋର ପୁଲକିତ ଉତ୍ସାହ ପୁଣି ଦପ୍ କରି ଲିଭିଗଲା । କ୍ଲିଷ୍ଟ କଣ୍ଠରେ କହିଲି, ''ସବୁ ତ ବୁଝିଲି । ସେହି ଅନୁସାରେ ଚଳି ପାରିଲେ ତ ! ମନର ସହାୟତା ପାଇଲେ ଅନେକ କିଛି ସୁବିଧା ହୁଏ, ଏ ସମ୍ବନ୍ଧେ କାହାରି କିଛି ବୁଝିବାରେ କଷ୍ଟ ନାହିଁ କିନ୍ତୁ ବିପତ୍ତି ହେଉଛି, ମନ-ଠାକୁର ଠିକ୍ ବାଟରେ ଚାଲିବାକୁ ଚାହାନ୍ତି ନାହିଁ, ନମନୀୟ ହେବେ କିପରି ? କିପରି ଏ ଅସାଧ୍ୟ ସାଧନ କରି ହେବ, ଆପଣ ଏ ବିଷୟରେ କିଛି ନିର୍ଦ୍ଦେଶ ଦେଇ ପାରିବେ ?''

ଗୁରୁଦେବ ହସିଲେ, ''କିନ୍ତୁ ନିର୍ଦ୍ଦେଶ ତ ମୁଁ ଦେଇଛି, ଥରେ ନୁହେଁ, ବହୁତ ଥର । ତୁମକୁ କେତେ ଥର ଚିଠିରେ ଲେଖିଛି, ତୁମେ ତୁମର ଆନ୍ତର ସତ୍ତାର ସଂସ୍ପର୍ଶରେ ଆସିବାକୁ, ଅନ୍ତର୍ମୁଖୀ ଜୀବନଯାପନ କରିବାକୁ, ତୁମ ନିଜ କ୍ଷେତ୍ରରେ କବିତା

ଓ ସଙ୍ଗୀତଚର୍ଚ୍ଚା କରିବାକୁ, କାହିଁକି ନା ଏସବୁ ତୁମ ଭକ୍ତିର ସହାୟକ ହୋଇଥିବାରୁ ତୁମକୁ ପ୍ରକୃତିସ୍ଥ ହୋଇ ରହିବାରେ ସାହାଯ୍ୟ କରିବେ । ମୁଁ ତୁମକୁ କହିଛି, ଯାହା ତୁମେ ନିଜେ ମଧ୍ୟ ଜାଣ ଯେ ଆନ୍ତର ପଥର ପଥଚାରୀ ହେବା, ସୁଗମ ଆନନ୍ଦ ପଥରେ ଚାଲିବା କେତେ ସହଜ ହୋଇଯାଏ, ଯଦି ଆମର ମୂଳ ମନୋଭାବଟି ଯଥାସ୍ଥାନରେ ଉପବିଷ୍ଟ ଥାଏ, ତା'ହେଲେହିଁ ଆମର ଚୈତ୍ୟପୁରୁଷ ସହଜରେ ସମ୍ମୁଖକୁ ଆସି ଯାଇପାରେ । ଏହା ମଧ୍ୟ ତୁମକୁ କହିଛି ଯେ ତୁମର ଚୈତ୍ୟପୁରୁଷ ଯେତେ ବେଶୀ ପ୍ରକଟିତ ହେବ, ମାନବିକ ସ୍ୱଭାବକୁ ତା'ର ଦିବ୍ୟ-ଆଦର୍ଶରେ ରୂପାନ୍ତରିତ କରିବା ସେତେ ସୁସାଧ୍ୟ ହୋଇ ଉଠିବ । ତେଣୁ ତୁମକୁ ମୁଁ ବହୁ ବାର କହିଛି, ଏହି ଭକ୍ତି-ସେବା-କର୍ମ ପଥର ପଥିକ ହେବାକୁ – କାରଣ ତୁମ ସ୍ୱଭାବ ପକ୍ଷରେ ଏହି ପଥର ପଥିକ ହେବା ହିଁ ସବୁଠାରୁ ସହଜ ।''

ମୁଁ ବିମର୍ଷ ହୋଇ କହିଲି, ''ଏସବୁ ବୁଦ୍ଧି ଦ୍ୱାରା ବେଶ୍ ବୁଝିପାରୁଛି, କିନ୍ତୁ ମୁଁ ମଧ୍ୟ ଆପଣଙ୍କୁ ବହୁ ବାର କହିଛି ଯେ ଏହି ସହଜ ପଥରେ ଚାଲିବା ମୋ ପକ୍ଷରେ ଟିକିଏ ବି ସହଜ ମନେ ହୁଏ ନାହିଁ । ମୋର ମନ, ପ୍ରାଣର ସ୍ୱେଚ୍ଛାଚାର ଓ ଅଭିମାନ ଆସି ମୋ ସାମନାରେ ଆବିର୍ଭୂତ ହୋଇଗଲେ ସବୁ ଭାସିଯାଏ । ଆଉ ମୁଁ ଅଥଳ ଜଳରେ ପଡ଼ିଯାଇ ସବୁକିଛିକୁ ବିକୃତ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରେ ।''

''ଠିକ୍ ଓଲଟା'', ଗୁରୁଦେବ କହିଲେ, ''କାରଣ ମୁଁ ଦେଖିଛି, ତୁମେ ଯେତେବେଳେ ତୁମର ଆନ୍ତର ସ୍ୱଭାବରେ ଥାଅ, ଅର୍ଥାତ୍ ଯେତେବେଳେ ତୁମର ଭକ୍ତି ବା ପ୍ରାଣର ଉଚ୍ଚତର ବୃତ୍ତିଗୁଡ଼ିକ ସ୍ୱସ୍ଥାନରେ ଥାଆନ୍ତି ସେତେବେଳେ ତୁମେ ପ୍ରାୟ ଯନ୍ତ୍ର ପରି ସବୁକିଛିକୁ ନିର୍ଭୁଲ ଦୃଷ୍ଟିରେ ଦେଖ । କାରଣ ମୁଁ ଦେଖେ ସେତେବେଳେ ତୁମ ମନର ଦୃଷ୍ଟି ଖୋଲିଯାଏ, ତୁମର ବିଚାର ବୁଦ୍ଧି ଆଶ୍ଚର୍ଯ୍ୟ ଭାବରେ ସ୍ୱଚ୍ଛ ଓ ଯଥାର୍ଥଦର୍ଶୀ ହୋଇଉଠେ । ଏପରିକି ସମୟ ସମୟରେ ଦୀପ୍ତିମାନ୍ ମଧ୍ୟ ହୋଇଉଠେ ।''

ନିଜକୁ ଚାବୁକ ମାରିବାରେ ଆନନ୍ଦ ଅଛି ଅବଶ୍ୟ । କିନ୍ତୁ ତାହାଠାରୁ ଅନେକ ବେଶୀ ଆନନ୍ଦ ମିଳେ ଯଦି ଶ୍ରଦ୍ଧେୟ କେହି ପ୍ରତିବାଦ କରନ୍ତି ଯେ ନିଜକୁ ଚାବୁକ ମାରିବାଟା ଅବିଚାର । କିନ୍ତୁ ମୁଁ ଆତ୍ମ-ପ୍ରସାଦକୁ ଚାପି ରଖି ନିରୀହ ଭଙ୍ଗୀରେ କହିଲି, ''ଆପଣ କ'ଣ କହୁଛନ୍ତି ? ମୁଁ ? ମୁଁ କ'ଣ କେବେ ବି ନିର୍ଭୁଲଦର୍ଶୀ ହୋଇପାରେ ? ଏହା କ'ଣ ଠିକ୍ କଥା ହେଲା ?''

ଗୁରୁଦେବ କହି ଉଠିଲେ : ''ସବୁ ସମୟରେ ଓ ସବୁ ବିଷୟରେ ଯେ ତୁମେ ନିର୍ଭୁଲଦର୍ଶୀ ହୋଇପାର, ସେକଥା ମୁଁ କହୁ ନାହିଁ । ମୋର କହିବାର ଉଦ୍ଦେଶ୍ୟ ହେଉଛି ଯେତେବେଳେ ତୁମେ ତୁମର ସ୍ୱାଭାବିକ ଭକ୍ତିର ଅବସ୍ଥାରେ ଥାଅ ସେତେବେଳେ ତୁମେ ଏହି ଭାବରେ ଖୁବ୍ ସହଜରେ ନିର୍ଭୁଲ ଉତ୍ତର ଦିଅ । ଅର୍ଥାତ୍ ତୁମର ମନ ସେତେବେଳେ ଆନ୍ତର ପ୍ରଭାବର ନିର୍ଦ୍ଦେଶରେ ଚାଲେ ଏବଂ ତୁମର ପ୍ରାଣଶକ୍ତି ଉଚ୍ଛଳ ହୋଇଉଠେ । ତୁମର କବିତାରେ, ସଙ୍ଗୀତରେ ଏଇ ଉଚ୍ଛଳନ ଅତି ସୁନ୍ଦର ଭାବରେ ପ୍ରକଟିତ ହୁଏ । ତେଣୁ ମୁଁ ତୁମକୁ ଗୀତ ଗାଇବାକୁ ଓ କବିତା ଲେଖିବାକୁ ଏତେ ଉତ୍ସାହ ଦେଇଥାଏ ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ ❖

ଏହି ଯୋଗରେ ପ୍ରଥମ ପାଠ ହେଉଛି ଏକ ଶାନ୍ତ ନୀରବ ମନ, ଏକ ଦୃଢ଼ ସାହସ ଓ ଭଗବତ୍ ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖି ଜୀବନ ଓ ତା'ର ପରୀକ୍ଷାସବୁର ସମ୍ମୁଖୀନ ହେବା ।

– ଶ୍ରୀଅରବିନ୍ଦ

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୨)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ **'ବୁଦ୍ଧ ଚରିତ'** ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି । ଏହି କାବ୍ୟର କେତେକ ନିର୍ବାଚିତ ଅଂଶ 'ନବଜ୍ୟୋତି'ର କେତୋଟି ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶ କରାଯାଉଛି । – ସଂପାଦକ]

### ଦ୍ୱିତୀୟ ସର୍ଗ

ରାଜକୁମାରଙ୍କ ଜନ୍ମ ପରଠାରୁ ରାଜା ଶୁଦ୍ଧୋଦନ ଅକଳନ ଅର୍ଥ, ଗଜ, ଅଶ୍ୱ, ଏବଂ ମିତ୍ରଗଣ ଲାଭ କରି ଜଳସ୍ରୋତ ଦ୍ୱାରା ସ୍ରୋତସ୍ୱିନୀ ପୂରି ଉଠିଲା ପରି ଦିନୁ ଦିନ ସମୃଦ୍ଧ ହେବାକୁ ଲାଗିଲେ । ତାଙ୍କର ଭଣ୍ଡାର ନାନା ଧନରତ୍ନ ଓ ସୁବର୍ଣ୍ଣ ଆଦିରେ ପରିପୂର୍ଣ୍ଣ ହେଲା, ତାଙ୍କର ଐଶ୍ୱର୍ଯ୍ୟକୁ କେହି କଳ୍ପନା କରି ପାରିବେ ନାହିଁ । ତାଙ୍କ ରାଜ୍ୟର ଶତ୍ରୁପକ୍ଷ ବୋଲି କେହି ରହିଲେ ନାହିଁ, ସମସ୍ତେ ଆତ୍ମପକ୍ଷ ବା ସୁହୃଦ୍‌ପକ୍ଷ । ତାଙ୍କ ରାଜ୍ୟରେ ଯଥାସମୟରେ ଯଥାସ୍ଥାନରେ ବାରିବର୍ଷଣ ହେବାକୁ ଲାଗିଲା, ଯଥାଋତୁରେ କୃଷି ଶ୍ରମ ବିନା ମଧ୍ୟ ଫଳବାନ୍ ଶସ୍ୟସମୂହ ଉତ୍ପନ୍ନ ହେବାକୁ ଲାଗିଲା, ଅନ୍ତଃସତ୍ତ୍ୱା ନାରୀଗଣ ଯଥାକାଳରେ ସୁସ୍ଥ ଦେହରେ ନିରାମୟ ଓ ବିନା କ୍ଳେଶରେ ସନ୍ତାନ ସନ୍ତତି ପ୍ରସବ କରିବାକୁ ଲାଗିଲେ । ସେହି ରାଜ୍ୟରେ ଭିକ୍ଷାର୍ଥୀ ବୋଲି କେହି ରହିଲେ ନାହିଁ । କେହି କାହା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁ ନ ଥିଲେ । ସେହି ରାଜାଙ୍କ ରାଜ୍ୟରେ କେହି ଅଦାତା, ଅବ୍ରତଶୀଳ, ଅନାଚାରୀ ବା ହିଂସା-ପରାୟଣ ନ ଥିଲେ । ରାଜ୍ୟବାସୀମାନେ ବହୁ ଉଦ୍ୟାନ, ମନ୍ଦିର, ଆଶ୍ରମ, କୂପ, ପୁଷ୍କରିଣୀ ଓ ଉପବନ ଆଦି ପ୍ରତିଷ୍ଠା କଲେ । ଦୁର୍ଭିକ୍ଷ, ଭୟ, ରୋଗ, ଆଦିରୁ ମୁକ୍ତ ହୋଇ ପ୍ରଜାଗଣ ହୃଷ୍ଟ ଚିତ୍ତରେ ବିଚରଣ କରୁଥିଲେ । ପତିପତ୍ନୀଙ୍କ ସଂପର୍କ ମଧ୍ୟରେ କୌଣସି ବ୍ୟଭିଚାର ସ୍ଥାନ ପାଉ ନ ଥିଲା । କେବଳ ରତିସୁଖ ପାଇବା ପାଇଁ କେହି ପ୍ରଣୟ କରୁ ନ ଥିଲେ ବା କେବଳ କାମନା ଚରିତାର୍ଥ ପାଇଁ କେହି ଧନ ସଂଚୟ କରୁ ନ ଥିଲେ । ଧନ ପାଇଁ କେହି ଧର୍ମର ଆଚରଣ କରୁ ନ ଥିଲେ । ଧର୍ମ ନାମରେ କେହି ଜୀବହିଂସା କରୁ ନ ଥିଲେ, ସେହି ରାଜ୍ୟ ପରରାଷ୍ଟ୍ରର ଅଧୀନତାରୁ ମୁକ୍ତ ଥିଲା ଓ ସର୍ବଦା ଶାନ୍ତିପୂର୍ଣ୍ଣ ଥିଲା । ସବୁଠାରୁ ଶ୍ରେଷ୍ଠ ହସ୍ତୀଗଣ ଓ ଅଶ୍ୱଗଣରେ ସେହି ରାଜ୍ୟର ରାଜଧାନୀ ଶୋଭା ପାଉଥିଲା । ହୃଷ୍ଟପୁଷ୍ଟ, ମିଷ୍ଟ- ଦୁଗ୍ଧବତୀ ଅସଂଖ୍ୟ ଗାଭୀ ଥିଲେ ସେହି ରାଜ୍ୟର ଅନ୍ୟତମ ସଂପଦ ।

ଆଦିତ୍ୟସୁତ ମନୁଙ୍କ ପରି ସେହି ନୃପତିଙ୍କ ରାଷ୍ଟ୍ରରେ ବୋଧିସତ୍ତ୍ୱଙ୍କ ଜନ୍ମ ଗ୍ରହଣ ଯୋଗୁଁ ହର୍ଷର ସଂଚାର ହେଲା, ପାପ ବିଦୂରିତ ହେଲା, ଧର୍ମ ପ୍ରଜ୍ୱଳିତ ହେଲା ଏବଂ ସମସ୍ତ କଳୁଷର ଉପଶମ ହେଲା । ରାଜକୁମାରଙ୍କ ଜନ୍ମ ଫଳରେ ରାଜ୍ୟର ଏହି ସମୃଦ୍ଧି ଓ ସଂପଦର ଆଶାତୀତ ବୃଦ୍ଧିହେତୁ ରାଜା ପୁତ୍ରଙ୍କ ନାମ ରଖିଲେ ସର୍ବାର୍ଥସିଦ୍ଧ । କିନ୍ତୁ ହାୟ, ମାୟାଦେବୀ ପୁତ୍ରଙ୍କର ଦେବର୍ଷିସୁଲଭ ବିରାଟ ପ୍ରଭାବ ଦର୍ଶନ ଫଳରେ ଆନନ୍ଦର ବେଗ ସହ୍ୟ କରିବା ପାଇଁ ଅସମର୍ଥ ହୋଇ ସ୍ୱର୍ଗବାସ କଲେ ।

ସେତେବେଳେ ମାତାଙ୍କ ପରି ପ୍ରଭାବ-ସଂପନ୍ନା, ମାତୃଷ୍ୱସା, ଦେବକୁମାରଙ୍କ ପରି ସେହି କୁମାରଙ୍କୁ ପରମ ସ୍ନେହରେ ପୁତ୍ରବତ୍ ପାଳନ କରିବାକୁ ଲାଗିଲେ । ଉଦୟାଚଳର ତରୁଣ ତପନଙ୍କ ପରି, ବାୟୁର ସ୍ପର୍ଶରେ ଅଗ୍ନି ପରି, ଶୁକ୍ଳପକ୍ଷର ଚନ୍ଦ୍ରମା ପରି କୁମାର କ୍ରମେ କ୍ରମେ ପରିପୂର୍ଣ୍ଣ ରୂପେ ବଢ଼ି ଉଠିବାକୁ ଲାଗିଲେ । ତାଙ୍କ ପାଇଁ ମହାମୂଲ୍ୟ ଚନ୍ଦନ, ଔଷଧିପୂର୍ଣ୍ଣ ରତ୍ନାବଳୀ, ମୃଗଯୁକ୍ତ କାଞ୍ଚନରଥ, ବୟସାନୁରୂପେ ଅଳଙ୍କାର,

ହିରଣ୍ମୟ ହସ୍ତୀ, ମୃଗ ଓ ଅଶ୍ୱ, ଗୋବତ୍ସବାହିତ ରଥ ଓ ସ୍ୱର୍ଣ୍ଣରୌପ୍ୟ ନିର୍ମିତ ନାନା ପୁତ୍ତଳିକା ସବୁ ସୁହୃଦାଳୟରୁ ଆସିବାକୁ ଲାଗିଲା ।

ବାଳକ ହୋଇଲେ ମଧ ରାଜକୁମାର ଧୀ, ଶ୍ରୀ, ଧୃତି ଓ ଶୁଚିତାରେ ପ୍ରାଜ୍ଞଙ୍କ ପରି ପ୍ରତିଭାତ ହେଲେ । କ୍ରମେ ସେ କୌମାର ଅତିକ୍ରମ କରି ଯଥାସମୟରେ ଉପନୟନ ଆଦି ସଂସ୍କାର ସହ, ବହୁ ବର୍ଷ ଲାଗୁଥିବା ବିଦ୍ୟାସବୁକୁ ଅଳ୍ପସମୟରେହିଁ ଆୟତ୍ତ କଲେ । ପୂର୍ବରୁ ମହର୍ଷି ଅସିତ୍‌ଙ୍କ କହିବାନୁସାରେ ତାଙ୍କର ଭାବୀ ଲକ୍ଷ୍ୟ ନିର୍ବାଣର ଅନୁସରଣ କରି କାଳେ ସେ ଅରଣ୍ୟ ଗମନ କରିବେ, ଏହି ଭୟରେ ଶାକ୍ୟ ରାଜା ପୁତ୍ରଙ୍କୁ ଭୋଗରେ ପ୍ରବୃତ୍ତ କରାଇଲେ ।

ରାଜା ଶୁଦ୍ଧୋଦନ ସଦାଚାରସଂପନ୍ନ ବଂଶରୁ ରୂପବତୀ, ଲଜ୍ଜାଶୀଳା, ବିନୀତା, ବିଶାଳଯଶସଂପନ୍ନା ଯଶୋଧାରା ନାମ୍ନୀ, ବାମାରୂପିଣୀ ଲକ୍ଷ୍ମୀଙ୍କ ସହ ପୁତ୍ରଙ୍କର ବିବାହ ସଂପନ୍ନ କରାଇଲେ । ସେତେବେଳେ ଅପୂର୍ବ ଅଙ୍ଗ ଜ୍ୟୋତିରେ ଜ୍ୟୋତିଷ୍ମାନ୍ ସନତ୍ କୁମାରଙ୍କ ସଦୃଶ ସେହି ରାଜକୁମାର ଶଚୀଙ୍କ ସହ ଇନ୍ଦ୍ରଙ୍କ ପରି ଶାକ୍ୟେନ୍ଦ୍ର ବଧୂଙ୍କ ସହ ମିଳିତ ହେଲେ । କୁମାର ଯେପରି କିଞ୍ଚିନ୍ମାତ୍ର ମନ କ୍ଷୋଭକର ବା ପ୍ରତିକୂଳ କିଛି ନ ଦେଖନ୍ତି, ଏହା ଚିନ୍ତା କରି ରାଜା ନିଜ ପ୍ରାସାଦର ଆହୁରି ଅଭ୍ୟନ୍ତରରେ, ଜନଗଣଙ୍କ ଅଗୋଚରରେ କୁମାରଙ୍କ ପାଇଁ ଏକ ବାସଗୃହ ନିର୍ମାଣ କରାଇଲେ । ଶାରଦୀୟ ଆକାଶ ପରି ନିର୍ମଳ, ଭୂମିରେ ଅବତୀର୍ଣ୍ଣ ଦିବ୍ୟ ଦେବଗୃହ ପରି ସର୍ବଋତୁ ସୁଖକର ସେହି ପ୍ରାସାଦରେ କୁମାର ବିହାର କରିବାକୁ ଲାଗିଲେ । ନାରୀଗଣଙ୍କ ଅଙ୍ଗୁଳି-ଅଭିହିତ ସୁବର୍ଣ୍ଣ ଖଚିତ କକ୍ଷ-ମୃଦଙ୍ଗର କଳଧ୍ୱନି ଓ ଶ୍ରେଷ୍ଠ ଅପ୍ସରାନୃତ୍ୟ ସମ ନୃତ୍ୟରେ ସେହି ବାସଭବନ କୈଳାସ ପରି ବିରାଜ କରିବାକୁ ଲାଗିଲା । ବାକ୍ୟାଳାପ, ଲଳିତକଳା, ହାବଭାବ, କ୍ରୀଡ଼ାପୂର୍ଣ୍ଣ ମାଦକତା, ମଧୁର ହାସ୍ୟ, ଭ୍ରୁଭଙ୍ଗ ଓ କଟାକ୍ଷ ଦ୍ୱାରା ରମଣୀଗଣ କୁମାରଙ୍କୁ ଆନନ୍ଦଦାନ କରିବାକୁ ଲାଗିଲେ ।

ନୃପତି ଶୁଦ୍ଧୋଦନ ପୁତ୍ରଙ୍କର ଉନ୍ନତି କାମନା କରି ସଂଯମ ଅଭ୍ୟାସ କରିଲେ ଓ ସାଧୁମାନଙ୍କ ସେବା କରିବାକୁ ଲାଗିଲେ । ସେ ଆଉ ଅସଂଯତ ବ୍ୟକ୍ତିଙ୍କ ପରି କାମ ସୁଖରେ ଆସକ୍ତ ରହିଲେ ନାହିଁ । ନାରୀମାନଙ୍କ ପ୍ରତି ତାଙ୍କର ଅତିରିକ୍ତ ଅନୁରାଗ ରହିଲା ନାହିଁ, ନିଜର ଧୃତି ଦ୍ୱାରା ସେ ଚପଳ ଇନ୍ଦ୍ରିୟ ରୂପକ ଅଶ୍ୱମାନଙ୍କୁ ଏବଂ ଗୁଣ ଦ୍ୱାରା ବନ୍ଧୁ ଓ ପୌରବର୍ଗଙ୍କୁ ଜୟ କରିଲେ । ଯେଉଁ ବିଦ୍ୟା ପରକୁ ଦୁଃଖ ଦିଏ, ସେ ତାହା ଆଉ ଶିକ୍ଷା କରିଲେ ନାହିଁ, କେବଳ କଲ୍ୟାଣକର ଜ୍ଞାନହିଁ ଅଧ୍ୟୟନ କଲେ । ନିଜ ପ୍ରଜାଙ୍କ ସମେତ ସମଗ୍ର ମାନବଜାତିର ଶୁଭ କାମନା କଲେ । ଯଜ୍ଞାନୁଷ୍ଠାନ କରି ଦ୍ୱିଜଗଣଙ୍କୁ ଗାଭୀ ଓ କାଞ୍ଚନ ପ୍ରଦାନ କଲେ ପୁତ୍ରର ଦୀର୍ଘାୟୁ କାମନା କରି । ଶାରୀରିକ ଓ ମାନସିକ ପବିତ୍ରତା ଅବଲମ୍ବନପୂର୍ବକ ବେଦୋପଦିଷ୍ଟ ସୋମ ଓ ହୃଦୟସ୍ଥ ଶାନ୍ତିସୁଖ ପାନ କରି ନିଜ ଆତ୍ମଜଙ୍କୁ ସୁରକ୍ଷିତ ରଖିଲେ । ସେ ଅନର୍ଥ ବାକ୍ୟ ନ କହି କେବଳ ପ୍ରୀତିକର ବାକ୍ୟ କହିଲେ । ପ୍ରୀତିକର ଅସତ୍ୟ ବା ନିଷ୍ଠୁର ସତ୍ୟ କହିବାକୁ ସଂକୋଚ ପ୍ରକାଶ କରି ବିନୟଭାବ ଅବଲମ୍ବନ କଲେ । ଯାଗଯଜ୍ଞ ଅପେକ୍ଷା ନ୍ୟାୟ ବିଚାରକୁହିଁ ଶ୍ରେଷ୍ଠ ମନେ କଲେ । ଦାନବାରି ଦ୍ୱାରା ସେ ଆଶାୟୀର ତୃଷ୍ଣା ନିବାରଣ କଲେ । ବିନା ଯୁଦ୍ଧରେ ନିଜ ଚରିତ୍ରର ପରଶୁ ଦ୍ୱାରା ଶତ୍ରୁଗଣଙ୍କ ଦର୍ପଚୂର୍ଣ୍ଣ କରିବାକୁ ଲାଗିଲେ । ପ୍ରାଣଦଣ୍ଡ ପରି ଉଗ୍ରଶାସ୍ତି ନ ଦେଇ ଦୋଷୀମାନଙ୍କୁ କେବଳ ବନ୍ଦୀ କରି ରଖିଲେ । ଋଷି ଆଚରିତ ପରମ ବ୍ରତ ପାଳନ କରି ଚିତ୍ତମଳିନକାରୀ ରଜଗୁଣ ପରିହାର କଲେ । ପ୍ରାପ୍ୟ ରାଜସ୍ୱରୁ ଅଧିକ ଗ୍ରହଣ କରିବା ପାଇଁ ଅନିଚ୍ଛା ପ୍ରକାଶ କରି ପରଦ୍ରବ୍ୟ ପ୍ରତି ନିସ୍ପୃହ ରହିଲେ । ହୃଦୟରେ କାହା ପ୍ରତି ଦ୍ୱେଷ ବା କ୍ଷୋଭ ପୋଷଣ ପାଇଁ ତାଙ୍କର ଇଚ୍ଛା ରହିଲା ନାହିଁ । ଯୋଗରେ ପ୍ରବୃତ୍ତ ବ୍ୟକ୍ତିର ଇନ୍ଦ୍ରିୟସମୂହ ଯେପରି ତାହାର ଶମାତ୍ମକ ପ୍ରସନ୍ନ ଓ ପ୍ରଶାନ୍ତ ଚିତ୍ତର ଅନୁରୂପ ଆଚରଣ କରେ, ଭୃତ୍ୟ ଓ ପୌରବର୍ଗ ସେହିପରି ନୃପତିଙ୍କ ଅନୁସରଣ କରିଲେ ।

ଏହାପରେ, ଚାରୁପୟୋଧରା, ସୁଯଶସ୍ୱିନୀ ଯଶୋଧାରାଙ୍କଠାରୁ ରାଜକୁମାରଙ୍କର ରାହୁଳ ନାମରେ ରାହୁଶତ୍ରୁ ଚନ୍ଦ୍ରଙ୍କ ପରି ବଦନଶୋଭା ନେଇ ଏକ ପୁତ୍ର ଜନ୍ମଗ୍ରହଣ କଲେ । ବଂଶ ବୃଦ୍ଧି ହେବାରୁ ପୁତ୍ରପ୍ରିୟ ନରପତି ପରମ ପ୍ରୀତ ହେଲେ । 'ପୁତ୍ରର ମୋ ପରି ପୁତ୍ରସ୍ନେହ ଲାଭ ହେବ' ଏହା ଭାବି ଆନନ୍ଦିତ ପୁତ୍ରପ୍ରିୟ ନରପତି ଯେପରି ସ୍ୱର୍ଗାରୋହଣ ପାଇଁ ଇଚ୍ଛୁକ ହୋଇ ପ୍ରସିଦ୍ଧ ବିଧିସବୁ ପାଳନ କରିବାକୁ ଲାଗିଲେ । ସତ୍ୟଯୁଗର ଯଶସ୍ୱୀ ରାଜେନ୍ଦ୍ରଗଣଙ୍କ ପଥ ଅନୁସରଣ କରି ସେହି ନୃପତି ତପଶ୍ଚରଣ ଓ ହିଂସା-ରହିତ ଯଜ୍ଞ ଅନୁଷ୍ଠାନ କରିବାକୁ ଲାଗିଲେ । ନୃପଶ୍ରୀ ଓ ତପଃଶ୍ରୀ ଦ୍ୱାରା ଜାଜ୍ୱଲ୍ୟମାନ, କୁଳ, ବୃତ୍ତି ଓ ଧୀ ଦ୍ୱାରା ଦୀପ୍ତ ସେହି ପୁଣ୍ୟକର୍ମା ପୁରୁଷ ଯେପରି ସହସ୍ରାଂଶୁ ସୂର୍ଯ୍ୟ ପରି ତେଜ

ବିକିରଣ କଲେ । ଆଦି କାଳରେ ପ୍ରଜାସୃଜନେଚ୍ଛୁ ପ୍ରଜାପତିଙ୍କ ପରି ସେ ବହୁ ଦୁଷ୍କର କର୍ମରେ ପ୍ରବୃତ୍ତ ହେଲେ । ଶସ୍ତ୍ରତ୍ୟାଗ କରି ଶାସ୍ତ୍ର ଆଲୋଚନା କରିଲେ । ଜିତେନ୍ଦ୍ରିୟ ଯତିଙ୍କ ପରି ସେ ଆଉ ବିଷୟର ଭଜନା କଲେ ନାହିଁ । ସମସ୍ତ ରାଜ୍ୟକୁ ସେ ପିତାର ଦୃଷ୍ଟିରେ ଦେଖିଲେ । ସେ ପୁତ୍ର ପାଇଁ ରାଜ୍ୟ, କୁଳ ପାଇଁ ପୁତ୍ର ଓ ଯଶ ପାଇଁ କୁଳକୁ ରକ୍ଷା କରି ସ୍ୱର୍ଗ ପାଇଁ ଯଶ, ଆତ୍ମା ପାଇଁ ସ୍ୱର୍ଗ ଓ ଧର୍ମ ପାଇଁ ଆତ୍ମସ୍ଥିତିର ଆକାଂକ୍ଷା କଲେ ।

'ମୋ ପୁତ୍ର ତାହାର ପୁତ୍ରମୁଖ ଦର୍ଶନ କରିଛି, ଏଣିକି ସେ ଆଉ ବନଗମନ କରିବ ନାହିଁ' – ଏହିପରି ଭାବି ଶାକ୍ୟରାଜ ସଜ୍ଜନଙ୍କ ଦ୍ୱାରା ଅନୁଷ୍ଠିତ ଶ୍ରୁତିସିଦ୍ଧ ବିଭିନ୍ନ ଧର୍ମ ଆଚରଣ କରିବାକୁ ଲାଗିଲେ । ଜଗତରେ ନରପତିମାନେ ରାଜଶ୍ରୀର ରକ୍ଷଣାଭିଳାଷ ନେଇ ପୁତ୍ରଗଣଙ୍କୁ କାମାସକ୍ତିରୁ ରକ୍ଷା କରନ୍ତି କିନ୍ତୁ ସେହି ନରପତି ଧର୍ମାକାଂକ୍ଷୀ ହୋଇ ମଧ୍ୟ ପୁତ୍ରଙ୍କୁ ଧର୍ମରୁ ବିରତ କରାଇ କାମୋପଭୋଗରେ ପ୍ରବୃତ୍ତ କରାଇଲେ ।

## ତୃତୀୟ ସର୍ଗ

ଦିନେ ରାଜକୁମାର ଶ୍ୟାମଳ ତୃଣାବୃତ କୋକିଳ କୂଜିତ ପାଦପପୂର୍ଣ୍ଣ ପଦ୍ମ ପ୍ରସ୍ଫୁଟିତ ପୁଷ୍କରିଣୀଶୋଭିତ ଏକ ରମଣୀୟ କାନନ ବିଷୟ ଶ୍ରବଣ କରି ତାହାକୁ ଦେଖିବାର ଇଚ୍ଛା ପ୍ରକାଶ କଲେ । ପୁତ୍ରଙ୍କ ମନୋଭାବ ଅବଗତ ହୋଇ ରାଜା ସେହି ଯାତ୍ରାର ବ୍ୟବସ୍ଥା କରି ଦେଲେ ।

ରାଜକୁମାର ଯେପରି ଉଦ୍‌ବିଗ୍ନ ନ ହୁଅନ୍ତି ତାହା ଚିନ୍ତାକରି ସେ ରାଜମାର୍ଗରେ ଆର୍ତ୍ତ ଓ ଇତର ବ୍ୟକ୍ତିମାନଙ୍କ ଚଳାଚଳ ନିଷେଧ କରିଦେଲେ । ଅଙ୍ଗହୀନ, ବିକଳେନ୍ଦ୍ରିୟ, ଜରାଗ୍ରସ୍ତ, ଦୁଃସ୍ଥ, ଆତୁର ଆଦି ଜନଗଣଙ୍କୁ ରାଜପଥରୁ ନିବୃତ୍ତ କରାଗଲା । ରାଜମାର୍ଗ ଶୋଭିତ ହେଲା ଓ ରାଜକୁମାର ବିନୀତ ଅନୁଚରଗଣଙ୍କ ସହିତ ପ୍ରାସାଦରୁ ଅବତରଣ କରି ପିତାଙ୍କ ସମୀପରେ ଉପସ୍ଥିତ ହେଲେ । ରାଜା, ପୁତ୍ରଙ୍କ ମସ୍ତକ ଆଘ୍ରାଣ କରି, ତାଙ୍କୁ ବହୁକ୍ଷଣ ନିରୀକ୍ଷଣ କରି ଯିବାର ଆଦେଶ ଦେଲେ କିନ୍ତୁ ଅନ୍ତରରୁ ବିଦାୟ ଦେଇ ପାରିଲେ ନାହିଁ । ଏହାପରେ କୁମାର ସୁବର୍ଣ୍ଣ ଅଶ୍ୱାଭରଣ ସଜ୍ଜିତ ଚତୁଷ୍ଟୟ ତୁରଙ୍ଗମବାହିତ ଏକ ହିରଣ୍ମୟ ରଥରେ ସାରଥି ସହ ଆରୋହଣ କଲେ । ତାରାଗଣଙ୍କ ସହିତ ଚନ୍ଦ୍ର ଆକାଶରେ ପ୍ରକାଶ ପାଇଲା ପରି କୁମାର ତାଙ୍କ ଅନୁଚରବର୍ଗଙ୍କ ସହ, ପୌରବର୍ଗଙ୍କ ଦ୍ୱାରା ଚତୁର୍ଦ୍ଦିଗରୁ ନିରୀକ୍ଷମାଣ ହୋଇ ଧୀରେ ଧୀରେ ଅଗ୍ରସର ହେଲେ । ତାଙ୍କ ସୌମ୍ୟଭାବ ଯୋଗୁଁ କେହି ତାଙ୍କୁ ପ୍ରଶଂସା କରିଲା ତ, ତାଙ୍କ ଦୀପ୍ତି ଯୋଗୁଁ କେହି ତାଙ୍କୁ ବନ୍ଦନା କଲା ଓ ତାଙ୍କର ଦାକ୍ଷିଣ୍ୟ ହେତୁ ଆଉ କେହି ତାଙ୍କର ଐଶ୍ୱର୍ଯ୍ୟ ଓ ଦୀର୍ଘାୟୁ ପ୍ରାର୍ଥନା କଲା । 'କୁମାର ଗମନ କରୁଛନ୍ତି' ଏହି ବାର୍ତ୍ତା ଶ୍ରବଣ କରି ନାରୀଗଣ ଗୁରୁଜନଙ୍କଠାରୁ ଅନୁମତି ନେଇ ତାହାଙ୍କ ଦର୍ଶନାଭିଳାଷରେ ପ୍ରାସାଦସବୁର ତଳକୁ ଆସିଲେ । ଶିଥିଳ କାଞ୍ଚିବନ୍ଧନ ଦ୍ୱାରା ବାଧାପ୍ରାପ୍ତ, ସଦ୍ୟଜାଗ୍ରତ ହୋଇ ଥିବାରୁ ଆକୁଳନୟନା, କୌତୂହଳପୂର୍ଣ୍ଣା ରମଣୀଗଣ ଅଳଂକାର ସବୁରେ ସଜ୍ଜିତା ହୋଇ ଏକତ୍ରିତ ହେଲେ । କୌତୂହଳବଶତଃ ବାତାୟନ-ସବୁ ଉଦ୍‌ଘାଟିତ କରି ଯୁବତୀଗଣ ପ୍ରାସାଦପୂର୍ଣ୍ଣ କରି ବିରାଜ କରିବାକୁ ଲାଗିଲେ । ଯୁବତୀ ପରିପୂର୍ଣ୍ଣ ଉଚ୍ଚ ପ୍ରାସାଦ ସମୂହରେ ଶୋଭାନ୍ୱିତା ସେହି ନଗରୀ ଅପ୍ସରା ଭୂଷିତ ଦେବଗୃହ ପରିବୃତ୍ତ ସ୍ୱର୍ଗ ପରି ପ୍ରତିଭାତ ହେଲା । ନାରୀଗଣ ରୂପ ଓ ଐଶ୍ୱର୍ଯ୍ୟ ଦୀପ୍ତ ରାଜପୁତ୍ରଙ୍କୁ ଦେଖି ମୃଦୁସ୍ୱରରେ କହିବାକୁ ଲାଗିଲେ 'ଏହାର ଭାର୍ଯ୍ୟା ଧନ୍ୟ ।' କୌଣସି ମନ୍ଦଭାବ ନେଇ ନୁହେଁ, ଶୁଦ୍ଧ ମନୋଭାବ ନେଇହିଁ ସେମାନେ ଏହା କହିଲେ । ରୂପରେ ସ୍ୱୟଂ ପୁଷ୍ପକେତୁଙ୍କ ପରି, ଆୟତ ଓ ପୀନବାହୁ ଏହି ରାଜକୁମାର ଐଶ୍ୱର୍ଯ୍ୟ ପରିତ୍ୟାଗ କରି ଧର୍ମର ଆରାଧନା କରିବେ ଏହା ଭାବି ସେମାନେ ଗୌରବବୋଧ କଲେ । ଶୁଚି ଓ ସୌମ୍ୟ ବେଶ ପରିହିତ, ବିନୀତ ପୌରଜନମାନଙ୍କ ସମାକୀର୍ଣ୍ଣ ରାଜପଥକୁ ପ୍ରଥମ ଥର ପାଇଁ ଦେଖି କୁମାର ହୃଷ୍ଟ ହେଲେ ।

କିନ୍ତୁ ଶୁଦ୍ଧାଧିବାସ ଦେବଗଣ ସେହି ନଗରକୁ ସ୍ୱର୍ଗ ପରି ପ୍ରହୃଷ୍ଟ ଦେଖି ରାଜପୁତ୍ରଙ୍କୁ ଗୃହତ୍ୟାଗ ଓ ସନ୍ନ୍ୟାସର ଅନୁପ୍ରେରଣା ଦେବା ପାଇଁ ଏକ ଜରାଜୀର୍ଣ୍ଣ ମାୟାମାନବ ସୃଷ୍ଟି କଲେ । ସାଧାରଣ ଜନସମୂହଙ୍କଠାରୁ ଆକୃତିରେ ପୃଥକ୍, ଜରାଭିଭୂତ ସେହି ବୃଦ୍ଧଙ୍କୁ ଦେଖି ରାଜକୁମାର ଅନିମେଷ ନୟନରେ ତାଙ୍କୁ ଚାହିଁ ରହିଲେ ଏବଂ ଉଦ୍‌ବିଗ୍ନ ହୋଇ ସାରଥିଙ୍କୁ ପ୍ରଶ୍ନ କଲେ, ''ହେ ସୂତ, ଶ୍ୱେତ କେଶଯୁକ୍ତ, ଭ୍ରୂ ଦ୍ୱାରା ଆବୃତ ନେତ୍ର, ଶିଥିଳ ଓ ଆନତ ଅଙ୍ଗ, ଦଣ୍ଡଧାରୀ ଏହି ବ୍ୟକ୍ତି କିଏ ? ଏହାଙ୍କର କ'ଣ କୌଣସି ବିକୃତି ହୋଇଛି, ନା, ଏହାଙ୍କର ପ୍ରକୃତି ଏହିପରି ? ନା ଦୈବବଶତଃ ଏହାଙ୍କର ଏପରି ଆକୃତି ହୋଇଛି ?''

ସାରଥି ଉତ୍ତର ଦେଲେ, ''ଏହା ରୂପବିନାଶକ, ବଳ-

ହାନିକର, ଶୋକର ଆକର, ସକଳ ସନ୍ତୋଷର ଅପହାରକ, ସ୍ମୃତିନାଶକ, ଇନ୍ଦ୍ରିୟମାନଙ୍କର ରିପୁ – ଏହାର ନାମ ଜରା । ଏହି ଜରା ଦ୍ୱାରାହିଁ ଏହି ବ୍ୟକ୍ତି ଜୀର୍ଣ୍ଣ ହୋଇଛି । ଶିଶୁକାଳେ ଏହି ବ୍ୟକ୍ତି ସ୍ତନ୍ୟପାନ କରୁଥିଲା, ପରେ ମାଟିରେ ଗୁରୁଣ୍ଡିଲା, କ୍ରମେ ସୁଚାରୁ ଦେହ ଯୁବା ହେଲା । ତା'ପରେ ଏହିପରି ଜରାଗ୍ରସ୍ତ ହୋଇଛି ।''

ଏହା ଶୁଣି ରାଜପୁତ୍ର କିଞ୍ଚିତ୍ ବିଚଳିତ ହୋଇ ସାରଥିଙ୍କୁ ଜିଜ୍ଞାସା କଲେ – ''ମୋତେ ମଧ୍ୟ କ'ଣ ଏହିପରି ଦୋଷଗ୍ରସ୍ତ ହେବାକୁ ହେବ ?'' ସାରଥି ଉତ୍ତର ଦେଲେ, ''କାଳକ୍ରମେ ବୟୋବୃଦ୍ଧି ହେଲେ ଆୟୁଷ୍ମାନ୍ ଯେ ଏହି ଅବସ୍ଥା ପ୍ରାପ୍ତ ହେବେ ଏଥିରେ ସନ୍ଦେହ ନାହିଁ ।'' ଏହାପରେ ପୂର୍ବଜନ୍ମର ସଂସ୍କାର ଦ୍ୱାରା ଶୁଦ୍ଧବୁଦ୍ଧି, ବହୁକଳ୍ପ ସଂଚିତ ପୁଣ୍ୟରେ ପବିତ୍ର ସେହି ମହାତ୍ମା, ନିକଟରେ ଘୋର ବଜ୍ରପାତ ହେଲେ ଗାଭୀ ଯେପରି ତ୍ରସ୍ତ ହୁଏ, ଜରାର କଥା ଶ୍ରବଣ କରି ସେହିପରି ତ୍ରସ୍ତ ହେଲେ । ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ସେହି ଜରାଜୀର୍ଣ୍ଣ ବ୍ୟକ୍ତି ପ୍ରତି କମ୍ପିତ ମସ୍ତକରେ ଦୃଷ୍ଟିପାତ କରି, ପୁଣି ହର୍ଷ ପରିପ୍ଲୁତ ଜନତାଙ୍କୁ ଦର୍ଶନ କରି ସେ ଉଦ୍‌ବେଗର ସହ କହିବାକୁ ଲାଗିଲେ ''ଜରା ଏହିପରି ସ୍ମୃତି, ରୂପ ଓ ପରାକ୍ରମ ନିର୍ବିଶେଷରେ ନଷ୍ଟ କରେ । ଲୋକମାନେ ଜରାକୁ ଏହିପରି ପ୍ରତ୍ୟକ୍ଷ ଦେଖୁଛନ୍ତି, ତଥାପି ଆଦୌ ଉତ୍‌କଣ୍ଠିତ ହେଉ ନାହାନ୍ତି । ଏହି ଅବସ୍ଥାରେ, ହେ ସାରଥି, ଅଶ୍ୱମାନଙ୍କୁ ନିବର୍ତ୍ତିତ କରି ଶୀଘ୍ର ଗୃହକୁ ପ୍ରତ୍ୟାବର୍ତ୍ତନ କର । ମୋ ଚିତ୍ତରେ ଯେତେବେଳେ ଜରାଭୟ ବର୍ତ୍ତମାନ, ସେତେବେଳେ ମୁଁ କିପରି ଉଦ୍ୟାନ ଭୂମିରେ ତୃପ୍ତି ଲାଭ କରିବି ?''

ରାଜକୁମାର ଏହିପରି ଚିନ୍ତାକୁଳ ଚିତ୍ତରେ ଗୃହ ପ୍ରତ୍ୟାବର୍ତ୍ତନ କରିଲେ ଯେ ସେହି ପରିପୂର୍ଣ୍ଣ ପ୍ରାସାଦ ତାଙ୍କୁ ଶୂନ୍ୟ ମନେ ହେଲା । 'ଜରା', 'ଜରା' ଏହି କଥା ଚିନ୍ତା କରି କରି, କୌଣସି ଶାନ୍ତି ନ ପାଇ ସେ ପୁନରାୟ ପରିଭ୍ରମଣରେ ବାହାରିଲେ । ଦେବଗଣ ମଧ୍ୟ ପୁନରାୟ ବ୍ୟାଧିପରିପୂର୍ଣ୍ଣ ଦେହର ଏକ ପୁରୁଷ ସୃଷ୍ଟି କରିଲେ । ଶୁଦ୍ଧୋଦନ-ସୁତ ତାହାକୁ ଦେଖି, ତାହା ପ୍ରତି ଦୃଷ୍ଟି ନିବେଶ କରି ସାରଥିଙ୍କୁ ପଚାରିଲେ, ''ସ୍ଥୂଳୋଦର, ଶ୍ଳଥସ୍କନ୍ଧ, କୃଶ ଓ ପାଣ୍ଡୁଗାତ୍ର ଏ ବ୍ୟକ୍ତି କିଏ ? ପ୍ରତି ଶ୍ୱାସ-ପ୍ରଶ୍ୱାସରେ ଏହାର ଦେହ କମ୍ପିତ ହେଉଛି; ଅନ୍ୟ ଏକ ବ୍ୟକ୍ତିକୁ ଆଶ୍ରୟ କରି, କରୁଣ ସ୍ୱରରେ 'ମା' 'ମା' ଏହି କାତର ଧ୍ୱନି ଉଚ୍ଚାରଣ କରୁଛି ?''

ସାରଥି ଉତ୍ତର ଦେଲେ, ''ହେ ସୌମ୍ୟ, ଧାତୁ ପ୍ରକୋପ ହେତୁ ଉତ୍‌ପନ୍ନ, ରୋଗ ନାମକ ସୁମହାନ୍ ଅନର୍ଥ, ଏହାଙ୍କ ଭିତରେ ପରିପୂର୍ଣ୍ଣ ରୂପେ ବୃଦ୍ଧି ପାଇଛି । ଏହି ବ୍ୟକ୍ତି ପୂର୍ବେ ଶକ୍ତିମାନ୍ ଥିଲେ, ଆଜି ରୋଗର ଅଧୀନ ।'' ସେହି ରୋଗୀକୁ ନିରୀକ୍ଷଣ କରି କରି ରାଜପୁତ୍ର ପୁନରାୟ ସାରଥିଙ୍କୁ ପ୍ରଶ୍ନ କଲେ, ''ଏହି ଦୋଷ କ'ଣ କେବଳ ଏହାଙ୍କଠାରେ ଜନ୍ମିଛି ନା ସମସ୍ତ ଜନଗଣଙ୍କ ମଧ୍ୟରେ ଏହି ରୋଗଭୟ ସାଧାରଣ ?'' ସାରଥି ଉତ୍ତର ଦେଲେ, ''ହେ କୁମାର, ଏହି ଦୋଷ ସାଧାରଣ । ଏହି ରୋଗ ଦ୍ୱାରା ପ୍ରପୀଡ଼ିତ ହୋଇ ମଧ୍ୟ ବ୍ୟାଧିକ୍ଲିଷ୍ଟ ଜନଗଣ ଆନନ୍ଦ ଅନୁଭବ କରନ୍ତି ।''

ଏହା ଶୁଣି ବିଷଣ୍ଣମନା ସେହି କୁମାର ଜଳତରଙ୍ଗରେ ପ୍ରତିବିମ୍ବିତ ଚନ୍ଦ୍ର ପରି କମ୍ପିତ ହେଲେ । କରୁଣାର୍ଦ୍ର ଚିତ୍ତରେ ମୃଦୁସ୍ୱରରେ କହିଲେ, ''ମାନବର ଏହିପରି ରୋଗ ବିପଦ ପ୍ରତ୍ୟକ୍ଷ କରି ମଧ୍ୟ ଲୋକେ ନିଶ୍ଚିନ୍ତ ରହୁଛନ୍ତି । ହାୟ, ମନୁଷ୍ୟର ଅଜ୍ଞାନ କେଡ଼େ ବିସ୍ତୀର୍ଣ୍ଣ । ରୋଗ ଭୟରୁ ମୁକ୍ତ ନ ହୋଇ ମଧ୍ୟ ଆନନ୍ଦିତ ହେଉଛନ୍ତି ।'' ଏହାପରେ କୁମାରଙ୍କ ଆଦେଶରେ ସାରଥି ରଥ ଫେରାଇଲେ ଓ ରାଜକୁମାର ଚିନ୍ତାମଗ୍ନ ହୋଇ, ବିଷଣ୍ଣ ମନରେ ରାଜଭବନରେ ପ୍ରବେଶ କଲେ । କୁମାରଙ୍କ ପ୍ରତ୍ୟାବର୍ତ୍ତନର କାରଣ ଶୁଣି ରାଜା ନିଜକୁ ପୁତ୍ରପରିତ୍ୟକ୍ତ ବୋଲି ମନେ କଲେ । ଯେଉଁମାନଙ୍କ ଉପରେ ମାର୍ଗ-ପରିଷ୍କାରର ଭାର ଥିଲା ସେମାନଙ୍କ ଉପରେ କ୍ରୁଦ୍ଧ ହେଲେ । ମନୁଷ୍ୟର ଇନ୍ଦ୍ରିୟସମୂହ ଅସ୍ଥିର, ଚଞ୍ଚଳ, ସୁତରାଂ ଯଦି ଭୋଗାସକ୍ତ ହୋଇ କୁମାର ଆମମାନଙ୍କୁ ତ୍ୟାଗ ନ କରନ୍ତି – ଏହିପରି ଆଶା କରି ରାଜା ପୁତ୍ରଙ୍କ ପାଇଁ ପୁନରାୟ ସର୍ବ ପ୍ରକାର ଭୋଗ୍ୟ ବସ୍ତୁର ବିଶେଷ ବ୍ୟବସ୍ଥା କଲେ । କିନ୍ତୁ ଯେତେବେଳେ ଦେଖିଲେ କୁମାର ଅନ୍ତଃପୁରରେ ଶବ୍ଦାଦି ଇନ୍ଦ୍ରିୟ ବିଷୟରେ ପ୍ରୀତିଲାଭ କରୁ ନାହାନ୍ତି ସେତେବେଳେ ରାଜା ତାଙ୍କ ପାଇଁ ବହିର୍ଯାତ୍ରାର ବ୍ୟବସ୍ଥା କଲେ ଓ ଭାବିଲେ ଏହି ନୂତନତ୍ୱରେ ତାଙ୍କ ମନୋଭାବର ପରିବର୍ତ୍ତନ ହେବ । ସେ ସ୍ନେହବଶତଃ କାମାସକ୍ତି ଦୋଷର ଚିନ୍ତା ନ କରି ସକଳ କଳାଭିଜ୍ଞା ଯୋଗ୍ୟା ବାରାଙ୍ଗନାମାନଙ୍କୁ ସେଠାକୁ ଯିବାର ବ୍ୟବସ୍ଥା କଲେ । ରାଜମାର୍ଗକୁ ବିଶେଷ ଭାବରେ ପରୀକ୍ଷିତ ଓ ଅଳଙ୍କୃତ କରାଇ ରଥ ଓ ସାରଥି ପରିବର୍ତ୍ତନପୂର୍ବକ କୁମାରଙ୍କ ବହିର୍ଯାତ୍ରାର ଆଦେଶ ଦେଲେ ।

ରାଜପୁତ୍ର ପଥ ମଧ୍ୟକୁ ବହିର୍ଗତ ହେଲାରୁ ଦେବଗଣ

ଏକ ମୃତ ଦେହ ସୃଷ୍ଟି କରିଲେ । ପଥରେ ବାହିତ ସେହି ମୃତ ଦେହକୁ କୁମାର ଓ ସାରଥିଙ୍କ ଭିନ୍ନ ଅନ୍ୟ କେହି ଦେଖି ପାରିଲେ ନାହିଁ । ରାଜକୁମାର ସାରଥିଙ୍କୁ ପ୍ରଶ୍ନ କଲେ ''ଚାରିଜଣଙ୍କ ଦ୍ୱାରା ବାହିତ ଏହି ବ୍ୟକ୍ତି କିଏ ? ଏହାଙ୍କୁ ଶୋକାର୍ତ୍ତ ଜନଗଣ ଅନୁସରଣ କରୁଛନ୍ତି । ଏହି ପୁରୁଷ ସୁଭୂଷିତ ତଥାପି ସମସ୍ତେ ଏହାଙ୍କ ପାଇଁ କ୍ରନ୍ଦନ କରୁଛନ୍ତି ?''

ସାରଥି କହିଲେ, ''ବୁଦ୍ଧି, ଇନ୍ଦ୍ରିୟ, ପ୍ରାଣ ଓ ଗୁଣ ବିଯୁକ୍ତ ସୁପ୍ତ, ସଂଜ୍ଞାହୀନ ତୃଣ କାଷ୍ଠବତ୍ ଏହି ବ୍ୟକ୍ତିଙ୍କୁ ତାଙ୍କର ପ୍ରିୟଜନମାନେ ଏତେ ଦିନ ଯତ୍ନର ସହ ବର୍ଦ୍ଧନ ଓ ରକ୍ଷା କରି ଆସିଥିଲେ, କିନ୍ତୁ ବର୍ତ୍ତମାନ ଏହାଙ୍କୁ ପରିତ୍ୟାଗ କରୁଛନ୍ତି ।'' ସାରଥିର ଏହି କଥା ଶ୍ରବଣ କରି କୁମାର କିଞ୍ଚିତ୍ କ୍ଷୁବ୍ଧ ହୋଇ ଜିଜ୍ଞାସା କଲେ, ''କେବଳ ଏହି ବ୍ୟକ୍ତିରହିଁ ଅବସ୍ଥା ଏହିପରି ନା ସକଳ ମାନବ ଜୀବନର ଏହାହିଁ ପରିଣାମ ? ସାରଥି କହିଲେ, ''ସକଳ ସୃଷ୍ଟ ଜୀବରହିଁ ଏହି ପରିଣାମ । ଇହଲୋକରେ ହୀନ, ମଧ୍ୟ, ମହାତ୍ମା, ସକଳେହିଁ ବିନାଶ ପ୍ରାପ୍ତ ହୁଅନ୍ତି ।'' ସ୍ୱଭାବତଃ ଧୀର ହେଲେ ମଧ୍ୟ କୁମାର ମୃତ୍ୟୁର କଥା ଶ୍ରବଣ କରି ତତ୍କ୍ଷଣାତ୍ ବିଷଣ୍ଣ ହୋଇ ପଡ଼ିଲେ । ସେ ରଥଦଣ୍ଡ ଉପରେ ସ୍କନ୍ଧ ସ୍ଥାପନ କରି ଗଭୀର ସ୍ୱରରେ କହିଲେ,

''ଜୀବଗଣଙ୍କର ଏହାହିଁ ଚରମଗତି । ତଥାପି ଲୋକେ ଭୟ ତ୍ୟାଗ କରି ଆମୋଦ-ପ୍ରମୋଦ କରନ୍ତି । ଯେଉଁମାନେ ମୃତ୍ୟୁ-ପଥରେ ରହି ମଧ୍ୟ ଉଦ୍‌ବିଗ୍ନ ନ ହୋଇ ସୁସ୍ଥ ରୁହନ୍ତି, ମୋର ମନେହୁଏ ସେମାନଙ୍କ ହୃଦୟ ଅତିଶୟ କଠିନ । ହେ ସୂତ, ରଥ ଫେରାଅ । ଏହି ଦେଶକାଳ ଆମର ବିହାର ଭୂମି ପାଇଁ ଉପଯୁକ୍ତ ନୁହେଁ । ଅନ୍ତକାଳରେ ବିନାଶ ଜାଣି ମଧ୍ୟ କେଉଁ ସଚେତନ ବ୍ୟକ୍ତି ବିପଦ ସମୟରେ ଭୋଗପ୍ରମତ୍ତ ହୋଇ ରହିବ !''

ରାଜକୁମାର ଏହିପରି କହିଲେ ମଧ୍ୟ ସାରଥି ରଥ ଫେରାଇଲେ ନାହିଁ । ରାଜାଦେଶ ଅନୁଯାୟୀ ଶୋଭାନ୍ୱିତ ପଦ୍ମଖଣ୍ଡ ବନକୁ ଗମନ କରିଲେ । ଏହାପରେ ସେମାନେ କମଳପୂର୍ଣ୍ଣ ଚାରୁ ପୁଷ୍କରିଣୀ ଶୋଭିତ, କୁସୁମିତ ବାଳ ପାଦପ ବିରାଜିତ, ଇତସ୍ତତଃ ଭ୍ରାମ୍ୟମାଣ, ପ୍ରସନ୍ନ, ପିକକୁଳ ପରିବୃତ ନନ୍ଦନକାନନ ସମ ସେହି କାନନ ଦର୍ଶନ କଲେ । ସୁନ୍ଦରୀ ଅପ୍ସରା ପରିବୃତା ଅଳକାପୁରୀକୁ ଆନୀତ ନବବ୍ରତଧାରୀ ମୁନିଙ୍କ ପରି, ବିଘ୍ନକାତର ରାଜକୁମାରଙ୍କୁ ବାରାଙ୍ଗନାପୂର୍ଣ୍ଣ ସେହି ଉପବନକୁ ବଳପୂର୍ବକ ନିଆଗଲା ।

(କ୍ରମଶଃ) ❖


Lord, grant me this Grace, that I may never forget Thee.

*December 1958* – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ଅନ୍ତରାଳ ଜଗତ୍ :

# ଘଟଣାର ପୂର୍ବଜ୍ଞାନ ଓ ହସ୍ତକ୍ଷେପ

## ଶ୍ରୀମା

*ପ୍ରଶ୍ନ : ତୁମେ ଯଦି ଦେଖ କିଛି ଭୟାନକ ବିପଦ ଆସୁଛି, ତୁମର ଉଦ୍ୟମ ଦ୍ୱାରା ତାହାକୁ ବଦଳାଇ ଦେଇପାରିବ କି ?*

ଶ୍ରୀମା : ତାହା ଘଟଣାଟିର ସ୍ୱରୂପ ଉପରେ ନିର୍ଭର କରେ । ଏ ସଂପର୍କରେ ଅନେକଗୁଡ଼ିଏ ଜିନିଷ ରହିଛି... ଏହା ମଧ୍ୟ ନିର୍ଭର କରେ ତୁମେ କେଉଁ ସ୍ତରରୁ ଜିନିଷଟିକୁ ଦେଖୁଛ । ଏପରି ଏକ ସ୍ତର ରହିଛି ଯେଉଁଠି ସମସ୍ତ ପ୍ରକାର ସମ୍ଭାବନା ରହିଛି, ଏବଂ ସେହି ସ୍ତରରେ, ଯେହେତୁ ଅନେକଗୁଡ଼ିଏ ସମ୍ଭାବନା ରହିଛି, ତେଣୁ ସେହି ସମ୍ଭାବନାଗୁଡ଼ିକୁ ବଦଳାଇ ଦେବାର ସମ୍ଭାବନା ମଧ୍ୟ ରହିଥାଏ । କୌଣସି ବିପଦ ବା ଦୁର୍ଘଟଣା ଘଟିବା ପୂର୍ବରୁ ତୁମେ ସେହି ସ୍ତରରେ ତାହା ଦେଖି ପାରିବ, ତେବେ ତାହାକୁ ବାଧା ଦେଇ ଅଟକାଇ ଦେବାର କ୍ଷମତା ମଧ୍ୟ ତୁମର ରହିବ । ଆଉ କେତେକ କ୍ଷେତ୍ରରେ ତୁମକୁ ବିପଦଟି ସମ୍ପର୍କରେ ଆଗରୁ ଜଣାଇ ସତର୍କ କରି ଦିଆଗଲେ ମଧ୍ୟ, ଘଟଣାଟି ଉପରେ ତୁମେ କିଛି କ୍ରିୟା କରିପାରିବ ନାହିଁ । ତଥାପି କେଉଁ ସ୍ତରରୁ ତୁମେ ତାହା ଦେଖୁଛ ତା' ଉପରେ ଅନେକ କିଛି ନିର୍ଭର କରେ ।

ଥରେ ଏଇ ଧରଣର ଏକ ଘଟଣା ମୋ ଆଗରେ ବିବୃତ ହୋଇଥିଲା । ଯେଉଁଥିରେ ଘଟଣାଟି ଘଟିବା ପୂର୍ବରୁ ତାହାକୁ ଦେଖିଦେବା ଫଳରେ ତାକୁ ଆଉ ଘଟିବାକୁ ଦିଆଯାଇ ନ ଥିଲା । ଜଣେ ଆମେରିକାବାସୀ ଭଦ୍ରଲୋକ ଏକ ବଡ଼ ଧରଣର ହୋଟେଲରେ ଆସି ରହିଥିଲେ, ଯେଉଁଥିରେ ଲିଫ୍ଟ୍‌ର ବନ୍ଦୋବସ୍ତ ଥିଲା । ତା'ପରେ ଦିନେ ବଡ଼ି ଭୋରୁ ଠିକ୍ ନିଦ ଭାଙ୍ଗିବା ପୂର୍ବରୁ ସେ ଏକ ସ୍ୱପ୍ନ ଦେଖିଲେ, ଯାହା ସେ ଖୁବ୍ ସ୍ପଷ୍ଟଭାବରେ ମନେରଖି ପାରିଥିଲେ । ସେହି ସ୍ୱପ୍ନରେ ସେ ଦେଖିଥିଲେ ଯେ ଲିଫ୍ଟ୍-ଚାଳକର ପୋଷାକ ପିନ୍ଧିଥିବା ଏକ ବାଳକ ତାଙ୍କ ଆଗରେ ଠିକ୍ ସେଇ ଧରଣର ଭାବଭଙ୍ଗୀ କରୁଛି, ଲିଫ୍ଟ୍‌ରେ ପ୍ରବେଶ କରିବାକୁ କହିଲା ବେଳେ ଜଣେ ଲିଫ୍ଟ-ଚାଳକ ଯେଉଁପରି ଭାବଭଙ୍ଗୀ କରେ । ସେ ସେଠାରେ ଉପସ୍ଥିତ ଅଛନ୍ତି, କିନ୍ତୁ ଶେଷକୁ ଦେଖୁଛନ୍ତି ଯେ ଲିଫ୍ଟ୍ ପରିବର୍ତ୍ତେ ତାହା ଏକ ଶବବାହୀ ଗାଡ଼ି – ତୁମେ ନିଶ୍ଚୟ ଏଠି ସେଠି ସେଇ ଧରଣର ଶବବାହୀ ଗାଡ଼ି ଦେଖୁଥିବ ଯାହା ମୃତଲୋକମାନଙ୍କୁ ଶ୍ମଶାନକୁ ନେଇଯାଏ । ଚିତାରେ ଦାହ ନ ହେଲେ, କଳାକନା ଆଦିରେ ଆଚ୍ଛାଦିତ ହୋଇଥିବା ଏକ ଗାଡ଼ିରେ ମୃତଦେହକୁ ଶ୍ମଶାନକୁ ନିଆଯାଏ । ସେ ସ୍ୱପ୍ନରେ ଦେଖିଲେ ଏହିପରି ଏକ ଶବବାହୀ ଗାଡ଼ି । ଏବଂ ସେହି ବାଳକଟି ତାଙ୍କୁ ସଂକେତ ଦେଉଥିଲା ସେହି ଗାଡ଼ି ଭିତରକୁ ଯିବା ପାଇଁ । ତା'ପରେ ଯେତେବେଳେ ପ୍ରକୃତରେ ସେ ତାଙ୍କ ପ୍ରକୋଷ୍ଠ ଭିତରୁ ବାହାରକୁ ଆସିଲେ, ଦେଖିଲେ ତାଙ୍କୁ ତଳକୁ ନେବା ପାଇଁ ଲିଫ୍ଟ୍‌ରେ ବାଳକଟିଏ ଅଛି, ସ୍ୱପ୍ନରେ ଦେଖିଥିବା ଠିକ୍ ସେହି ବାଳକ, ସେହି ଏକା ମୁହଁ, ସେହି ସମାନ ପୋଷାକ, ସେହି ସମାନ ଅଙ୍ଗଭଙ୍ଗୀ । ସେହି ଶବବାହୀ ଗାଡ଼ି କଥା ତାଙ୍କ ମନକୁ ଆସିଲା – ସେ ଆଉ ଲିଫ୍ଟ୍ ଭିତରକୁ ପ୍ରବେଶ କଲେ ନାହିଁ । ''ନା, ନା !'' କହି ସେ ପାହାଚରେ ଓହ୍ଲାଇ ଗଲେ । ସବାତଳ ମହଲାରେ ପହଞ୍ଚିବା ପୂର୍ବରୁ ସେ ଏକ ଭୀଷଣ ଶବ୍ଦ ଶୁଣିବାକୁ ପାଇଲେ, ସେହି ଲିଫ୍ଟ୍‌ଟିହିଁ ତଳକୁ ଖସିପଡ଼ି ଭାଙ୍ଗି ଚୁରମାର୍ ହୋଇ ଯାଇଥିଲା ଓ ତହିଁରେ ଥିବା ସମସ୍ତ ଲୋକ ମୃତ୍ୟୁବରଣ କରିଥିଲେ । ସ୍ୱପ୍ନରେ ଏହାର ସୂଚନା ପାଇଥିବାରୁହିଁ ସେ ଲିଫ୍ଟ୍‌ରେ ପଶି ନଥିଲେ । କାରଣ ସୂଚନାଟିର ଅର୍ଥ ସେ ଠିକ୍ ବୁଝିପାରିଥିଲେ ।

ତେଣୁ ଏହିପରି ଘଟଣାର କ୍ଷେତ୍ରରେ, ଯେତେବେଳେ ତୁମେ ସୂକ୍ଷ୍ମଦର୍ଶନରେ ଏହାର ସୂଚନା ପାଇଥାଅ, ତୁମେ ସେହି ବିପଦ ବା ଦୁର୍ଘଟଣାଟିକୁ ଏଡ଼ାଇ ଦେଇପାର ।

ଅନ୍ୟାନ୍ୟ ଦୃଷ୍ଟାନ୍ତ ଅଛି, ମୁଁ ଯାହା କହିଥିଲି, ଯେତେବେଳେ ତୁମକୁ ପୂର୍ବରୁ ସତର୍କ କରିଦିଆ ଯାଇଥାଏ । ତୁମକୁ ଆଗରୁ ସାବଧାନ କରି ଦିଆଯାଇଥାଏ । ବାସ୍ତବରେ ଏହା ହୋଇଥାଏ ନିଶ୍ଚିତ ରୂପେ ଆସୁଥିବା ବିପଦଟି ପାଇଁ ତୁମକୁ ଭିତରୁ ପ୍ରସ୍ତୁତ କରିବା ନିମନ୍ତେ, ଯାହାଫଳରେ ଏକ ଯଥାର୍ଥ ଆନ୍ତର ମନୋଭାବ ନେଇ ତୁମେ ସେହି ବିପଦର ସମ୍ମୁଖୀନ ହୋଇପାରିବ । ଏହା ତୁମ ପାଇଁ ଏକ ପାଠପଢ଼ା ଶିଖାଇବା ପରି ହୋଇଥାଏ, ''ଏହା ତୁମକୁ ଏହି ବିଷୟଟି ସଂପର୍କରେ ଶିକ୍ଷା ଦେବ'' । ତୁମେ ସେହି ଘଟଣାଟିକୁ ବଦଳାଇ

ଦେଇ ପାରିବ ନାହିଁ, କିନ୍ତୁ ତୁମର ମନୋଭାବ ଓ ଆନ୍ତର ପ୍ରତିକ୍ରିୟାକୁ ବଦଳାଇ ଦେଇପାର । ସେହି ଘଟଣାର ଅଭିଜ୍ଞତାଟି ସଂପର୍କରେ ଏକ ଭୁଲ୍ ପ୍ରତିକ୍ରିୟା, ଏକ ଭୁଲ୍ ମନୋଭାବ ରଖିବା ପରିବର୍ତ୍ତେ ତୁମେ ଏକ ଯଥାର୍ଥ ମନୋଭାବ, ଉତ୍ତମ ପ୍ରତିକ୍ରିୟାକୁ ସ୍ଥାନ ଦିଅ ଏବଂ ଯାହା ଘଟିଗଲା ତହିଁରୁ ଯେତେଦୂର ଅଧିକ ସମ୍ଭବ ଉପକାର ପାଇପାର ।

ଉଭୟ କ୍ଷେତ୍ରରେ କେଉଁ ସ୍ତରରେ ରହି ତୁମେ ଦେଖୁଛ ତାହା ଉପରେ ସବୁକିଛି ସମ୍ପୂର୍ଣ୍ଣ ନିର୍ଭର କରେ । ଯେତେବେଳେ ତୁମର ରାତ୍ରିଶୟନ ଉପରେ ନିୟନ୍ତ୍ରଣ ଥାଏ, ତୁମର ନିଦ୍ରା, ସ୍ୱପ୍ନ ଓ ସୂକ୍ଷ୍ମଦର୍ଶନ ସଂପର୍କରେ ତୁମେ ସଚେତ ଥାଅ, ସେତେବେଳେ ତୁମେ ମଧ୍ୟ ଏହି ଦୁଇଟି ଭିତରେ ପାର୍ଥକ୍ୟଟିକୁ ଦେଖିପାରିବ : କେଉଁଟି ସଂପର୍କରେ ତୁମକୁ ଜଣାଇ ସାବଧାନ କରି ଦିଆଯାଇଛି ଯାହାଫଳରେ ତୁମେ ତହିଁରେ ହସ୍ତକ୍ଷେପ କରିପାରିବ ଓ କେଉଁଟି ତୁମକୁ ଏକ ସୂଚନା ବା ସଂକେତ ରୂପେ ଜଣାଇ ଦିଆଯାଇଛି ଯେପରିକି ଘଟିବାକୁ ଯାଉଥିବା ଘଟଣାଟି ସଂପର୍କରେ ତୁମେ ଯଥାର୍ଥ ମନୋଭାବ ରଖିପାରିବ । ସବୁ ସମୟରେ ଏହା ଏକ ଶିକ୍ଷା ପରି ହୋଇଥାଏ, କିନ୍ତୁ ତାହା ସେହି ସମାନ ଶିକ୍ଷା ନୁହେଁ । କେତେବେଳେ ତୁମେ ତୁମ ନିଜର ସଂକଳ୍ପ ନେଇ ଏହା ଉପରେ କ୍ରିୟା କରିପାର; ଆଉ କେତେବେଳେ ତୁମେ ଘଟଣାଟି ଦେବାକୁ ଯାଉଥିବା ଅନୁଭୂତିରୁ ଆନ୍ତର ଶିକ୍ଷା ଗ୍ରହଣ କରିପାର, ଯାହାଫଳରେ ତୁମେ ପ୍ରସ୍ତୁତ ହୋଇରହିବ ଯେପରି ଘଟଣାଟିର ପରିଣତି ତୁମ ପାଇଁ ପୂରା ଅନୁକୂଳ ହୁଏ । ତୁମେ ଦେଖୁଥିବା ସବୁକିଛି ସଂପର୍କରେ ସେହି ଏକା କଥାହିଁ ପ୍ରଯୁଜ୍ୟ, ସୂକ୍ଷ୍ମ ଦର୍ଶନ ଓ ସ୍ୱପ୍ନର ଶତ ଶତ ବିଭିନ୍ନ ବୈଚିତ୍ର୍ୟ ରହିଛି ଏବଂ ପ୍ରତ୍ୟେକଟି ତୁମକୁ ସେହି ଶିକ୍ଷା ଦେଇଥାଏ, ଯାହା ତାହାର ଦେବା କଥା ।

### ମା'ଙ୍କ କ୍ରିୟାର ହସ୍ତକ୍ଷେପ :

ଉଦାହରଣସ୍ୱରୂପ ଯେତେବେଳେ ଲୋକମାନେ ରୋଗବ୍ୟାଧିରେ ପଡ଼ନ୍ତି ବା କୌଣସି ଦୁର୍ଘଟଣାଗ୍ରସ୍ତ ହୁଅନ୍ତି, ସେତେବେଳେ ମୁଁ ସ୍ୱୟଂ ତାହା ଦେଖେ ବା ବାହାରର କେହି ସେ ସମ୍ପର୍କରେ ମୋତେ ଜଣାଇ ଦିଅନ୍ତି – ପ୍ରତିଟି କ୍ଷେତ୍ରରେ ସମାନ ଜିନିଷ ଘଟେ ନାହିଁ । ଏପରି ଘଟଣା ଅଛି ଯେତେବେଳେ ମୋତେ ତାହା ଜଣାଇ ଦିଆଯାଏ ଓ ମୁଁ ଦେଖିପାରେ ଯେ ମୋତେ ହସ୍ତକ୍ଷେପ କରିବା ପାଇଁ ତାହା ଜଣାଇ ଦିଆଯାଇଛି ଓ ତା'ର ପରିଣତିକୁ ବଦଳାଇ ଦେବା ପାଇଁ, ଅର୍ଥାତ୍ ସେହି ରୋଗୀଟିକୁ ଆରୋଗ୍ୟ କରିଦେବା ପାଇଁ ମୋର ପୂର୍ଣ୍ଣ କ୍ଷମତା ରହିଛି । ଅନ୍ୟ କେତେକ ଘଟଣା ମଧ୍ୟ ରହିଛି ଯେତେବେଳେ ମୁଁ ଦେଖିପାରେ ଯେ ମୋତେ ହସ୍ତକ୍ଷେପ କରିବାକୁ ହେବ ନାହିଁ । ଉଦାହରଣସ୍ୱରୂପ କାହାର ଦେହତ୍ୟାଗ କରିବା ପାଇଁ ସମୟ ହୋଇଯାଇଛି ଓ ସେ ଦେହତ୍ୟାଗ କରିବ । ସେ କ୍ଷେତ୍ରରେ ମୁଁ ତାହା ଜାଣିବା ପରେ, ସେହି ବ୍ୟକ୍ତି ପାଇଁ ଓ ତା'ର ପରିବେଶ ପାଇଁ ଏପରି କିଛି କରିବାକୁ ପଡ଼ିବ ଯାହାଫଳରେ ସେହି ଘଟଣାଟିର ଫଳାଫଳ ସର୍ବୋତ୍ତମ ଅନୁକୂଳ ହେବ ବା ସର୍ବନିମ୍ନ ପ୍ରତିକୂଳ ହେବ – ଏହା ନିର୍ଭର କରେ ସେହି ପରିସ୍ଥିତି ଉପରେ ।

ଏପରି ଘଟଣାସବୁ ରହିଛି ଯାହା ଘଟିବାହିଁ ପୃଥିବୀ ବା ବିଶ୍ୱ ପାଇଁ ପ୍ରୟୋଜନୀୟ ଏବଂ ତାହାକୁ ବଦଳାଇ ହେବ ନାହିଁ । ମଝାମଝି ଅନେକ ଘଟଣା ବି ରହିଛି ଯାହା ସଂପର୍କରେ ଏଦିଗରୁ ବା ସେଦିଗରୁ ନିଷ୍ପତ୍ତି ନିଆଯାଇପାରେ । ସମଗ୍ର ଜିନିଷଟି ହେଲା ଏପରି ଏକ ଦୃଷ୍ଟି ବା ପ୍ରତ୍ୟକ୍ଷବୋଧ ରଖିବା ଯାହା କେବଳ ଯେ ସ୍ୱଚ୍ଛ ଦୃଷ୍ଟିସଂପନ୍ନ ହୋଇଥିବ ଖାଲି ସେତିକି ନୁହେଁ, ତାହା ମଧ୍ୟ ପୂରା ପକ୍ଷପାତଶୂନ୍ୟ ଓ ବ୍ୟକ୍ତି-ନିରପେକ୍ଷ ହୋଇଥିବ, ଯେପରିକି ତହିଁରେ ପସନ୍ଦ ଅପସନ୍ଦର ଛାଇ ମଧ୍ୟ ନପଡ଼େ । ତାହେଲେ, ଯେତେବେଳେ ଜଣେ ସେହି ପୂର୍ଣ୍ଣ ନିଖୁଣ ଅବସ୍ଥାରେ ଥାଏ – ଏହାକୁ ଏକ ନିରପେକ୍ଷ ଅବସ୍ଥା ବୋଲି କୁହାଯାଇପାରିବ ନାହିଁ, ଏହା ନିରପେକ୍ଷତା ନୁହେଁ, ଏହା ହେଉଛି ଏପରି ଏକ ଅବସ୍ଥା ଯାହାକି ଏକ ଦର୍ପଣ ପରି ନିଶ୍ଚଳ – ସେତେବେଳେ ଆମେ ତାହା ଭିତରେ ଦେଖିପାରିବୁ ଘଟୁଥିବା ଘଟଣାର ଦୋଷଗୁଣଗୁଡ଼ିକୁ, ଆମେ ଦେଖିପାରିବୁ ସ୍ଥିରଭାବରେ ନିର୍ଦ୍ଧାରିତ ହୋଇଯାଇଥିବା ଜିନିଷଗୁଡ଼ିକୁ ଯାହାକୁ ଆଉ ବଦଳାଇ ଦିଆଯାଇପାରିବ ନାହିଁ ଏବଂ ସେହି ଜିନିଷଗୁଡ଼ିକ ଯାହା ମଝାମଝି ହୋଇ ରହିଛନ୍ତି ଓ ଯେଉଁଗୁଡ଼ିକୁ ବଦଳାଇ ଦିଆଯାଇପାରେ ।

ସତ କହିବାକୁ ଗଲେ ପ୍ରତ୍ୟେକଟି ଘଟଣା ପାଇଁ ଭିନ୍ନ ଭିନ୍ନ ପରିସ୍ଥିତି ରହିଥାଏ । କେତେକ ଘଟଣା ରହିଛି ଯାହାକୁ ପୂରାପୂରି ବଦଳାଇ ଦିଆଯାଇପାରେ, ପୂରାପୂରି ଓଲଟାଇ ଦିଆଯାଇପାରେ; ଆଉ କେତେକ ଘଟଣା ରହିଛି ଯେଉଁଗୁଡ଼ିକରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣି ଦିଆ ଯାଇପାରେ, ଆଉ ଅନ୍ୟ କେତେକ ଘଟଣା ରହିଛି ଯେଉଁଥିରେ

ଅତି ସାମାନ୍ୟ ସଂଶୋଧନ ଆଣି ଦିଆଯାଇପାରେ,— ସାମାନ୍ୟ ଟିକେ ସଂଶୋଧନ କିନ୍ତୁ ତା'ର ପରିଣତି ହୁଏ ଉଲ୍ଲେଖଯୋଗ୍ୟ, ପୁଣି ଆଉ କେତେକ ଘଟଣା ରହିଥାଏ ଯାହାକୁ ତୁମେ ଆଦୌ ଏଡ଼ି ଦେଇପାରିବ ନାହିଁ, ତା' ହାତରୁ ଖସିଯାଇ ପାରିବ ନାହିଁ; ସେଗୁଡ଼ିକ ସେହିପରି ହୋଇଥାଆନ୍ତି କାରଣ ସେଗୁଡ଼ିକର ସ୍ୱରୂପ ସେହିପରି; ଯଦି ତୁମେ ତାହାର ବିରୋଧ କରିବାକୁ ଚେଷ୍ଟା କର ତା'ହେଲେ ଏକ ଟାଣ କାନ୍ଥ ଉପରେ ମୁଣ୍ଡ ବାଡ଼େଇବାହିଁ ସାର ହେବ, ତହିଁରେ ଆଦୌ କିଛି ଉଦ୍ଦେଶ୍ୟ ସାଧନ ହେବ ନାହିଁ । ସମଗ୍ର ଜିନିଷଟି ହେଉଛି ତୁମର ସେହି ଧରଣର ତୀକ୍ଷ୍ଣ ବିଚାର ଦୃଷ୍ଟି ରହିବା ଉଚିତ ଓ ଜାଣିବା ଉଚିତ ଯେ ସେହି ଘଟଣାଟି କେଉଁ ଜଗତର ଅନ୍ତର୍ଗତ ଏବଂ ତାହା ନିଶ୍ଚୟ ଘଟିବା ଛଡ଼ା ଅନ୍ୟ କିଛି ଘଟିବ ନାହିଁ ।

ମୁଁ ବିଭିନ୍ନ ଘଟଣାର ଏହିପରି ଶତ ଶତ ଦୃଷ୍ଟାନ୍ତ ଦେଇପାରେ ।

ଧରାଯାଉ ଗୋଟିଏ ଘଟଣା ପୂରାପୂରି ଆଗରୁ ନିର୍ଦ୍ଧାରିତ ହୋଇସାରିଛି : ତାହା ସେହି ଅନୁସାରେ ଘଟିବାକୁ ଯାଉଛି । କିନ୍ତୁ ତୁମ ଭିତରେ ଏକ ସଂକଳ୍ପ ଉଦ୍ୟତ ହୋଇଛି, ଏକ ଶିଖା ପ୍ରଜ୍ୱଳିତ ହୋଇଉଠିଛି, ଉଚ୍ଚତର ଦିବ୍ୟସଂକଳ୍ପ ସଙ୍ଗେ ସୁସମଞ୍ଜସ ହୋଇରହିଥିବା ଏକ ବିରାଟ ଅଭୀପ୍ସା ରହିଛି ଏବଂ ତୁମେ ତାହାକୁ ନେଇ ସେହି ଘଟଣାଟି ଉପରେ ଶକ୍ତି ପ୍ରୟୋଗ କଲ । ସେତେବେଳେ ଏକ ପ୍ରକାର ସଂଯୋଗ ଏକତ୍ରିତ ହେବ : ଯାହା ଘଟିବାର ଥିବ ଘଟିବ, କିନ୍ତୁ ତହିଁ ସଂଗେ ସଂଗେ ଆଉ ଏପରି କିଛି ଘଟିବ ଯାହାକି ପୂର୍ବର ସେହି ଘଟଣାର ଚରିତ୍ରକୁ ପୂରା ବଦଳାଇ ଦେବ । ପୃଥିବୀ ପାଇଁ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ କ୍ଷେତ୍ରରେ ଅଧିକାଂଶ ସମୟରେ ଏହାହିଁ ଘଟେ । ଉଦାହରଣ-ସ୍ୱରୂପ ଯେତେବେଳେ ଏକ ସମଗ୍ର ଗତିବୃତ୍ତି, ପରିସ୍ଥିତି ଓ ଶକ୍ତିସବୁର ଏକତ୍ର ସନ୍ନିବେଶ ଏକ ଯୁଦ୍ଧର ପ୍ରୟୋଜନୀୟତାକୁ ଅବଶ୍ୟମ୍ଭାବୀ କରିଦିଅନ୍ତି, ସେତେବେଳେ ଜଣେ ଆଉ ଏକ ଶକ୍ତିକୁ ଆବାହନ କରି, ସେହି ଯୁଦ୍ଧର ବିସ୍ତାର, ପରିଣତି ଓ ଏପରିକି ସମୟ ସମୟରେ ତାହାର ଚରିତ୍ରକୁ ମଧ୍ୟ ବଦଳାଇ ଦେଇପାରନ୍ତି, କିନ୍ତୁ ତାହାକୁ ପୂରା ଏଡ଼ାଇ ଦେବା ପାଇଁ ସକ୍ଷମ ହୁଅନ୍ତି ନାହିଁ । ମୁଁ ତୁମକୁ ଅତିସାଧାରଣ ଧରଣର କେତେକ ଦୃଷ୍ଟାନ୍ତ ଦେଇପାରିବି ।

ମୁଁ ସେଦିନ ତୁମକୁ 'ମୃତ୍ୟୁର ସତ୍ତା' କଥା କହିଥିଲି । ଏକ ଆନ୍ତର କ୍ରିୟାର ମାଧ୍ୟମରେ ମୃତ୍ୟୁର ସେହି ସତ୍ତାକୁ କୌଣସି ବ୍ୟକ୍ତିର ଗୃହରେ ପ୍ରବେଶ କରିବାକୁ ନିଷେଧ କରାଯାଇପାରେ; କିନ୍ତୁ ସେ କ୍ଷେତ୍ରରେ ସେ ଅନ୍ୟ ଜଣକ ଘରକୁ ଯିବ । ତୁମେ ମୃତ୍ୟୁକୁ ତାହାର ପାଉଣାରୁ ବଞ୍ଚିତ କରି ପାରିବ ନାହିଁ । ମୁଁ ତୁମକୁ ଏହା ବ୍ୟାଖ୍ୟା କରି ସାରିଛି । ଅନ୍ୟ କେତେକ ଘଟଣାରେ ଟିକେ ପିଲାଳିଆ ଢଙ୍ଗରେ କୁହାଯାଇ ପାରେ ଯେ ''ଏପର୍ଯ୍ୟନ୍ତ ମୃତ୍ୟୁକୁ ତ ଖବର ଦିଆଯାଇ ନାହିଁ'' ଏବଂ ଏହି ଭାବରେ ତୁମେ ମୃତ୍ୟୁଠାରୁ ତା' ପାଉଣାକୁ ଛଡ଼ାଇ ନେଇପାର ଓ ସେ କ୍ଷେତ୍ରରେ କିଛି ଘଟିବ ନାହିଁ । କିନ୍ତୁ ତାହା ସବୁ ସମୟରେ ଘଟେ ନାହିଁ । ଏପରି ଘଟଣାସବୁ ଅଛି ଯେଉଁଠି ଏହା କରାଯାଇଥାଏ । କିନ୍ତୁ ଏହି ଭାବରେ କହିଲେ ଏହା ଏକ ପରୀ-କାହାଣୀ ପରି ପିଲାଳିଆ ଶୁଭୁଛି । ତଥାପି ଏହା ପରିସ୍ଥିତିର ଦୃଶ୍ୟପଟ ଭିତରେ ଘଟୁଥିବା କିଛିର ଅନୁରୂପ ହୋଇଥାଏ; ପରିସ୍ଥିତିର ଗତିବିଧି କେଉଁ ବାଟରେ ଯାଉଛି ତାହା ଉପରେ ଏହା ନିର୍ଭର କରେ ।

ତୁମକୁ ଯେଉଁ ଜିନିଷଟି ବୁଝାଇ ସ୍ପଷ୍ଟ କରି ଦେବାକୁ ଚାହୁଁଥିଲି ତା' ହେଉଛି ଏହି ସମସ୍ୟାଟି ଅତୀବ ଜଟିଳ ଓ ସୂକ୍ଷ୍ମ ଏବଂ କେତେକ ସମୟରେ ଘଟଣାର ଗତିପଥକୁ ସାମାନ୍ୟ ଟିକେ ବଦଳାଇ ଦେଇ ହେବ; ଅନ୍ୟ ସମୟରେ ପୂରା ଘଟଣାକୁ ଓଲଟାଇ ଦେଇ ହେବ, ଏବଂ ଆଉ କେତେକ ସମୟରେ ସେହି ଘଟଣାର କେବଳ ପରିଣତି ଓ ତାହା ସଂପର୍କରେ ଆନ୍ତର ମନୋଭାବକୁ ବଦଳାଇ ଦେଇ ହେବ । ଏବଂ ସ୍ୱାଭାବିକ ଭାବରେ ଲୋକମାନେ ଏ ସମସ୍ତ କିଛିକୁ ଏକ ଅତ୍ୟନ୍ତ ସରଳୀକୃତ ଭାବ ନେଇ ଦେଖନ୍ତି ଏବଂ ଏଗୁଡ଼ିକ ସଂପର୍କରେ ଭଗବାନଙ୍କ ପାଖରେ ପ୍ରାର୍ଥନା ଜଣାନ୍ତି । ସେମାନେ ଗୋଟିଏ କ୍ଷେତ୍ରରେ କୁହନ୍ତି, ''ଭଗବାନଙ୍କଠାରୁ ମୁଁ ଯାହା ଚାହିଁଥିଲି ଭଗବାନ୍ ମୋତେ ତାହା ପ୍ରଦାନ କଲେ''; ଅନ୍ୟ ଏକ କ୍ଷେତ୍ରରେ କହନ୍ତି, ''ଭଗବାନ୍ ମୋ ପ୍ରାର୍ଥନା ଶୁଣିଲେ ନାହିଁ ।'' ତେଣୁ ଏହା ଏହିପରି ଚାଲିଥାଏ । ସେମାନେ ଏହିପରି ଭାବରେ ବୁଝିଥାଆନ୍ତି ଏବଂ ଏହା ନିର୍ବୋଧତା ମାତ୍ର । ଘଟଣାଟି କିପରି ଘଟେ ତାହା ଜାଣିବାକୁ ହେଲେ ତୁମର ଏକ ସାଧାରଣ ସମଷ୍ଟିଗତ ଚେତନା ରହିଥିବା ଦରକାର, ଅନ୍ତତଃପକ୍ଷେ ତାହା ପୃଥିବୀ ପରି ବ୍ୟାପକ ହେବା ଉଚିତ । ଏହା ହେଉଛି ସର୍ବନିମ୍ନ ଆବଶ୍ୟକତା । ଯଥାର୍ଥ ଭାବରେ ବୁଝିବାକୁ ହେଲେ ତୁମେ ଏକ ବିଶ୍ୱଚେତନାର ଅଧିକାରୀ ହେବା ଆବଶ୍ୟକ । ତା'ହେଲେ କେବଳ ତୁମେ ଜିନିଷଟି ବୁଝିପାରିବ । ମୁଁ ଆଜି ଯାହା ପଢ଼ୁଛି

ସେ ବିଷୟରେ ଅନ୍ୟତ୍ର କେଉଁଠି କହିଛି । ମୁଁ କହିଥିଲି ଯେ ସବୁକିଛି ପରସ୍ପର ଉପରେ ନିର୍ଭରଶୀଳ ଏବଂ କୌଣସିଠାରେ ଏକ 'ଆରମ୍ଭ' ନାହିଁ ବା କୌଣସି ଏକ 'ଶେଷ' ନାହିଁ । କେଉଁଠି ତୁମେ 'ଆରମ୍ଭ'କୁ ରଖିବ ? ତାହା ବୁଝିବାକୁ ହେଲେ ତୁମକୁ ପୃଥିବୀରେ ଆବଦ୍ଧ ଚେତନାକୁ ଅତିକ୍ରମ କରି ଯିବାକୁ ହେବ, ତୁମକୁ ପ୍ରବେଶ କରିବାକୁ ହେବ ବିଶ୍ୱ-ଚେତନାରେ । ତା'ହେଲେ ତୁମେ ଏହା ବୁଝିପାରିବା ପାଇଁ ସମର୍ଥ ହେବ ।

(M.C.W., Vol. 5, pp.188 - 193)

## ଆଶ୍ରମ ସଂପର୍କରେ

ପ୍ରଥମରୁ ଏଠାରେ କୌଣସି ଆଶ୍ରମ ନଥିଲା; କେବଳ କେତେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ନିକଟରେ ରହିବା ପାଇଁ ଓ ଯୋଗ ସାଧନା କରିବା ପାଇଁ ଆସିଥିଲେ । ମା ଜାପାନରୁ ଫେରି ଆସିବାର କିଛି ସମୟ ପରେ ହିଁ ଏହା ଆଶ୍ରମର ରୂପ ନେଇଛି । ମା ଓ ଶ୍ରୀଅରବିନ୍ଦଙ୍କର କୌଣସି ଇଚ୍ଛା ବା ଯୋଜନା ଅପେକ୍ଷା ସେହି ସାଧକମାନଙ୍କ ଇଚ୍ଛା ହିଁ ଏଥିପାଇଁ ଅଧିକତର କାମ କରିଛି ଯେଉଁମାନେ ସେମାନଙ୍କର ସମଗ୍ର ଆନ୍ତର ଜୀବନ ଓ ବାହ୍ୟ ଜୀବନକୁ ମା'ଙ୍କ ହାତରେ ଅର୍ପଣ କରି ଦେବାକୁ ଚାହିଁଥିଲେ ।

*

ତଥ୍ୟଗୁଡ଼ିକ ହେଉଛି : ମା, ଦୀର୍ଘ ସମୟ ଧରି ଫ୍ରାନ୍ସ ଓ ଜାପାନରେ ରହିବା ପରେ ୧୯୨୦ ଅପ୍ରେଲ ୨୪ ରେ ପଣ୍ଡିଚେରୀକୁ ଫେରି ଆସିଲେ । ସେତେବେଳେ ଶିଷ୍ୟମାନଙ୍କ ସଂଖ୍ୟା ବରଂ ଟିକେ ଅଧିକ ଦ୍ରୁତ ଭାବରେ ବୃଦ୍ଧି ପାଇବାର ଦେଖାଗଲା । ଯେତେବେଳେ ଆଶ୍ରମ ଗଢ଼ି ଉଠିବାକୁ ଆରମ୍ଭ କଲା ସେତେବେଳେ ଏହାକୁ ସଂଗଠିତ କରିବାର ଭାର ସଂପୂର୍ଣ୍ଣ ମା'ଙ୍କ ଉପରେହିଁ ପଡ଼ିଲା । ଶ୍ରୀଅରବିନ୍ଦ ଶୀଘ୍ର ଏକାନ୍ତ ବାସ ଭିତରକୁ ଅପସରି ଗଲେ ଏବଂ ଆଶ୍ରମର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ ଦାୟିତ୍ୱ ମା'ଙ୍କ ଉପରକୁ ହିଁ ଆସିଗଲା ।

*

*ପ୍ରଶ୍ନ : ୧୯୨୬ ରେ ଠିକ୍ କେଉଁ ତାରିଖରେ ମା ଆଶ୍ରମର ପୂର୍ଣ୍ଣ କାର୍ଯ୍ୟଭାର ଗ୍ରହଣ କଲେ ?*

ଉତ୍ତର : ଠିକ୍ ତାରିଖଟି ମା'ଙ୍କର ଆଦୌ ମନେ ନାହିଁ । ୧୫ ଅଗଷ୍ଟର ଅଳ୍ପ କିଛି ଦିନ ପରେ ଏହା ହୋଇ ପାରିଥାଏ । ମୋର ଏକାନ୍ତବାସ ପରେ ମା ସମସ୍ତ କାର୍ଯ୍ୟଟିକୁ ପୂରାପୂରି ନିଜ ହାତକୁ ନେଇ ନେଲେ ।

— ଶ୍ରୀଅରବିନ୍ଦ

ଶେଷ ପୃଷ୍ଠା :

# ପରମଙ୍କ ସହ ଦେହର ମିଳନ

ଶ୍ରୀ ବିଶ୍ୱମ୍ଭର ସାମନ୍ତ

''ବିଷମ ପଥ ଏ ଭଜନ, ଭୟେ ଭାଜିଲେ ଯୋଗୀଜନ'' — ଏହି କଥାଗୁଡ଼ିକ ଯଦି କେଉଁ ସାଧନା ପାଇଁ ସବୁଠାରୁ ଅଧିକ ପ୍ରଯୁଜ୍ୟ ତା' ହେଉଛି ଶରୀର ରୂପାନ୍ତରର ସାଧନା । କାରଣ ଏହି ସାଧନାର ମାର୍ଗ ଏବେ ବି ଅସ୍ପଷ୍ଟ; ଯୋଗୀ, ଋଷି, ମୁନି, ଅବତାର, ମହାପୁରୁଷଙ୍କ ଭିତରୁ କେହି ଜଣେ ହେଲେ ବି ଏହି ସାଧନାରେ ସିଦ୍ଧି ଲାଭ କରି ନାହାନ୍ତି, କାହାର ଜଣକର ଶରୀର ମଧ ଦିବ୍ୟତ୍ୱରେ ରୂପାନ୍ତରିତ ହୋଇ ନାହିଁ, ଅମରତ୍ୱ ଲାଭ କରି ନାହିଁ । ସିଦ୍ଧ ମହାପୁରୁଷମାନେ ଚେତନାର ସୂକ୍ଷ୍ମ ସ୍ତରରେ ଅମରତ୍ୱର ଉପଲବ୍ଧି ପାଇଥିଲେ ମଧ, ମୃତ୍ୟୁହୀନ ଚିନ୍ମୟ ଶରୀର ଲାଭ କରିଥିଲେ ମଧ, ସେମାନଙ୍କ ସ୍ଥୂଳ ଜଡ଼ ଶରୀର ପାଇଁ ମୃତ୍ୟୁ ଅନିବାର୍ଯ୍ୟ ହୋଇ ଆସିଛି; ଗୀତାର କଥାରେ ''ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ'' । ଏପରିକି ଏହି ସ୍ଥୂଳ ଜଡ଼ ଶରୀର ପାଇଁ ଯେ ଦିବ୍ୟ ରୂପାନ୍ତରର ଆଦୌ କୌଣସି ସମ୍ଭାବନା ଅଛି, ଏହି ସତ୍ୟଟିକୁ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପୂର୍ବରୁ କେହି ଉପସ୍ଥାପିତ କରି ନାହାନ୍ତି ।

ଅଥଚ ସମସ୍ତ ଅଧାତ୍ମ ସାଧନାର ମୂଳ ଲକ୍ଷ୍ୟ ହେଲା ପରମ ସତ୍ୟକୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବା ଓ ତାହା ସହିତ ସର୍ବାଙ୍ଗୀଣ ଭାବରେ ଏକାତ୍ମ ହେବା, ଯୁକ୍ତ ଓ ମିଳିତ ହେବା । କିନ୍ତୁ ଆଜି ପର୍ଯ୍ୟନ୍ତ ଯେତେ ଯାହା ଉପଲବ୍ଧି ଓ ସିଦ୍ଧି ହୋଇଛି, ତାହା ଯେତେ ମହାନ୍ ହେଉ ନା କାହିଁକି, ତହିଁରୁ ଆମ ସତ୍ତାର ଜଡ଼ ଓ ସ୍ଥୂଳ ଅଙ୍ଗଟି ଯେ ବାଦ୍ ପଡ଼ିଛି ଓ ଦେହ ତହିଁରେ ଅଂଶ ଗ୍ରହଣ କରି ନାହିଁ ଏହା ସ୍ପଷ୍ଟ । ଅନ୍ୟ କଥାରେ କହିଲେ ଭଗବାନଙ୍କ ସଙ୍ଗେ ଦୈହିକ ମିଳନର ଆସ୍ୱାଦ ଯେ କେହି ଲାଭ କରି ନାହାନ୍ତି ଏହା ନିଃସନ୍ଦେହ । କାରଣ ସାଧାରଣ ବୁଦ୍ଧି ମଧ କହିବ ଯେ ପରମଙ୍କ ସହ ଏକାତ୍ମତା ଓ ମିଳନ ଲାଭ କରିଥିବା କୌଣସି ଦେହକୁ ଆଉ ଜରା, ବ୍ୟାଧି, କ୍ଷୟ, ମୃତ୍ୟୁ ଭୋଗ କରିବାକୁ ପଡ଼ନ୍ତା ନାହିଁ । କାରଣ ଦିବ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱ ଓ ଜରା, କ୍ଷୟ, ମୃତ୍ୟୁ ଆଦିର ତତ୍ତ୍ୱ ପରସ୍ପରର ବିରୋଧୀ । ପରମଙ୍କ ସହ ଦୈହିକ ମିଳନ ଘଟିଲେ ତ ଦେହର ସ୍ଥୂଳ ଜଡ଼ ଅଂଶଟି ସଚ୍ଚିଦାନନ୍ଦ ତତ୍ତ୍ୱରେ ହିଁ ରୂପାନ୍ତରିତ ହୋଇଯିବ, ଅକ୍ଷୟ ଓ ଅବିନାଶୀ ହୋଇ ଉଠିବ, ତା' ପାଇଁ ମୃତ୍ୟୁ ଆସିବ କିପରି ? ଅବଶ୍ୟ ଏଇଠି ଗୋଟିଏ ପ୍ରଶ୍ନ ଉଠୁଛି । ଯେପରି ଗୋଟିଏ ପକ୍ଷରେ ଏକ ଅରୂପାନ୍ତରିତ ଦେହ ନେଇ ପରମଙ୍କ ସଙ୍ଗେ ଦୈହିକ ମିଳନ ଓ ଏକାତ୍ମତା ସମ୍ଭବ ନୁହେଁ, ସେହିପରି ପରମଙ୍କ ସଙ୍ଗେ ଏକାତ୍ମତା ଓ ମିଳନ ନ ହେଲେ ଦେହର ରୂପାନ୍ତର ମଧ ସମ୍ଭବ ନୁହେଁ । ତା'ହେଲେ ଏ ସମସ୍ୟାର ସମାଧାନ କେଉଁଠି ? କେଉଁଟି ଆଗେ, କେଉଁଟି ପରେ; ନା ଏକ ସମୟରେ ହିଁ ଯୁଗପତ୍‌ଭାବରେ ଦିବ୍ୟ ପରମଙ୍କ ସଙ୍ଗେ ଦୈହିକ ମିଳନ ଓ ଶରୀରର ପୂର୍ଣ୍ଣ ରୂପାନ୍ତର ସଂଘଟିତ ହେବ ?

ଆଧାତ୍ମିକ ଉପଲବ୍ଧି ଓ ସିଦ୍ଧିର ଆମେ ଆଜି ପର୍ଯ୍ୟନ୍ତ ଯେଉଁସବୁ ଅନୁଭୂତିର ବର୍ଣ୍ଣନା ପାଉ ତହିଁରେ ଦେଖୁ ଚେତନାର ସୂକ୍ଷ୍ମ ସ୍ତରରେ, ଚୈତ୍ୟ ଓ ଆଧାତ୍ମିକ ସ୍ତରରେ, ଏପରିକି ମନ ଓ ପ୍ରାଣ ସ୍ତରରେ ପରମଙ୍କ ସଙ୍ଗେ ଏହି ମିଳନ ସଂଘଟିତ ହୋଇଛି, କିନ୍ତୁ ଦେହ ତହିଁରେ ଭାଗ ନେଇ ନାହିଁ । ନିର୍ବିକଳ୍ପ ବା ସବିକଳ୍ପ ସମାଧିରେ ପରମଙ୍କ ସହ ସେହି ମିଳନ ଅବସ୍ଥାରେ ଦେହ ରହିଛି ଏକ ସଂଜ୍ଞାହୀନ ସମାଧିର ଅବସ୍ଥାରେ । ଊର୍ଦ୍ଧ୍ୱ ବା ଗଭୀର ଚେତନାରେ ପରମଙ୍କ ସହ ମିଳନ ଲାଭ କରି ପୁଣି ଦେହକୁ ଫେରି ଆସିବା ପରେ ଦେହ ଯେତେବେଳେ ସଂଜ୍ଞା ଫେରି ପାଇ ସଚେତ ହୋଇଛି ସେତେବେଳେ ତାହା ପୂର୍ବପରି ଜଡ଼ ହିଁ ରହି ଯାଇଛି । ତା'ର ଜଡ଼ ଅଂଶର ସମସ୍ତ ଗୁଣଧର୍ମରେ କିଛି ପରିବର୍ତ୍ତନ ଆସି ନାହିଁ । ଚେତନା ଉଠି ଯାଇଛି ତ୍ରିଗୁଣାତୀତ ଅବସ୍ଥାକୁ; କିନ୍ତୁ ଦେହ ରହିଯାଇଛି ତ୍ରିଗୁଣର ବନ୍ଦିଗୃହରେ । ଏପରିକି ସଂକୀର୍ତ୍ତନ ଆଦିର କ୍ଷେତ୍ରରେ ଯେଉଁଥିରେ ଦେହ ସକ୍ରିୟ ଭାଗ ନେଇଥାଏ ସେଠାରେ ମଧ ଭାବ ସମାଧି ବା ଭାବୋନ୍ମତ୍ତ ଅବସ୍ଥାରେ ଦେହ ବାରଂବାର ମୂର୍ଚ୍ଛା ଯାଏ ଓ ତହିଁରେ ନାନା ବିକାର ପରିଲକ୍ଷିତ ହୁଏ । ଯଦିଓ ଏହାକୁ ସାତ୍ତ୍ୱିକ ବିକାର ବୋଲି କୁହାଯାଏ ତଥାପି ଏଗୁଡ଼ିକ ଦେହର ବିକାର ହିଁ । ସ୍ୱୟଂ ଚୈତନ୍ୟ ଦେବଙ୍କ ଦେହ ବାରଂବାର ମୂର୍ଚ୍ଛା ଯାଉ ଥିବାର ଓ ବେଳେ ବେଳେ ଅସ୍ୱାଭାବିକ ଭାବେ ସଙ୍କୁଚିତ ଅଥବା ଦୀର୍ଘ ହୋଇ ଯାଉ ଥିବାର ଓ ଏପରିକି ବେଳେ ବେଳେ ଲୋମକୂପସବୁରୁ ରକ୍ତ ନିର୍ଗତ ହେଉ ଥିବାର ବର୍ଣ୍ଣନା ମିଳେ । ଶ୍ରୀରାମକୃଷ୍ଣ ମଧ କହିଛନ୍ତି ଯେ ନିର୍ବିକଳ୍ପ ସମାଧିରେ ପରମଙ୍କ ସହ ଏକାତ୍ମତା

ଲାଭ କରିବା ଅବସ୍ଥାରେ କ୍ରମାଗତ ଏକୋଇଶ ଦିନ ରହିଲେ ଦେହ ଏକ ଶୁଖିଲା ପତ୍ର ପରି ଝଡ଼ି ପଡ଼ିବ । ଏସବୁ କଥାହିଁ ସୂଚାଏ ଯେ ଏପର୍ଯ୍ୟନ୍ତ ଦେହ ପକ୍ଷରେ ଭଗବତ୍ ମିଳନରେ ଭାଗ ନେବା ସମ୍ଭବ ହୋଇ ନାହିଁ ।

କିନ୍ତୁ ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ଦେହ ସମେତ ସତ୍ତାର ସମସ୍ତ ଅଙ୍ଗ ନେଇ ପରମଙ୍କ ସହ ପୂର୍ଣ୍ଣ ସର୍ବାଙ୍ଗୀଣ ମିଳନ । ଏଥିପାଇଁ ପ୍ରୟୋଜନ ହେଉଛି ଶରୀର ସମେତ ସତ୍ତାର ପୂର୍ଣ୍ଣ ରୂପାନ୍ତର । ଶ୍ରୀଅରବିନ୍ଦଙ୍କ କଥାରେ, "If a total transformation of the being is our aim, a transformation of the body must be an indispensable part of it, without that no full divine life on earth is possible." ''ଯଦି ସତ୍ତାର ପୂର୍ଣ୍ଣ ରୂପାନ୍ତର ଆମର ଲକ୍ଷ୍ୟ ହୁଏ; ତା'ହେଲେ ଶରୀରର ରୂପାନ୍ତର ଏହାର ଏକ ଅଙ୍ଗ ହେବା ଅପରିହାର୍ଯ୍ୟ, ତାହା ବିନା ପୃଥିବୀରେ କୌଣସି ଦିବ୍ୟ ଜୀବନ ସମ୍ଭବ ନୁହେଁ ।'' କିନ୍ତୁ ଏଇଠି ଗୋଟିଏ ବିଷୟରେ ପରିଷ୍କାର ହୋଇଯିବା ଉଚିତ ଯେ ଦେହର ଏହି ରୂପାନ୍ତର ଆମେ ଖୋଜୁଛୁ ପୃଥିବୀ ଉପରେ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ, ଏକ ଅମର ଶରୀର ନେଇ କାମନା-ବାସନାମୟ ଜୀବନର ଅସରନ୍ତି ଉପଭୋଗ ପାଇଁ ନୁହେଁ ।

ଶରୀର ରୂପାନ୍ତରର ସମ୍ଭାବନାକୁ ଉପଲବ୍ଧି କରିବା ଓ ତା'ର ରହସ୍ୟକୁ ଉଦ୍‌ଘାଟନ କରିବା ପାଇଁ ହିଁ ମାନବ ଶରୀର ନେଇ ଶ୍ରୀଅରବିନ୍ଦ ଓ ଶ୍ରୀମା ଜନ୍ମଗ୍ରହଣ କରିଥିଲେ । ଏପର୍ଯ୍ୟନ୍ତ ଜଡ଼ ଓ ଆତ୍ମାକୁ ସମ୍ପୂର୍ଣ୍ଣ ଅଲଗା, ଏପରିକି ପରସ୍ପରର ବିରୋଧୀ ସତ୍ୟ ରୂପେ ବିଚାର କରାଯାଇଥିଲା । ତେଣୁ ଜଡ଼ବାଦୀମାନେ ଆତ୍ମାର ସତ୍ୟକୁ ବା ଅଧ୍ୟାତ୍ମବାଦୀମାନେ ଜଡ଼ର ସତ୍ୟକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନଥିଲେ । ଶ୍ରୀଅରବିନ୍ଦଙ୍କ କଥାରେ, ''ସାଧାରଣତଃ ଆଧ୍ୟାତ୍ମିକ ପରମ୍ପରାରେ ଶରୀରକୁ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ଅସମର୍ଥ ଏକ ପ୍ରତିବନ୍ଧକ ବୋଲି ଗଣ୍ୟ କରାଯାଇଛି ।'' କିନ୍ତୁ ପ୍ରକୃତରେ, ''ଏହି ଭୌତିକ ଜଡ଼-ବିଶ୍ୱର ପ୍ରତ୍ୟେକଟି ଗତିବୃତ୍ତି ଓ ପ୍ରତ୍ୟେକଟି ଅଂଶରେ ସେହି ପରମ ଅତିଚେତନାର ଶକ୍ତି ଓ ଚେତନା ପୂରି ରହିଛି । ଶରୀର ମଧ୍ୟରେ ବି ଏହା ରହିଛି, ତାହାକୁ ନିର୍ମାଣ କରିଛି ଏବଂ ଆମର ଚେତନାରେ ଏହାର ଆବିର୍ଭାବ ହେଉଛି ବିବର୍ତ୍ତନର ଗୋପନ ଲକ୍ଷ୍ୟ, ଆମ ଅସ୍ତିତ୍ୱର ସମଗ୍ର ରହସ୍ୟର ଚାବିକାଠି ।''

— ଶ୍ରୀଅରବିନ୍ଦ

କିନ୍ତୁ କାହିଁକି ଆଜି ଯାଏ ଏହି ସତ୍ୟଟିକୁ ଦେଖାଯାଇ ପାରି ନ ଥିଲା ? ଏହି ଜଡ଼ ଭିତରେ, ସ୍ଥୂଳ ଶରୀର ଭିତରେ ଯେ ଆତ୍ମା ତା'ର ସମସ୍ତ ରୂପାନ୍ତରକାରିଣୀ ଶକ୍ତି ନେଇ ବିଦ୍ୟମାନ ରହିଛି – ଏହି ସତ୍ୟଟିକୁ ଅତିମାନସ ସତ୍ୟ-ଚେତନାର ପ୍ରତ୍ୟକ୍ଷ ଉପଲବ୍ଧି ବିନା ଦେଖିପାରିବା ସମ୍ଭବ ନୁହେଁ । କାରଣ ଅତିମାନସରେ ହିଁ ରହିଛି ଆତ୍ମା ଓ ଜଡ଼ର ମିଳନ କେନ୍ଦ୍ର । ଶ୍ରୀଅରବିନ୍ଦଙ୍କ କଥାରେ, ''...ଏହି ଅତିମାନସ ଏକ ଶାଶ୍ୱତ ତତ୍ତ୍ୱ ଏବଂ ଏପରି କି ଜଡ଼-ବିଶ୍ୱରେ ମଧ୍ୟ ଏହା ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ ରହିଛି, ଏହା ହିଁ ସମସ୍ତ ସୃଷ୍ଟିର ଗୋପନ ଆଧାର, ଏହାହିଁ ଏକ ଆପାତ ନିଶ୍ଚେତନ ଜଗତ୍ ଭିତରେ ଚେତନାର ଆବିର୍ଭାବକୁ ସମ୍ଭବ ଓ ସୁନିଶ୍ଚିତ କରିଛି ଏବଂ ପ୍ରକୃତିକୁ ଏକ ପରମ ଆଧ୍ୟାତ୍ମିକ ବାସ୍ତବତା ଦିଗରେ ଆରୋହଣ କରିବାକୁ ବାଧ୍ୟ କରିଛି । ବାସ୍ତବରେ ଏହା ସତ୍ତାର ଏପରି ଏକ ଲୋକ ଯାହାକି ପ୍ରଥମରୁ ହିଁ ସଦାସର୍ବଦା ରହି ଆସିଛି, ଆତ୍ମା ଓ ଜଡ଼ର ଏହା ଏକ ମିଳନ-କେନ୍ଦ୍ର, ଯାହାକି ନିଜର ସତ୍ୟ ଓ ବାସ୍ତବତାରେ ବିଶ୍ୱର ସମଗ୍ର ଅର୍ଥ ଓ ଲକ୍ଷ୍ୟକୁ ଧାରଣ କରିଛି ଏବଂ ସେସବୁକୁ ନିଶ୍ଚିତତା ପ୍ରଦାନ କରୁଛି ।'' ସେହି ଅତିମାନସ ଚେତନାର ଅବତରଣ ହିଁ ଥିଲା ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ପ୍ରଧାନ କାମ । ସେମାନେ ଦେଖି ପାରିଥିଲେ ଅତିମାନସର ଅବତରଣ ଘଟିଲେ, ''ଜଡ଼ର ନିଶ୍ଚେତନା ଆଉ ଏକ ଅନତିକ୍ରମଣୀୟ ପ୍ରତିବନ୍ଧକ ହୋଇ ରହିବ ନାହିଁ, କାରଣ ଏହି ନିଶ୍ଚେତନା ଭିତରେ ହିଁ ଆମେ ଏପରି ଏକ ନିବର୍ତ୍ତିତ ଚେତନା ଦେଖି ପାରିବୁ ଯାହାକୁ ବିବର୍ତ୍ତିତ ହେବାକୁ ହିଁ ହେବ ।... ଆମ ଆଗରେ ପରମ ଅଭିବ୍ୟକ୍ତିର ଏକ ସମ୍ଭାବନା ସ୍ୱୟଂ ପ୍ରକଟିତ ହେବ, ଯେଉଁ ଅଭିବ୍ୟକ୍ତିରେ ଆତ୍ମା ଓ ତାହାର ଶକ୍ତିସବୁ ଆଉ ପ୍ରଚ୍ଛନ୍ନ ଓ ଅସ୍ପଷ୍ଟ ରୂପରେ ନୁହେଁ, ସଚେତ ରୂପରେ ହିଁ ଜଡ଼ ତତ୍ତ୍ୱର ଏହି ନିମ୍ନତମ ଜଗତ୍ ଭିତରକୁ ନିଜର ପୂର୍ଣ୍ଣତା ନେଇ ଅବତରଣ କରିବେ । ଏହି ବିଶ୍ୱର ପ୍ରହେଳିକା ଆଉ ଏକ ପ୍ରହେଳିକା ହୋଇ ରହିବ ନାହିଁ । ବସ୍ତୁସବୁର ସନ୍ଦେହଭରା ରହସ୍ୟ ନିଜର ରହସ୍ୟର ଆବରଣକୁ, ନିଜର ଚିର ଅସ୍ପଷ୍ଟତାକୁ ଦୂରକୁ ଫିଙ୍ଗି ଦେବେ, ସୃଷ୍ଟି ରହସ୍ୟର ଜଟିଳ ଲେଖା ଆହୁରି ସ୍ପଷ୍ଟ ଓ ବୋଧଗମ୍ୟ ହୋଇଉଠିବ ।''

— ଶ୍ରୀଅରବିନ୍ଦ

ସେହି ଅତିମାନସ ଦିବ୍ୟଚେତନା ୧୯୫୬ ଫେବ୍ରୁଆରୀ ୨୯ ତାରିଖରେ ପୃଥିବୀପୃଷ୍ଠରେ ଅବତରଣ କରି ନିରନ୍ତର

କ୍ରିୟା କରି ଚାଲିଛି । କିନ୍ତୁ ଶ୍ରୀମାଙ୍କ କଥାରେ, ''...ଏବେ ବି ଏହାକୁ କେହି ଚିହ୍ନି ନାହାନ୍ତି, କେହି ଜାଣୁ ନାହାନ୍ତି, ଆଉ ବହୁଲୋକ ଏହାକୁ ବର୍ଜନ ମଧ୍ୟ କରୁଛନ୍ତି, କିନ୍ତୁ ତେବେ ବି ଏହା ବିଦ୍ୟମାନ, ଏହା ସ୍ଥିର ନିଶ୍ଚିତ ରୂପେ ବିକଶିତ ହେବାକୁ ଓ ବୃଦ୍ଧି ପାଇବାକୁ ଚେଷ୍ଟା କରୁଛି ଏବଂ ପରିଣାମ ସୁନିଶ୍ଚିତ । ତେବେ ସେହି ପରିଣତିରେ ପହଞ୍ଚିବାର ରାସ୍ତା ହେଲା ଗୋଟିଏ ନୂତନ ରାସ୍ତା, ଏହି ରାସ୍ତା କେବେ ବି ପୂର୍ବରୁ ଉଦ୍‌ଘାଟିତ ହୋଇ ନ ଥିଲା । ଏହି ରାସ୍ତାରେ କେହି କେବେ ପୂର୍ବରୁ ଚାଲି ନ ଥିଲେ, ସେହି ରାସ୍ତା ତିଆରି କରି ନ ଥିଲେ... ଏହା ଏକ ନବ ସୃଷ୍ଟିର ପ୍ରଶ୍ନ, ଏକାନ୍ତ ନୂତନ, ଏଥିରେ ନିହିତ ଅଛି ସମସ୍ତ ଅଦୃଷ୍ଟପୂର୍ବ ଘଟଣା, ସମସ୍ତ ସମ୍ଭାବ୍ୟ ବାଧାବିପତ୍ତି, ସମସ୍ତ ଆକସ୍ମିକ ଅନିବାର୍ଯ୍ୟ ଦୁର୍ଘଟଣା – ଏହା ଏକ ଯଥାର୍ଥ ଦୁଃସାହସିକ କର୍ମ, ଯାହାର ପରିଣାମ ହେଉଛି ନିଶ୍ଚିତ ବିଜୟ, କିନ୍ତୁ ଯେଉଁଠାରେ ପହଞ୍ଚିବାର ପଥ ଅଜ୍ଞାତ ଓ ଗୋଟିକ ପରେ ଗୋଟିଏ ପଦକ୍ଷେପ ନେଇ ଏହି ଅନାବିଷ୍କୃତ ପଥକୁ ଆମମାନଙ୍କୁ ଆବିଷ୍କାର କରିବାକୁ ହେବ ।''

ଆମ ସତ୍ତା ଓ ପ୍ରକୃତିର ରୂପାନ୍ତର ପାଇଁ ଏହି ଯାତ୍ରାର ଶେଷ ପରିଣତି ହେଉଛି ସ୍ଥୂଳ ଶରୀରର ରୂପାନ୍ତର, ଯେତେବେଳେ ତାହା ଦିବ୍ୟତ୍ୱ ଲାଭ କରି ଜରା, ବ୍ୟାଧି, ମୃତ୍ୟୁ ଆଦିର କବଳରୁ ମୁକ୍ତ ହେବ ଏବଂ କେବଳ ରୂପାନ୍ତରିତ ସେହି ଦିବ୍ୟଦେହ ହିଁ ପରମଙ୍କ ସଙ୍ଗେ ମିଳନର ଉପଲବ୍ଧି ପାଇ ପାରିବ । ଏଥିପାଇଁ କେତେ ସମୟ ଲାଗିବ ତାହା ଅବାନ୍ତର । ତେବେ ହଠାତ୍ କୌଣସି ଅଲୌକିକ କ୍ରିୟା ଦ୍ୱାରା ନୁହେଁ, ବିବର୍ତ୍ତନର ପ୍ରକ୍ରିୟା ଭିତର ଦେଇ ହିଁ ଏହା ଅଭିବ୍ୟକ୍ତ ହେବ ଏବଂ ସେଥିପାଇଁ ଗୁଡ଼ିଏ ଅନ୍ତର୍ବର୍ତ୍ତୀ ଧାପର ପ୍ରୟୋଜନ ଅଛି ବୋଲି ମା କହିଛନ୍ତି । ଆମର ବର୍ତ୍ତମାନର ସ୍ଥୂଳ ଜଡ଼ ଶରୀର ଓ ଭବିଷ୍ୟତର ରୂପାନ୍ତରିତ ଶରୀର ଭିତରେ ଏତେ ବଡ଼ ବ୍ୟବଧାନ ରହିଛି ଯେ ତାହା ସମ୍ପର୍କରେ କଳ୍ପନା କରିବା ମଧ୍ୟ ଦୁରୂହ । କଥାପ୍ରସଙ୍ଗରେ ଶ୍ରୀମା ଥରେ କହିଥିଲେ ଯେ ଆମ ପାଇଁ ଅସ୍ଥିକଙ୍କାଳର ଗଠନକୁ ବାଦ୍ ଦେଇ, ରକ୍ତ ପ୍ରବାହ ଓ ହୃଦୟ ସ୍ପନ୍ଦନଆଦିକୁ ବାଦ୍ ଦେଇ ଏକ ଜୀବନ୍ତ ଶରୀରର କଳ୍ପନା କରିବା ଖୁବ୍ କଷ୍ଟକର ।

ଶ୍ରୀମା ତାଙ୍କର ଏକ କଥୋପକଥନରେ ଯେଉଁ ସୂଚନା ଓ ଆଭାସ ଦେଇଥିଲେ ତହିଁରୁ ଏ ସମ୍ପର୍କରେ କିଛିଟା ଧାରଣା କରାଯାଇପାରେ । ମା କହିଥିଲେ :

''ଏହାର ପ୍ରକୃତ ଅର୍ଥ କ'ଣ, ସେ ସମ୍ପର୍କରେ ତୁମେ କେବେ କିଛି ଭାବି ନାହିଁ । ଭାବିଛ କି ? ତୁମ ଶରୀରଟି କିପରି ଗଠିତ ହୋଇଛି ? ପଶୁର ଶରୀର ଯେପରି ଗଠିତ ହୁଏ ସେହି ଭାବରେ ହିଁ, ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ଓ ତା'ର କ୍ରିୟା ନେଇ ଏହା ଗଠିତ । ତୁମେ ପୂରାପୂରି ସେଗୁଡ଼ିକ ଉପରେ ନିର୍ଭରଶୀଳ । ତୁମର ହୃଦୟ ଯଦି ମୁହୂର୍ତ୍ତକ ପାଇଁ ବନ୍ଦ ହୋଇଯାଏ ତେବେ ସବୁକିଛି ଶେଷ । ତୁମ ସଚେତ ଇଚ୍ଛା ବିନା ସ୍ୱୟଂକ୍ରିୟ ଭାବରେ ଏହି ଶରୀର-ଯନ୍ତ୍ରଟି ଚାଲିଛି... ରୂପାନ୍ତରର ଅର୍ଥ ହେଲା ଏହି ସମସ୍ତ ଜଡ଼ଧର୍ମୀ ବ୍ୟବସ୍ଥା ବଦଳରେ କେନ୍ଦ୍ରୀଭୂତ ଶକ୍ତିର ଏପରି ଏକ ବ୍ୟବସ୍ଥାର ସ୍ଥାପନ ଯାହା ଭିନ୍ନ ପ୍ରକାରର ସ୍ପନ୍ଦନସବୁ ଦ୍ୱାରା ଚାଳିତ ହେଉଥିବ । ପ୍ରତ୍ୟେକଟି ଅଙ୍ଗପ୍ରତ୍ୟଙ୍ଗର କ୍ରିୟାର ସ୍ଥାନ ନେବ ସଚେତ ଶକ୍ତିର ଏପରି ଏକ କେନ୍ଦ୍ର ଯାହାକି ଚେତନାର ଊର୍ଦ୍ଧ୍ୱସ୍ତରରୁ ଏକ ସଚେତ ସଂକଳ୍ପ ଦ୍ୱାରା ଚାଳିତ ହେଉଥିବ । ପାକସ୍ଥଳୀ ନଥିବ, ହୃଦ୍‌ଯନ୍ତ୍ର ନଥିବ, ରକ୍ତପ୍ରବାହ ନଥିବ, ଫୁସ୍‌ଫୁସ୍ ନଥିବ... ଏସବୁ କିଛି ରହିବ ନାହିଁ । ଏହି ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଯେଉଁ ଶକ୍ତି ସ୍ପନ୍ଦନର ପ୍ରତୀକ, ସେହି ଶକ୍ତିର ପ୍ରତିନିଧି ନୂତନ ସ୍ପନ୍ଦନସବୁ ଏଗୁଡ଼ିକର ସ୍ଥାନ ନେବେ । କାରଣ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ହେଉଛି ଶକ୍ତିକେନ୍ଦ୍ରର କେବଳ ଜଡ଼ଗତ ପ୍ରତୀକ, ସେଗୁଡ଼ିକ ମୂଳ ବାସ୍ତବତା ନୁହନ୍ତି । ଏକ ପ୍ରଦତ୍ତ ପରିସ୍ଥିତିରେ ସେମାନେ କେବଳ ଏକ ଆକୃତି ବା ଅବଲମ୍ବନକୁ ରୂପ ଦେଇଥିଲେ । ତେଣୁ ରୂପାନ୍ତରିତ ଶରୀର ତାହାର ଯଥାର୍ଥ ବାସ୍ତବ ଶକ୍ତିକେନ୍ଦ୍ରର ମାଧ୍ୟମରେ ହିଁ କ୍ରିୟା କରିବ, ପଶୁଧର୍ମୀ ଶରୀର ଗଠନରେ ବିକାଶଲାଭ କରିଥିବା ତାହାର ପ୍ରତୀକାତ୍ମକ ପ୍ରତିନିଧିମାନଙ୍କ ଦ୍ୱାରା ନୁହେଁ । ତେଣୁ ପ୍ରଥମରେ ତୁମକୁ ଜାଣିବାକୁ ହେବ ଜାଗତିକ ଶକ୍ତି କ୍ଷେତ୍ରରେ ତୁମ ହୃଦୟ-ଯନ୍ତ୍ର କାହାର ପ୍ରତିନିଧିତ୍ୱ କରୁଛି, ରକ୍ତପ୍ରବାହ, ପାକସ୍ଥଳୀ ଓ ମସ୍ତିଷ୍କ ଆଦି କାହାର ପ୍ରତିନିଧିତ୍ୱ କରୁଛି । ଏସବୁ ସମ୍ପର୍କରେ ସଚେତ ହେବା ହିଁ ପ୍ରଥମ କାମ । ତା'ପରେ ଏହି ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ପ୍ରତିନିଧିତ୍ୱ କରୁଥିବା ମୂଳଶକ୍ତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ । ଧୀରେ ଧୀରେ ଏହି ସମସ୍ତ ଶକ୍ତିକୁ ନିଜ ଶରୀରରେ ଏକତ୍ର କରି ପ୍ରତ୍ୟେକଟି ଅଙ୍ଗକୁ ଗୋଟିଏ ଗୋଟିଏ ଶକ୍ତି-କେନ୍ଦ୍ରରେ ରୂପାନ୍ତରିତ କରିବାକୁ ହେବ, ଯାହା ଫଳରେ ପ୍ରତୀକ ରୂପେ କ୍ରିୟା କରୁଥିବା ଅଙ୍ଗପ୍ରତ୍ୟଙ୍ଗର ସ୍ଥାନ ନେବ ତାହାର ଯଥାର୍ଥ ବାସ୍ତବ ମୂଳ ରୂପ ।

''...ମୁଁ ଭାବୁଛି, ଆମ ଦେହ ଯେଉଁସବୁ ଗୁଣଗୁଡ଼ିକ

ସହ ପରିଚିତ, ତା' ସ୍ଥାନରେ ତା' ଅପେକ୍ଷା ଅନେକ ଅଧିକ ଉତ୍କୃଷ୍ଟ ଗୁଣ-ସମ୍ପନ୍ନ ଏକ ଆକୃତି ପାଇବା ପାଇଁ ଅନେକ ବେଶୀ ସମୟ ଲାଗିବ । ଯେଉଁ ନମନୀୟତା ଆଜି ଆମ ପାଇଁ କେବଳ ସ୍ୱପ୍ନର ବସ୍ତୁ, ଏହି ଆକୃତିର ସେଇ ଧରଣର ନମନୀୟତା ରହିବ । ଯେମିତି ଆମ ଭିତରର ଭାବ ଅନୁଯାୟୀ ଆମ ମୁଖମଣ୍ଡଳର ପ୍ରକାଶ ମଧ୍ୟ ବଦଳି ଯାଇଥାଏ, ସେହିପରି ଆମେ ଯାହା ବ୍ୟକ୍ତ କରିବାକୁ ଚାହିଁବୁ ସେଇ ଅନୁଯାୟୀ ଆମ ଶରୀର ମଧ୍ୟ ବଦଳି ଯାଇ ପାରୁଥିବ । ଏହା ଖୁବ୍ ଏକାଗ୍ରୀଭୂତ, ଖୁବ୍ ବିକଶିତ, ବେଶ୍ ଜ୍ୟୋତିର୍ମୟ ଓ ବେଶ୍ ବିଜ୍ଞ ହୋଇ ଉଠିବ ପୂର୍ଣ୍ଣ ନମନୀୟତା ଓ ସ୍ୱତଃସ୍ଫୂର୍ତ୍ତ ପରିବର୍ତ୍ତନର ସାମର୍ଥ୍ୟ ନେଇ ।... ଏହା ଆଉ ମାଧ୍ୟାକର୍ଷଣ-ଶକ୍ତିର ଅଧୀନ ହୋଇ ରହିବ ନାହିଁ । ଇଚ୍ଛା କରିବା ମାତ୍ରେ ଜ୍ୟୋତିର୍ମୟ, ଇଚ୍ଛା କରିବା ମାତ୍ରେ ସ୍ୱଚ୍ଛ ହୋଇ ଉଠିବା ସମ୍ଭବ ହେବ । ଏହା ସ୍ୱାଭାବିକ ଯେ ଏପରି ଅବସ୍ଥାରେ ଆଉ କଙ୍କାଳ, ଅସ୍ଥି, ଚର୍ମ, ମେଦ, ମାଂସ ଆଦିର ପ୍ରୟୋଜନ ରହିବ ନାହିଁ । ସେତେବେଳେ ଏକାଗ୍ରୀଭୂତ ଶକ୍ତିହିଁ ଆମ ଇଚ୍ଛା ମାନି କ୍ରିୟା କରୁଥିବ । ଅବଶ୍ୟ ଏହାର ଅର୍ଥ ନୁହେଁ ଚିହ୍ନି ହେଉଥିବା କୌଣସି ନିର୍ଦ୍ଦିଷ୍ଟ ଆକୃତି ରହିବ ନାହିଁ । କିନ୍ତୁ ଆକୃତିଟି ଗଠିତ ହେବ ସୂକ୍ଷ୍ମ ଗୁଣସବୁ ଦ୍ୱାରା, ସ୍ଥୂଳ ଜଡ଼ାଣୁ ଦ୍ୱାରା ନୁହେଁ । କୁହାଯାଇପାରେ ଯେ ଏହା ହେବ ଏକ ଯଥାର୍ଥ ବାସ୍ତବଧର୍ମୀ, ଯଥାର୍ଥ ବ୍ୟବହାରୋପଯୋଗୀ ଏକ ଆକୃତି; ସ୍ଥୂଳ ଜଡ଼ ଆକୃତିର ସ୍ଥାଣୁ ଭାବର ବିପରୀତରେ ଏହା ହେବ ନମନୀୟ, ଚଳଚଞ୍ଚଳ, ଇଚ୍ଛାନୁସାରେ ହାଲୁକା ହୋଇ ପାରୁଥିବା ଏକ ଆକୃତି ।''

— ଶ୍ରୀମା

ମା ଏହି ଯେଉଁ ରୂପାନ୍ତରିତ ଶରୀର ସମ୍ପର୍କରେ ଆଭାସ ମାତ୍ର ଦେଇଛନ୍ତି, ଦେହର କ୍ଷେତ୍ରରେ ପରମଙ୍କ ସହ ମିଳନ ପାଇଁ ସେହି ଶରୀର ଏକାନ୍ତ ଅପରିହାର୍ଯ୍ୟ ଓ ଦିନେ ନା ଦିନେ ବିବର୍ତ୍ତନ ଭିତରେ ତାହା ଅଭିବ୍ୟକ୍ତ ହେବ ହିଁ ହେବ । ଆତ୍ମାର ଧର୍ମରେ ଜଡ଼ର ରୂପାନ୍ତର ହିଁ ହେଉଛି ସେହି ସତ୍ୟ ଓ ବିବର୍ତ୍ତନର ସେହି ଲକ୍ଷ୍ୟ ଯାହା ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ କରିଥିଲେ ଓ ମା'ଙ୍କର ସମସ୍ତ ଜୀବନ, ସାଧନା ଓ କର୍ମ ଉତ୍ସର୍ଗୀକୃତ ହୋଇଥିଲା ଆତ୍ମା ଓ ଜଡ଼ ଭିତରେ ଏକ ଦିବ୍ୟ ସେତୁ ସ୍ଥାପନ କରି, ଉଭୟର ବ୍ୟବଧାନକୁ ହ୍ରାସ କରି ଶେଷରେ ନିଶ୍ଚିହ୍ନ କରିଦେବା ଲାଗି; ଯେତେବେଳେ ରୂପାନ୍ତରିତ ଓ ଜଡ଼ ଶରୀର ହୋଇ ଉଠିବ ସ୍ୱୟଂ ଆତ୍ମାର ମୂର୍ତ୍ତ ବିଗ୍ରହ । ଆତ୍ମା ଓ ଜଡ଼ ଭିତରେ ଏକ ଦିବ୍ୟ ମିଳନ କେନ୍ଦ୍ର ସ୍ଥାପନା କରି ଏହି ପୃଥିବୀପୃଷ୍ଠରେ, ଏହି ବିବର୍ତ୍ତନର ପ୍ରକ୍ରିୟା ଭିତରେ, ଏକ ରୂପାନ୍ତରିତ ଦିବ୍ୟ ଶରୀରକୁ ରୂପ ଦେବାର ଯେଉଁ କାମଟି ମା ହାତକୁ ନେଇଥିଲେ, ସ୍ୱୟଂ ମା'ଙ୍କ ଘୋଷଣା ଅନୁସାରେ ତାଙ୍କର ଶରୀର ଥାଉ ବା ନ ଥାଉ "With or without the body"; ସେହି କାମଟି ଅଖଣ୍ଡ ଓ ଅବ୍ୟାହତ ଭାବରେ ଚାଲିଛି । ଜରା, ବ୍ୟାଧି, କ୍ଷୟ ଓ ମରଣଶୀଳତାରୁ ମୁକ୍ତ ଏକ ଅକ୍ଷୟ, ଅବିନାଶୀ, ଅମର ଦିବ୍ୟ ଶରୀରର ଆବିର୍ଭାବରେ ହିଁ ସେହି କର୍ମ ସମ୍ପନ୍ନ ହେବ । ସେତିକିବେଳେ ଯାଇ ଦୈହିକ ସ୍ତରରେ ପରମଙ୍କ ସଙ୍ଗେ ଏକାତ୍ମତା ଓ ମିଳନ ସମ୍ଭବ ହେବ ଏବଂ ପୃଥିବୀ ଇତିହାସରେ ଆରମ୍ଭ ହେବ ପରମଙ୍କ ସହ ଜୀବର ପୂର୍ଣ୍ଣାଙ୍ଗ ମିଳନ ପର୍ବ । ✤

ସାମୂହିକ ସିଦ୍ଧିର ମୁହୂର୍ତ୍ତକୁ ତ୍ୱରାନ୍ୱିତ କରିବା ଅଭିପ୍ରାୟରେ ତାଙ୍କ ନିଜ ଶରୀର ମଧ୍ୟସ୍ଥ ସିଦ୍ଧିକୁ ଜଳାଞ୍ଜଳି ଦେଇ ଏକ ଚରମ ନିଃସ୍ୱାର୍ଥପରତାର ନିଦର୍ଶନ ରୂପେ ଶ୍ରୀଅରବିନ୍ଦ ତାଙ୍କ ଶରୀର ତ୍ୟାଗ କରିଛନ୍ତି । ଏକଥା ନିଶ୍ଚିତ ଯେ ପୃଥିବୀ ଯଦି ଅଧିକ ପ୍ରତ୍ୟୁତ୍ତରଶୀଳ ହୋଇ ପାରିଥା'ନ୍ତା, ତେବେ ଏପରି ଘଟିବା ଆବଶ୍ୟକ ପଡ଼ି ନ ଥା'ନ୍ତା ।

— ଶ୍ରୀମା

... the Ashram was founded or rather founded itself in 1926.

– Sri Aurobindo

... ୧୯୨୬ରେ ଆଶ୍ରମ ସ୍ଥାପିତ ହେଲା, ବରଂ ନିଜକୁ ସ୍ଥାପନ କଲା ।

– ଶ୍ରୀଅରବିନ୍ଦ



Vol. LXII, No. 4, NAVAJYOTI – 24 November 2019, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**